
ISSN: 2583-147X (P)
ISSN: 3048-8958 (O)

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ ପତ୍ରିକା



The Official Journal of
Prachee Centre for
Cultural Relations

Prachee Patrika

ଜୁଲାଇ ୨୦୨୫
ମୂଲ୍ୟ : ୨୫ ଟଙ୍କା

## Prachee Centre for Cultural Relations(PCCR)
Niladri Vihar
Naya Bazar, Cuttack-753004


Culture consists of the beliefs, behaviours, objects and other characteristics common to the members of a particular group or society. Through culture, people and groups define themselves, conform to society's shared values, and contribute to society. Prachee Centre for Cultural Relations (PCCR) was founded in 2015 by Voice for Voiceless society, for the cultural promotion and participation, fostering of different literature and language and its contribution for society. The literary personalities of different literature, journalist, editor, artist, singer, dancer, photographer, spiritual leader, sports & game personalities, poet, story writer, novelist, dramatist, essayist, columnist, writers, authors, are part of this society. This organization publishes a monthly literature magazine is "Bastabatara Pariprakash Prachee" and different social relevant books in different language.

### Prachee Centre for Cultural Relations (PCCR) aims to:

- To foster and strengthen cultural relations and mutual understanding among different region of India;
- To promote cultural exchanges among different communities and people, and to develop relations with each other's;
- To promote peace, harmony and nonviolence through cultural programme and literature;
- To promote classical music, dance, song, traditional culture and social values;
- To support the needy people to pursue their education in arts and literature;
- To promote interest in contemporary literature and genres of creative writing;
- To organize cultural functions and competition;
- To serve as a major resource Centre for the arts, literature, especially written, oral and visual source materials;
- To undertake research and publication programmes of reference works, glossaries, dictionaries and encyclopedia concerning the arts and the humanities;
- To establish a tribal and folk arts division with a core collection for conducting systematic scientific studies and for live presentations;
- To provide a forum for a creative and critical dialogue through performances, exhibitions, multi-media projections, conferences, seminars and workshops between and amongst the diverse arts, traditional and contemporary;
- To foster dialogue between arts and current ideas in philosophy, science and technology, with a view toward bridging the gap in intellectual understanding between modern sciences and arts and culture;
- To evolve models of research programmes and arts administration more pertinent to the Indian ethos;
- To elucidate the formative and dynamic factors in the complex web of interactions between diverse social strata, communities and regions;
- To promote a network with national and international institutions;
- To conduct related research in the arts, humanities and culture.



ପ୍ରେରଣାର ଉତ୍ସ
**କବି ଜୟନ୍ତ ମହାପାତ୍ର**



***ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ***

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ




ସମ୍ପାଦକ :
ଡ. ବିଭୁଦତ୍ତ ଖଣ୍ଡାୟତରାୟ


ଜୀବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା, ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା 'ପ୍ରାଚୀ' ର ଆଗାମୀ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି 'ପ୍ରାଚୀ' ଓଡ଼ିଆଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ବୁଦ୍ଧିମନ୍ତ ସୃଷ୍ଟିକୁ ନେଇ 'ପ୍ରାଚୀ'ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ 'ପ୍ରାଚୀ' ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

– ସଂପାଦକ

# ଓଁ 'ପ୍ରାଚୀ'ର କଲମ ୫୦

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲ୍‌ଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଐତିହ୍ୟ ବିମଣ୍ଡିତ ବାଙ୍ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତୋଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବୋତ୍ତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟାବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ❑ ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ❑ ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚିରହିବା ପାଇଁ .........
- ❑ ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରୁ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ❑ ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ । କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ❑ ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ❑ ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ❑ ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ❑ ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ❑ ମୁଁ ଛୋଟା ହେଲେ ମଧ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୂନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ❑ ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ❑ ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ❑ ମୁଁ ଦୀନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟୋପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୂରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଚ୍ଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

## ଉପଦେଷ୍ଟା ମଣ୍ଡଳୀ

**ପ୍ରଫେସର ବୈଷ୍ଣବ ଚରଣ ସାମଲ**
ଅବସରପ୍ରାପ୍ତ ପ୍ରଫେସର
ବିଶ୍ୱଭାରତୀ, ଶାନ୍ତିନିକେତନ

**ପ୍ରଫେସର ନଟବର ଶତପଥୀ**
ଅବସରପ୍ରାପ୍ତ ପ୍ରଫେସର
ରେଭେନ୍ସା ବିଶ୍ୱବିଦ୍ୟାଳୟ

**ପ୍ରଫେସର ନୀଳାଦ୍ରି ଭୂଷଣ ହରିଚନ୍ଦନ**
ଅବସରପ୍ରାପ୍ତ ପ୍ରଫେସର
ବିଶ୍ୱଭାରତୀ, ଶାନ୍ତିନିକେତନ

**ପ୍ରଫେସର ଆଦିକନ୍ଦ ସାହୁ**
ଅବସରପ୍ରାପ୍ତ ପ୍ରଫେସର
ସମ୍ବଲପୁର ବିଶ୍ୱବିଦ୍ୟାଳୟ

**ପ୍ରଫେସର ବାବାଜୀ ଚରଣ ପଟ୍ଟନାୟକ**
ଅବସରପ୍ରାପ୍ତ ପ୍ରଫେସର
ଓଡ଼ିଆ ବିଭାଗ

**ପ୍ରଫେସର ନାରାୟଣ ମହାନ୍ତି**
ଅବସରପ୍ରାପ୍ତ ପ୍ରାଧ୍ୟାପକ
ଦର୍ଶନ ବିଭାଗ

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**
ଅବସରପ୍ରାପ୍ତ ପ୍ରଫେସର
ଉତ୍କଳ ବିଶ୍ୱବିଦ୍ୟାଳୟ

**ପ୍ରଫେସର ଅଞ୍ଜୁମନ ଆରା**
ହିନ୍ଦୀ ବିଭାଗ
ରେଭେନ୍ସା ବିଶ୍ୱବିଦ୍ୟାଳୟ

**ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ**
କୁଳପତି
ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଭୁବନେଶ୍ୱର

## ମୁଖ୍ୟ ସଂପାଦିକା

**ପ୍ରଫେସର ମନ୍ଦାକିନୀ ଦାସ**
ଅବସରପ୍ରାପ୍ତ ପ୍ରଫେସର
ସଭାପତି, ପ୍ରାଚୀ ସେଣ୍ଟର ଫର କଲଚରାଲ ରିଲେସନ୍ସ

## ସମ୍ପାଦନା ସହଯୋଗୀ

**ପ୍ରଫେସର ବିକ୍ରମ କେଶରୀ ମିଶ୍ର**
ସମାଜ ବିଜ୍ଞାନ ବିଭାଗ
ରେଭେନ୍ସା ବିଶ୍ୱବିଦ୍ୟାଳୟ

**ଡକ୍ଟର ସୁମନ୍ତ ସ୍ୱାଇଁ**
ସହାୟକ ପ୍ରଫେସର
ଆଇ.ଆଇ.ଏଚ୍.ଏମ୍.ଆର, ନୂଆଦିଲ୍ଲୀ

**ଡକ୍ଟର ଆଲୋକ ବରାଳ**
ବରିଷ୍ଠ ସହାୟକ ପ୍ରଫେସର, ଓଡ଼ିଆ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ

**ଡକ୍ଟର ଦୀପକ କୁମାର ଦାଶ**
ସହାୟକ ପ୍ରଫେସର
ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ

**ଡକ୍ଟର ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ**
ସହାୟକ ପ୍ରଫେସର
ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ

**ଡକ୍ଟର ନୀରୋଦ କୁମାର ମନ୍ତ୍ରୀ**
ସହାୟକ ପ୍ରଫେସର
ନୀଳମାଧବ ମହାବିଦ୍ୟାଳୟ, କଣ୍ଟିଲୋ

**ଡକ୍ଟର ସଂଜିତା ମିଶ୍ର**
ସହାୟକ ପ୍ରଫେସର
ଶୈଳବାଳା ମହିଳା ସ୍ୱୟଂଶାସିତ
ମହାବିଦ୍ୟାଳୟ, କଟକ

**ପ୍ରଫେସର ରାମକୃଷ୍ଣ ପ୍ରଧାନ**
ରାଜନୀତିବିଜ୍ଞାନ ବିଭାଗ
ଗୁରୁ ଘାସିଦାସ ବିଶ୍ୱବିଦ୍ୟାଳୟ, ବିଳାସପୁର, ଛତିଶଗଡ଼

**ଡକ୍ଟର ଭିନୀତ ସାହୁ**
ଆସୋସିଏଟ୍ ପ୍ରଫେସର
ଦର୍ଶନ ବିଭାଗ, ଆଇ.ଆଇ.ଟି, କାନପୁର

## ସଂପାଦକ

ଡକ୍ଟର ବିଭୁଦତ୍ତ ଖଣ୍ଡାୟତରାୟ

## ସଂପାଦକ ମଣ୍ଡଳୀ

**ଡକ୍ଟର ନେତାଜୀ ଅଭିନନ୍ଦନ**
ସହାୟକ ପ୍ରଫେସର
ରେଭେନ୍ସା ବିଶ୍ୱବିଦ୍ୟାଳୟ

**ପ୍ରଫେସର ବଭ୍ରୁବାହାନ ମହାପାତ୍ର**
ଓଡ଼ିଆ ବିଭାଗ
ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ
ବିଶ୍ୱବିଦ୍ୟାଳୟ

**ଶ୍ରୀଯୁକ୍ତ କୃଷ୍ଣ ପ୍ରସାଦ ଦାସ**
ଶିକ୍ଷାବିତ

**ଡ଼କ୍ଟର ସୁମନ୍ତ ନାଏକ**
ସହକାରୀ ପ୍ରାଧ୍ୟାପକ, ଓଡ଼ିଆ ବିଭାଗ
ଧରଣୀଧର ବିଶ୍ୱବିଦ୍ୟାଳୟ

**ଡକ୍ଟର ବିଦ୍ୟୁତପ୍ରଭା ରାଉତ**
ସହାୟକ ପ୍ରଫେସର, ଓଡ଼ିଆ ବିଭାଗ
ସେମିଳିଗୁଡ଼ା ମହାବିଦ୍ୟାଳୟ, କୋରାପୁଟ

**ଡକ୍ଟର କମଳ ମାହୁନ୍ତ**
ଅଧ୍ୟାପକ
ଓଡ଼ିଆ ବିଭାଗ

**ଡକ୍ଟର ନାକୁ ହାଁସଦାଃ**
ସହାୟକ ପ୍ରଫେସର
ସ୍ନାତକୋତ୍ତର, ଓଡ଼ିଆ ବିଭାଗ
ସମ୍ବଲପୁର ବିଶ୍ୱବିଦ୍ୟାଳୟ

**ଡକ୍ଟର ଲୋପାମୁଦ୍ରା ସ୍ୱାଇଁ**
ସହାୟକ ପ୍ରଫେସର, ଓଡ଼ିଆ ବିଭାଗ
ସରକାରୀ ମହାବିଦ୍ୟାଳୟ, କୋରାପୁଟ

**ଡକ୍ଟର ପଲ୍ଲିଶ୍ରୀ ପଟ୍ଟନାୟକ**
ସହାୟକ ପ୍ରଫେସର, ଓଡ଼ିଆ ବିଭାଗ
ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ

**ଡକ୍ଟର ମମତା ଖଣ୍ଡାୟତରାୟ**
ସହାୟକ ପ୍ରଫେସର
ପାରାଦୀପ କଲେଜ, ପାରାଦୀପ

**ଡକ୍ଟର ପ୍ରତୀଚୀ ନନ୍ଦ**
ଅଧ୍ୟାପିକା
ଓଡ଼ିଆ ବିଭାଗ

# ପ୍ରାଚୀର ନିୟମାବଳୀ

1. ବାସ୍ତବତାର ପରିପ୍ରକାଶ 'ପ୍ରାଚୀ' ଏକ ମାସିକ ଗବେଷଣାଧର୍ମୀ ସମାଲୋଚନାମୂଳକ ପତ୍ରିକା । ଏଥିରେ ଭାଷା, ସାହିତ୍ୟ, ସଂସ୍କୃତି, ପରମ୍ପରା, ଲୋକ ଜୀବନ, ଇତିହାସ, ସମାଜ, ସଂସ୍କୃତି, କଳା, ନୃତତ୍ତ୍ୱ, ଦର୍ଶନ, ବିଜ୍ଞାନ ଆଦି ବିବିଧ ପ୍ରେକ୍ଷାର ଗବେଷଣାତ୍ମକ ପ୍ରବନ୍ଧ ପ୍ରକାଶିତ ହୋଇଥାଏ ।
2. 'ପ୍ରାଚୀ' ଯୁବପିଢ଼ିଙ୍କର ଗବେଷଣାକୁ ଏକ ଉଚିତ ଦିଶା ଓ ଆଭିମୁଖ୍ୟ ପ୍ରଦାନ କରିବା ପାଇଁ ନିଜର ସ୍ୱତନ୍ତ୍ର ଆଭିମୁଖ୍ୟ ନେଇ ସଂପ୍ରତି ଦଣ୍ଡାୟମାନ ହୋଇଛି ଏବଂ ଭବିଷ୍ୟତ ପାଇଁ ନୂତନ ରୂପରେଖ ମଧ୍ୟ ପ୍ରସ୍ତୁତ କରିଅଛି । ତେଣୁ ଲେଖାଗୁଡ଼ିକ ଗବେଷଣାର ଆଭିମୁଖ୍ୟ ଓ ସଂରଚନାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରି ପ୍ରେରଣା କରିବାକୁ ସମସ୍ତଙ୍କୁ ଅନୁରୋଧ।
3. ଗବେଷଣାତ୍ମକ ଆଲେଖ୍ୟର ଆଦର୍ଶ, ନିୟମ ଓ ମୂଲ୍ୟବୋଧ ପ୍ରତି ସଚେତନ ରହି ସର୍ବଦା ଗବେଷଣାର ମୌଳିକତାକୁ ଦୃଷ୍ଟିରେ ରଖି ଲେଖକଲେଖିକାମାନେ ନିଜର ଲେଖା ପ୍ରେରଣ କରନ୍ତୁ ଏବଂ ଆବଶ୍ୟକସ୍ଥଳେ ଅନୁଷଙ୍ଗ ସୂଚୀର ସଂଯୋଗ କରନ୍ତୁ।
4. ପୂର୍ବରୁ ଅନ୍ୟ ପତ୍ର-ପତ୍ରିକା କିମ୍ବା ସାମାଜିକ ଗଣମାଧ୍ୟମରେ ପ୍ରକାଶ ପାଇଥିବା ଲେଖା 'ପ୍ରାଚୀ' ପତ୍ରିକା ପାଇଁ ଗ୍ରହଣୀୟ ନୁହେଁ।
5. 'ପ୍ରାଚୀ' ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧିକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ। ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ କମ୍ପୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ।
6. ଲେଖାଟି ଆକ୍ଷେପମୂଳକ କିମ୍ବା ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ। ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ। ଲେଖାଟି ପ୍ରକାଶ ପାଇବା ପରେ ଡାକ କିମ୍ବା ଇ-ମେଲ ଯୋଗେ ଲେଖକଲେଖିକାଙ୍କୁ ଜଣାଇ ଦିଆଯିବ।
7. ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ। ତେଣୁ ଲେଖକଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ। ଲେଖକଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ।
8. କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ। ପ୍ରାଚୀ ପାଇଁ ପଠାଉଥିବା ଲେଖାଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ ପତ୍ରିକା, ନୀଳାଦ୍ରି ବିହାର, ନୂଆବଜାର, କଟକ, ଓଡ଼ିଶା, ପିନ୍-୭୫୩୦୦୪ କିମ୍ବା ପାଠକପାଠିକାମାନେ pracheepatrika@rediffmail.com ଯୋଗେ ସମ୍ପର୍କ ସ୍ଥାପନ କରିବେ।
9. ଲେଖାଗୁଡ଼ିକ ପେଜ୍ ମେକର୍ ଫର୍ମାଟ୍ ଓ ଆକୃତି ସାରଳା ଫଣ୍ଟରେ ଟାଇପ କରି ଦେବାକୁ ଅନୁରୋଧ ନଚେତ୍ ଲେଖା ଗ୍ରହଣଯୋଗ୍ୟ ହେବନାହିଁ।
10. ପ୍ରବନ୍ଧ ପଠାଇବାର ଚାରିମାସ ମଧ୍ୟରେ ପତ୍ରିକାରେ ପ୍ରକାଶିତ ନହେଲେ ଲେଖକ ନିଜର ପ୍ରବନ୍ଧକୁ ଅନ୍ୟତ୍ର ପ୍ରକାଶ କରିପାରିବେ। ଲେଖାଟି ଅପ୍ରକାଶିତ ଓ ଏହାର ମୌଳିକତା ସମ୍ପର୍କରେ ଗବେଷକ ଏକ ସ୍ୱୀକାରୋକ୍ତି ପତ୍ର ଲେଖା ସହିତ ସଂଲଗ୍ନ କରି ପଠାଇବେ। ପ୍ରକାଶିତ ଲେଖାର ମୌଳିକତା ନେଇ ପ୍ରଶ୍ନ ଉପୁଜିଲେ ଏଥିପାଇଁ ସଂପୃକ୍ତ ଲେଖକ ଉତ୍ତରଦାୟୀ ହେବେ । ପତ୍ରିକାକୁ ପଠାଇଥିବା ଲେଖା ପ୍ରକାଶିତ ନହେଲେ ସଂପାଦକ ବା ସମ୍ପାଦନା ମଣ୍ଡଳୀ ଦାୟୀ ରହିବେ ନାହିଁ ।

VOICE FOR VOICELESS SOCIETY, INDIA

Regd. No.: 23717/65

# VOICE FOR VOICELESS

**INDIVIDUAL PARTICIPATION IN SOCIAL SERVICE**


Niladri Vihar, Naya Bazar, Cuttack-753004 (Odisha)
E-mail : voiceforvoiceless2013@gmail.com
Visit us : www.voiceforvoiceless.in

+91 88957 07011


# ଆପଣଙ୍କର ଟିକିଏ କଷ୍ଟ
# ଆମର ଗୋଟିଏ ପେଟ



**ବୁଲା ପଶୁଙ୍କୁ ଖାଦ୍ୟ ଦିଅନ୍ତୁ * FEED THE STRAY ANIMAL**

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

Vol.- 11, July 2025, Issue No. IV
ISSN NO. 2583-147X (P)
ISSN NO. 3048-8958 (O)
RNI No. : ODIODI/2015/64435
P.R. No. : CK(C)/96/2025-2027

**ପ୍ରକାଶକ :**
ପ୍ରାଚୀ ସାହିତ୍ୟ ସମାଜ ପବ୍ଲିକେସନ୍
ନିଳାଦ୍ରୀ ବିହାର, ନୂଆବଜାର, କଟକ

**ପ୍ରଚ୍ଛଦ ଚିତ୍ର :**
ବିଜୟ କୁମାର ସାହୁ

**ଅକ୍ଷର ସଜ୍ଜା :**
ବିକ୍ରମ କିଶୋର ସାହୁ

**ଡିଟିପି :**
ଶିବ ପ୍ରସାଦ ଧଳ

**ଅଳଙ୍କରଣ :**
ବିଭୁପ୍ରସାଦ ନାୟକ

**ଓ୍ୱେବ ଡ଼ିଜାଇନର୍ :**
ଶୁଭ୍ରାଂସୁ ଶତପଥି

**ବିଜ୍ଞାପନ ଅଧିକାରୀ :**
ଅବିନାଶ ଦାଶ

**ବିତରଣ ଅଧିକାରୀ :**
ସନ୍ତୋଷ କୁମାର ପାଲ୍

**ମୁଦ୍ରଣ :**
ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍
ନୂଆବଜାର, କଟକ - ୪

## ଏଇ ସଂଖ୍ୟାରେ...

୧. ଶତ୍ରୁଘ୍ନ ପାଣ୍ଡବଙ୍କ 'ଝାଳ' ଏବଂ ମିଗୁଏଲ୍ ହେର୍ନାଦେଜ୍‌ଙ୍କ 'ଏଲ୍ ସୁଦର' : ଏକ ଅନ୍ତରଙ୍ଗ ତୁଳନାତ୍ମକ ମୂଲ୍ୟାୟନ
ଆଲୋକ ବରାଳ ............ ୦୯

୨. ଓଡ଼ିଆ ପୋଇ ସାହିତ୍ୟର ଇତିହାସ
ଶୁଭସ୍ମିତା ଦାଶ ............ ୧୮

୩. ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଗଳ୍ପରେ ଜାତୀୟତାର ସ୍ୱର
ସସ୍ମିତା ଜେନା............ ୨୨

୪. ଲୋକ ସଂସ୍କୃତି ପରମ୍ପରାରେ ଦଧିବାମନଜୀୟୁ : ଏକ ରହସ୍ୟାତ୍ମକ ଅନୁଭବ
ରମେଶ ଚନ୍ଦ୍ର ସାହୁ............ ୨୭

୫. କଥାକାଳ ଓ କଥନକାଳ ଭିତ୍ତିରେ ସତ୍ୟପ୍ରିୟ ମହାଳିକଙ୍କ 'ଶୂନ୍ୟକାଳ'
ବେବିନା ଦାସ ............ ୩୨

୬. ୧୯୮୦ ପରବର୍ତ୍ତୀ ଓଡ଼ିଆ କ୍ଷୁଦ୍ରଗଳ୍ପରେ ପଲ୍ଲୀକୈନ୍ଦ୍ରିକ ସମାଜ ଚେତନାର ସ୍ୱର (ସମୟସୀମା - ୧୯୮୦-୨୦୧୦ ପର୍ଯ୍ୟନ୍ତ)
ସଂଘମିତ୍ରା ପଣ୍ଡା ............ ୩୫

୭. ଚାକିରୀ ଜୀବନର ଅସହାୟତା : ପାଉଁଶ ତଳର ନିଆଁ
ଶମ୍ଭୁନାଥ ଶିଅଳ ............ ୪୨

୮. ନିମାଇଁ ଚରଣ ପଟ୍ଟନାୟକଙ୍କ ଗଳ୍ପର ଭାଷା ଓ ଶୈଳୀ : ଏକ ତାତ୍ତ୍ୱିକ ଅଧ୍ୟୟନ
ଅଭିମନ୍ୟୁ ସାହୁ............ ୪୬

୯. କୁନ୍ତଳା କୁମାରୀଙ୍କ ଉପନ୍ୟାସର କାହାଣୀ ବିଭବ
ସନ୍ଦିପ୍ତା ପାଢୀ ............ ୫୦

୧୦. ବାଥୁଡି ଜନଜାତିର ଦୋଳି ପରମ୍ପରା
କବିତା ନାଏକ............ ୬୦



# VOICE FOR VOICELESS

**INDIVIDUAL PARTICIPATION IN SOCIAL SERVICE**

Niladri Vihar, Naya Bazar, Cuttack-753004 (Odisha)
E-mail : voiceforvoiceless2013@gmail.com
Visit us : www.voiceforvoiceless.in

+91 88957 07011

## ଆପଣଙ୍କର ମୁଠାଏ ଦାନା
## ଆମର ଗୋଟାଏ ପେଟ



**ପକ୍ଷୀମାନଙ୍କୁ ଦାନା ଦିଅନ୍ତୁ * FEED THE BIRDS**

Voice for Voiceless

# SARVODAYA SOCIETY GOALS

1 Stop Contaminating Water

2 Stop Polluting Air

3 Stop Plastic Use

4 Save Earth

5 Stop Drug Abuse and Alcoholism

6 Stop Untouchability

7 Help Dibyanga

8 Help Mentally Disable Person

9 Help Senior Citizens

10 Help Sick Person

11 Help Poor Children

12 Help Poor Women

13 Planting Tree

14 Protecting Animals and Birds

15 Spreading Basic Education

16 Women Empowerment

17 Cleanliness Campaign

18 Satya and Ahmisha

19 Health and Hygienic

20 Communal Harmony

21 Vocational Education

22 Cottage Industries

23 Village Economy

24 Self Help Groups

25 Feed the Need

26 Farming and Agriculture

Voice for Voiceless

SARVODAYA SOCIETY GOALS

For Positive Constrictive Programme

# ସତ୍ୟ-ଅହିଂସା ସହ ସୃଜନ ଓ ସାଂପ୍ରତିକ ଆହ୍ୱାନ

ବାପୁଜୀ ବ୍ୟକ୍ତି, ସମାଜ, ଦେଶ ଓ ବିଶ୍ୱର ମୁକ୍ତି ନିମନ୍ତେ ସାଧନା ଓ ସଂଗ୍ରାମ କରିଛନ୍ତି । ପରିବର୍ତ୍ତନର ଆହ୍ୱାନ ଦେଇଛନ୍ତି। ନୂତନ ଚିନ୍ତନ ଓ ଚେତନା ମାଧ୍ୟମରେ ନାଗରିକୀୟ ସମାଜର ଉନ୍ନତି ନିମନ୍ତେ ସ୍ୱପ୍ନ ଦେଖୁଛନ୍ତି। ଗାନ୍ଧିଜୀଙ୍କର ସାଧନା ଓ ସଂଗ୍ରାମର ମୂଳମନ୍ତ୍ର: ଅହିଂସା । ଏହି ମନ୍ତ୍ର ତିନିଗୋଟି ଦିଗ ଉପରେ ଗୁରୁତ୍ୱ ଦେଇଥାଏ। ସ୍ୱଦେଶୀ, ସ୍ୱରାଜ ଓ ସତ୍ୟାଗ୍ରହ। ଭାରତରେ ଗାନ୍ଧୀଙ୍କର ଆବିର୍ଭାବ ପୂର୍ବରୁ ସ୍ୱଦେଶୀ ଆନ୍ଦୋଳନ ଦାନା ବାନ୍ଧି ସାରିଥିଲା । ଯାହାର ନେତୃତ୍ୱ ନେଇଥିଲେ ଶ୍ରୀ ଅରବିନ୍ଦ । ୧୯୦୯ ମସିହାରେ ଲଣ୍ଡନରୁ ଦକ୍ଷିଣ ଆଫ୍ରିକାକୁ ଜାହାଜରେ ବସି ଫେରୁଥିବା ସମୟରେ 'ହିନ୍ଦ୍ ସ୍ୱରାଜ' ବହିଟିକୁ ଗୁଜୁରାଟୀ ଭାଷାରେ ଗାନ୍ଧୀ ଅନୁବାଦ କଲେ । ବାଲ୍ ଗଙ୍ଗାଧର ତିଲକ୍ ମଧ୍ୟ ଗାନ୍ଧୀଙ୍କ ପୂର୍ବରୁ 'ସ୍ୱରାଜ ମୋର ଜନ୍ମଗତ ଅଧିକାର' ବୋଲି ସ୍ଲୋଗାନ୍ ଦେଇଥିଲେ । ଗାନ୍ଧୀଙ୍କର ଚିନ୍ତନ ପ୍ରଚଳିତ ସ୍ୱରାଜ ଧାରାକୁ ଏକ ନୂଆ ମାର୍ଗ ଦେଖାଇଥିଲା । ଗାନ୍ଧୀ ସ୍ୱଦେଶୀ ଓ ସ୍ୱରାଜ ସହିତ ସତ୍ୟାଗ୍ରହକୁ ଏକ ଆତ୍ମ ସମ୍ବନ୍ଧୀୟ ଚିନ୍ତନ ଓ ପ୍ରକ୍ରିୟା ରୂପେ ସଂଯୋଗ କରିଥିଲେ । ଗାନ୍ଧିଜୀ କହିଲେ ସତ୍ୟାଗ୍ରହର ଅର୍ଥ ସତ୍ୟ ପ୍ରତି ଆଗ୍ରହ । ସତ୍ୟ ପ୍ରାପ୍ତି ପାଇଁ ଉଦ୍ଦିଷ୍ଟ ସାଧନା ଓ ସଂଗ୍ରାମ । ୧୯୧୫ ମସିହାରେ ଗାନ୍ଧୀ ଭାରତ ଫେରିବା ପରେ ସ୍ୱଦେଶୀ ଆନ୍ଦୋଳନରେ ଯୋଗ ଦେଇଥିଲେ । ସ୍ୱଦେଶୀ ଆନ୍ଦୋଳନରେ ସତ୍ୟ ଓ ସାଧୁତା ହେଲା ଗାନ୍ଧୀ ଚିନ୍ତନର ପ୍ରମୁଖ କଥା। ସ୍ୱଦେଶୀ ଲୁଗା ଓ ଦ୍ରବ୍ୟମାନ ବିଦେଶୀ ଲୁଗା ଓ ଦ୍ରବ୍ୟ ତୁଳନାରେ ଅଧିକ ବ୍ୟୟବହୁଳ ଥିବାରୁ ଗରିବ ଲୋକମାନେ ଏହାକୁ କିଣିବାକୁ ଅସମର୍ଥ ଥିଲେ। ପୂର୍ବ ବଙ୍ଗଳାର ସ୍ୱଦେଶୀ ଆନ୍ଦୋଳନରେ ଏହା ପ୍ରମୁଖ ସମସ୍ୟା ଥିଲା । ସ୍ୱଦେଶୀ ପ୍ରଚାରକମାନେ ମୂଳତଃ ଧନୀ ଜମିଦାର ଥିଲେ । ଗରିବ ଲୋକମାନଙ୍କ ମଧ୍ୟରେ ଅଧିକାଂଶ ଥିଲେ ମୁସଲମାନ । ଯାହାକି ବେଙ୍ଗଲରେ ସାଂପ୍ରଦାୟିକ ବିଭେଦ ସୃଷ୍ଟି କରିଥିଲା । ରବୀନ୍ଦ୍ର ନାଥଙ୍କ 'ଘରେ ବାଇରେ' ଉପନ୍ୟାସ ଏହି ଭିତ୍ତିଭୂମି ଉପରେ ଲେଖାଯାଇଥିଲା। ଏହି ପରିପ୍ରେକ୍ଷୀରେ ଗାନ୍ଧୀ ସ୍ୱଦେଶୀ ଆନ୍ଦୋଳନରେ ଗରିବ ମାନଙ୍କର ଦାରିଦ୍ର୍ୟ ସହିତ ଏକାତ୍ମ ହୋଇ ଏହାର ରୂପାନ୍ତରଣ ପାଇଁ ଆହ୍ୱାନ ଦେଇଥିଲେ । ମିଲ୍ ବ୍ୟବସାୟୀମାନଙ୍କୁ ଜାତୀୟତା ଭାବରେ ଜାଗ୍ରତ ହେବାକୁ ଆହ୍ୱାନ ଦେଇ ଲୁଗାର ଦରଦାମ୍ ନ ବଢ଼ାଇବାକୁ ପରାମର୍ଶ ଦେବା ସହିତ ସାଧୁତା ଅବଲମ୍ବନର ପରାମର୍ଶ ଦେଇଥିଲେ ।

ଗାନ୍ଧୀ ପ୍ରେରିତ ବାର୍ତ୍ତା ସେ ସମୟରେ ହସ୍ତକଳା ଓ ଅନ୍ୟ କଳାର ପୁନର୍ଜାଗରଣ ଆଣିଥିଲା । ଗାନ୍ଧୀ ମଧ୍ୟ ସ୍ୱଦେଶୀକୁ ବ୍ୟକ୍ତିଗତ ଓ ଆଧ୍ୟାତ୍ମିକ ଚେତନା ସହିତ ଯୋଡ଼ିଥିଲେ । ଗାନ୍ଧୀଙ୍କ ପାଇଁ ସ୍ୱଦେଶୀ ଥିଲା ଏକ ପ୍ରାର୍ଥନା। ବଙ୍ଗଳାରୁ ଜନ୍ମିଥିବା ସ୍ୱଦେଶୀ ଗାନ୍ଧୀ ଚିନ୍ତନରେ ନୈତିକ, ବ୍ୟକ୍ତିଗତ ଓ ଆଧ୍ୟାତ୍ମିକ ରୂପ ପରିଗ୍ରହ କରିଥିଲା ।

ଗାନ୍ଧୀଙ୍କ ଦୃଷ୍ଟିରେ ସ୍ୱରାଜ୍ୟ କେବଳ ସ୍ୱ-ରାଜ୍ୟ ନୁହେଁ, ଏହା ସହ ରାଜ୍ୟ । 'ସ୍ୱ'ର ଅର୍ଥ ବ୍ୟକ୍ତିଗତ ଅହଂବୋଧ ନୁହେଁ । ଏହା ନିଜ ମଧ୍ୟରେ ନିଜ ସହିତ ଥିବା ସାର୍ବଜନୀନ ଆତ୍ମା । ଏହି ଆତ୍ମା ନିଜ ଓ ପର ମଧ୍ୟରେ ଥିବା ସଂକୀର୍ଣ୍ଣତାକୁ ଦୂରୀଭୂତ କରେ । ବିଭେଦର ଗାର ଗୁଡ଼ିକୁ ଅତିକ୍ରମି ସମ୍ବନ୍ଧ ଓ ସଂଯୋଗ ସ୍ଥାପନାର ସୂତ୍ର ହେଉଛି 'ସ୍ୱରାଜ୍ୟ' । ତେଣୁ ସ୍ୱରାଜ୍ୟ ନିଜ ଓ ଅନ୍ୟ ସହିତ ମିଶି ଏକ ସହ ରାଜ୍ୟ ସୃଷ୍ଟିର ପ୍ରକ୍ରିୟା । ସ୍ୱରାଜବନ୍ତ ସମାଜ ନିର୍ମାଣର ଆହ୍ୱାନ । ଯେଉଁ ସମାଜରେ ଆମେ ପରସ୍ପରର କଲ୍ୟାଣ ପାଇଁ କର୍ତ୍ତବ୍ୟରତ । ନାନାଦି ବନ୍ଧନୀ ଓ ଦ୍ୱୈତରେଖାକୁ ଅତିକ୍ରମ କରି ଆମେ ବ୍ୟକ୍ତିଗତ, ସାମୂହିକ ଓ ଜାଗତିକ ସ୍ତରରେ ଅଦ୍ୱୈତର ଆନୟନ କରିବା ।

୧୯୦୬ ମସିହାରେ ଗାନ୍ଧୀ ସତ୍ୟାଗ୍ରହ ସହ ବାଟ ଚାଲିଲେ । 'ହେନ୍‌ରି ଡାଭିନ୍ ଥୋରୋଙ୍କର 'Civil Disobedience" , ଟଲଷ୍ଟୟଙ୍କର ପ୍ରେମ ଓ ଅହିଂସାର ସାଧନା, ଭାରତୀୟ ଦର୍ଶନ ଓ ଇତିହାସରେ ଅନ୍ୟାୟ ବିରୋଧି ସଂଗ୍ରାମ ଦ୍ୱାରା ଅନୁପ୍ରେରିତ ହୋଇ, ଗାନ୍ଧୀଜୀ ସହଯୋଗୀମାନଙ୍କ ସହ ମିଶି ଦକ୍ଷିଣ ଆଫ୍ରିକାରେ ବର୍ଣ୍ଣ ବିଦ୍ୱେଷ ବିରୁଦ୍ଧରେ ସତ୍ୟାଗ୍ରହ ଆରମ୍ଭ କରିଥିଲେ । ୧୯୧୫ ରେ ଗାନ୍ଧୀ ଭାରତ ଫେରି ସତ୍ୟାଗ୍ରହ ଦ୍ୱାରା ଅସହଯୋଗ ଆନ୍ଦୋଳନ ଓ ଲବଣ ସତ୍ୟାଗ୍ରହ ଆରମ୍ଭ କରିଥିଲେ । 'ସତ୍ୟାଗ୍ରହ'କୁ ଆମେ ରାଜନୈତିକତାର ସଂକୀର୍ଣ୍ଣ ପରିସର ମଧ୍ୟରେ ସୀମାବଦ୍ଧ କରିପାରିବା ନାହିଁ । ଶୋଷଣ, ଦମନ ଓ ଆଧିପତ୍ୟ ବିରୁଦ୍ଧରେ ଏକ ବହୁ-ପରିସରୀୟ ଆନ୍ଦୋଳନର ଅନ୍ୟନାମ : ସତ୍ୟାଗ୍ରହ । ଏଥି ସହିତ ଆମ ଜୀବନଯାତ୍ରା ମଧ୍ୟ ସଂଶ୍ଲିଷ୍ଟ । ଆମ ଜୀବନ ଭୂମିରେ ସତ୍ୟ ସହିତ ରଜଃ ଓ ତମୋଃ ମଧ୍ୟ ବିଦ୍ୟମାନ । ରଜଃ କ୍ଷମତା ସହିତ ଓ ତମୋଃ ଅନ୍ଧକାର ସହିତ । ବେଳେ ବେଳେ ରଜଃ ଓ ତମୋଃ ନାନା ରୂପେ ସତ୍ୟକୁ ଆଚ୍ଛାଦିତ କରି ନିଃଶେଷ କରିବାର ପ୍ରୟାସ କରନ୍ତି । ସତ୍ୟାଗ୍ରହ ସର୍ବଦା ଏ ଦୁହିଁଙ୍କ ବିରୁଦ୍ଧରେ

ସାଧନା ଓ ସଂଗ୍ରାମ କରିଥାଏ । ଏହି ସାଧନା ଓ ସଂଗ୍ରାମ ମୂଳରେ ଉପନିଷଦର ପ୍ରାର୍ଥନାଟି ଥାଏ :

"ହିରଣ୍ମୟେନ ପାତ୍ରେଣ ସତ୍ୟ ସ୍ଥାପିହିତମ୍ ମୁଖମ୍ ସତ୍ୟ ଧର୍ମାୟ ବୃଷ୍ଟୟେ" । ଅର୍ଥାତ୍ ହିରଣ୍ମୟ ପାତ୍ରରେ ସତ୍ୟ ଓ ଧର୍ମ ଆବୋରି ପଡ଼ିଛି । ଆମେ ସେ ପାତ୍ରର ଢାଙ୍କୁଣୀକୁ ଖୋଲି ସତ୍ୟ ଓ ଧର୍ମକୁ ଦେଖିବା । ନିଜ ମଧ୍ୟରେ ଥିବା ରଜୋ ଓ ତମୋ ଗୁଣକୁ ଅବଦମିତ କରି ଜୀବନକୁ ସତ୍ୟମୟ କରିବା । ଆମର ସମଷ୍ଟିଗତ ଜୀବନ ଯେ ପର୍ଯ୍ୟନ୍ତ ରାଜସିକ ଓ ତାମସିକ ପ୍ରବୃତ୍ତି ଦ୍ୱାରା ଅନୁପ୍ରେରିତ ହେଉଥିବ ସେତେବେଳ ଯାଏ ଆମେ କ୍ଷମତାକୁ ଅଙ୍କୁଶ କରି ଅନ୍ୟ ଉପରେ ଆଧିପତ୍ୟ ବିସ୍ତାର କରିବା ପାଇଁ ବାଉଳି ହେଉଥିବା । ଏହି ବନ୍ଧନୀ ଭିତରେ ଆବଦ୍ଧ ହେଲେ ଆମ ନିଜ ଭିତରେ, ପରସ୍ପର ମଧ୍ୟରେ ଓ ସମାଜରେ ଶ୍ରଦ୍ଧା ମରି ମରି ଯାଉଥିବ, ଠିକ୍ ସେମିତି ସମାଜ ଓ ରାଷ୍ଟ୍ର ମଧ୍ୟ ଏକ ଦୁଷ୍ଟ ତାମସିକତା ମଧ୍ୟରେ ବୁଡ଼ିରହି ଅନେକ ସମାଜ ଓ ରାଷ୍ଟ୍ର ଜନ୍ମ ନେବ। ଆମେ ଗୋଟିଏ ପୃଥିବୀ, ଗୋଟିଏ ସମାଜ ବା ଗୋଟିଏ ରାଷ୍ଟ୍ର ବୋଲାଇବା ନାହିଁ । ତେଣୁ ସତ୍ୟାଗ୍ରହ ଗୋଟିଏ ପୃଥିବୀର କଥା କହେ । ଗୋଟିଏ ମାନବ ସମାଜର କଥା କହେ ।

ଗାନ୍ଧୀ ସ୍ୱରାଜ୍ୟ ଓ ସତ୍ୟାଗ୍ରହ ପାଇଁ ସାଧନା କରିଥିଲେ । ସତ୍ୟାଗ୍ରହର ମୂଳ ପାହାଚ ଥିଲା ସତ୍ୟ ଓ ଅହିଂସା । ଏହି ଦୁଇଟି ଉପାଦାନ ଦ୍ୱାରା ଆମେ ନିଜକୁ ଅନ୍ୟର ସ୍ଥାନରେ ବସାଇ ପାରିବା । ଅନ୍ୟର ଦୃଷ୍ଟିକୋଣ ଓ ଘୃଣାକୁ ବୁଝିପାରିବା । ଅନ୍ୟ ବିରୁଦ୍ଧରେ ଲଢ଼ିବା ସତ କିନ୍ତୁ ଅନ୍ୟର ଅହିତ କାମନା କରିବା ନାହିଁ । ଗାନ୍ଧୀଙ୍କ ସତ୍ୟାଗ୍ରହ ଯାତ୍ରା ବହୁସ୍ତରୀୟ ଓ ବ୍ୟାପକ । ଗାନ୍ଧୀଙ୍କ ସତ୍ୟାନୁଭବକୁ ବୁଝିବାକୁ ହେଲେ ଉପନିଷଦରେ 'ତତ୍ତ୍ୱମସି' ସତ୍ତା ବାକ୍ୟକୁ ଆମ ଜୀବନକୁ ଆମନ୍ତ୍ରଣ କରିବା । ଏହି ବାକ୍ୟଟି ସୂଚାଇ ଦିଏ, "ସତ୍ୟ ହେଉଛି ବାସ୍ତବତା ଓ ଅସ୍ତିତ୍ୱ ଓ ବ୍ୟକ୍ତି ଆତ୍ମା ମଧ୍ୟରେ ସଂଯୋଗ ରକ୍ଷାକାରୀ ସେତୁ ।

ଗାନ୍ଧୀଜୀଙ୍କର ଅହିଂସା, ସ୍ୱଦେଶ, ସ୍ୱରାଜ ଓ ସତ୍ୟାଗ୍ରହର ମର୍ମବାଣୀ ହେଉଛି, "ସତ୍ୟ ଆମ ଜୀବନର ଭୂମି । ଆମ ଜୀବନର ଗତିପଥ । ଆମ ଜୀବନଯାତ୍ରା ସ୍ୱପ୍ନ ଓ ଅସଂଖ୍ୟ ପ୍ରଶ୍ନର ସମାହାର । ଏକ ନିତ୍ୟ ନିୟତ ଧାରା । ଏହା ଆମ ନିଜ ପାଇଁ ନୁହେଁ । ଆମର ଅସତ୍ୟ, ଅହଂକାର ଓ ମିଥ୍ୟା ପାଇଁ ନୁହେଁ, ଭୋଗ ପାଇଁ ନୁହେଁ କି ସମ୍ଭୋଗ ପାଇଁ ନୁହେଁ । ଆମ ଜୀବନର ଭୂମି ହେଉଛି ଶ୍ରଦ୍ଧାର ଭୂମି, ପ୍ରେମର ଭୂମି। ଆମ ଜୀବନ କର୍ମ ଓ ପ୍ରେମର ଏକ ବହୁ ପରିସରୀୟ ଚଳତ୍ କ୍ରିୟା ପାଲଟି ଯାଉ । ପାରସ୍ପରିକ ସୁଖ ଦୁଃଖରେ ସହଭାଗୀ ହୋଇ ଜୀବନକୁ ସମୃଦ୍ଧମୟ କରି ଗଢ଼ି ତୋଳିବାକୁ ହେବ ।" ସତ୍ୟ ଓ ଅହିଂସାକୁ ପାଥେୟ କରି ଇଶୋପନିଷଦ୍‌ର ଅମର ବାଣୀକୁ "ଇସା ବାସ୍ୟଂମିଦ୍‌ମ ସର୍ବମ୍ ଯତ୍ କିଞ୍ଚିତ ଜଗତ୍ୟାଂ ଜଗତ୍, ତେନ ତ୍ୟକ୍ତେନ ଭୁଞ୍ଜିଥା ମା ଗୃଧଃ କସ୍ୟ ସ୍ୱିଦ୍ଧନମ୍" ଶ୍ରଦ୍ଧା ଓ ସାହସର ଗ୍ରହଣ କରି ଅଗ୍ରଗାମୀ ହେବା ।

**ବିଜୟଲକ୍ଷ୍ମୀ ଦାଶ, ପି.ଏଚ.ଡ଼ି**
ଆସୋସିଏଟ୍ ପ୍ରଫେସର, ଓଡ଼ିଆ ବିଭାଗ
ରେଭେନ୍‌ସା ବିଶ୍ୱବିଦ୍ୟାଳୟ, କଟକ

••••

# VOICE FOR VOICELESS

## INDIVIDUAL PARTICIPATION IN SOCIAL SERVICE

Niladri Vihar, Naya Bazar, Cuttack-753004 (Odisha)
E-mail : voiceforvoiceless2013@gmail.com
Visit us : www.voiceforvoiceless.in

+91 88957 07011

## ମୋର ପାଠ ପଢ଼ିବାରେ ଦାୟିତ୍ୱ ନିଅନ୍ତୁ, ମୁଁ ଦେଶ ଗଢ଼ିବାରେ ସାହାଯ୍ୟ କରିବି



**ଗରିବ ପିଲାଟିକୁ ପାଠ ପଢ଼ାନ୍ତୁ * TEACH A POOR CHILD**

DOI : https://doi.org/10.5281/zenodo.16918406

ମୂଳ ପ୍ରବନ୍ଧ

# ଶତ୍ରୁଘ୍ନ ପାଣ୍ଡବଙ୍କ ‘ଝାଳ’ ଏବଂ ମିଗୁଏଲ୍ ହେର୍ନାନ୍ଦେଙ୍କ ‘ଏଲ୍ ସୁଦର’ : ଏକ ଅନ୍ତରଙ୍ଗ ତୁଳନାତ୍ମକ ମୂଲ୍ୟାୟନ

**ଆଲୋକ ବରାଳ**

**ସଂକ୍ଷିପ୍ତସାର :**

କବି ଶତ୍ରୁଘ୍ନ ପାଣ୍ଡବଙ୍କ ’ଝାଳ’ କବିତା ଏବଂ ସ୍ପେନୀୟ କବି ମିଗୁଏଲ୍ ହେର୍ନାନ୍ଦେଙ୍କ ’ଏଲ୍ ସୁଦର’ (ଝାଳ)କବିତା ମଧ୍ୟରେ ଥିବା ସମଧର୍ମୀ ଉପାଦାନ ହିଁ ଏହି ଆଲୋଚନାର ପ୍ରମୁଖ ଆଭିମୁଖ୍ୟ । ଉଭୟଙ୍କ କବିତାରେ ’ଝାଳ’କୁ ବ୍ୟାପ୍ତ ପୃଷ୍ଠଭୂମିରେ ସଂଦର୍ଶନ କରାଯାଇପାରିବ। କବି ଶତ୍ରୁଘ୍ନଙ୍କ ପାଇଁ ’ଝାଳ’ ମଣିଷର ଅଭାବିତ ଜୀବନବୋଧର ପ୍ରତୀକ ହୋଇଥିବା ସ୍ଥଳେ ମିଗୁଏଲଙ୍କ ପାଇଁ ’ଝାଳ’ ସମ୍ମାନ, ଉପାର୍ଜନ ଓ ଅଧିକାର ଭଳି ଆଭିମୁଖ୍ୟ ସହ ହୋଇଛି ବ୍ୟକ୍ତ । ଉଭୟ କବି ’ଝାଳ’କୁ ’ଶ୍ରମ’ ଓ ’ଶ୍ରମଜୀବୀ’ ମଣିଷଙ୍କ ଶକ୍ତି ଓ ସାମର୍ଥ୍ୟର ସଂକେତ ଭାବେ ଗ୍ରହଣ କରିଥିଲେ ହେଁ ମିଗୁଏଲ୍ ଯେଉଁଠି ’ଶ୍ରମ ଓ ’ଜୀବନ’ର ଜୟଗାନ କରିଛନ୍ତି; ଶତ୍ରୁଘ୍ନ କିନ୍ତୁ ’ଲୁଣ୍ଠିତ ଶ୍ରମ’ ଓ ’ଜୀବନ’ର ଅନୁଚିନ୍ତାରେ ହୋଇଉଠିଛନ୍ତି କ୍ଷୋଭ ଜର୍ଜରିତ ! ଉଭୟଙ୍କ କବିତାରେ ମାଟିମନସ୍କ ନଷ୍ଟାଲଜିଆର ସ୍ମୃତିମୟ କାବ୍ୟବୋଧ ସହ ଚାରଣ କବିର ନାନ୍ଦନିକ ସ୍ପର୍ଶ ରହିଥିଲେ ମଧ୍ୟ ତାହାର ଆବେଦନ ଅତ୍ୟନ୍ତ ତୀର୍ଯ୍ୟକ ! ’ଝାଳ’ ଉଭୟଙ୍କ କବିତାରେ ଶକ୍ତିଶାଳୀ ’ମେଟାର୍ଫ’ ଭଳି ଅନେକ ସଂକେତ ଓ ବ୍ୟଞ୍ଜନାର ବାର୍ତ୍ତାବହ । ଉଭୟ କବି ବ୍ୟାକୁଳ ହୋଇଉଠିଛନ୍ତି ସାଧାରଣ ମଣିଷର ଦୁଃଖ ଓ ଦୈନ୍ୟତାରେ; ଅନୁରୂପ ଭାବେ ଉଭୟ ଅତ୍ୟନ୍ତ ସମ୍ବେଦନଶୀଳ ନିଜନିଜ ’ଝାଳ’ର ବ୍ୟାପ୍ତ ପରିଧିରେ । ଜଣେ କବି ଉତ୍ତର ଆଧୁନିକ ବିଚାର ଓ ଅଭିବ୍ୟକ୍ତିରେ ଛଳଛଳ ତ ଆଉ ଜଣେ କବି ସ୍ପେନର ଜୀବନ୍ତ କଣ୍ଠସ୍ୱର !

**ପ୍ରମୁଖ ଶବ୍ଦାବଳୀ :**

ଶତ୍ରୁଘ୍ନ ପାଣ୍ଡବ, ମିଗୁଏଲ୍ ହେର୍ନାନ୍ଦେ, ଝାଳ, ଏଲ୍ ସୁଦର, ସ୍ପେନୀୟ କବି

## ପ୍ରସଙ୍ଗ :

ଅନେକ ସମୟରେ ଜଣେ ଜଣେ କବିଙ୍କ ଗୋଟିଏ ଗୋଟିଏ କବିତା ସିଦ୍ଧ-କବିତାରେ ରୂପାନ୍ତରିତ ହୋଇ ମୂର୍ତ୍ତିମାନ ହୋଇଥାଏ । ପ୍ରତ୍ୟେକ ସଫଳ କବିତା ଅବଶ୍ୟ ଏକ ଏକ ସାର୍ଥକ କବିତା । ମାତ୍ର ସେଥିମଧ୍ୟରେ ବି ଥାଏ କେତେକ ଶ୍ରେଷ୍ଠ ଓ ଉତ୍ତୀର୍ଣ୍ଣ କବିତା । କବି ଶତ୍ରୁଘ୍ନ ପାଣ୍ଡବଙ୍କ ‘ଝାଳ’ ସେହିଭଳି ଏକ ଉତ୍ତୀର୍ଣ୍ଣ କବିତ୍ୱର ଉଦାହରଣ । ‘ଝାଳ’ କବିତାଟି ତାଙ୍କର ‘ସାବରମତି’(୨୦୦୦) କବିତା ସଂକଳନରେ ସଂକଳିତ । କବିତାଟି ଦୀର୍ଘ ହୋଇ ନଥିଲେ ହେଁ ସାତ ଭାଗରେ ବିଭକ୍ତ । ଏହି ଅର୍ଥରେ ଭାଗ କୁହାଗଲା; କାରଣ ସେହି ସାତଟି ପର୍ଯ୍ୟାୟରେ କବି ‘ଝାଳ’ର ବିବିଧ ରୂପ ଓ ବିମ୍ବକୁ ପ୍ରତ୍ୟକ୍ଷ କରିଛନ୍ତି କବିତାର କାନ୍‌ଭାସ୍‌ରେ। ସମଗ୍ର କବିତାରେ ‘ଝାଳ’ ମୂଲ୍ୟର ପ୍ରତୀକ ! (ଯାହା କିଛି ମୂଳ ହୁଏ ତା’ ଝାଳ ।) କବି ଶତ୍ରୁଘ୍ନ ପାଣ୍ଡବ

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI: https://doi.org/10.5281/zenodo.16918406
Article No - BPP00312

**ଯୋଗାଯୋଗ :**
**ଡକ୍ଟର ଆଲୋକ ବରାଳ,** ଓଡ଼ିଆ ବିଭାଗ,
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ
**E-mail.ID :** abaral@cuo.ac.in
**ORCID ID :** https://orcid.org/0009-0005-6962-9522

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୪.୦୪.୨୦୨୫ | ୧୧.୦୫.୨୦୨୫ | ୨୫.୦୬.୨୦୨୫ | ୧.୦୭.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ବରାଳ, ଆଲୋକ; ୨୦୨୫। ଶତ୍ରୁଘ୍ନ ପାଣ୍ଡବଙ୍କ ‘ଝାଳ’ ଏବଂ ମିଗୁଏଲ୍ ହେର୍ନାନ୍ଦେଙ୍କ ‘ଏଲ୍ ସୁଦର’ : ଏକ ଅନ୍ତରଙ୍ଗ ତୁଳନାତ୍ମକ ମୂଲ୍ୟାୟନ। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା : ଘ ; ପୃଷ୍ଠା :୯-୧୭।

(୧୯୫୫-)ଙ୍କ କାବ୍ୟଯାତ୍ରା ଆଜି ଏକ ଉତ୍ତରିତ ପର୍ଯ୍ୟାୟରେ ଅବସ୍ଥାପିତ । 'ନିଶ୍ୱାସର ତାଳପାତ୍ର' (୧୯୮୩), 'ପଦ୍ମ ପାଲିଙ୍କି' (୧୯୯୬),'ସାବରମତି' (୨୦୦୦), 'ଦୃଶ୍ୟବୋଧ' (୨୦୦୪), 'ଶ୍ରାବସ୍ତୀରୁ ଶ୍ରାବସ୍ତୀ' (୨୦୦୮), 'ପାଣି ଓ ଅନ୍ୟାନ୍ୟ କବିତା' (୨୦୧୧), 'ମିଶ୍ର ଧ୍ରୁପଦ(୨୦୧୬), 'ସୁନୟନା ଓ ଅନ୍ୟାନ୍ୟ ସ୍ତବକ' (୨୦୨୧) ଭଳି କବିତା ସଂକଳନରେ ତାଙ୍କର କାବ୍ୟ-ଭୂମିକୁ ସ୍ପର୍ଶ କରାଯାଇପାରିବ । ସମକାଳୀନ କବି କୌଣସି ସ୍ୱତନ୍ତ୍ର ବିଚାରଧାରା ଦ୍ୱାରା ପିଷ୍ଟ ନୁହେଁ; ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଆବେଦନ ତଥା ବିବିଧ ଚିନ୍ତନ ଓ ଅଭିବ୍ୟକ୍ତି ତା'ର କାବ୍ୟ-ପରିଧିକୁ ସମୃଦ୍ଧ କରିଥାଏ । କବି ଶତ୍ରୁଘ୍ନ ପାଣ୍ଡବଙ୍କ ପ୍ରସଙ୍ଗରେ ଏଭଳି କୁହାଯାଇପାରେ ଯେ ଉତ୍ତର ଆଧୁନିକ ବିଚାର ଓ ବିବେଚନା ସହିତ ସାମାଜିକ ସମ୍ବେଦନା; ଇତିହାସ ଓ ଭୂଗୋଳ-କକ୍ଷ; ଇତିହାସ ଓ ମିଥ୍‌ର ନବ-ମୂଲ୍ୟାୟନ; ପ୍ରକୃତି ଓ ପର୍ଯ୍ୟାବରଣ ସଚେତନତା; ଆଞ୍ଚଳିକ ଓ ସ୍ତରୀୟ ଜୀବନର ଉତ୍ଥାନ; ସମାଜ ଓ ସଂସ୍କୃତି ନେଇ ସଚେତନତା; ସାମାଜିକ-ଆର୍ଥିକ କ୍ଷୋଭ ଓ ଅନୁଚିନ୍ତା; ବ୍ୟକ୍ତି ଅଧିକାର; ଧର୍ମୀୟ ଓ ଆଧ୍ୟାତ୍ମିକ ଅନ୍ୱେଷା ଓ ନବ-ମୂଲ୍ୟାୟନ; ତଥା ଶୈଳୀରେ କବିଙ୍କ ସ୍ୱୀୟ ସ୍ୱତନ୍ତ୍ର ଅଭିବ୍ୟକ୍ତି ତାଙ୍କୁ ଦେଇଛି ଭିନ୍ନ ଏକ ପରିଚୟ ।

## 'ଝାଳ'ର ପ୍ରଥମ ପର୍ବ: ଶ୍ରମପିଷ୍ଟ ମଣିଷର ଆଦିମ ଇତିହାସ

ମାନବ ସଭ୍ୟତା ଯେତିକି ପ୍ରାଚୀନ 'ଜୀବନ' ଓ 'ଶ୍ରମ'ର ଇତିହାସ ମଧ୍ୟ ସେତିକି ପ୍ରାଚୀନ । ଯାହା ସାର ବା ନିର୍ଯ୍ୟାସ; ଯାହା ଦେଇ କଳିହୁଏ ଭିତ୍ତିର ଭବିତବ୍ୟକୁ; ଯାହା ପରିପୂର୍ଣ୍ଣତାର ପ୍ରାକ୍ ସାଙ୍କେତିକ ଅଭିବ୍ୟକ୍ତି; ଶ୍ରମର ସାର୍ଥକତା । ଏହି ପ୍ରଥମ ଚରଣରେ ଝାଳ ସେହି 'ଶ୍ରମ' ଓ 'ଶ୍ରମପିଷ୍ଟ-ସାର୍ଥକତା'ର ପ୍ରତୀକ । ପ୍ରଚଣ୍ଡ-ଉତ୍ତପ୍ତ ଲାଭା ହୋଇ ଯେଉଁ ଧାତବ-ପିଣ୍ଡ ତରଳ ହୋଇ ବୋହିଯାଏ, ଆଉ ତାକୁ ତରଳ ଲାଭାରେ ବଦଳେଇବା ପାଇଁ ମଣିଷ ତା'ର ରକ୍ତକୁ ସ୍ୱେଦରେ ରୂପାନ୍ତରିତ କରିବାର ଅନ୍ତହୀନ ତୀବ୍ର-ଉଷ୍ମ ଶ୍ରମ ହେଉ ଅବା ମଣିଷର ଅସରନ୍ତି ତୀବ୍ର ଭୋକ ଆଉ ତାହାର କ୍ଷୁଧାର୍ତ୍ତ-ଅସମ୍ଭାଳ ଅପେକ୍ଷାର ମୁହୂର୍ତ୍ତ; ପ୍ରତୀକିତ କରେ ଭାତହାଣ୍ଡିର ସ୍ନିଗ୍ଧ ବାସ୍ନା; ଡାଙ୍କୁଣୀ ଠେଲି ଉପରକୁ ଉଠି ଆସୁଥିବା ଭାତହାଣ୍ଡିର ବାମ୍ଫ ଭିତରେ ଉଭୟ କ୍ଷୁଧା ଓ କ୍ଷୁଧାର୍ତ୍ତର ଅନନ୍ତ ଅପେକ୍ଷା ସାର୍ଥକତା ରହିଛି ସଂଯୁକ୍ତ । ଶ୍ରମ ଓ ସାର୍ଥକତାର ପ୍ରଚ୍ଛନ୍ନରେ ସବୁବେଳେ ମଣିଷ ହିଁ ଶ୍ରମର ନିଆଁରେ ତାପି ହୋଇ 'ସ୍ୱେଦ' ହୋଇ ବୋହିଯାଏ: "ଯାହା କିଛି ମୂଳ ହୁଏ ତା' ଝାଳ । / ଯାହା ତରଳି ବୋହିଯାଏ ଫର୍ନେସରେ / ଉତ୍ତପ୍ତ ଲାଭା, ଭାତହାଣ୍ଡିର ଡାଙ୍କୁଣୀ ଠେଲି / ଉଠିଆସେ ଯେଉଁ ବାମ୍ଫ, ସବୁ ଝାଳ । ମେହେନତିର ସବୁ ପରିଭାଷା ନା ନିଆଁର/ ଲହଲହ ଶିଖା, ଏଇ ଝାଳ ?" ଉପଯୁକ୍ତ



ପଂକ୍ତିରେ ଶ୍ରମଜୀବୀ ମଣିଷର ସ୍ୱେଦ ହିଁ ଫର୍ନେସର ଉତ୍ତପ୍ତ ଲାଭା ଓ ଭାତ ହାଣ୍ଡିର ବାମ୍ଫ ଭାବେ ଅଭିକଳ୍ପିତ ! ଆଉ ଏସବୁ ମୂଳରେ ସଂଯୁକ୍ତ ମଣିଷର ଉଦଗ୍ର ଉଦର-କ୍ଷୁଧା ! ଯାହା 'ଡାଙ୍କୁଣୀ' ଦେଇ ହୋଇଛି ପ୍ରତୀକିତ ! ସେହି ଭୋକ ହିଁ ସବୁକିଛି କରାଇଥାଏ ମଣିଷକୁ । କବିତାରେ ଭୋକର ପ୍ରଚଣ୍ଡତା 'ଭାତହାଣ୍ଡି' ଓ 'ଡାଙ୍କୁଣୀ ଠେଲି' ଭଳି ଅଭିବ୍ୟକ୍ତିରେ ସ୍ପଷ୍ଟତଃ ବ୍ୟକ୍ତ ହୋଇଥାଏ । ତେଣୁ 'ଝାଳ' ସାଧାରଣ ଶ୍ରମଜୀବୀ ମଣିଷର କ୍ଷୁଧା ଓ କ୍ଷୁଧାର୍ତ୍ତର ଆଦିମତମ ଇତିହାସକୁ ସୂଚିତ କରିବା ସହିତ ଶ୍ରମପିଷ୍ଟ ଜୀବନବୋଧକୁ କରିଥାଏ ଅଭିବ୍ୟଞ୍ଜିତ ।

## 'ଝାଳ'ର ଦ୍ୱିତୀୟ ପର୍ବ: ସ୍ମୃତିମୟ ନଷ୍ଟାଲଜିଆ, ସ୍ୱେଦ-ସ୍ମୃତି ଓ ସ୍ନିଗ୍ଧ ଜୀବନବୋଧ

ମଣିଷ ଜୀବନରେ 'ଝାଳ'ର ବେଶ୍ ମହତ୍ତ୍ୱ ରହିଛି । ଶିଶୁଟିଏ ଜନ୍ମ ହେବା ପୂର୍ବରୁ ତା'ର ମା'ର ସ୍ୱେଦ ସହିତ ସେ ପରିଚିତ ଥାଏ । ମା' ଓ ଶିଶୁର ସଂପର୍କ ସ୍ୱେଦ-ଦୁଗ୍ଧ-ଚର୍ମ ଦେଇ ପରିପୁଷ୍ଟିତ ହୋଇଥାଏ । ଯାହାଦେଇ ସୁରକ୍ଷାଭାବ-ବାତ୍ସଲ୍ୟବୋଧ-ଅନାବିଳ ମାନବିକତା-ଜୀବନର ପ୍ରାରମ୍ଭ ଭଳି ଉପଲବ୍ଧିର ଘଟିଥାଏ ପରିପ୍ରକାଶ । ଯାହାକୁ ଜୀବବିଜ୍ଞାନ ଓ ମାନବିକ ବ୍ୟବହାର ବିଜ୍ଞାନ କହିଥାଏ Scent Memory ବା ସ୍ୱେଦ-ସ୍ମୃତି । ତେଣୁ ଶିଶୁର ଜନ୍ମ ପୂର୍ବରୁ ଏପରିକି ପରେ ମଧ୍ୟ ମା'-ଶିଶୁ ଭିତରେ ଯେଉଁ ଭାଷାହୀନ ବାର୍ତ୍ତାଳାପ ହୋଇଥାଏ, ତାହାର ମାଧ୍ୟମ ବେଶ୍ ରହସ୍ୟମୟ ! ଶିଶୁ ଜନ୍ମପରେ; ଯେତେବେଳେ କି ତା'ର ଦୃଷ୍ଟିଶକ୍ତି ପ୍ରଖର ହୋଇ ନଥାଏ; ଏପରିକି ମା' ସହିତ ତା'ର ସ୍ଥୂଳ ପରିଚୟ ଅସ୍ପଷ୍ଟ ହୋଇଥିବା ସତ୍ତ୍ୱେ ସେ ଚିହ୍ନି ପାରିଥାଏ ତା'ର ମା'କୁ । ଯାହାକୁ ବିଜ୍ଞାନର ଭାଷାରେ Sensory Language ବା ସ୍ପର୍ଶ-ଭାଷା ବୋଲି କୁହାଯାଇଥାଏ । କବିତାର ଏହି ପର୍ବରେ ବେଶ୍ ସ୍ମୃତିମୟ ନାନ୍ଦନିକତାରେ ଛଳଛଳ ନଷ୍ଟାଲଜିଆକୁ ଲକ୍ଷ୍ୟ କରାଯାଇପାରିବ । ଗୋଟିଏ ଅତି ପରିଚିତ ମା' ଆର୍କିଟାଇପ ଦେଇ ରମ୍ୟ-ନିବିଡ଼ ଅବବୋଧରରେ କବିଙ୍କ ଅଭିବ୍ୟକ୍ତି ଅତ୍ୟନ୍ତ ନିଚ୍ଛକ । ଯେଉଁଠି ମା' ଜଣେ ହିଁ ଜାଣିପାରେ ଘରର ଅଲୁଗୁଣୀରେ ଏକା ଭଳି ଦିଶୁଥିବା ଜିନିଷମାନଙ୍କ ମଧ୍ୟରୁ କାହାର କେଉଁଟା; କେଉଁଟା ବାବାଙ୍କର । ଅନୁରୂପ ଭାବରେ ମା'ର ଅନୁପସ୍ଥିତି ବା ଅବର୍ତ୍ତମାନରେ ପିଲାଟିଏ ମା'ର ପାଲଟା ଶାଢ଼ିକୁ ଶୁଂଘି ଘୋଡ଼ିହୋଇ ତା'ର ନଥିବାର ଶୂନ୍ୟତାକୁ ପ୍ରଶମିତ କରିବାର ଅବବୋଧ ଭିତରେ ଅନୁଭବି ହେବ ମା'ର ଅଭାବ ଆଉ ମା'ବିହୀନ ପୃଥିବୀର ଅନ୍ତହୀନ ଖାଁ ଖାଁ ଶୂନ୍ୟପଣକୁ ! ମା'ର ଶାଢ଼ି ଭିତରେ ମା'ର ଝାଳର ମହାର୍ଘ ସୁଗନ୍ଧ; ଯାହାକୁ ସେ ଚିହ୍ନିଛି ସେ ତା'ର ପ୍ରାକ୍ ଜନ୍ମ ଅବସ୍ଥାରୁ; ତା'ର ବାଲ୍ୟକାଳରୁ । ସ୍ୱେଦ ସହ ମଣିଷର ସମ୍ପର୍କର ଇତିହାସ ଯେତିକି ଆତ୍ମୀୟ ତତୋଽଧିକ ନିବିଡ଼

ତା'ର ସମଗ୍ର ଅସ୍ତିତ୍ୱ ସହିତ । ଯେଉଁ ଝାଳ ଗନ୍ଧକୁ ସେ ଲହୁ ଭଳି ଜାଣିଛି; ନାଭିଚ୍ୟୁତ ନହେବାର ପ୍ରାକ୍ ଜୀବନରେ ତାହା ଥିଲା ତା'ର ଜୀବନ ଓ ପ୍ରାଣର ଅମୃତ ମୋଣହି ! ଯେଉଁ ସ୍ୱେଦ ଓ ରକ୍ତ ଏକାକାର ହୋଇ ନିର୍ମିତ ହୋଇଛି ତା'ର ସମଗ୍ର କାୟା ଆଉ ଅସ୍ତିତ୍ୱ ! ତେଣୁ ସ୍ୱେଦ ତା' ପାଇଁ ମା'ର ସ୍ତନର କ୍ଷୀର ଭଳି ଗାଢ଼ ଆଉ ନିବିଡ ! : "ଝାଳ ଗନ୍ଧରୁ ମା' ଜାଣି ପାରୁଥିଲେ / ଘର ଅଲଗୁଣୀରେ ଏକା ପରି ଦିଶୁଥିବା। ଜିନିଷମାନଙ୍କ ମେଳରୁ କୋଉଟା ବାବାଙ୍କର। / ଆଉ ପିଲାଦିନେ ଅକସ୍ମାତ୍ ଅନୁପସ୍ଥିତ ଥିବା / ମା'ଙ୍କ ପାଲଟା ଶାଢି ଶୁଂଘି, ଘୋଡ଼ି ହୋଇ / ଭରୁଥିଲି ସେ ନଥିବାର ଶୂନ୍ୟତାକୁ। / ଏମିତି ହିଁ ଝାଳର କଥାଲଥାମାନ । / ଝାଳର ଗନ୍ଧ ରକ୍ତ ପରି, ମା' ସ୍ତନର / କ୍ଷୀର ପରି ଗାଢ ଓ ନିବିଡ଼।"

## 'ଝାଳ'ର ତୃତୀୟ ପର୍ବ: ଇତିହାସର ଗର୍ଭରେ ଅପସୃତ ସ୍ୱେଦ-ସିକ୍ତ ଇତିହାସ

'ଝାଳ' କବିତାରେ 'ରକ୍ତ' ଓ 'ସ୍ୱେଦ'ର ସମ୍ପର୍କ ଏକାକାର । କବିତାର ଏହି ପର୍ଯ୍ୟାୟରେ କବି ଦେଖୁଛନ୍ତି ଅତୀତ ଇତିହାସର ପ୍ରେକ୍ଷାରେ 'ଝାଳ'ର ଅଭିବ୍ୟକ୍ତିକୁ । ତାହାର କାନ୍‌ଭାସ୍‌ରେ ମାଳମାଳ ଈର୍ଷା-ଦ୍ୱେଷ-ହିଂସା-ଷଡ଼ଯନ୍ତ୍ରର ବୀଭତ୍ସ ରକ୍ତଛିଟିକା; ଜୟ-ପରାଜୟର ଅସଂଖ୍ୟ ଯୁଦ୍ଧର ଘନଘଟା ଦେଇ ଅତୀତକୁ କବି ଦେଖୁଛନ୍ତି ଇତିହାସର ଆଇନାକୁ; ଯାହାର ସ୍ମାରକୀ ଭାବେ କଳଙ୍କି ଲଗା ଖଣ୍ଡା-ଖୋଳ ଓ ପରିତ୍ୟକ୍ତ ଘୋଡ଼ାଶାଳର ଭଗ୍ନ-କାନ୍ଥର ଜରାଜୀର୍ଣ୍ଣତାରେ ଅନୁଭବି ହେବ ସ୍ୱେଦ ଓ ଲହୁର ଉଷ୍ମ-ସିକ୍ତ ସ୍ପର୍ଶ ଓ ଗନ୍ଧକୁ । ତା' ସହିତ ଇତିହାସର ଗର୍ଭରେ ଫସିଲ୍ ହୋଇଯାଇଥିବା ମଣିଷ ଓ ଗଛଙ୍କ ଅଜ୍ଞାତ ଅତୀତ; ଅବଲୁପ୍ତ ସାମ୍ରାଜ୍ୟ ଓ ବିଜିତର ଶିଳାଲିପି; ଭବିଷ୍ୟତ ପାଇଁ ପୂର୍ଣ୍ଣଭାବେ ଜଡ଼ ହୋଇଯାଇଥିବା ଅସଂଖ୍ୟ ମଣିଷ ଓ ସଭ୍ୟତାର ଧ୍ୱସ୍ତ ବୁନିଆଦି ଭିତରେ କବି ଆଘ୍ରାଣ କରିଛନ୍ତି ସ୍ୱେଦ-ସିକ୍ତ ଅପହୃତ ଓ ଅପସୃତ ଇତିହାସକୁ । ଅନୁରୂପ ଭାବେ କାଳକାଳ ଧରି କବିର ମଶୀକୁ ଅଶୀରେ ଲୁପ୍ତ କରିଦେବା ଭଳି ଅମାନବିକ ଅତ୍ୟାଚାର ଓ ଗଭୀର ଷଡ଼ଯନ୍ତ୍ରର ତଥା ବାକ୍ ସ୍ୱାଧୀନତାକୁ ଚାପିଦେବା ଭଳି ରାଜଶକ୍ତିର ନିର୍ମମତାରେ ସମାଧିସ୍ଥ କବି-ଅସ୍ମିତାକୁ ବି ଉପଲବ୍ଧି କରିଛନ୍ତି ସ୍ୱେଦର ଗନ୍ଧରେ: "ଶତାବ୍ଦୀ ଶତାବ୍ଦୀ ଧରି ଜଙ୍କଲଗା ଖଣ୍ଡାଖୋଳ, / ପରିତ୍ୟକ୍ତ ଘୋଡ଼ାଶାଳର କାନ୍ଥିନି, ମଣିଷ ଓ / ଗଛଙ୍କ ଫସିଲ୍, ଶିଳାଲିପି, ଭଙ୍ଗା ବୁନିୟାଦି / ଏମିତିକି ଫାଶୀ ପାଇଥିବା ଦ୍ରୋହୀ କବିର / ସମାଧି ଉପରେ ବଢିଥିବା ଗଛର ସବୁଜ ପତ୍ରରୁ / ଯୋଉ ଗନ୍ଧ ଆସେ ତା' ଝାଳର ।" କବିତାର ଏହି ଅଂଶରେ ଜଙ୍କଲଗା ଖଣ୍ଡା-ଖୋଳ, ପରିତ୍ୟକ୍ତ ଘୋଡ଼ାଶାଳର କାନ୍ଥନି, ମଣିଷ ଓ ଗଛଙ୍କ ଫସିଲ୍, ଭଙ୍ଗା ବୁନିଆଦି ଭଳି ଶବ୍ଦ-କଳ୍ପ ଅଭିବ୍ୟଞ୍ଜିତ କରେ ଇତିହାସର ହିଂସା-ଷଡ଼ଯନ୍ତ୍ର, ଜୟ-ବିଜୟର କ୍ଲେଦାକ୍ତ ଅହଂକାର ଆଉ ଲୁପ୍ତ ଜୀବିଷାର ଅବବୋଧକୁ । ସେହିଭଳି ଦ୍ରୋହୀ-କବିର ଫାଶୀ, ସମାଧି ଉପରେ ସବୁଜ ଗଛପତ୍ର ଭଳି ବିମ୍ବାତ୍ମକ ଅଭିବ୍ୟକ୍ତିରେ କବିକୁ ଅତୀତରେ କରାଯାଇଥିବା କଣ୍ଠରୋଧର କିପରି ବର୍ତ୍ତମାନରେ ଆଣିଦେଇଛି ସମ୍ମାନ (ସମାଧି ଉପରେ ବଢିଥିବା ଗଛର ସବୁଜ ପତ୍ର); ସେ କଥାଟି ବେଶ୍ ସଙ୍କେତଧର୍ମୀ ! ଏ କଥାକୁ ଅଧିକ ସ୍ପଷ୍ଟକରି କୁହାଗଲେ କଥାଟି ହୁଏତ ଏମିତି ଯେ ଅତୀତରେ ବିଦ୍ରୋହୀ ସାଜିଥିବା କବିର ଲାଲ ରକ୍ତର ସମାଧି ଉପରେ ବର୍ତ୍ତମାନର ଗଭୀର ସବୁଜତା; ବ୍ୟଞ୍ଜିତ କରେ ଇତିହାସର ନବ-ମୂଲ୍ୟାୟନ ପ୍ରସଙ୍ଗକୁ ।

## 'ଝାଳ'ର ଚତୁର୍ଥ ପର୍ବ: କେତେବେଳେ ସନ୍ଦିଗ୍ଧ ତ କେତେବେଳେ ସଂଶୟପୂର୍ଣ୍ଣ !

'ଝାଳ' ମଣିଷର ଜନ୍ମରୁ ମୃତ୍ୟୁ; ଶ୍ରମରୁ ଶ୍ରମଣ; ଭାଗ୍ୟରୁ ଭବିତବ୍ୟ; ଭୂମିରୁ ଭୂମା ସବୁଠାରେ ପ୍ରଲମ୍ବିତ । 'ଝାଳ' ମଣିଷର ସ୍ଥିତିର ସଂକେତ ହୋଇ ପରିଲକ୍ଷିତ ହୋଇଛି କବିତାର ଛତ୍ରେଛତ୍ରେ । ଝାଳ ତା'ର ପରିଚୟ ପୁଣି ପରିଣତି ! ତେଣୁ କବି କହୁଛନ୍ତି 'ଝାଳ'ର ଗନ୍ଧରୁ ହିଁ ଜାଣିହେବ ଯେ ପବନର ପଣତକାନିରୁ ଆସୁଥିବା ବାସ୍ନା ନହନହକା ଧାନକେଣ୍ଡାର ନା ଆଉ କାହାର । ସେହିଭଳି ମୋଜାଇକ ଘରର କାନ୍ଥବାଡ଼ରୁ ଯେଉଁ ବାସ୍ନା ଆସୁଛି ତାହା ଦୁଃସ୍ଥିତିର ନା ଅର୍କ୍ଷିତର। ମଶାଣିରୁ ଯେଉଁ ଶବପୋଡ଼ାର ଗନ୍ଧ ଆସୁଛି ତାହା କୌଣସି କୁମାରୀ ବଧୂର ନା ନୁହେଁ ! ତେଣୁ 'ଝାଳ'ର ଗନ୍ଧ ବାରିବା ସହଜ ନୁହେଁ ସବୁବେଳେ: "ଝାଳର ଗନ୍ଧକୁ ବାରିଲେ ହିଁ କହିପାରିବ ଯାଇ / ପବନର ପଣତକାନିରୁ ଯୋଉ ବାସ୍ନା ଆସୁଛି / ତା' ନହନହକା ଧାନକେଣ୍ଡାର କି ନା ! / ମୋଜାଇକ୍ ଘରର କାନ୍ଥବାଡ଼ରୁ ଯୋଉ ବାସ୍ନା / ଆସୁଛି ତା' କେଉଁ ଆର୍ତ୍ତ ଅର୍କ୍ଷିତ କି ନା ! / ମଶାଣିରୁ ଶବପୋଡ଼ାର ଯୋଉ ବାସ୍ନା ଆସୁଛି / ତା' କେଉଁ କୁଆଁରୀ ବଧୂର କି ନା ! / ଝାଳର ଗନ୍ଧ ବାରିବା ସହଜ ନୁହେଁ ଜମା।" କବିଙ୍କର ଏହି ଅଭିବ୍ୟକ୍ତିରେ ପବନରେ ଧାନ ଶିଂଷାର ବାସ୍ନା; କୋଠାଘରୁ ଦାରିଦ୍ରତାର ବାସ୍ନା; ମଶାଣିରୁ କୁମାରୀ ନବବଧୂର ପୋଡ଼ାଶବର ବାସ୍ନା ଭଳି ପଂକ୍ତି-ସମୂହରେ ଧାନକେଣ୍ଡାର ଅବତାରଣା ବ୍ୟତୀତ ଅନ୍ୟ ପ୍ରସଙ୍ଗରେ ବିରୋଧାଭାସ ପରିଲକ୍ଷିତ ହୋଇଥାଏ । ଅର୍ଥାତ୍ 'କୋଠା-ମୋଜାଇକ ଘରୁ ଦୁଃଖ' କିମ୍ବା 'ମଶାଣିରୁ କୁମାରୀ ନବବଧୂର ପୋଡ଼ାଶବ'ର ବାସ୍ନା ମନେ ହୋଇପାରେ ସନ୍ଦିଗ୍ଧ କିମ୍ବା ସଂଶୟପୂର୍ଣ୍ଣ ! କିନ୍ତୁ କବିଙ୍କ ବକ୍ତବ୍ୟର ପ୍ରଚ୍ଛନ୍ନରେ ରହିଛି ମଣିଷର କାକୁସ୍ଥପଣ ଓ ଅଭାବବୋଧର ତୀବ୍ର ତାଡ଼ନା ! ଅର୍ଥାତ୍ ମୋଜାଇକ୍ କାନ୍ଥଘରେ ବି ଥାଇପାରେ ଦାରିଦ୍ରତା ଆଉ ଅଭାବବୋଧ ।

ଆଉ ଅଭାବୀ ବାପଟିଏ ନିଜ ବିବାହଯୋଗ୍ୟା କୁମାରୀ କନ୍ୟାକୁ ବାହାଦେବାରେ ଘଟିତ ସମସ୍ୟା ଓ ସନ୍ତ୍ରସ୍ତପଣରେ ମଣିଷର ଚିର ଅସହାୟତା 'ଝାଳ'ର ଏହି ପଦରେ ଅତ୍ୟନ୍ତ ସଂବେଦନଶୀଳ । ସେହି କଥାକୁ ହିଁ କବି ସଙ୍କେତରେ କହିଛନ୍ତି ଯେ ଝାଳର ଗନ୍ଧ ବାରିବା ସହଜ ନୁହେଁ ସବୁବେଳେ ! କବିତାର ଏହି ପଦରେ 'ଝାଳ' ଅବଶ୍ୟ ଜୀବନ ଓ ଅସ୍ତିତ୍ୱର ପ୍ରତୀକ; କିନ୍ତୁ ତା'ର ଅଭିବ୍ୟକ୍ତି ସବୁବେଳେ ସମାନ ନୁହେଁ ।

## 'ଝାଳ'ର ପଞ୍ଚମ ପର୍ବ: ଝାଳ ମଣିଷର ଅସ୍ତିତ୍ୱ ଓ ନିସର୍ଗ ପ୍ରକୃତିର ରମଣୀୟତାରେ ତଲ୍ଲୀନ ପୁଣି ଭୂମି ଓ ଭୂମାରେ ଆତ୍ମ-ରୂପାନ୍ତରିତ !

କବି 'ଝାଳ' କବିତାରେ ବତୁରିଯାଇଛନ୍ତି ଝାଳର ଅପୂର୍ବ ନଷ୍ଟାଲ୍‌ଜିଆରେ । 'ଝାଳ' ସହିତ ମଣିଷର ସମ୍ପର୍କ ତା'ର ଜନ୍ମର ପୂର୍ବରୁ ଏବଂ ତାହା ତ୍ୱରାନ୍ୱିତ ହୋଇ ରହିଥାଏ ତା'ର ସମଗ୍ର ଜୀବନ ! 'ଝାଳ' ଆତ୍ମୀୟପଣର ଅନୁଭବ; ପୁଣି 'ଝାଳ' ଜୀବନର ଅପୂର୍ବ ମହାର୍ଘ ଉପଲବ୍ଧି । ଝାଳ ସହିତ ଯେଉଁ ମଣିଷର କୌଣସି ସମ୍ପର୍କ ନାହିଁ; ସେ ହୁଏତ ଛିନ୍ନମୂଳ ଏହି ସଭ୍ୟତାରୁ ! ଏ ମଣିଷ ମାଟିର ମଣିଷ ପୁଣି ଅମୃତ-ସନ୍ତାନ ! ସଭ୍ୟତାର ସୃଷ୍ଟି ପୂର୍ବରୁ ବି ମଣିଷ ଛାଡ଼ିପାରିନି ଛିନ୍ନ କରି ତା'ର ମାଟିର ସଂପର୍କକୁ । ଯେଉଁ ଭୂମିରୁ ସେ ସୃଷ୍ଟି ହୋଇଛି ସେହି ଭୂମିକୁ ସେ କହିଛି ତା'ର ମା' ଓ ମାତୃଭୂମି । ଆଉ ସେହି ଭୂମିକୁ କର୍ଷଣ କରି ସେ ଉତ୍ପାଦନ କରିଛି ଶସ୍ୟର ତଣ୍ଡୁଳ ! ତେଣୁ ମାଟି ସହ ସେ ହୋଇଛି ଏକାକାର; ସଂଘର୍ଷ କରିଛି ମାଟି ସହ ଆଉ ଯୁଝିଛି ବି ମାଟି ପାଇଁ । ତେଣୁ ତା'ର 'ଶ୍ରମ' ଓ 'ଜୀବନ'ର ପ୍ରତୀକ 'ଝାଳ'ରେ ବି କବି ଆଘ୍ରାଣ କରିଛନ୍ତି ମାଟିର ବାସ୍ନାକୁ । ଅନୁରୂପ ଭାବେ କବି 'ଝାଳ' ଭିତରେ ଶସ୍ୟର ସୁବାସ; ଅନୂଢ଼ା ମେଘର ଛଳଛଳ ନାନ୍ଦନିକତା; ଝରାବଉଳର ରମ୍ୟ-ସ୍ନିଗ୍ଧ-ସୁଗନ୍ଧିତ ସୌନ୍ଦର୍ଯ୍ୟବୋଧ; ପ୍ରଥମ ବର୍ଷାରେ ଉଷ୍ଣଭୂମିରୁ ଉତ୍ସରିତ ଭୁରୁଭୁରୁ ମହକିତ ମାଟିଗନ୍ଧ ଭିତରେ ସ୍ପର୍ଶ କରିଛନ୍ତି ଝାଳର ମହତ୍ତ୍ୱକୁ । ଏହି ପଂକ୍ତିରେ କବି ସାମାନ୍ୟ ରହସ୍ୟମୟ ମନେ ହୁଅନ୍ତି; ଯେଉଁଠି ସେ 'ଝାଳ' ଓ 'ହାଡ଼' ଭିତରେ ସବୁଯାକ ଧଳା କହି ରକ୍ତ ଭିତରେ ସବୁଯାକ ନାଲି ଦିଶେ ବୋଲି ଦେଇଥିବା ଅଭିବ୍ୟକ୍ତିରେ ଶ୍ୱେତ-ଅସ୍ଥିମଜ୍ଜା (ହାଡ଼)ରେ ବି ଆଉ ସମଗ୍ର ଶରୀରରେ ଲୋହିତ ରକ୍ତକଣିକାର ଯେଉଁ ଅଭିବ୍ୟଞ୍ଜନା ବ୍ୟକ୍ତ କରିଛନ୍ତି; ତାହା ପ୍ରତୀକିତ କରେ ସ୍ୱେଦର ଉପସ୍ଥିତି ଓ ଅସ୍ତିତ୍ୱକୁ ! ଆହୁରି ସ୍ପଷ୍ଟ କରି କୁହାଗଲେ ସ୍ଥୁଳତଃ ତାହା ସମଗ୍ର ଭାବେ ମାନବୀୟ ସ୍ଥିତିକୁ ସୂଚିତ କରିଥାଏ । ସେହିଭଳି 'ଭୂମି' ଓ 'ଭୂମା'ର ପରିକଳ୍ପନା ସହ 'ଜୀବନ' ଓ 'ପ୍ରକୃତି'କୁ କବି ଏକତ୍ର 'ଝାଳ' କବିତାରେ କରିଛନ୍ତି ସନ୍ଦର୍ଶନ । ସେହି କାବ୍ୟ-ନାନ୍ଦନିକତାରେ କବି ଝାଳ ଭିତରେ ବି ଦେଖିଛନ୍ତି ବିଚିତ୍ରବର୍ଣ୍ଣା ଖରା,ଆକାଶର ତାରା, ଅଶିଣର ରତୁ, ନୀଳାଭ ଆକାଶ ଆଉ ନିଦାଘର ଜଟାଜୁଟ ଆଉ ଚୋରା ଚୈତାଳି ! : "ଝାଳ ଭିତରେ ଥାଏ ଏଇ ମାଟିର ଗନ୍ଧ, / ଶସ୍ୟର ଗନ୍ଧ, ଅନୂଢ଼ା ମେଘ, ଝରା ବଉଳ / ଆଉ ପ୍ରଥମ ବର୍ଷା ଟୋପାର ଗନ୍ଧ । ଝାଳ ଭିତରେ ହାଡ ଭିତରେ ସବୁଯାକ ଧଳା / ରକ୍ତ ଭିତରେ ସବୁଯାକ ନାଲି ହିଁ ଫୁଟିଦିଶେ । / ଦିଶେ: ଖରା, ତରା, ଅଶିଣ, ଆକାଶର ନେଳି / ନିଦାଘର ଜଟାଜୁଟ ଆଉ ଚୋରା ଚଇତାଳି ।" କବିତାର ଏହି ପଦର ମାଟି-ସମ୍ପୃକ୍ତି ଦ୍ୱିତୀୟ ପର୍ବର ସ୍ମୃତିମୟ ନଷ୍ଟାଲ୍‌ଜିଆଠାରୁ ବେଶ୍ ଅଲଗା; କାରଣ ସେଠାରେ ସ୍ମୃତିମୟ ଜୀବନବୋଧ ଅଧିକ ଭାବାତ୍ମକ ହୋଇଥିବା ସ୍ଥଳେ ଏହି ପଦରେ କବି ମଣିଷର ମାଟିମନସ୍କତା ସହିତ ମଣିଷର ସମଗ୍ର ଅସ୍ତିତ୍ୱ ଓ ନିସର୍ଗ ପ୍ରକୃତିର ରମଣୀୟ ତଲ୍ଲୀନତାରେ ସର୍ବୋପରି ଭୂମି ଓ ଭୂମା ଭିତରେ ଅନୁଭବିଛନ୍ତି ସ୍ୱେଦର ଆତ୍ମ-ରୂପାନ୍ତରଣକୁ....।

## 'ଝାଳ'ର ଷଷ୍ଠ ପର୍ବ: 'ଝାଳ' ଉଭୟ 'ଅପ୍ରାପ୍ତି' ଓ 'ପ୍ରାପ୍ତି'ର କପାଳ-ଚନ୍ଦନ !

'ଝାଳ' ଶ୍ରମ ପୁଣି ଉପାର୍ଜନ; ଶକ୍ତି ପୁଣି ସାମର୍ଥ୍ୟ; କ୍ଳାନ୍ତି ପୁଣି ଆହ୍ଲାଦ; ଅଶ୍ରୁ ପୁଣି ଆନନ୍ଦ; କଷଣ-ଶୋଷଣ ପୁଣି ସମ୍ମାନର ସଂକେତ ! କେତେବେଳେ କାହାର ତାଡ଼ନାରେ; କେତେବେଳେ କାହାର ଯାତନାରେ; କେତେବେଳେ କାହାର କଷଣରେ ନିର୍ଗତ ହୁଏ ଅଶାନ୍ତି ଓ ଅତୃପ୍ତିର ଝାଳ ତ କେତେବେଳେ ଝାଳ ପରିଶ୍ରମ-ଉପାର୍ଜନ ଓ ପ୍ରତୀକ୍ଷାର ସୁଫଳ; ପୁଣି କେତେବେଳେ ତାହା କପାଳର ମହାର୍ଘ ଚନ୍ଦନ ! ତେବେ କିପରି ତିଆରି ହୁଏ ଏ ଝାଳ; ହୁଏତ ରକ୍ତ-ଲୁହ-ନିଶ୍ୱାସ ଠୁଳୀଭୂତ ହେଲେ; ଅବା ସ୍ୱପ୍ନସବୁ ନିଗିଡ଼ି ବହିଗଲେ କିମ୍ବା ଫଟା ଗୋଇଠି ଆହୁରି ଫାଟି ଆଁ କଲେ ! କବି ଏହି ପଦରେ ଲହୁ-ଲୁହ-ନିଶ୍ୱାସ ଯେତେବେଳେ ପ୍ରଖର ହୋଇ ଏକୀଭୂତ ହୁଏ ଆଉ ସ୍ୱପ୍ନସବୁ ଭାଙ୍ଗି ଚୁରମାର ହୋଇଗଲେ କିମ୍ବା ସମସ୍ୟା ଆହୁରି ବଢ଼ିଗଲେ (ଫଟାଗୋଇଠି ଆହୁରି ଚଡ଼କି ଗଲେ) ତିଆରି ହୁଏ ଝାଳ ବୋଲି କହିବା ଭିତରେ ସ୍ୱପ୍ନ ଓ ସ୍ୱପ୍ନଭଙ୍ଗ ତଥା ଅସରନ୍ତି ଦୁଃଖ,କ୍ଷୋଭ ଓ କ୍ଳେଶର ପ୍ରତୀକ ଭାବେ ଦେଖିଛନ୍ତି ଝାଳକୁ । କବି ପୁନଶ୍ଚ ଯନ୍ତ୍ରଣା ଓ ସନ୍ତ୍ରସ୍ତବୋଧରେ ହେଉ ଅବା ଅନୁଶୋଚନାରେ ହେଉ; ବା 'ଶ୍ରମ'ର ସାର୍ଥକତାରେ ବା ଉପାର୍ଜନର ପରିଣତିରେ; ମଣିଷ କପାଳରେ ଝାଳକୁ ଚନ୍ଦନ କରି ମାଖେ ବୋଲି ଅବତାରଣା କରିଛନ୍ତି: "କିପରି ତିଆରି ହୁଏ ବୁନ୍ଦାଏ ଝାଳ ? ରକ୍ତ, ଲୁହ ଓ ନିଃଶ୍ୱାସ ଠୁଳ ହେଲେ ଠାଏ-/ ସ୍ୱପ୍ନ ନିଗିଡ଼ି ବହି ଗଲେ-/ ଫଟା ଗୋଇଠି ଆହୁରି ଚଡକି ଗଲେ-/ କିପରି ତିଆରି ହୁଏ ବୁନ୍ଦାଏ ଝାଳ ? କିପରି ତାକୁ ଚନ୍ଦନ ପରି ମାଖେ

ଏ କପାଳ ? ତେଣୁ 'ଝାଳ' ଉଭୟ ସ୍ୱପ୍ନ ଓ ସ୍ୱପ୍ନଭଙ୍ଗ ପୁଣି 'ଅପ୍ରାପ୍ତି' ଓ 'ପ୍ରାପ୍ତି'ର କପାଳ-ଚନ୍ଦନ !

## 'ଝାଳ'ର ସପ୍ତମ ପର୍ବ: କେବେ କୁହାଯାଇ ନଥିବା ଇତିହାସରେ ପ୍ରତ୍ୟାଖ୍ୟାତ ଓ ନିରୁଦ୍ଦିଷ୍ଟ ସ୍ୱେଦ-ସିକ୍ତ ମଣିଷଙ୍କ ଭାଗ୍ୟ !

'ଝାଳ' କବିତାର ଏହି ଶେଷପଦ ବେଶ୍ ବ୍ୟଞ୍ଜନାତ୍ମକ । ଏଠାରେ କବି ସେହି ମଣିଷଙ୍କ କଥା କହିଛନ୍ତି ଯେଉଁମାନେ କାଳକାଳ ଧରି ନିଜର ଶ୍ରମଦେଇ; ଲହୁ-ଲୁହ-ସ୍ୱେଦକୁ ଏକାକାର କରି ଗଢ଼ିଛନ୍ତି। ପ୍ରତ୍ୟେକ ନିର୍ମାଣକୁ ଯେଉଁମାନେ ରୂପ ଦେଇଛନ୍ତି; ଯେଉଁମାନେ ଅନ୍ୟପାଇଁ ଖଟନ୍ତି ବିଲ-ବାଡ଼ି-କ୍ଷେତ-ଖମାର; ଖଣି-କଳ-କାରଖାନା; ଘର-ମହଲ-ଅଫିସ୍-ଦପ୍ତର୍-ହସ୍ପିଟାଲ୍-ମନ୍ଦିର-କୋର୍ଟ-କଚେରି-ସଡ଼କ-ଡ୍ୟାମ୍-ବ୍ୟାରେଜ୍; ସବୁ ନିର୍ମାଣରେ ଯେଉଁମାନଙ୍କ ହାତର ସ୍ୱେଦାସିକ୍ତ ସ୍ପର୍ଶ; ଯେଉଁମାନଙ୍କ ଶ୍ରମର ସ୍ୱେଦରେ ଝଲସିତ ନିର୍ମାଣର ସ୍ତମ୍ଭ ! ଯେଉଁମାନେ ଅନୁଭବି ପାରନ୍ତି ଝାଳର ମହତ୍ତ୍ୱ ଓ ସୁଗନ୍ଧ ! ଯେଉଁମାନେ ବାରିପାରନ୍ତି ଝାଳର ବିଭେଦତା; ଯେଉଁମାନଙ୍କ ଝାଳରେ ଗଢ଼ା ଏ ବସୁନ୍ଧରା । ଯେଉଁମାନଙ୍କ ପାଇଁ ନିର୍ମାଣର ପୃଥିବୀ ଦିଶେ ଝଲମଲ ଆଉ ଧରା ଦିଶେ ଶୋଭାବନ୍ତ ସବୁଜ-ସଶ୍ୟ-ଶ୍ୟାମଳା ! କବିଙ୍କ ଭାଷାରେ ସେମାନଙ୍କ ପାଇଁ 'ଇନ୍ଦ୍ରଧନୁ ଯେଉଁଲାଗି ଦିଶେ ଏଡ଼େ ତୋରା' । ମାତ୍ର ସବୁଠାରୁ ବଡ଼କଥା ହେଉଛି ଯେଉଁମାନଙ୍କ ରକ୍ତ-ସ୍ୱେଦର ବିନିମୟରେ ଗଢ଼ା ଏହି ଧରା ସେମାନଙ୍କର ନୁହେଁ (ସେମାନଙ୍କର କୁଆଡ଼େ ନୁହେଁ ଏ ବସୁନ୍ଧରା) । କବିଙ୍କ ଭାଷାରେ : "ଯେଉଁମାନେ ନିଗାଡ଼ନ୍ତି ଝାଳ / ଯେଉଁମାନେ ବାରିପାରନ୍ତି ଝାଳର ବାସ୍ନା / ଇନ୍ଦ୍ରଧନୁ ଯେଉଁ ଲାଗି ଦିଶେ ଏଡ଼େ ତୋରା / କୁଆଡ଼େ ସେମାନଙ୍କର ନୁହେଁ ଏ ବସୁନ୍ଧରା !" କାଳକାଳ ଧରି ନିର୍ବାସିତ ଓ ପ୍ରତ୍ୟାଖ୍ୟାତ ଦଳିତ ସାଧରଣ ଶ୍ରମଜୀବୀ ମଣିଷଙ୍କ ଇତିହାସଟି ସମଧରଣର । ଯେଉଁଠି କବି 'ଝାଳ'ର କୌଣସି ମୂଲ୍ୟ ନଥିବା କଥାକୁ ବ୍ୟଞ୍ଜନା ମଧ୍ୟରେ ପରଶିଛନ୍ତି । ଅନ୍ତହୀନ ହତାଶା ଓ ପ୍ରତ୍ୟାଖ୍ୟାନରୁ ସେଥିପାଇଁ ସେମାନେ ଝାଳ ସରସର କପାଳକୁ ନୁଆଁଇ ଚାଲିଯାଆନ୍ତି ନିରୁଦ୍ଦିଷ୍ଟ ହୋଇ; ସମୟ ଓ ଇତିହାସ ଯେଉଁମାନଙ୍କୁ ଖୋଜେ ନାହିଁ କିମ୍ବା ଲୋଡ଼େ ନାହିଁ; ଆଉ ଇତିହାସରେ ଯେଉଁମାନଙ୍କ ନାଁ ଖୋଜିଲେ ବି ମିଳେନାହିଁ । ଯେଉଁମାନେ ଅନ୍ୟମାନଙ୍କ ପାଇଁ ଛାଡ଼ିଯାଆନ୍ତି ସେମାନଙ୍କର ରକ୍ତ-ସ୍ୱେଦରେ ଗଢ଼ା ନିର୍ମାଣକୁ । ସେଇମାନଙ୍କ ପାଇଁ ଯେଉଁମାନଙ୍କ କଠୋର, ଟାଆଁସା ଚମରୁ କେବେହେଲେ ବୁନ୍ଦାଏ ହେଲେ ଝାଳ ବୁହେ ନାହିଁ : "×× ଏଣୁ ସେମାନେ ଝାଳ ସରସର କପାଳ ନୁଆଁଇ / ଚାଲିଯାଆନ୍ତି କୁଆଡ଼େ ବୋଲି କୁଆଡ଼େ/ନିଜକୁ ଶୁଂଘି, ଖୁମ୍ପି, ନିଜ ଝାଳକୁ ପିଇ / ବସୁନ୍ଧରାକୁ ଭୋଗ କରିବାକୁ ଛାଡ଼ିଯାଆନ୍ତି / ଅବଶିଷ୍ଟ ଲୋକଙ୍କ ହାତରେ ଯେଉଁମାନଙ୍କ / ଟାଆଁସା ଚମରୁ ବୁନ୍ଦାଏ ବୋଲି ଝାଳ / ଜକାଇ ନ ଥାଏ କୌଣସି କାଳରେ ।"

'ଝାଳ' କବିତାର ଏହି ପର୍ବରେ କବିଙ୍କ କବିତାରେ ଶୁଣିହେବ ଦଳିତ ବିମର୍ଶର ସ୍ୱରକୁ । ତା' ସହିତ ସମାଜର ସେହିଭଳି ଏକ ବର୍ଗର ମଣିଷଙ୍କୁ ଯେଉଁମାନେ ଅନ୍ୟପାଇଁ ସବୁବେଳେ ନିଜର ବୁହାଇଛନ୍ତି ଝାଳ; ପଥରକୁ ଫଟେଇ ବାହାର କରିଛନ୍ତି ପାଣି ! ଏ ପ୍ରସଙ୍ଗଟି ସାର୍ବଜନୀନ ଏକ ପ୍ରସଙ୍ଗ ଯେଉଁଠାରେ ଆମେ ଭେଟିବା ସମାଜର ସେହିଭଳି ଏକ ଶ୍ରମଜୀବୀ ମଣିଷଙ୍କ ପଟୁଆରକୁ ! ଯେଉଁଠି ଭୋକ ଅଛି ; ଅଛି ଦରିଦ୍ରତା; ଅଛି ଅସରନ୍ତି ଦୁର୍ଭାବନା ଓ ଅପରିବର୍ତ୍ତିତ ବିମର୍ଷ ଭାଗ୍ୟର ଅନ୍ତହୀନ କାହାଣୀ ! ତେଣୁ ଏହା କେବଳ ଦଳିତଙ୍କ ସ୍ୱର ନୁହେଁ, ଏ ସ୍ୱର ହେଉଛି ସେହିସବୁ ମଣିଷଙ୍କ ପାଇଁ କବିଙ୍କ ସାର୍ବଜନୀନ ଅଭିବ୍ୟକ୍ତି ! ଯେଉଁମାନେ ଇତିହାସରେ ନିରୁଦ୍ଦିଷ୍ଟ ଓ ପ୍ରତାଡ଼ିତ ! ଯେଉଁମାନେ ନିଜର ଶ୍ରମର ଉଚିତ୍ ପାଉଣା ପାଇନାହାନ୍ତି । କେବେ ଭୋଗ କରିପାରି ନାହାନ୍ତି ସେମାନେ ତିଆରିଥିବା ନିର୍ମାଣର ସୂର୍ଯ୍ୟମୁଖୀକୁ । ଯେଉଁମାନେ ଅନ୍ୟକୁ ଦାନା ଦେଇ ନିଜେ ଭୋଗିଛନ୍ତି କ୍ଷୁଧାର ତାଡ଼ନା ! କବି ଏହି ମଣିଷମାନେ ହିଁ ବାରିପାରନ୍ତି ଝାଳର ବାସ୍ନା ବୋଲି କହିବା ସହିତ ଯେଉଁ ଅବଶିଷ୍ଟ ମଣିଷଙ୍କ ପାଇଁ ସେମାନେ ଭୋଗ କରିବା ପାଇଁ ଏହି ବସୁନ୍ଧରା ଛାଡ଼ିଗଲେ ; ସେମାନଙ୍କର ଶୁଷ୍କଚର୍ମରୁ କେବେ ବାହାରେ ନାହିଁ ଝାଳ ବୋଲି କହିଛନ୍ତି; କାରଣ ସମାଜର ସେହି ଶୋଷକ, ସୁବିଧାବାଦୀ ଓ ପ୍ରତାରକଙ୍କୁ 'ସ୍ୱେଦହୀନ' ବୋଲି କହିଥାଏ । ତେଣୁ କୁହାଯାଇପାରେ 'ଝାଳ' ପୂର୍ଣ୍ଣତଃ ସର୍ବସାଧାରଣ ମଣିଷଙ୍କର ହିଁ ଅସ୍ତିତ୍ୱ ଓ ଜୀବନବୋଧର ସାର୍ଥକ ଅଭିବ୍ୟକ୍ତି !

## ସ୍ପେନୀୟ କବି Miguel Hernandezଙ୍କ 'El Sudor' ଓ ଶତ୍ରୁଘ୍ନ ପାଣ୍ଡବଙ୍କ 'ଝାଳ': ତୁଳନାତ୍ମକ ପ୍ରସ୍ଥ

କବି ଶତ୍ରୁଘ୍ନ ପାଣ୍ଡବଙ୍କ 'ଝାଳ' କବିତାର ଅନ୍ତରଙ୍ଗ ଅନୁଶୀଳନ ବେଳେ ସମାନ୍ତରାଳ ଭାବେ ମନେପଡ଼େ ସ୍ପେନୀୟ କବି Miguel Hernandez Gilabert (୧୯୧୦-୧୯୪୨)ଙ୍କ ୧୯୩୦ ମସିହାରେ Spanish Civil War ସମୟରେ ଲିଖିତ 'El Sudor' ବା 'Sweat' କବିତାଟି । ମିଗୁଏଲ୍ ହେର୍ନାଦେ ଥିଲେ ସ୍ପେନର ଜୀବନ୍ତ କଣ୍ଠସ୍ୱର ! ମାତ୍ର ୩୧ ବର୍ଷ ବଞ୍ଚିଥିବା କବି ଜନ୍ମ ନେଇଥଲେ ଏକ ଅତ୍ୟନ୍ତ ସାଧାରଣ ମେଷପାଳକ ପରିବାରରେ । ଶ୍ରମ-ପ୍ରେମ-ସଂଘର୍ଷ-ନ୍ୟାୟ-ପ୍ରକୃତି-ଉତ୍ସର୍ଗ-କୃଷି ଓ କୃଷକଙ୍କ କଥାକୁ ଆପଣାର କବିତାରେ ରୂପଦେଇଥିବା ତଥା ସର୍ବସାଧାରଣଙ୍କ ସ୍ୱର ସାଜିଥିବା କବିଙ୍କୁ ତୁଳନା କରାଯାଏ Pablo Neruda ଓ Frederico Garsia

Lorcaଙ୍କ ସହିତ । ପାବ୍ଲୋ ନେରୁଦା, ଫ୍ରେଡେରିକୋ ଗାର୍ସିଆ ଲୋର୍କାଙ୍କ ଭଳି ମିଗୁଏଲ୍ ହେର୍ନାନ୍ଦେ ଥିଲେ ବିପ୍ଳବର ସ୍ୱର ! ନେରୁଦାଙ୍କ ରାଜନୀତିକ ଜରୁରୀର ଅନୁଚିନ୍ତା; ଲୋର୍କାଙ୍କ ରହସ୍ୟମୟ ଅଭିବ୍ୟକ୍ତି ସହିତ ସ୍ୱୀୟ ଚାରଣକବି (Pastoral Poet) ଭାବାପର୍ଣ୍ଣ ମାଟିପ୍ରିୟ-ଭ୍ରାମ୍ୟମାଣ-ନଷ୍ଟାଲ୍‌ଜିଆର ମିଶ୍ରଣ ଥିଲା ମିଗୁଏଲ୍ ହେର୍ନାନ୍ଦେଙ୍କ କବିତାର ମୌଳିକ ଅନ୍ତଃସ୍ୱର ! 'Perito en lunas' (୧୯୩୩), 'Imagen de tu huella' (୧୯୩୪), 'El rayo que no cesa'(୧୯୩୬), 'Viento de pueblo'(୧୯୩୭), 'El hombre acecha' (୧୯୩୮), 'El silbo vulnerado' (୧୯୩୯), 'Cancionero y romancero de ausencias' (୧୯୩୯-୪୨)ଭଳି ସୃଷ୍ଟି ସମୂହରେ ତାଙ୍କର ସାଧାରଣ ମଣିଷର ସ୍ୱର ଓ ସ୍ୱାକ୍ଷରକୁ ଲକ୍ଷ୍ୟ କରାଯାଇଥାଏ । ମିଗୁଏଲ ହେର୍ନାନ୍ଦେ ତାଙ୍କର ଅଧିକାଂଶ କବିତା ରଚନା କରିଥିଲେ କାରାବରଣ କାଳରେ । ସେଥିମଧ୍ୟରୁ ତାଙ୍କର 'El Sudor'କବିତାଟି ମଧ୍ୟ ଅନ୍ୟତମ । ଅକ୍ଟୋବର ୩୦, ୧୯୧୦ରେ ଜନ୍ମିତ କବି ମାର୍ଚ୍ଚ ୨୮,୧୯୪୨ ମସିହାରେ ସ୍ପେନର Alicante Prison Hospitalରେ ମୃତ୍ୟୁବରଣ କରିଥିଲେ । ସ୍ୱଳ୍ପଜୀବୀ କବିଙ୍କର ମୃତ୍ୟୁ ହୋଇଥିଲା ଜେଲ୍ ମଧ୍ୟରେ । ଜନଗଣଙ୍କ କଥାକୁ କବିତାରେ ପ୍ରକାଶ କରୁଥିବା କବି ହେର୍ନାନ୍ଦେଙ୍କ ଆଲୋଚ୍ୟ କବିତାରେ ଜନତାର ଜୟଗାନ କରିବା ସହିତ ଶ୍ରମକୁ ସମ୍ମାନର ପ୍ରତୀକ ଭାବେ ଗ୍ରହଣ କରିଛନ୍ତି । କବିତାରେ 'El Sudor' ବା 'ଝାଳ' ବା 'ସ୍ୱେଦ' ଏକ ଜୀବନପ୍ରଦାୟୀ ଉପାଦାନର ଉତ୍ସ ! ଏଠାରେ ମୂଳ ସ୍ପେନୀୟ କବିତାର ଇଂରେଜୀ ରୂପାନ୍ତରଣକୁ ଅବଲୋକନ କରାଯାଇପାରେ : "Water drinks its paradise in the sea,/and sweat finds horizon, uproar, crest. /Sweat is a briming salty tree, /a greedy surf. / To offer the land its trembling cup/ sweat reaches from earth's farthest age, / feeds thirst and salt drop by drop, / to kindle life. / Sun's cousin, tear's brother, motions child, / April to October, winter to summer, / it goes rolling through the field/ in golden vines. / As peasants pass through dawn/ behind the plough that uproots their sleep, / they each were a silent work-shirt brown with mute sweat. The workers' golden robe, / jewel of the hands and eyes as well,/ Through the haze the axilla's shower/ spreads a fecund smell. / The land's flavours grows ripe and rich: Flakes that hand working, pungent weeping yields, / manna of the men and fields, / my forehead's drink. / You who never feel stiff or sweat,/ at leisure with no arms, music, pores,/ will never feel the open pores' wet/ halo, or the power of the bulls./ You will live striking, die snuffed out : fiery beauty takes up life in the heels/ of bodies whose working limbs shift about/ like constellations./ Comrades, surrendered your foreheads to work: / sweat, with its sword of testy crystal,/ with its sticky flood, makes you / transparent,/ lucky, equal."

'El Sudor' କବିତାରେ 'ସ୍ୱେଦ'କୁ କବି 'a briming salty tree' ଓ 'a greedy surf' ଭଳି Metaphor ମାଧ୍ୟମରେ 'ଜୀବନର ଉତ୍ସ' ଓ 'ଜୀବିକା' ଭାବେ ପ୍ରତିବିମ୍ବିତ କରିଛନ୍ତି । ସେହିଭଳି 'Sun's cousin, tear's brother, motions child' ଭଳି Cosmic Imageryର ଅଭିବ୍ୟକ୍ତିରେ 'ପ୍ରକୃତି' ଓ 'ଶ୍ରମ'କୁ 'ସ୍ୱେଦ' ଦେଇ ଅନୁଭବ କରିଛନ୍ତି କବି । ସେହିଭଳି ଶ୍ରମଜୀବୀ ମଣିଷଙ୍କ 'ସ୍ୱେଦ'କୁ ସେ 'Sweat staining brown shirt' ଭାବେ ସନ୍ଦର୍ଶନ କରି 'ସ୍ୱେଦ'କୁ 'ସମ୍ମାନ' (Dignity) ଓ 'ଜୀବନ ସଂଘର୍ଷ'(Survive)ର ସଂକେତ ଭାବେ ଗ୍ରହଣ କରିଛନ୍ତି । ସେହିଭଳି "Sweat finds horizon, thunder, crest" ପଂକ୍ତି ସମ୍ମାନବୋଧକୁ ହିଁ ଅଭିବ୍ୟଞ୍ଜିତ କରିଥାଏ । ଉଭୟ 'Golden Shirt' 'ସୁବର୍ଣ୍ଣ ପରିଧାନ' ଓ 'Sword of Crystal' 'ସ୍ଫଟିକର ତରବାରୀ' ଶ୍ରମଜୀବୀ ଓ ଆଳସ୍ୟତାକୁ ତୁଳନାତ୍ମକ ଚିତ୍ରିତ କରୁଥିବା ଭଳି ପ୍ରତୀକ ଅତ୍ୟନ୍ତ ପ୍ରଭାବଶାଳୀ ଏହି କବିତାରେ ।

"You who never feel stiff or sweat" ଅର୍ଥାତ୍ ଯାହାର କେବେ ଆସେ ନାହିଁ କ୍ଳାନ୍ତି; କିମ୍ବା ଯାହାର ଜକାଏ ନାହିଁ ଝାଳ । ସେ ବୁଝେ ନାହିଁ ଝାଳର ମହତ୍ତ୍ୱ ! Miguel Hernandezଙ୍କ 'El Sudor' କବିତାର ଏହି କଥାଟି ସମାନ୍ତରାଳ ଭାବେ ଦେଖିହେବ ଶତ୍ରୁଘ୍ନ ପାଣ୍ଡବଙ୍କ 'ଝାଳ' କବିତାରେ: " ×× ସେମାନେ ଝାଳ ସରସର କପାଳ ନୁଆଁଇ / ଚାଲିଯାଆନ୍ତି କୁଆଡ଼େ ବୋଲି କୁଆଡ଼େ / ନିଜକୁ ଶୁଂଘି, ଖୁମ୍ପି, ନିଜ ଝାଳକୁ ପିଇ / ବସୁନ୍ଧରାକୁ ଭୋଗ କରିବାକୁ ଛାଡିଯାଆନ୍ତି / ଅବଶିଷ୍ଟ ଲୋକଙ୍କ ହାତରେ ଯେଉଁମାନଙ୍କ / ଟାଆଁସା

ଚମରୁ ବୁନ୍ଦାଏ ବୋଲି ଝାଳ / ଜକାଇ ନ ଥାଏ କୌଣସି କାଳରେ ।" ମାତ୍ର ହେର୍ନାନ୍ଦେଜ୍‌ଙ୍କ କବିତାରେ ଯିଏ ଶ୍ରମ କରିନାହିଁ; ଯାହାର ଦେହରୁ ବାହାରିନି ସ୍ୱେଦ; ସେ ସୁବର୍ଣ୍ଣ ମୁକୁଟ ପିନ୍ଧିପାରେନାହିଁ । ଏ କଥାଟି କିନ୍ତୁ ପାଣ୍ଡବଙ୍କ କବିତାରେ ଭିନ୍ନ ଅଟେ । ଏଠାରେ ଶ୍ରମର ଲୁଣ୍ଠନର ଓ ପ୍ରତାରଣା ଚିତ୍ର ସ୍ପଷ୍ଟ । କାରଣ ଶ୍ରମଜୀବୀ ଏଠି ନିଜେ ନିର୍ମିଥିବା ନିର୍ମାଣର ବସୁନ୍ଧରା ଛାଡ଼ିଯାଏ ସେହି ସୁବିଧାବାଦୀ ଗୋଷ୍ଠୀଙ୍କୁ; ଯେଉଁମାନଙ୍କର ଶରୀରରେ କେବେ ହେଲେ କେଉଁ କାଳେ ଜକାଏ ନାହିଁ ଝାଳ !

ମିଗୁଏଲ୍ ହେର୍ନାନ୍ଦେଜ୍‌ଙ୍କ କବିତାର ଏ ପଂକ୍ତିରେ କବି ଶ୍ରମଜୀବୀଙ୍କୁ ସେମାନଙ୍କର ଝାଳକୁ ନିଜ ଲଲାଟ ବା କପାଳରେ ଲଗେଇ କର୍ମକୁ ଉତ୍ସର୍ଗ କର; ଦେଖିବ ତାହା ରୂପାନ୍ତରିତ ହେବ ଏକ ସ୍ଫଟିକ ତରବାରୀରେ ବୋଲି ଅଭିହିତ କରିଛନ୍ତି : "×× surrendered your foreheads to work: / sweat, with its sword of testy crystal"ମାତ୍ର କବି ଶତ୍ରୁଘ୍ନ ପାଣ୍ଡବଙ୍କ କବିତାରେ ଶ୍ରମଜୀବୀର ତା'ର ପରିଶ୍ରମର ଝାଳକୁ କପାଳରେ ଚନ୍ଦନ କରି ଅବଶ୍ୟ ଲଗାଏ: "××କିପରି ତିଆରି ହୁଏ ବୁନ୍ଦାଏ ଝାଳ ? କିପରି ତାକୁ ଚନ୍ଦନ ପରି ମାଖେ ଏ କପାଳ ? " କିନ୍ତୁ ସେଥିପାଇଁ ତାକୁ ସୁନାର ମୁକୁଟର ପ୍ରାପ୍ତି ହୁଏନାହିଁ; ଅପରପକ୍ଷରେ ବାହୁଡ଼ି ଯିବାକୁ ହୁଏ ଝାଳ ସରସର କପାଳରେ ନିଜ ଝାଳକୁ ନିଜେ ପିଇ; ଅନ୍ୟମାନଙ୍କ ପାଇଁ ଏହି ବସୁନ୍ଧରାକୁ ଛାଡ଼ି: "×× ସେମାନେ ଝାଳ ସରସର କପାଳ ନୁଆଁଇ/ ଚାଲିଯାଆନ୍ତି କୁଆଡ଼େ ବୋଲି କୁଆଡ଼େ /ନିଜକୁ ଶୁଂଘି, ଝୁମ୍ପି, ନିଜ ଝାଳକୁ ପିଇ / ବସୁନ୍ଧରାକୁ ଭୋଗ କରିବାକୁ ଛାଡିଯାଆନ୍ତି ।"

କୃଷକମାନେ ଯେତେବେଳେ ପ୍ରଭାତରେ ବାହାରିପଡ଼ନ୍ତି ବିଲକୁ; ନିଦ୍ରାକୁ ନିଜ ଶରୀରରୁ ଓହ୍ଲେଇ ଦେଇ ପିନ୍ଧନ୍ତି ସୁବର୍ଣ୍ଣ ପରିଧାନ; ହାତ ଅଳଙ୍କାର ଆଉ ଆଖିର ବାମ୍ଫରେ କାନ୍ଧଦେଇ ବୋହିଯାଏ ଜଳ ହୋଇ ଝାଳ; ଆଉ ବ୍ୟାପିଯାଏ ଝାଳର ସୁଗନ୍ଧ ! ଏହି କଥାଟି ସ୍ପେନୀୟ କବି Hernandezଙ୍କ କବିତାରେ ଏକ ମେଟା'ର୍ ଭଳି : "As peasants pass through dawn/ behind the plough that uproots their sleep, / they each were a silent work-shirt brown with mute sweat. The workers' golden robe, / jewel of the hands and eyes as well,/ Through the haze the axilla's shower / spreads a fecund smell." ଶ୍ରମ ହିଁ ଖଟିଖିଆ ମଣିଷଙ୍କ ଉପାର୍ଜନ ! ତାହା ହିଁ ହୋଇଥାଏ ମୂଳ ! କବି ଶତ୍ରୁଘ୍ନ ପାଣ୍ଡବଙ୍କ ଅନୁଭବରେ ଠିକ୍ ସମଧରଣର ଭାବବୋଧ ଅଭିବ୍ୟକ୍ତି:" ଯାହା କିଛି ମୂଳ ହୁଏ ତା' ଝାଳ । /ଯାହା ତରଳି ବୋହିଯାଏ ଫର୍ନେସରେ / ଉତ୍ତପ୍ତ ଲାଭା, ଭାତହାଣ୍ଡିର ଢାଙ୍କୁଣୀ ଠେଲି / ଉଠିଆସେ ଯୋଉ ବାମ୍ଫ, ସବୁ ଝାଳ । ମେହେନତିର ସବୁ ପରିଭାଷା ନା ନିଆଁର/ ଲହଲହ ଶିଖା, ଏଇ ଝାଳ ?"

ସ୍ୱେଦର ସଂସ୍ରବଣରେ ମାଟି ହୁଏ ଅଧିକ ଉର୍ବର ଓ ହୁଏ ଯଥେଷ୍ଟ ଉତ୍ପାଦନ । କଷ୍ଟ ଓ ପରିଶ୍ରମ; ଅଶ୍ରୁ ଓ ସ୍ୱେଦରେ ଉପାର୍ଜନର ମୂଳ ମିଳେ । ଯାହାକି ମଣିଷ ଓ ଚାଷ ପାଇଁ ସତେ କି 'ମାନ୍ନା' ! କବି Miguel Hernandezଙ୍କ 'El Sudor' କବିତାରେ ପ୍ରଯୁକ୍ତ ଏହି 'ମାନ୍ନା' ଅର୍ଥାତ୍ ବାଇବେଲ୍ ଅନୁଯାୟୀ ଏକ ଆଧ୍ୟାତ୍ମିକ 'ନୈସର୍ଗିକ ଦିବ୍ୟ-ଖାଦ୍ୟ' ! ଯାହା ମେଣ୍ଟାଇଦେଇପାରେ ସବୁ କ୍ଷୁଧା ବା ପ୍ରଶମିତ କରିଦେଇପାରେ ନାନା କଷ୍ଟ ! ସେହି ଭଳି ନୈସର୍ଗିକ ଉପାର୍ଜନ କରିଥାଏ 'ଝାଳ' ! ତେଣୁ କବି ତାହାକୁ 'ଲଲାଟର ପାନୀୟ' ବୋଲି ଉଲ୍ଲେଖ କରିଛନ୍ତି ! ଅର୍ଥାତ୍ ଶ୍ରମଦ୍ୱାରା ଯେଉଁ ଉପାର୍ଜନ ହୁଏ ତାହାର ସମସ୍ତ ଶ୍ରେୟ ଓ ସମ୍ମାନର ଅଧିକାରୀ ସେହି 'ସ୍ୱେଦ' ଅଟେ; ତେଣୁ କବି ତାହା ଲଲାଟର ପାନୀୟ ବୋଲି ଅଭିହିତ କରିଛନ୍ତି ତାଙ୍କ ସ୍ପେନୀୟ କବିତାରେ: "The land's flavours grows ripe and rich: Flakes that hand working, pungent weeping yields, / manna of the men and fields, / my forehead's drink." ଅନୁରୂପ ଭାବେ କବି ଶତ୍ରୁଘ୍ନ ପାଣ୍ଡବ ତାଙ୍କ କବିତାରେ ସେହି ସମଧରଣ କଥା ହିଁ କହିଛନ୍ତି : ଯାହା କିଛି ମୂଳ ହୁଏ ତା' ଝାଳ । ××× ଭାତହାଣ୍ଡିର ଢାଙ୍କୁଣୀ ଠେଲି / ଉଠିଆସେ ଯୋଉ ବାମ୍ଫ, ସବୁ ଝାଳ । ମେହେନତିର ସବୁ ପରିଭାଷା ନା ନିଆଁର / ଲହଲହ ଶିଖା, ଏଇ ଝାଳ ?" ବା "ଝାଳ ଭିତରେ ଥାଏ ଏଇ ମାଟିର ଗନ୍ଧ,/ ଶସ୍ୟର ଗନ୍ଧ, ଅନୂଢ଼ା ମେଘ, ଝରା ବଉଳ/ ଆଉ ପ୍ରଥମ ବର୍ଷା ଟୋପାର ଗନ୍ଧ ।" ଭଳି ପଂକ୍ତି ସମୂହରେ ଝାଳର ଅମୂଲ ମୂଲର ମହତ୍ତ୍ୱକୁ କଳନା କରାଯାଇପାରିବ । Miguel Hernandezଙ୍କ 'forehead's drink' ତେଣୁ 'ମୁଣ୍ଡର ଝାଳ ତୁଣ୍ଡରେ ମାରି'ର ଅଭିବ୍ୟକ୍ତିଠାରୁ ଯେ ଅଲଗା ନୁହେଁ; ସେ କଥାର ଅନୁରୂପ ବର୍ଣ୍ଣନା ପରିଲକ୍ଷିତ ହୋଇଥାଏ ଶତ୍ରୁଘ୍ନଙ୍କ କାବ୍ୟବୋଧରେ ।

Miguel Hernandezଙ୍କ 'El Sudor' ଓ ଶତ୍ରୁଘ୍ନ ପାଣ୍ଡବଙ୍କ 'ଝାଳ'ର ଏକତ୍ର ତୁଳନାତ୍ମକ ଆକଳନ ବେଳେ ଏ କଥା ଅବଶ୍ୟ କୁହାଯିବା ଉଚିତ ଯେ ଉଭୟ 'ଝାଳ'କୁ ଆଧାର କରି କବିତା ଲେଖିଥିଲେ ହେଁ, ହେର୍ନାନ୍ଦେଜ୍‌ଙ୍କ ଆଭିମୁଖ୍ୟ ପୂର୍ଣ୍ଣତଃ କୃଷି ଓ କୃଷକ ତଥା ଶ୍ରମକୁ ଉନ୍ନତି ଓ ପ୍ରଗତିର ସୂଚକ ଭାବେ ଜୟଗାନ କରିଛନ୍ତି । ଶତ୍ରୁଘ୍ନଙ୍କ କବିତାରେ ଅବଶ୍ୟ ଶ୍ରମ, ଶ୍ରମିକ, ସାଧାରଣ

ଉପେକ୍ଷିତ ଜନତା ଓ ଜୀବନର ଜୟଗାନ ରହିଛି କିନ୍ତୁ ସେ ଶୋଷଣ ଓ କଷଣରେ ପିଷ୍ଟ ଗୋଟିଏ ବର୍ଗ କିପରି ନିଜର ଶ୍ରମ ଓ ଝାଳକୁ ଉତ୍ସର୍ଗ କରି ଅପସରି ଯାଉଛନ୍ତି ନିରୁଦ୍ଦିଷ୍ଟ ହୋଇ; ସେ କଥାକୁ ଦେଇଛନ୍ତି ଅଧିକ ଗୁରୁତ୍ୱ । ଅନୁରୂପ ଭାବେ ହେର୍ନାନ୍ଦେଜ୍ଙ୍କ କବିତାରେ ଯେଉଁ ଚାରଣ କବିତାର (Pastoral Poem)ର ବିଶେଷ ଗୁଣ ପରିଲକ୍ଷିତ ସେ ପ୍ରସଙ୍ଗରେ ଶତ୍ରୁଘ୍ନଙ୍କ କବିତା ମଧ୍ୟ ଗଭୀର ମାଟିପ୍ରୀତି ସହିତ ଅଭିନବ ନଷ୍ଟାଲ୍‌ଜିଆରେ କବିତାର ରୂପବୋଧକୁ ଜୀବନବୋଧ ସହିତ ଯୋଡ଼ିବାରେ ବେଶ୍ ଦକ୍ଷତାର ପରିଚୟ ଦେଇଛନ୍ତି । ହେର୍ନାନ୍ଦେଜ୍ଙ୍କ ବର୍ଣ୍ଣନାରେ ସ୍ୱେଦ ଜୀବନର ଅଭିନବ ସମ୍ମୋହନ ! ସ୍ୱେଦ ଆସିଛି ପୃଥିବୀକୁ ଅନେକ କାଳ ଆଗରୁ; କ୍ଷୁଧା-ତୃଷ୍ଣା ଏବଂ ସ୍ୱେଦର ବୁନ୍ଦା ଜୀବନ ପାଇଁ; ମାଡ଼ିଯାଏ ସେ ସତେକି ସୁବର୍ଣ୍ଣର ଲତାଭଳି : "To offer the land its trembling cup/ sweat reaches from earth's farthest age, / feeds thirst and salt drop by drop, / to kindle life. / Sun's cousin, tear's brother, motions child, / April to October, winter to summer, / it goes rolling through the field/ in golden vines." କବି ଶତ୍ରୁଘ୍ନ ପାଣ୍ଡବ ମଧ୍ୟ ପ୍ରକୃତି ଓ ମଣିଷର ଏକାତ୍ମକତାକୁ ଯୋଡ଼ି ଧରିଛନ୍ତି 'ଝାଳ' କବିତାରେ : "ଝାଳ ଭିତରେ ଥାଏ ଏଇ ମାଟିର ଗନ୍ଧ,/ ଶସ୍ୟର ଗନ୍ଧ, ଅନୂଢ଼ା ମେଘ, ଝରା ବଉଳ / ଆଉ ପ୍ରଥମ ବର୍ଷା ଟୋପାର ଗନ୍ଧ । ×× / ଦିଶେ: ଖରା,ତରା, ଅଣିଶ, ଆକାଶର ନେଳି/ ନିଦାଘର ଜଟାଜୁଟ ଆଉ ଚୋରା ଚଇତାଳି ।" ଉଭୟ କବି 'ଝାଳ' ସହ 'ଜୀବନ' ଓ 'ଜଗତ'ର ସମନ୍ୱୟକୁ ବେଶ୍ ଆତ୍ମିକ ଭାବେ ଅବଲୋକନ କରିଛନ୍ତି ନିଜନିଜ କବିତାର ବଳୟରେ ।

Hernandezଙ୍କୁ ଜଣେ ସହିଦ କବି ଭାବେ ତଥା 'Voice of the oppressed' ବା 'ଦମିତ ଲୋକଙ୍କ କଣ୍ଠସ୍ୱର' ଭାବେ ସର୍ବଦା ସ୍ମରଣ କରାଯାଇଥାଏ । ଏପରିକି ତାଙ୍କର 'El Sudor' କବିତାକୁ 'Global Symbols of dignity in labor and resistance' ବା 'ବିଶ୍ୱରେ ଶ୍ରମ ଓ ପ୍ରତିରୋଧର ଗରିମାମୟ ପ୍ରତୀକ' ଭାବେ ଗ୍ରହଣ କରାଯାଇଥାଏ । ମିଗୁଏଲ ହେର୍ନାନ୍ଦେଜ୍ଙ୍କ କବିତାଟି ବର୍ଣ୍ଣନାର ପ୍ରସ୍ଥପ୍ରସ୍ଥ ପ୍ରତୀକାତ୍ମକତା ଭିତରେ ଏକମୁଖୀ ଭାବକୁ ଧରି ରଖିଥିବା ସ୍ଥଳେ କବି ଶତ୍ରୁଘ୍ନଙ୍କ 'ଝାଳ' ଭିତରେ ବହୁମୁଖୀ ଭାବବୋଧ କାବ୍ୟ-ଭୂମିକୁ ଗୋଟିଏ ସୂତ୍ରରେ ବାନ୍ଧି ରଖିଛି । ଯାହାର ଅର୍ଦ୍ଧାଂଶ ସ୍ଥୂଳତଃ ନଷ୍ଟାଲଜିଆ ଓ ଆଉ ଏକ ଅର୍ଦ୍ଧାଂଶ ଅଭାବୀ ମଣିଷଙ୍କ ଅଭାବିତ ଜୀବନବୋଧର ଛବିରେ ନିରୁଦ୍ଦିଷ୍ଟ ଅସ୍ତିତ୍ୱର ପ୍ରସଙ୍ଗ ଝାଳର ବ୍ୟାପ୍ତ ପୃଷ୍ଠଭୂମି ଅଟେ ! ଝାଳର ସପ୍ତମ ଭାଗ ବା ଶେଷ ଅଂଶରେ ଆମେ ହେର୍ନାନ୍ଦେଜ୍ଙ୍କ ଭଳି କଣ୍ଠସ୍ୱର ଶୁଣିବାକୁ ପାଇବା ଶତ୍ରୁଘ୍ନଙ୍କ କବିତାରେ । ଏହି ଅଂଶରେ ଉଭୟ ସମଧର୍ମା । କାରଣ ହେର୍ନାନ୍ଦେଜ୍ଙ୍କ ସମଗ୍ର 'ଝାଳ' କବିତାର ଅଭିବ୍ୟକ୍ତି ଶତ୍ରୁଘ୍ନଙ୍କ ଝାଳର ଶେଷପଦ ଭିତରେ ପରିଲକ୍ଷିତ। ଉଭୟ ଶ୍ରମ ଓ ଶ୍ରମଜୀବୀ ମଣିଷଙ୍କ ପ୍ରତି ହୋଇଉଠିଛନ୍ତି ସମ୍ବେଦନଶୀଳ। କିନ୍ତୁ ଉଭୟଙ୍କ କାବ୍ୟ-ନିଷ୍କର୍ଷ ଭିନ୍ନ ! କାରଣ ହେର୍ନାନ୍ଦେ ଯେଉଁଠି 'ଶ୍ରମ' ଓ 'ଜୀବନ'ର ଜୟଗାନ କରିଛନ୍ତି ଶତ୍ରୁଘ୍ନ ସେଠାରେ 'ନିରୁଦ୍ଦିଷ୍ଟ ଶ୍ରମ', 'ଶ୍ରମଜୀବୀ' ଓ 'ଜୀବନ'ର ଅନୁଚିନ୍ତାରେ ହୋଇଛନ୍ତି କ୍ଷୋଭ ଜର୍ଜରିତ !

## 'ଝାଳ'ର ବ୍ୟକ୍ତ-ଅବ୍ୟକ୍ତ ଉପସଂହାର:

କବି ଶତ୍ରୁଘ୍ନ ପାଣ୍ଡବଙ୍କ 'ଝାଳ'ର ଅନୁଶୀଳନ ବେଳେ ସ୍ୱାଭାବିକ ଭାବେ ସ୍ପେନୀୟ କବି ମିଗୁଏଲ୍ ହେର୍ନାନ୍ଦେଜ୍ଙ୍କ 'ଏଲ୍ ସୁଦର' କବିତା ସ୍ମରଣ ଆସିବାର ମୂଳରେ ଝାଳର ବ୍ୟାପ୍ତ ଭାବଭୂମି ସଂଯୁକ୍ତ । କବିତାଦ୍ୱୟ ମଧ୍ୟରେ ରମଣୀୟ ଜୀବନବୋଧ ସହିତ ଜୀବନର ନିଷ୍ଠୁରତାକୁ ଏକତ୍ର ଲକ୍ଷ୍ୟ କରାଯାଇପାରିବ। ଯଦିଓ ଶତ୍ରୁଘ୍ନ ମଣିଷର ଲୁଣ୍ଠିତ ଶ୍ରମ ଓ ଅଭାବିତ ଜୀବନବୋଧକୁ ଅଧିକ ଗୁରୁତ୍ୱ ଦେଇଥିବା ସ୍ଥଳେ ମିଗୁଏଲ ଶ୍ରମଜୀବୀଙ୍କ ଶ୍ରମର କରିଛନ୍ତି ଜୟଗାନ । ଶତ୍ରୁଘ୍ନଙ୍କ ଝାଳରେ ଯେଉଁ ନଷ୍ଟାଲଜିଆ ପ୍ରସଙ୍ଗ ରହିଛି; ସେଥିରେ ବି ସଂଯୁକ୍ତ ରହିଛି ଏକ ଶୂନ୍ୟଭାବ; ଯାହା ସ୍ମରଣ କରେଇଦିଏ ଜୀବନର ଅଭାବ ଓ ଅବର୍ତ୍ତମାନତାକୁ । ସେହିଭଳି ମିଗୁଏଲ ଅବଶ୍ୟ ନିଷ୍ଠୁର ଓ ବାସ୍ତବତା ଏବଂ ଶ୍ରମଜୀବୀର ପ୍ରସଙ୍ଗର ଅବତାରଣା କରିଛନ୍ତି । କିନ୍ତୁ ସବୁଠି ଜୟଗାନ କରିଛନ୍ତି ଶ୍ରମ ଓ ଜୀବନର ! ଉଭୟ କବିତା ନିଜନିଜ ଜାଗାରେ ସ୍ୱତନ୍ତ୍ର । ଉଭୟ କବିଙ୍କ କାବ୍ୟଭାଷା ମେଟାଫର୍ ସଂଯୁକ୍ତ ବ୍ୟଞ୍ଜନା ଓ ସମବେଦନାରେ ପରିପୁଷ୍ଟ । ଅନୁରୂପ ଭାବେ ଶତ୍ରୁଘ୍ନଙ୍କ କାବ୍ୟନିଷ୍କର୍ଷ ଓ ମିଗୁଏଲଙ୍କ କାବ୍ୟନିଷ୍କର୍ଷ ସମଧରଣର ହୋଇଥିଲେ ମଧ୍ୟ ଶତ୍ରୁଘ୍ନ ଓ ମିଗୁଏଲଙ୍କ କଣ୍ଠସ୍ୱର ଭିନ୍ନଭିନ୍ନ ଅଟେ । ସ୍ତରୀୟ ଜୀବନର ଉତ୍ଥାପନ ଓ ଦଳିତ ସର୍ବସାଧାରଣଙ୍କ ମଣିଷର କାକୁସ୍ଥବୋଧ ପ୍ରସଙ୍ଗକୁ ତାଙ୍କ 'ଝାଳ'ରେ ଗୁରୁତ୍ୱ ଦେଇଥିଲେ ହେଁ ଅନ୍ୟ ଉତ୍ତର ଆଧୁନିକ କବିଙ୍କ ଭଳି ଶତ୍ରୁଘ୍ନଙ୍କ କାବ୍ୟବୋଧ ବିବିଧ ଚିନ୍ତନଦ୍ୱାରା ପରିପୁଷ୍ଟିତ ଏବଂ ତାଙ୍କର କାର୍ବ୍ୟିକ ଉତ୍ତରଣ ମଧ୍ୟ ଅନୁରୂପ ଭାବେ ବିକ୍ଷିପ୍ତ ଓ ତା'ର ଆଭିମୁଖ୍ୟ ମଧ୍ୟ ବହୁପ୍ରସାରୀ; ସେହି ଦୃଷ୍ଟିରୁ ମିଗୁଏଲ ଥିଲେ ସାମାନ୍ୟ ଭିନ୍ନ । କାରଣ ସେ ଥିଲେ ଲୋର୍କାଙ୍କ ଭଳି ସ୍ପେନର ଜୀବନ୍ତ କଣ୍ଠସ୍ୱର ! ମାତ୍ର ୨୩ ବର୍ଷ ବୟସରେ ପ୍ରଥମ କବିତା ସଂକଳନ ପ୍ରକାଶ ପାଇବା ପରେପରେ ସ୍ପେନରେ ପ୍ରସିଦ୍ଧ ହୋଇଯାଇଥିଲେ ମିଗୁଏଲ । ଉଭୟ କବିତା ଓ ନାଟକରେ ତାଙ୍କର ବିପ୍ଳବର ସ୍ୱର ମଧ୍ୟ ବେଶ୍ ସ୍ପଷ୍ଟ ହୋଇ ଉଠିଥିଲା । ଯଦିଓ ପତ୍ନୀ Josefinea

Marhuendaଙ୍କ ପ୍ରଭାବରେ ସେ ଲେଖିଥିଲେ ବେଶ୍ କେତେକ ରୋମାଣ୍ଟିକ କବିତା ! ମାତ୍ର ତାଙ୍କର କାବ୍ୟସ୍ୱର ଥିଲେ ଶ୍ରମଜୀବୀ ଓ ଅଭାବୀ ମଣିଷଙ୍କ ନିମନ୍ତେ ଅଭିପ୍ରେତ । ଠିକ୍ ତାଙ୍କର ମୃତ୍ୟୁ ପୂର୍ବରୁ ଜେଲ୍‌ର କାନ୍ଥରେ ସେ ଲେଖିଯାଇଥିଲେ ତାଙ୍କ ଜୀବନର ଶେଷ କବିତା: "Goodbye, brothers, comrades, friends: let me take my leave of the sun and fields." ଜେଲ୍ ଭିତରେ ସେ ଲେଖିଯାଇଥିଲେ ଅନେକ କବିତା। ଯାହାକି Cancionero y romancero de ausencia (Songs and Ballads of Absence)ଭାବେ ପ୍ରକାଶିତ । ଏହି କବିତା ସବୁ କେବଳ ସ୍ପେନର ସିଭିଲ୍ ୱାର୍ ନେଇ ନଥିଲା; ଥିଲା ମଧ୍ୟ ତାଙ୍କ ବ୍ୟକ୍ତିଗତ ଦୁଃଖ ଓ କ୍ଷୋଭର ଗହନ ଅନ୍ତର୍ଲିପି ! ତାଙ୍କର ପ୍ରସିଦ୍ଧ କବିତା 'Nanas de la cebolla'ରେ ସେ ତାଙ୍କ ପତ୍ନୀଙ୍କଦ୍ୱାରା ପ୍ରେରିତ ପତ୍ରର ପ୍ରସଙ୍ଗ ଉଲ୍ଲେଖ କରିଛନ୍ତି ଯେ ତାଙ୍କ ପତ୍ନୀ କିପରି କେବଳ ରୁଟି ଓ ପିଆଜରେ ଜୀବନ ନିର୍ବାହ କରୁଛନ୍ତି । ସେହି କବିତାରେ ତାଙ୍କ ଶିଶୁସନ୍ତାନ ମୃତା' ମା'ଠାରୁ ଯେଉଁ କ୍ଷୀର ପିଉଛି ତାହା ଯେ 'ପିଆଜ-ରକ୍ତ' ସେହିଭଳି ବ୍ୟଞ୍ଜନା ଭିତରେ ଅନୁଭବ କରିହେବ କବିଙ୍କ ଦାରିଦ୍ର୍ୟଗ୍ରସ୍ତ ଅବସାଦର ଗଭୀର ଅଭିବ୍ୟକ୍ତି ! ଅନୁରୂପ ଭାବେ ତାଙ୍କର 'ଝାଳ' (El Sudor) କବିତାର ମାର୍ମିକ ଅଭିବ୍ୟକ୍ତିରେ ମଧ୍ୟ ଜୀବନ ଓ ସଂଘର୍ଷର ମହତ୍ତର ଉପଲବ୍ଧି ଭାବେ 'ଝାଳ' ଏକ ମେଟାଫର୍ ଭଳି । କବି ଶତ୍ରୁଘ୍ନ ଜୀବନ ଓ ସଂଘର୍ଷକୁ ସେଠାରେ ନିରେଖିଛନ୍ତି କିନ୍ତୁ; 'ଝାଳ' ତାଙ୍କ ପାଖରେ ପ୍ରାପ୍ୟର ଅଭାବିତ ପ୍ରାପ୍ତି ଭଳି ମେଟାଫର୍ ହୋଇ ବ୍ୟାପ୍ତ ହୋଇ ରହିଛି ସମଗ୍ର 'ଝାଳ'ର ପରିଧିରେ । ଆଲେଖ୍ୟଟି କବି ଶତ୍ରୁଘ୍ନ ପାଣ୍ଡବଙ୍କ 'ଝାଳ' କବିତାର ପ୍ରାୟୋଗିକ ଆଲୋଚନା ବେଳେ ସ୍ୱାଭାବିକ ଭାବେ ସ୍ମରଣକୁ ଆସୁଥିବା ସ୍ପେନୀୟ କବି ମିଗୁଏଲ୍ ହେର୍ନାଦେଙ୍କ 'ଏଲ୍ ସୁଦର' କବିତାକୁ ଏକତ୍ର ଗୋଟିଏ ପ୍ରେକ୍ଷାରେ ଅନୁଶୀଳନ କରିବାର ଏହା ଏକ ହାର୍ଦ୍ଦିକ ପ୍ରଚେଷ୍ଟା ବୋଲି ବିଚାର କରାଯାଇପାରେ।

## ସହାୟକ ଗ୍ରନ୍ଥସୂଚୀ :


୧. ପାଣ୍ଡବ, ଶତ୍ରୁଘ୍ନ, ସାବରମତି, ଫ୍ରେଣ୍ଡସ୍ ପବ୍ଲିଶର୍ସ୍, କଟକ, ପ୍ରଥମ ସଂସ୍କରଣ- ୨୦୦୦

୨. Hernandez Miguel. *"Sweat" Poem Hunter,* www.poemhunter.com/poem/sweat-9/ .Accessed 25June 2025

3. Hernandez, Miguel. *I Have Lost of Heart*: Selected Poems. Translated by Don Share, Bloodaxe Books,1997


❖ ❖ ❖

DOI :https://doi.org/10.5281/zenodo.16918562

ମୂଳ ପ୍ରବନ୍ଧ

# ଓଡ଼ିଆ ପୋଇ ସାହିତ୍ୟର ଇତିହାସ

**ଶୁଭସ୍ମିତା ଦାଶ**

**ସଂକ୍ଷିପ୍ତସାର :**

ପୋଇ ମଧ୍ୟଯୁଗୀୟ ଓଡ଼ିଆ କାବ୍ୟ ରଚନାର ଏକ ଶୈଳୀ । ଏହାର ସ୍ୱାତନ୍ତ୍ୟ ଏହାକୁ ଲୋକପ୍ରିୟ କରାଇଛି । ପୋଥିରେ ଲିଖିତ ହେବା ସମୟରେ ମଧ ଏହା ନିଜର ଗଠନ ଶୈଳୀ ଯୋଗୁଁ ପ୍ରକ୍ଷିପ୍ତାୟନରୁ ସୁରକ୍ଷିତ ରହି ପାରିଛି । ସଂସ୍କୃତ ସାହିତ୍ୟର ପଦୀ/ପଦିକାର ଅନୁସରଣରେ ଏ ପ୍ରକାର କାବ୍ୟ ଓଡ଼ିଆ ସାହିତ୍ୟରେ ରଚିତ ହୋଇଛି ବୋଲି କେତେକ ଆଲୋଚକ ମଧ ମତ ଦିଅନ୍ତି । ପୋଇ ଶବ୍ଦର ଉତ୍ପତ୍ତି ମଧ ସଂସ୍କୃତ ପଦୀରୁ ହୋଇଥିବାର ସମ୍ଭାବନା ଅଛି ।

**ପ୍ରମୁଖ ଶବ୍ଦାବଳୀ :**

ପୋଇ, ଓଡ଼ିଆ କାବ୍ୟ ଶୈଳୀ, ରୀତିଯୁଗୀୟ କାବ୍ୟ ।

## (ଏକ)

ପୋଇ ଏକ କାବ୍ୟ ରଚନା ପଦ୍ଧତି ରଚନା ପଦ୍ଧତି, ଏଣୁ ଏହାକୁ ପୋଇ କାବ୍ୟ କୁହାଯାଇଥାଏ । ପୋଇ ଶବ୍ଦର ଅର୍ଥ ଓ ତାର ବ୍ୟୁତ୍ପତ୍ତିକ୍ରମର ସନ୍ଧାନ ପୋଇକାବ୍ୟର ଉଦ୍‌ଗମ ଓ ବିଶ୍ଳେଷଣକୁ ସ୍ୱଷ୍ଟ କରିପାରିବ । ଓଡ଼ିଆ ଗୀତିକାବ୍ୟରେ ଜାନକୀବଲ୍ଲଭ ମହାନ୍ତି 'ପୋଇ' ଶବ୍ଦର ଅର୍ଥ ସଂପର୍କରେ ମତ ରଖିଛନ୍ତି । "ଓଡ଼ିଆରେ ପୋଇ ଶବ୍ଦ ପୋଇଲତା (ସଂ.ପତ୍ତିକା) ବ୍ୟତୀତ ଛୋଟ ପୁଅ ବା କନ୍ୟାକୁ ମଧ ବୁଝାଇଥାଏ । ଆଦରରେ ପୋଇ ବୋଲି ସମ୍ବୋଧନ କରିବା ଓଡ଼ିଆ ଲୋକଚଳଣିରେ ପ୍ରଚଳିତ । ଯଥା– କାକପୋଇ, ବାଳପୋଇ ।"

ମାତ୍ର 'ପୋଇ' ଶବ୍ଦର ଉତ୍ପତ୍ତି ସଂପର୍କରେ ସୂଚନା ଦେଇନାହାନ୍ତି । "ପୋଇର ସଂସ୍କୃତ 'ପଦୀ' ଶବ୍ଦ ପ୍ରାକୃତରେ 'ପଇ' ହୋଇ ଓଡ଼ିଆ ଭାଷାରେ 'ପୋଇ' ଆକାର ଧାରଣ କରିଛି"(୧)। ପୋଇ ଶବ୍ଦର ଉତ୍ପତ୍ତି ସମ୍ବନ୍ଧରେ ପଣ୍ଡିତ ନୀଳମଣି ମିଶ୍ର ରାଜଗୁରୁଙ୍କୁ ଅନୁସରଣ କରି ସଂସ୍କୃତର ପଦୀ ଶବ୍ଦକୁ ଅନୁମାନ କରିଛନ୍ତି । "ପୋଇ ଶବ୍ଦ ସଂସ୍କୃତର କେଉଁ ଶବ୍ଦରୁ ସମ୍ଭୁତ ତାହା କହିବା ସମ୍ଭବ ନୁହେଁ । ତଥାପି ଏ ସମ୍ବନ୍ଧରେ ଯେତିକି ଅନୁମାନ କରାଯାଇଛି; ସେଥିରୁ ଜଣାଯାଏ ଯେ, ଏହା ସଂସ୍କୃତର ପଦୀ ଶବ୍ଦର ଅପଭ୍ରଂଶ । ସଂସ୍କୃତ ସାହିତ୍ୟରେ 'ଚତୁଷ୍ପଦି', 'ଷଟପଦୀ', 'ଅଷ୍ଟପଦୀ' ଶ୍ଳୋକମାନ ରହିଛି । ସେହି 'ପଦୀ' ଶବ୍ଦର ଅନୁକରଣରେ ଓଡ଼ିଆରେ ଯେତେବେଳେ ରଚନା ଆରମ୍ଭ କରାଗଲା, ତାହା 'ପଇ' ନାମରେ ଲୋକମୁଖରେ କଥିତ ହୋଇଥିବ । କାଳକ୍ରମେ ଏହି ପଇ ଶବ୍ଦ ପୋଇ ନାମରେ ଅଭିହିତ ହେବା ଆଦୌ ବିଚିତ୍ର କଥା ନୁହେଁ ।" ( ମିଶ୍ର, ନୀଳମଣି; ପୃ.୩–୪) ସଚ୍ଚିଦାନନ୍ଦ ମିଶ୍ର ଏହାକୁ ସମର୍ଥନ କରିଛନ୍ତି । "ଓଡ଼ିଆ ପୋଇ ଶବ୍ଦ ସଂସ୍କୃତ ପଦୀ ଓ ପ୍ରାକୃତ ପଇ ଶବ୍ଦଜ ହେବା ଅନୁମାନ ଯୁକ୍ତିଯୁକ୍ତ" । (ମିଶ୍ର, ସଚ୍ଚିଦାନନ୍ଦ, ପୃ–୨୦୪)

ଏହି ଅନୁମାନ ଅମୂଳକ ନୁହେଁ । ସଂସ୍କୃତ ପଦୀ ଶବ୍ଦର ଅପଭ୍ରଂଶ ବା ପ୍ରାକୃତ ରୂପ ପଇ ହିଁ ଓଡ଼ିଆରେ ପୋଇ ଭାବରେ ବ୍ୟବହୃତ ହେଉଛି । କାରଣ ଓଡ଼ିଆରେ ପୋଇ (ପୋଇଲତା) ଶବ୍ଦ ଓ ପୋଇ (ନିର୍ଦ୍ଦିଷ୍ଟ କାବ୍ୟଶୈଳୀ) ଶବ୍ଦ ମଧରେ ତଫାତ୍ ରହିଛି । ଏଠାରେ ଲକ୍ଷ୍ୟ

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ
Quick Response Code:
Available online at : https://pracheenews.com/
DOI: https://doi.org/10.5281/zenodo.16918562
Article No - BPP00313

**ଯୋଗାଯୋଗ :**
**ଶୁଭସ୍ମିତା ଦାଶ,** ସହକାରୀ ପ୍ରାଧ୍ୟାପିକା,
ଓଡ଼ିଆ ବିଭାଗ, ଧରଣୀଧର ବିଶ୍ୱବିଦ୍ୟାଳୟ, କେନ୍ଦୁଝର
**Email :** dashshubhasmitam@gmail.com
**ORCIDID:** https://orcid.org/0009-0007-7024-8844

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୫.୦୪.୨୦୨୫ | ୧୧.୦୫.୨୦୨୫ | ୨୫.୦୬.୨୦୨୫ | ୧.୦୭.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ଦାଶ, ଶୁଭସ୍ମିତା ; ୨୦୨୫। : ଓଡ଼ିଆ ପୋଇ ସାହିତ୍ୟର ଇତିହାସ। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା : ଘ; ପୃଷ୍ଠା :୧୮–୨୧ ।

କରାଯାଇପାରେ ଯେ, ପଦୀ ଶବ୍ଦରେ ବ୍ୟବହୃତ ଇ କାର ପୋଇ ରେ ଅବଶେଷରେ ଦୀର୍ଘ ଈ ହୋଇ ରହିଛି । ସଂସକୃତ ପଦୀ ଶବ୍ଦରୁ ପୋଇର ଉତ୍ପତ୍ତିକ୍ରମ (ସଂ.ପଦୀ > ଅ.ପଈ >ପ୍ରା.ପପଈ >ଓ.ପୋଇ) ଷଟ୍‌ପଦୀରୁ ଛପୋଇର ଉତ୍ପତ୍ତିକ୍ରମ (ସଂ.ଷଟ୍‌ପଦୀ >ପ୍ରା.ଛପ୍‌ପଇ > ଓ.ଛପୋଇ) ପରି[୨] । ଏଥି ନେଇ ଯେଉଁ ସନ୍ଦେହ ରହିଛି, ତାହା 'ଅ' ର 'ଓ' ରେ ରୂପାନ୍ତର । ସଂସ୍କୃତ ଶବ୍ଦର 'ଅ' ପ୍ରାକୃତ ଅପଭ୍ରଂଶ ଦେଇ ଓଡ଼ିଆରେ 'ଓ' ର ରୂପ ନେବା କେବଳ 'ପ୍ରେଭ' ନୁହେଁ ବରଂ ବହୁ ପ୍ରଚଳିତ ଅନ୍ୟ କେତେକ ଶବ୍ଦରେ ମଧ୍ୟ ଦେଖାଯାଏ[୩] ।

ପ୍ରାଚୀନ ସାହିତ୍ୟରେ ଗଦ୍ୟ ରଚନା ହୋଇଥିଲେ ମଧ୍ୟ ତାହା ପରିମାନ ଦୃଷ୍ଟିରୁ କମ୍ । ପ୍ରାୟତଃ ରଚନା କାବ୍ୟ ବା ପଦ୍ୟ ଧର୍ମୀ । ପ୍ରାଚୀନ କାବ୍ୟ ପରମ୍ପରାରେ ଯେଉଁ ସବୁ ସ୍ୱରୂପ ରହିଛି ସେଥିରେ କାବ୍ୟ, ମହାକାବ୍ୟ, ଖଣ୍ଡକାବ୍ୟ ବ୍ୟତୀତ କେତେକ କ୍ଷୁଦ୍ରକଳେବର ବିଶିଷ୍ଟ ରଚନା ମଧ୍ୟ ସଂପୃକ୍ତ । ସେଗୁଡ଼ିକ ହେଉଛି ଚଉତିଶା, ଚଉପଦୀ, କୋଇଲି, ସନ୍ଦେଶ, ବୋଲି, ପଦିଆ, ପୋଇ ଇତ୍ୟାଦି । ଏଥିମଧ୍ୟରୁ ଚଉତିଶା, ଚଉପଦୀ, ପଦୀ, ପୋଇ ସଂଖ୍ୟା ନିୟମରେ ରଚିତ ହୋଇଥାଏ । କାବ୍ୟର ଛାନ୍ଦ ସଂଖ୍ୟା ଏବଂ ଛାନ୍ଦର ପଦ ସଂଖ୍ୟାସାମ୍ୟ ରହି ବହୁ କାବ୍ୟ ରଚିତ ହୋଇଥିଲା[୪] । ଏହାର ପ୍ରାରମ୍ଭିକ ରୂପ ପୋଇ ବୋଲି କୁହାଯାଇପାରେ । ପୋଇ କାବ୍ୟର ଲକ୍ଷଣ ସଂପର୍କରେ ସଚ୍ଚିଦାନନ୍ଦ ମିଶ୍ର ଯେଉଁ ତଥ୍ୟ ଦେଇଛନ୍ତି ତାହା ପୋଇର ଗଠନ ସଂପର୍କୀତ ।

୧) ତାହା ପ୍ରେଭ ବୃତରେ ରଚିତ ହେବା ଆବଶ୍ୟକ ।

୨) ତାହା ପୋଇର ଗଠନ ନିୟମ ଅନୁଯାୟୀ ଲେଖା ହୋଇଥିବ ।

୩) ତାହା ଏକ ସ୍ୱୟଂସମ୍ପୂର୍ଣ୍ଣ ରଚନା ହୋଇଥିବ ।[୫]

## (ଦୁଇ)

ଓଡ଼ିଆ ସାହିତ୍ୟରେ ପୋଇ ରଚନା କିପରି ଓ କେବେ ପ୍ରଚଳିତ ହେଲା, ତାହା ନିର୍ଣ୍ଣୟ କରିବା କଷ୍ଟକର । ସମ୍ଭବତ ସଂସ୍କୃତ ସାହିତ୍ୟର ପଂଚକ, ଅଷ୍ଟକ, ଶତକ ପ୍ରଭୃତି ସଂଖ୍ୟାବାଚକ ଗୀତିକାବ୍ୟ ଅନୁକରଣରେ ଏହା ରଚିତ ହୋଇଅଛି[୬] । ଓଡ଼ିଆରେ ପୋଇ କାବ୍ୟ ମଧ୍ୟରେ କଣ୍ଠ ଦାସଙ୍କ ନଅପୋଇକୁ ପ୍ରାଚୀନ ପୋଇର ଅଖ୍ୟା ଦିଆଯାଏ । ଉପେନ୍ଦ୍ର ଭଞ୍ଜଙ୍କର ମଧ୍ୟ କେତେକ ପୋଇ ରଚନା ରହିଛି । ପଣ୍ଡିତ ବିନାୟକ ମିଶ୍ରଙ୍କ ମତରେ ସପ୍ତଦଶଶତାବ୍ଦୀର କବି ଦ୍ୱାରକା ଦାସ ଭଞ୍ଜଙ୍କ ପୂର୍ବରୁ ସପ୍ତପୋଇ ରଚନା କରିଥିଲେ । ଓଡ଼ିଆ ସାହିତ୍ୟରେ ପୋଇର ସଂଖ୍ୟା ନେଇ ଭିନ୍ନ ଭିନ୍ନ ଆଲୋଚକ ଭିନ୍ନ ଭିନ୍ନ ମତ ପ୍ରଦାନ କରିଛନ୍ତି । ଓଡ଼ିଆ ସାହିତ୍ୟରେ ଅଳ୍ପ କେତୋଟି ମାତ୍ର ପୋଇ ଥିବାର ଜଣାଯାଏ, ମତ ଦେଇ ପଣ୍ଡିତ ନୀଳମଣି ମିଶ୍ର ଓଡ଼ିଆ ପୋଇ ସାହିତ୍ୟ ପୁସ୍ତକରେ ନଅପୋଇର ଆଲୋଚନା ପ୍ରାରମ୍ଭରେ ପନ୍ଦରଟି ପୋଇ ସଂପର୍କରେ ସୂଚନା ଦେଇଛନ୍ତି ।

- କଣ୍ଠ ଦାସଙ୍କ ନଅପୋଇ
- ଭ୍ରମରବର ସାମନ୍ତରାୟଙ୍କ ଛଅପୋଇ
- ଅଚ୍ୟୁତାନନ୍ଦଙ୍କ ଛଅପୋଇ
- ଦ୍ୱାରକା ଦାସଙ୍କ ସାତପୋଇ
- ଯୁଗ ଭଞ୍ଜ ବା ଯୁବ ଭଞ୍ଜଙ୍କ ଦଶପୋଇ
- ଯୁଗ ଭଞ୍ଜ ବା ଯୁବ ଭଞ୍ଜଙ୍କ ବାରପୋଇ
- ବିପ୍ର ଗିରିଧର ଦାସଙ୍କ ବାରପୋଇ
- ବ୍ରଜନାଥ ବଡ଼ଜେନାଙ୍କ ଦଶପୋଇ
- ଉପେନ୍ଦ୍ର ଭଞ୍ଜଙ୍କ ଷୋଳପୋଇ
- ଉପେନ୍ଦ୍ର ଭଞ୍ଜଙ୍କ ଛଅପୋଇ
- ଉପେନ୍ଦ୍ର ଭଞ୍ଜଙ୍କ ଦଶପୋଇ
- ଅରକ୍ଷିତ ଗୋବର୍ଦ୍ଧନଙ୍କ ପଚିଶପୋଇ
- କୃଷ୍ଣକରଙ୍କ ପନ୍ଦରପୋଇ
- ସ୍ୱର୍ଣ୍ଣପୁର ଭୂପଙ୍କ ଚଉଦପୋଇ

ଏହା ବ୍ୟତୀତ ଜାନକୀ ବଲ୍ଲଭ ମହାନ୍ତିଙ୍କ ଓଡ଼ିଆ ଗୀତିକାବ୍ୟରୁ ଆଉ କେତେକ (ସାତଟି) ପୋଇର ମଧ୍ୟ ସନ୍ଧାନ ମିଳିଥାଏ ।

- ରାମଚନ୍ଦ୍ର ଭ୍ରମରବରଙ୍କ ଛଅପୋଇ
- କାର୍ତ୍ତିକ ଦାସଙ୍କ ଛଅପୋଇ
- ସତ୍ୟବାଦୀ ଦାସଙ୍କ ସାତପୋଇ
- ଅରକ୍ଷିତ କେଶାଙ୍କ ଛଅପୋଇ
- ଦ୍ୱାରକା ଦାସଙ୍କ ସାତପୋଇ
- ଦ୍ୱାରିକା ଦାସଙ୍କ ତେରପୋଇ
- ସୁଦର୍ଶନ ଗୁରୁଙ୍କ ସାତପାଇ
- ସୁଦର୍ଶନ ଗୁରୁଙ୍କ ବାରପୋଇ
- ବୈରାଗୀ ନନ୍ଦଙ୍କ ଆଠପୋଇ
- ଭୂବନେଶ୍ୱର କବିନ୍ଦ୍ରଙ୍କ ଦଶପୋଇ

ଓଡ଼ିଆ ସାହିତ୍ୟ ଏକାଡ଼େମୀ ଦ୍ୱାରା ସଂକଳିତ ଓଡ଼ିଆ ଲେଖକ ପରିଚୟ ପୁସ୍ତକରୁ ଦ୍ୱାରକା ଦାସଙ୍କର ଆଉ ଦୁଇଟି ପୋଇ ଥିବାରେ ଜଣାଯାଏ । ଛଅପୋଇ, ନଅପୋଇ । ସଚ୍ଚିଦାନନ୍ଦ ମିଶ୍ର ଏହା ସହିତ ଆଉ ଛଅଟି ପୋଇ ସଂପର୍କରେ ସୂଚନା ଦେଇଛନ୍ତି ।

- ମୁକୁନ୍ଦ ଦାସଙ୍କ ପାଞ୍ଚପୋଇ
- ଭ୍ରମରବରଙ୍କ ସାତପୋଇ
- ଭ୍ରମରବରଙ୍କ ଦଶପୋଇ
- କଣ୍ଣ ଦାସଙ୍କ ଛଅପୋଇ
- ଲକ୍ଷ୍ମୀଧର ଦାସଙ୍କ ପଚିଶ ପୋଇ
- ଅଭିମନ୍ୟୁ ପଟ୍ଟନାୟକଙ୍କ ରାଧାକୃଷ୍ଣ ପୋଇ

ଏହି ସବୁକୁ ମିଶାଇଲେ ଓଡ଼ିଆ ସାହିତ୍ୟରେ ୩୧ଟି ପୋଇ ରହିଛି ବୋଲି କୁହାଯାଇପାରିବ । ମାତ୍ର ଏତଦ୍ ବ୍ୟତୀତ ଆଉ ପୋଇ ଯେ ଓଡ଼ିଆରେ ନାହିଁ ବା ଲେଖାଯାଇନାହିଁ, କହିବା ଭୁଲ ହେବ । "ମୋର ବିଶ୍ୱାସ ଆହୁରି ଅନେକ ପୋଇ ରଚିତ ହୋଇଥିବା କିନ୍ତୁ ସେଗୁଡ଼ିକ ଲୋକଲୋଚନକୁ ଆସିପାରିନାହିଁ । ପୋଇର ମୋଟ ସଂଖ୍ୟାକୁ ୨୧ରେ ବା ଅନ୍ୟ କୌଣସି ସଂଖ୍ୟାରେ ନିର୍ଦ୍ଦିଷ୍ଟ କରାଯାଇପାରିବ ନାହିଁ[୭]" । ସନ୍ଧାନ କରାଗଲେ ଆଉ ପୋଇ ରଚନା ମିଳିବା ଅସମ୍ଭବ ନୁହେଁ । ଏଣୁ ଓଡ଼ିଆ ସାହିତ୍ୟରେ ପୋଇର ନିଦ୍ଦିଷ୍ଟ ସଂଖ୍ୟା ନିର୍ଦ୍ଧାରଣ କରାଯାଇପାରିବ ନାହିଁ ।

## (ତିନି)

ଅନେକ ସଂଖ୍ୟା ଆଧାରିତ ପୋଇ ଅଛି । ସେଥିରେ ସମସଂଖୟା ଆଧାରିତ ଏକାଧିକ ପୋଇ ଥିଲେ ମଧ୍ୟ ଦ୍ୱିତୀୟ ନଅ ସଂଖ୍ୟା ପୋଇ ସଂପର୍କରେ ତଥ୍ୟ ନାହିଁ । ଏହା ଏକ ରହସ୍ୟମୟ । ଏହି ଆଧାରରେ ଏପରି କୁହାଯାଇପାରେ ଯେ ନଅପୋଇ ପ୍ରଥମ ପୋଇ । ଏହା ଅନ୍ୟ ପୋଇ ରଚନାକାରମାନଙ୍କର ଆଦର୍ଶ ଭାବରେ ଗୃହୀତ ହୋଇଛି । ପୋଇର ବିଷୟ ରାଧାକୃଷ୍ଣ ପ୍ରେମଲୀଳା । ଏଣୁ ସମ ଛାନ୍ଦ, ସମ ପଦ ବିଶିଷ୍ଟ, ପଦରେ ସମ ଅକ୍ଷର ରଖି କିମ୍ବା ଦୁଇ ଅଧରକ ଅକ୍ଷର ଅଧିକ କରି ଯେଉଁକାବ୍ୟ ରଚିତ ହେବ ତାହା ପ୍ରାୟତଃ ପୂର୍ବ ରଚନା ପରି ହେବ । ଏଣୁ ଅନ୍ୟ ସଂଖ୍ୟକ ପୋଇ ଲେଖାଗଲେ ମଧ୍ୟ ନଅ ସଂଖ୍ୟକ ପୋଇ ଲେଖାଯାଇ ନାହିଁ । ପରେ ଅବଶ୍ୟ ପୋଇର ବିଷରେ ପରିବର୍ତ୍ତନ ଆସିଛି । ରାମଲୀଳା କିମ୍ବା ଅନ୍ୟ ବିଷୟ ଆଧାରରେ ନଅପୋଇ ରଚିତ ହୋଇପାରିଥାଆନ୍ତା । କିନ୍ତୁ ତାହା ହୋଇନାହିଁ । ରସପ୍ରେଭ ନାମରେ ଯେଉଁ ପୋଇ ମିଳେ ତାହାର ଛାନ୍ଦ ସଂଖ୍ୟା ନଅ । ସଚ୍ଚିଦାନନ୍ଦ ମିଶ୍ର ଏହି ସଂପର୍କରେ ଲେଖିଛନ୍ତି ଯେ, ମୁଦ୍ରିତ ରସପୋଇର ଦଶଟି ପୋଇ(ଭାଗ) ରହିଛି । ତନ୍ମଧ୍ୟରୁ ଚତୁର୍ଥ ପୋଇରେ ୮ପଦ, ୬ଷ୍ଠ ଓ ୧୦ମ ପୋଇରେ ୧୦ ପଦ ଲେଖାଏଁ ଓ ଅବଶିଷ୍ଟ ୭ ପୋଇରେ ୯ପଦ ଲେଖାଏ ରହିଛି । କିନ୍ତୁ ମ୍ୟୁଜିୟମର ପୋଥି ଭଣ୍ଡାରରେ ଥିବା ରସପୋଇଟି ନଅ ଗୋଟି ପୋଇରେ ବିଭକ୍ତ ଓ ପ୍ରତ୍ୟେକ ପୋଇରେ ନଅ ଗୋଟି ପଦ ଥିବା ସ୍ଥଳେ କେବଳ ନବମ ପୋଇରେ ୧୦ ଗୋଟି ପଦ ରହିଛି । ତାଙ୍କ ଆଲୋଚନାରୁ ଜଣାଯାଏ ରସପୋଇ ଏକ ନଅପୋଇ । ରସ ଶବ୍ଦ ନଅ ଅର୍ଥରେ ବ୍ୟବହୃତ ହୋଇଛି, ଯେହେତୁ ରସ ସଂଖ୍ୟା ନଅ । ପ୍ରାଚୀନ ସାହିତ୍ୟରେ ଏପରି ପ୍ରୟୋଗ ହେଉଥିଲା । ତାହା ବୋଧ ନହେବାରୁ ଗ୍ରନ୍ଥଟିର ମୂଳପାଠକୁ ବିକୃତ କରିଦିଆଯାଇଛି । ଲେଖକ ସିଧାସଳଖ ସଂଖ୍ୟାର ପ୬ୟୋଗ ନକରିବାରୁ ଏପରି ଗୋଟିଏ ସୁଯୋଗ ସୃଷ୍ଟି ହୋଇଛି । ସଂକ୍ୟ ସୂଚନା ନଥାଇ ଅନ୍ୟ ଯେଉଁ ପୋଇ ମିଳେ ତାହା ହେଉଛି ଅଭିମନ୍ୟୁ ପଟ୍ଟନାୟକଙ୍କ ରାଧାକୃଷ୍ଣ ପୋଇ । ସଚ୍ଚିଦାନନ୍ଦ ମିଶ୍ର ରସପୋଇକୁ ନଅପୋଇ ଭାବରେ ଗ୍ରହଣ କରିଥିଲେ ମଧ୍ୟ ରାଧାକୃଷ୍ଣ ପୋଇ ସଂପର୍କରେ ଏହାର ନାମକରଣ ସଂଖ୍ୟାକୁ ନଧରି ବିଷୟ ବସ୍ତୁ ଧରି ହୋଇଛି ବୋଲି କହିଛନ୍ତି । ପୋଇ ସାହିତ୍ୟରେ ଅନ୍ୟ ଏକ ବ୍ୟତିକ୍ରମ ହେଉଛି ଲକ୍ଷ୍ମୀଧରଦାସଙ୍କ ପଚିଶପୋଇ । ଏହା ପୋଇର ଅକ୍ଷର ସଂଖ୍ୟା ନିୟମକୁ ଉଲଙ୍ଘନ କରି ପଚିଶ ଅକ୍ଷର ବିଶିଷ୍ଟ ହୋଇଛି । ଏଥିସହିତ ଏହାର ପ୍ରତି ପଦର ଅକ୍ଷର ସଂଖ୍ୟା, ପ୍ରତି ଭାଗରେ ପଦ ସଂଖ୍ୟା, ବାଗ ସଂଖ୍ୟା, ପୋଇର ନାମକରଣ ଏକ ସଂଖ୍ୟା ଆଧାରରେ ହୋଇପାରିଛି । ପୋଇରେ ଅଳଙ୍କାର ଓ ଅନ୍ୟ ଶୈଳୀମାନଙ୍କର ପ୍ରୟୋଗ ମଧ୍ୟ ଦେଖାଯାଏ । ଅରକ୍ଷିତ କେସାଙ୍କ ଛଅପୋଇରେ ଛଅଟି ଗୀତ ବିଚିତ୍ର ଶବ୍ଦାଳଙ୍କାର ଚାତୁରିରେ ବିଳସିତ । ୧ମ ଗୀତର ପ୍ରତ୍ୟେକ ଚରଣ ଶେଷରେ କ ବର୍ଣ୍ଣ, ୩ୟ ଗୀତ ଶେଷରେ କି ବର୍ଣ୍ଣ, ୪ର୍ଥ ଗୀତ ଶେଷରେ କୁ ବର୍ଣ୍ଣ ଓ ୬ଷ୍ଠ ଗୀତ ଶେଷରେ କୈ ବର୍ଣ୍ଣ ପରିଲକ୍ଷିତ । ସୁଦର୍ଶନ ଗୁରୁଙ୍କ ସପ୍ତପୋଇ ଓ ଆଦ୍ୟନ୍ତ ଓ ବାରପୋଇ ବ ଆଦ୍ୟନ୍ତ ନିୟମର ୪ ଲେଖିତ । ବୈରାଗୀ ନନ୍ଦଙ୍କ ରଚିତ ବିଭିନ୍ନ ରାଗରେ ଲିଖିତ ଅଷ୍ଟପୋଇ ପଦ ଲାଳୀତ୍ୟ ରହିଛି । ଅଭିମନ୍ୟୁ ପଟ୍ଟନାୟକଙ୍କ ରାଧାକୃଷ୍ଣ ପୋଇ ପାଞ୍ଚଟି ଚାନ୍ଦରେ ରଚିତ । ପଦ ଯୋଜନାରେ ଅନୁପ୍ରାସ ଓ ମକାଳଙ୍କାରର ବହୁଳତା ଦେଖିବାକୁ ମିଳେ । ପୋଇ କାବ୍ୟରେ ଅଳଙ୍କାର ଓ ରଚନା ବିଳାସ ମଧ୍ୟ ପ୍ରଦର୍ଶିତ ।


୧) ଶ୍ୟାମସୁନ୍ଦର ରାଜଗୁରୁ, (୧୯୯୪), ପ୍ରବନ୍ଧାବଳୀ, ପୃ-୧୩ ।

୨) ଧନେଶ୍ୱର ମହାପାତ୍ର, (୨୦୧୩), ଓଡ଼ିଆ ଧ୍ୱନିତତ୍ତ୍ୱ ଓ ଶବ୍ଦସମ୍ଭାର ।


୩) ଅବକ୍ଷର - ଅବକ୍ଷର > ଓକ୍ଖର >ଓକ୍ଷର

ଅବସାର - ଅବସାର >ଓସାର >ଓସାର

ପଲବ – ସଂ.ପଲବ >ପ୍ରା.ପଳଅ >ଓ.ପୋଲୁହ

ପଡିକା – ସଂ.ପଡିକା >ଓ.ପୋଇ

ବହିତ୍ର – ସଂ.ବହିତ୍ର >ପ୍ରା.ବହିତ୍ତ >ଓ.ବୋଇତ

ଅବଗୁଣ୍ଠନ - ସଂ.ଅବଗୁଣ୍ଠନ >ପ୍ରା.ଓଉଣ୍ଠଣ >ଓ.ଓଢ଼ଣା/ଓଢ଼ଣା

ଅବଲମ୍ବ - ସଂ.ଅବଲମ୍ବ >ପ୍ରା.ଓଲମ୍ବ >ଓ.ଓଳମ

ଅବଲୁଠ୍ –ସଂ. ଅବଲୁଠ୍ >ପ୍ର.ଓଲୁଠ୍ >ଓ.ଓଲଟ

ଅବରୋହ – ସଂ. ଅବରୋହ >ପ୍ରା.ଓରୋହ >ଓ.ଓହଳ

୪) ସୁଦର୍ଶନ ଆଚାର୍ଯ୍ୟ; (୨୦୦୭), ଓଡ଼ିଆ କାବ୍ୟ କୌଶଳ; ପୃ-୨୪୭ । ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମାଙ୍କର ‘ପ୍ରେମକଳ୍ପଲତା’, ଅଭିମନ୍ୟୁ ସାମନ୍ତସିଂହାରଙ୍କର ‘ସୁଲକ୍ଷଣା’, ବାସୁଦେବ ରାଜମଣିଙ୍କର ‘ଚନ୍ଦ୍ରାବତୀ’ ।

୫) ଦ୍ରଷ୍ଟବ୍ୟ-ଅତୀତର ବର୍ଣ୍ଣବୋଧ, (୨୦୦୨), ଦଶମ ଅଧ୍ୟାୟ, ପୃ-୨୪୭ ।

୬) ଜାନକୀ ବଲ୍ଲଭ ମହାନ୍ତ, (୧୯୯୮), ଓଡ଼ିଆ ଗୀତିକାବ୍ୟ ।

୭) ସଚ୍ଚିଦାନନ୍ଦ ମିଶ୍ର, (୨୦୦୨), ଅତୀତର ବର୍ଣ୍ଣବୋଧ, ପୃ-୨୪୮ ।

**ସହାୟକ ଗ୍ରନ୍ଥସୂଚୀ :**


୧. ଆଚାର୍ଯ୍ୟ, ସୁଦର୍ଶନ, ଓଡ଼ିଆ କାବ୍ୟ କୌଶଳ;କଟକ, ଫେଣ୍ଡସ୍ ପବ୍ଲିଶର୍ସ, ସଂ.୨୦୦୭ ।

୨. ତ୍ରିପାଠୀ, ସନ୍ତୋଷ, ପ୍ରାଚୀନ - ମଧ୍ୟକାଳୀନ କବିତା, କଟକ, ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ, ସଂ.୨୦୦୪ ।

୩. ତ୍ରିପାଠୀ, ବୈଷ୍ଣବ ଚରଣ, ଆଭବଲ୍ଲଭ ରଚନା ସମଗ୍ର, କଟକ, ରେଭେନ୍‌ସା ବିଶ୍ୱବିଦ୍ୟାଳୟ, ସଂ.୨୦୧୪ ।

୪. ଦାସ, କଣ୍ଣ, ନଅପୋଇ ପୋଥି, ପୋଥି ନଂ –EST/318

୫. ଦାସ, କଣ୍ଣ, ନଅପୋଇ ପୋଥି, ପୋଥି ନଂ –EST/330(OL/96)

୬. ଦାସ, କଣ୍ଣ, ନଅପୋଇ ପୋଥି, ପୋଥି ନଂ –EST/451

୭. ଭଞ୍ଜ, ଉପେନ୍ଦ୍ର, ଦଶପୋଇ ପୋଥି, ପୋଥି ନଂ –EXT/82

୮. ଭଞ୍ଜ, ଉପେନ୍ଦ୍ର, ଦଶପୋଇ ପୋଥି, ପୋଥି ନଂ –EXT/45


❖ ❖ ❖

DOI : https://doi.org/10.5281/zenodo.16918684

ମୂଳ ପ୍ରବନ୍ଧ

# ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଗଳ୍ପରେ ଜାତୀୟତାର ସ୍ୱର

**ସସ୍ମିତା ଜେନା**

**ସଂକ୍ଷିପ୍ତସାର :**

ଜାତୀୟତା ହେଉଛି ଏକ ଜାଗତିକ ଭାବ। ଗୋଟିଏ ନିର୍ଦ୍ଦିଷ୍ଟ ଜାତିକୁ ଭଲ ପାଇବା ଦ୍ୱାରା ପ୍ରତିଷ୍ଠା ପାଏ ଜାତୀୟ ଐକ୍ୟ। କେବଳ ଯେ ଏଥିରେ ଜାତିର ମହିମା ଓ ମହତ୍ୱ, ଗର୍ବ ଓ ଗୌରବକୁ ପ୍ରକାଶ କରେ ନାହିଁ, ମଣିଷକୁ ମଧ୍ୟ ପ୍ରାଧାନ୍ୟ ଦିଏ, ମଣିଷର ଆଶା ଆକାଂକ୍ଷା ପାଇଁ ସ୍ୱର ଉଠାଏ। ଜାତୀୟତା ହିଁ ମଣିଷର ସ୍ୱାଧୀନତା ବିଷୟରେ ତାକୁ ଜାଗ୍ରତ କରାଏ। ଜାତୀୟତାବାଦର ଏକ ସ୍ୱତନ୍ତ୍ର ଅଙ୍ଗ ହେଉଛି ମାନବିକ ଚେତନା। ଜାତୀୟତାବାଦର ମୂଳମନ୍ତ୍ର ହେଉଛି ଜାତୀୟ ମୁକ୍ତି, ଜାତୀୟ ପ୍ରଗତି, ଜାତୀୟ ସଂସ୍କୃତି ସାହିତ୍ୟଶୀଳତା ଇତ୍ୟାଦି ମର୍ଯ୍ୟାଦା ରକ୍ଷା କରିବା। ଏକ ସୁସଂହତ ଜୀବନବୋଧ, ସଫଳ ଲକ୍ଷ୍ୟ ନେଇ ଏକନିଷ୍ଠ ପ୍ରତିଜ୍ଞା ଜନିତ ସଙ୍କଳ୍ପ, ଶାନ୍ତି, ସାମ୍ୟ ଓ ମୈତ୍ରୀର ପ୍ରତିଷ୍ଠା, ପ୍ରେମ, ମମତ୍ୱ ଓ ମାନବିକତାର ଜୟଗାନ, ସମାଜ କଲ୍ୟାଣ ଓ ଜାଗରଣ ସୃଷ୍ଟି ପାଇଁ ଆଦର୍ଶଗତ ଓ ଅନୁଷ୍ଠାନିକ ଉଦ୍ୟମ ହେଲା ଜାତୀୟତାବାଦର ମୂଳ ପିଣ୍ଡ। ୧୯୨୦ ମସିହା ବେଳକୁ ସଂସ୍କାରର ପ୍ରଚଣ୍ଡ ବେଗ ପ୍ରାୟ ସ୍ତମିତ ହୋଇ ଆସିଥିଲା। ସମାଜ କ୍ଷେତ୍ରରେ ନୂତନ ନୂତନ ସମସ୍ୟାମାନ ମୁଣ୍ଡ ଟେକିବାକୁ ଆରମ୍ଭ କରିଥିଲା। ଜାତୀୟତାର ଯେଉଁ ସ୍ରୋତ ପ୍ରଚ୍ଛନ୍ନ ଭାବରେ ବହୁଥିଲା ତାହା ଗଳ୍ପରେ ପ୍ରକାଶ ହେବାକୁ ଆରମ୍ଭ କଲା। ଧର୍ମର ପୃଷ୍ଠପୋଷଣରେ ଜାତି ଜାତି ମଧ୍ୟରେ ଯେଉଁ ଦୁସ୍ତର ବ୍ୟବଧାନ ରହି ଆସିଥିଲା ତାହାର କ୍ଷତିକାରକ ଦିଗଟି ସମ୍ପର୍କରେ ଏଥର ନବ୍ୟଶିକ୍ଷିତ ସମ୍ପ୍ରଦାୟ ସଚେତନ ହେବାକୁ ଆରମ୍ଭ କରିଥିଲେ। ବହୁବିବାହ, ବାଲ୍ୟବିବାହ, ବୃଦ୍ଧବିବାହ, ନାରୀଶିକ୍ଷା, ଇଂରାଜୀ ଶିକ୍ଷା, ନିଶାଖୋରୀ, ଅତ୍ୟାଚାର, ବୈଷମ୍ୟ ପ୍ରଭୃତି ସାମାଜିକ ସମସ୍ୟା ଆତ୍ମପ୍ରକାଶ କରିଥିଲା। ଏହାର ଭୟାବହ ରୂପ ଏ ସମୟର ସାହିତ୍ୟିକମାନଙ୍କୁ ଅସ୍ଥିର କରି ପକାଇଥିଲା। ଯଥାରୀତି ଏ ଯୁଗର ସାହିତ୍ୟରେ ତାହାର ସ୍ୱାକ୍ଷର ଦେଖିବାକୁ ମିଳିଲା।

**ପ୍ରମୁଖ ଶବ୍ଦାବଳୀ :**

ଜୀବନମୟ, ସାହିତ୍ୟଶୀଳତା, ଆଭିଜାତ୍ୟ, ଯୁଗଧର୍ମ, ଜାତୀୟପ୍ରୀତି, ସମାଜ କଲ୍ୟାଣ, ମୁକ୍ତିବାସୀ ଇତ୍ୟାଦି।

ପ୍ରଥମେ ବିଳାସମୟ ଜୀବନ ବିତଉଥିବା ସ୍ୱେଚ୍ଛାଚାରୀ ରାଜା, ତାଙ୍କ ଅନୁରୂପ ସାମନ୍ତବାଦୀ ଶାସନ, ତାଙ୍କ ପରେ ପୁଞ୍ଜିପତି, ଶିଳ୍ପପତି, କଳକାରଖାନା ମାଲିକଙ୍କ ଦ୍ୱାରା ପ୍ରପୀଡ଼ିତ ନିର୍ଯ୍ୟାତିତ ଜନତା। ଜୁଲୁମ୍ ଭିତରୁ ମୁକୁଳି ଆସିବାକୁ ମଣିଷର ମନରେ ଯେତେବେଳେ ଆସିଲା ସାହସ, ଶରୀରରେ ବଳ, ଚିନ୍ତାଚେତନାରେ ମୁକ୍ତିର କାମନା, ସେତେବେଳେ ସେ ଗଠନ କଲା ଜାତି। ରୁଷୋ, ମଣ୍ଟେସ୍କ୍ୟୁ ଓ ଭଲ୍‌ଟେୟାରଙ୍କ ଭଳି ଦାର୍ଶନିକଙ୍କର ଆବିର୍ଭାବ ଏହି ଜାତି ପାଇଁ ତିଆରି

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI : https://doi.org/10.5281/zenodo.16918684

Article No - BPP00314

**ଯୋଗାଯୋଗ :**
**ଡ଼କ୍ଟର ସସ୍ମିତା ଜେନା,** ଅଧ୍ୟାପିକା
ଓଡ଼ିଆ ବିଶ୍ୱବିଦ୍ୟାଳୟ, ପୁରୀ
**Email :** lumi.jena@gmail.com
**ORCID ID :** https://orcid.org/0009-0008-7634-4674

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୫.୦୪.୨୦୨୫ | ୧୨.୦୫.୨୦୨୫ | ୨୬.୦୬.୨୦୨୫ | ୧.୦୭.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ଜେନା, ସସ୍ମିତା; ୨୦୨୫। ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଗଳ୍ପରେ ଜାତୀୟତାର ସ୍ୱର। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା : ଘ; ପୃଷ୍ଠା :୨୨-୨୬।

କଲା ଏକ ନୂତନ ଦିଶା। ରାଜା ପରିବର୍ତ୍ତେ ସମସ୍ତଙ୍କ ପାଖରେ ଏହି ଜାତିର ମହତ୍ତ୍ୱ ରହିଲା ଅଧିକ। ଯାହାକୁ ଆଧୁନିକ ବିଶ୍ୱର ସମସ୍ତ ରାଷ୍ଟ୍ର ଶ୍ରେଷ୍ଠ କର୍ତ୍ତବ୍ୟ ରୂପେ ଏହି ଜାତିର ମହତ୍ତ୍ୱକୁ ଗୁରୁତ୍ୱ ଦେଲେ। ପରାଧୀନତାର ଗ୍ଲାନି ଭିତରୁ ଆତ୍ମତ୍ୟାଗର ଜାତୀୟ ଆଦର୍ଶଟିଏ ଗଢ଼ି ଉଠିଲା ଜାତି (Nation) ଓ ଜାତୀୟ ଜୀବନର ଏହି ପୃଷ୍ଠଭୂମି ପୁଞ୍ଜିବାଦର ବିକାଶ କ୍ରିୟାରୁ ତେଣୁ ପ୍ରସ୍ତୁତ ହେଲା ଜାତୀୟତାବାଦର ଜନ୍ମଜାତକ, ଯାହା ମାନବିକ ଚେତନାକୁ ବିଶେଷ ଭାବରେ ଅନୁପ୍ରାଣିତ କଲା। ଡଃ. ବେଣୁଧର ପାଢ଼ୀଙ୍କ ବକ୍ତବ୍ୟ, "ଜାତିର ବିଶାଳ ପରିଧି ଓ ତା'ର ଗୌରବାବହ ଅତୀତ ଭିତରୁ ବ୍ୟକ୍ତି ଖୋଜିଲା ଆପଣା ପୂର୍ବପୁରୁଷଙ୍କ ସ୍ମୃତି ବିଜଡ଼ିତ ପାରଦର୍ଶୀ ଜୀବନବୋଧର ଉତ୍କୃଷ୍ଟ ପ୍ରସଙ୍ଗ। ପ୍ରାଚୀନ ଶିଳ୍ପକଳାର ଭଗ୍ନୁର କୀର୍ତ୍ତିରାଜି ଭିତରୁ ଆବିଷ୍କୃତ ହେଲା ଗୌରବପୂର୍ଣ୍ଣ ଜାତିର ଇତିବୃତ୍ତ। ଜୀବନ୍ମୟ ହୋଇଉଠିଲା ଇତିହାସର ବିସ୍ମୃତ ଅଧ୍ୟାୟ। ଜାତୀୟ ଜୀବନର ପୁନଃନିର୍ବାଣ ପାଇଁ ମାନସିକ ସ୍ତରରେ ପ୍ରସ୍ତୁତ ହେଲା ମୁକ୍ତିବାସୀ ମଣିଷ। ପରାଧୀନତାର ଗ୍ଲାନି ଭିତରୁ ଆତ୍ମତ୍ୟାଗର ଜାତୀୟ ଆଦର୍ଶଟିଏ କ୍ରମଶଃ ପ୍ରଦାନ ଉଦ୍ଦେଶ୍ୟରେ ଭାରତକୁ ପ୍ରତ୍ୟାବର୍ତ୍ତନ କଲେ ମହାତ୍ମାଗାନ୍ଧୀ (୧୯୧୩), ଓଡ଼ିଶାର ଜନନାୟକ ଉତ୍କଳମଣିଙ୍କ ଉଦ୍ୟମରେ ଜାତୀୟ ଚେତନାର ଉଦ୍‌ବୋଧନ ଉଦ୍ଦେଶ୍ୟରେ ପ୍ରତିଷ୍ଠିତ ହେଲା ସତ୍ୟବାଦୀର ବନବିଦ୍ୟାଳୟ ୧୯୦୧ ମସିହାରେ। (୧୩) ଓଡ଼ିଆମାନଙ୍କର ସମାଜବୋଧ ଓ ରାଷ୍ଟ୍ର ଚେତନାକୁ ତାହା ଶୁଭ ଓ ସଚେତନ ଜୀବନ ସାଧନାର ସ୍ତରକୁ ଉନ୍ନୀତ କରିବାରେ ସହାୟକ ହୋଇଛି। ଓଡ଼ିଆ ଗଳ୍ପ କ୍ଷେତ୍ରରେ ଏହି ଗଭୀରତା ଓ ବ୍ୟାପକତାର ପରିସ୍ଫୁଟନ ଘଟିଛି ବହୁବିଧ ଅନୁକୂଳ ଓ ପ୍ରତିକୂଳ ସାମାଜିକ ଶକ୍ତି ମଧ୍ୟ ଦେଇ। ରକ୍ଷଣଶୀଳତା ଓ ପ୍ରଗତିବାଦର ବିଭିନ୍ନ ଘାତପ୍ରତିଘାତ ମଧ୍ୟ ଏହାକୁ କମ୍ କ୍ରିୟାଶୀଳ କରି ନାହିଁ।

ଫକୀର ମୋହନଙ୍କ ଠାରୁ ଆରମ୍ଭ ହୋଇଥିବା ଓଡ଼ିଆ ଗଳ୍ପ ସାହିତ୍ୟରେ ଜାତୀୟଚେତନାର ଏକ ସ୍ୱଚ୍ଛ ଇଙ୍ଗିତ ଦେଖିବାକୁ ମିଳେ। ଫକୀରମୋହନଙ୍କ ସମସାମୟିକ ଗଳ୍ପକାରବୃନ୍ଦ ମଧ୍ୟ ଜାତୀୟତାର ସ୍ୱୀୟ ତାଙ୍କ ଗଳ୍ପ ମାନସରେ ସୁନ୍ଦର ଭାବରେ ଫୁଟେଇଛନ୍ତି। ଯୁଗଧର୍ମ ଓ ସମାଜ ପ୍ରକୃତିର ଅନିବାର୍ଯ୍ୟ ଆକର୍ଷଣ ଗାଳ୍ପିକମାନଙ୍କୁ ଯେଉଁଭଳି ପ୍ରଭାବିତ କରିଥିଲା ସେହିଭଳି ମଧ୍ୟ ସାମାଜିକ ଅର୍ଥନୈତିକ ସଚେତନତା ଜାତୀୟତାର ପ୍ରସାରରେ ତାଙ୍କ ଲେଖନୀ ଶତମୁଖର ହେଲା।

ଊନବିଂଶ ଶତକର ପ୍ରଥମାର୍ଦ୍ଧରେ ଓଡ଼ିଶା ବ୍ରିଟିଶ ଶାସନାଧୀନ ହେବା ଫଳରେ ଉତ୍କଳୀୟ ପାରମ୍ପରିକ ସମାଜ ବ୍ୟବସ୍ଥାର ଆମୂଳ ପରିବର୍ତ୍ତନ ଘଟିଲା। ଊନବିଂଶ ଶତକ ପୂର୍ବରୁ ବିଦେଶୀୟ ଶାସକମାନଙ୍କର ଘନ ଘନ ଯୁଦ୍ଧ ବିଗ୍ରହ ରାଜନୈତିକ କୂଟ ଷଡ଼ଯନ୍ତ୍ରର ବହ୍ନିରେ ଜାତୀୟ ଜୀବନ ଧୂମାୟିତ ହୋଇ ଉଠିଥିଲେ ହେଁ ସାହିତ୍ୟରେ ତାହାର ବିଶେଷ ପ୍ରଭାବ ଦେଖିବାକୁ ମିଳେ ନାହିଁ। ବରଂ ଆବେଗ ତରଳ ଭକ୍ତିତତ୍ତ୍ୱ ଏବଂ ଆଧ୍ୟାତ୍ମ ସାଧନାର ଘନ କୁହେଳୀ ମଧ୍ୟରେ ଜାତୀୟ ଜୀବନ ଆତ୍ମଗୋପନ କରି ଚରମ ଶାନ୍ତିଲାଭ କରିବାର ମାର୍ଗ ଅନ୍ୱେଷଣ କରିଥିଲା। ପଠାଣ ହୁଅନ୍ତୁ, ମୋଗଲ ହୁଅନ୍ତୁ ଅବା ମରହଟ୍ଟା ହୁଅନ୍ତୁ; ସମସ୍ତେ ଶାସନ ନିମନ୍ତେ ଉପଯୋଗ କରିଥିଲେ ଦେଶର ଆଭିଜାତ୍ୟ ଗୋଷ୍ଠୀକୁ। ଗ୍ରାମୀଣ ଜୀବନ ବି ଏହାଦ୍ୱାରା ପ୍ରଭାବିତ ହୋଇଥିଲା। ଇଂରାଜୀ ସଭ୍ୟତାଗତ ଶିକ୍ଷା, ସାହିତ୍ୟ, ସମାଜ, ଧର୍ମ ରାଷ୍ଟ୍ରନୀତିର ସଂକ୍ରମଣ ଜାତୀୟ ଜୀବନର ଆଭିମୁଖ୍ୟକୁ ବଦଳାଇ ଦେଇଥିଲା ଜାତୀୟ ଜୀବନରେ ଅଭିନବତାର ସୂତ୍ରପାତ ଘଟିଲା। କିନ୍ତୁ ଊନବିଂଶ ଶତାବ୍ଦୀ ବେଳକୁ ଏ ଦେଶରେ ଇଂରାଜୀ ଶାସନ ପ୍ରାୟ ଦୃଢ ହୋଇ ସାରିଥିଲା। ଓଡ଼ିଶା ଭାରତୀୟ ଉପନିବେଶ ମଧ୍ୟରେ ପଡ଼ୋଶୀ ପ୍ରଦେଶର ଆଉ ଏକ ଉପନିବେଶ ହୋଇ ରହିଥିଲା। ନ'ଅଙ୍କ ଦୁର୍ଭିକ୍ଷ ପରେ ପରେ ଓଡ଼ିଶା ଶାସକ ସମ୍ପ୍ରଦାୟର ଅନୁକମ୍ପା ଲାଭ କରିବା ନିମନ୍ତେ ସମର୍ଥ ହୋଇଥିଲା। ସାମନ୍ତବାଦ କ୍ଷୟିଷ୍ଣୁ ପ୍ରତିପତ୍ତିର ସୁଯୋଗରେ ନବ୍ୟଶିକ୍ଷିତ ବୁଦ୍ଧିଜୀବୀ ଏକ ସମ୍ପୂର୍ଣ୍ଣ ନୂତନ ସମ୍ପ୍ରଦାୟ ସହସା ମୁଣ୍ଡ ଟେକି ଉଠିଲା।

ଓଡ଼ିଆ ସାହିତ୍ୟରେ ଜାତୀୟତାବାଦର ପ୍ରସଙ୍ଗ ଉଠିଲେ ଆମେ ମୁଖ୍ୟତଃ ସତ୍ୟବାଦୀ ଗୋଷ୍ଠୀର କୃତି ଓ କୃତିତ୍ୱ ପରିପ୍ରେକ୍ଷୀରେ ଆଲୋଚନା କରି ବସୁ। ମାତ୍ର ଏହି ପ୍ରସଙ୍ଗରେ ଆଧୁନିକ ଓଡ଼ିଆ ଗଦ୍ୟ ସାହିତ୍ୟର ଜନକ ଓ ପ୍ରାଣପ୍ରତିଷ୍ଠାତା ଭାବରେ ସମ୍ମାନିତ ଫକୀର ମୋହନଙ୍କ ନାମ ପ୍ରାୟତଃ ଉଚ୍ଚାରିତ ହୁଏ ନାହିଁ। କିନ୍ତୁ ତାଙ୍କ ସ୍ରଷ୍ଟାମାନସର ଏହି ଜାତୀୟବାଦର ପରୋକ୍ଷ ସ୍ୱର ଓ ଦୃଷ୍ଟିର ଇଙ୍ଗିତ ଅନୁଭୂତ ହୋଇଥାଏ। ତାଙ୍କର 'ପୁନର୍ମୂଷିକୋଭବ' ଗଳ୍ପଟି ଜାତୀୟ ଭାବନା ଦ୍ୱାରା ଉଦ୍ରେକ। ସେହିପରି, ତାଙ୍କର 'ପେଟେଣ୍ଟ ମେଡ଼ିସିନ୍'ରେ ଇଂରେଜ ଶିକ୍ଷାର ପ୍ରସାର ଫଳରେ ପାଶ୍ଚାତ୍ୟ ସଂସ୍କୃତି ଓ ସଭ୍ୟତା ଦ୍ୱାରା ପ୍ରଭାବିତ ହୋଇ ଉତ୍କଳୀୟ ସମାଜର ନବ୍ୟଶିକ୍ଷିତ ଇଂରାଜୀ ପଢୁଆ ବାବୁମାନେ ମଦ୍ୟପାନ ଓ ବେଶ୍ୟାଳୟ ପ୍ରତି ଆସକ୍ତ ହୋଇ ପଡ଼ିବାର ପରିଣତିରେ ସେମାନଙ୍କୁ ଦଣ୍ଡ ଦିଆଇ ପଶ୍ଚାତାପ କରାଇ ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରିଛନ୍ତି। ଇଂରେଜ ଶିକ୍ଷା ଗ୍ରହଣ କରିବା ଦ୍ୱାରା ଯୁବ ମାନସିକତାରେ ସୃଷ୍ଟି ହୋଇଥିବା ବୃଥା ଅହଙ୍କାର, ସଭ୍ୟ ବୋଲାଇବାର ନିଶା ଆମ ସମାଜରେ କିପରି ଅପସଂସ୍କୃତିର ପ୍ରବେଶ ଘଟାଇଛି ତାହାର ଏକ କରୁଣ ଦୃଶ୍ୟାଙ୍କନ ହୋଇଛି 'ଡାକମୁନ୍‌ସୀ' ଗଳ୍ପରେ। 'ସଭ୍ୟ ଜମିଦାର', 'ଡାକମୁନ୍‌ସୀ' ଇତ୍ୟାଦି ଗଳ୍ପରେ ଇଂରାଜୀ ଶିକ୍ଷାର କୁପରିଣାମ ପ୍ରତି ସଚେତନ କରେଇଛନ୍ତି। ତାଙ୍କ ଗଳ୍ପର

ମନୋଭାବ ଥିଲା ମଦ୍ୟପାନ, ମାତୃଭାଷା ପ୍ରତି ହତାଦର, କନ୍ୟାସୁନା ପ୍ରଥା, ନାରୀଶିକ୍ଷା, ଧର୍ମ ନାମରେ ପ୍ରତାରଣା ଓ ଭାଣ୍ଡାମି ଇତ୍ୟାଦି ଜାତୀୟ ଚେତନାର ଗୋଟିଏ ଗୋଟିଏ ମାର୍ମିକ ରୂପ। ଫକୀର ମୋହନଙ୍କ ସମସାମୟିକ ଗାଳ୍ପିକ ଚନ୍ଦ୍ରଶେଖର ନନ୍ଦଙ୍କ 'ଜଗୁ ଚୌକିଦାର' ଗଳ୍ପରେ ତତ୍କାଳୀନ ସମୟରେ ସୈନିକ ଯୁବକର ଶୋଷଣ ଅନ୍ୟାୟ, ନାରୀ ଧର୍ଷଣ ବିରୋଧରେ ପ୍ରତିବାଦ ଏବଂ ପର ଘରେ ଗୋଲାମ ହେବା ଅପେକ୍ଷା ନିଜେ ସ୍ୱାବଲମ୍ବୀ ହେବାର ଯେଉଁ ଶପଥ କରିଛି; ତାହା ଜାତୀୟତାର ଏକ ବିଳିଷ୍ଟ ଆବେଦନ ଉପରେ ପର୍ଯ୍ୟବେସିତ।

ଗୋପୀନାଥ ମହାନ୍ତିଙ୍କ 'ମାଟିଆ ବୁରୁଜ' ଗଳ୍ପଟି ସାମ୍ପ୍ରଦାୟିକ ସଙ୍ଘର୍ଷ ଓ ଦେଶ ବିଭାଜନର ଏକ କରୁଣ ଚିତ୍ରଲିପି। ତାଙ୍କର ଆଉ ଏକ ଗଳ୍ପ 'ପିଚ୍ଛା ପରୀକ୍ଷା' ଜାତୀୟ ଅଭିମାନରେ ସ୍ପନ୍ଦିତ। 'ମଣିଷ' ଗଳ୍ପରେ ଜାତୀୟ ଅଧ୍ୟାୟର ବେଦନାବୋଧ ଓ ଯୁଗପତ୍ ବାକ୍‌ବିଳାସର ସ୍ୱର ଗୁଣୁ ଗୁଣେଇଛି। ସାଧାରଣ ଚାଷୀ ମୂଲିଆମାନେ ଚୀନ୍‌ର ଆକ୍ରମଣକୁ ପ୍ରତିରୋଧ କରିବା ପାଇଁ ନିଜ ନିଜର ଧନଜୀବନ ଦେଶ ପାଇଁ ସମର୍ପଣ କରିବାକୁ ସଙ୍କଳ୍ପ କରିଛନ୍ତି। 'ତୋପ' ଗଳ୍ପରେ ସାଧାରଣ ମଣିଷ ଭିତରେ ସୃଷ୍ଟି ହୋଇଛି ଶତ୍ରୁ ପ୍ରତି ଘୃଣା। ସେମାନେ କହିଛନ୍ତି – "ଏତେବେଳେ ଆଉ ତୋର ମୋର ନାହିଁ, ଯାହାର ଯାହା ଅଛି ସବୁ ଏକାଠି ମିଶେଇ ମୋର ହିଁ ହେବାକୁ ପଡ଼ିବ। ଆମ ଦେଶକୁ ରକ୍ଷା କରିବା କାମରେ ଆମେ ପଛେ ଉପାସ ରହିବା, କୌପିନ ମାରିବା, ଯେମିତି ମନ ସେମିତି ଚଳିବା ଆଗ ଆମ ଦେଶ ରହୁ। ଆମ ସ୍ୱାଧୀନତା ରହୁ, ଶତ୍ରୁ ମରୁ, ସେଇଠୁ ଶୁଣି ଭଲରେ ଚଳିବେ। ନାତି ପଣନାତିଙ୍କ ପାଇଁ ଘର ତୋଳା ହେବ। ସବୁ ହେବ, ସେ କଥା ପଛେ ଆଗ କାମ ଆଗ।" [୧୭]ତାଙ୍କର ଜାତୀୟତାବାଦୀ ଗଳ୍ପଗୁଡ଼ିକ ତାଙ୍କ ଶିଳ୍ପୀ ମନର ବିପୁଳ ସ୍ୱୀକୃତି ବହନ କରିଛି।

ଗାଳ୍ପିକ କିଶୋରୀ ଚରଣ ଦାସଙ୍କ କେତୋଟି ଗଳ୍ପରେ ଜାତୀୟ ଭାବନା ଗୁଞ୍ଜରିତ ହୋଇଛି। ମନ ପ୍ରାଣର ଜାତୀୟ ଚେତନାକୁ ଗଳ୍ପରେ ପ୍ରକାଶ କରି ଜାତୀୟ ଜୀବନରେ ବେଶ୍ ଉନ୍ମାଦନ ଖେଳାଇ ଦେଇଛନ୍ତି। 'ମୁଁ ପାରିବି' ଗଳ୍ପରେ ସ୍ୱାର୍ଥପର ନେତୃବର୍ଗଙ୍କ ହୀନମନ୍ୟତା, ଶିକ୍ଷା, ଦେଶସେବା, ଚିକିତ୍ସା, ସଂସ୍କାର ପ୍ରତି ଗୁରୁତ୍ୱ ପ୍ରଦାନ କରି ଜାତି ପ୍ରତି ସମତ୍ୱବୋଧ ପ୍ରକଟିତ କରିଛନ୍ତି। ସେହିପରି ତାଙ୍କର ଆଉ ଏକ ଗଳ୍ପ 'ସତୀଚରିତାମୃତ'ରେ ସ୍ୱାର୍ଥପର ମୁନ୍‌ଫାଖୋର ଦଲାଲ ରାଜନେତାମାନଙ୍କର ମୁଖା ଖୋଲି ଦେଇଛନ୍ତି। 'ସୁନେଲି ଶୀତ'ରେ ବଡ଼ବଡ଼ିଆମାନଙ୍କର ସାଧାରଣ ଜନତା ଉପରେ ଜୁଲୁମ୍, 'କଳା କୁହୁଡ଼ି'ରେ ଦୁର୍ନୀତିକୁ ବିରୋଧ ସହିତ ଗାନ୍ଧୀ ଗୋପବନ୍ଧୁଙ୍କ ଆଦର୍ଶର ପ୍ରଚାର 'ଗନ୍ଧ' ଗଳ୍ପରେ ସମାଜର ଖୋସାମଦକାର ଦୁର୍ବଳମନାଙ୍କ ପ୍ରତି ବିଦ୍ରୂପ କରି ଜାତି ପ୍ରତି ଏକ ସୁନ୍ଦର ସ୍ୱପ୍ନର ପରିକଳ୍ପନା କରିଛନ୍ତି।

ଅଖିଳମୋହନଙ୍କ 'ପକ୍ଷପାତ' ଗଳ୍ପରେ ସର୍ବହରା ସମସ୍ୟାର ସମାଧାନ, ରିଫ୍ୟୁଜିମାନଙ୍କର ଥଇଥାନ, ଅବହେଳିତ ଗୋଷ୍ଠୀମାନଙ୍କ ପାଇଁ ଯେଉଁ ଯୁଦ୍ଧ ଘୋଷଣା କରିଛନ୍ତି ତାହା ଗାଳ୍ପିକଙ୍କ ଜାତୀୟ ପ୍ରୀତି ବଳିଷ୍ଠ ରୂପ ପ୍ରଦାନ କରେ। 'ରୂପନାରାୟଣ ସାହା' ଗଳ୍ପରେ ନିଃସ୍ୱାର୍ଥପର ମାଷ୍ଟରଜୀଙ୍କ ସରକାରଙ୍କ ବିରୋଧରେ ବିପ୍ଳବ କରି ଚାକିରୀ ହରାଇବା ଏବଂ ରିକ୍‌ସା ଟାଣି ଜୀବିକାର୍ଜ୍ଜନର ପଥ ସନ୍ଧାନ ଭିତରେ ଜାତିର ଉନ୍ନତି ପ୍ରତି ଯେଉଁ ନିର୍ଦ୍ଦେଶ ଦେଇଛନ୍ତି ତାହା ବେଶ୍ ମର୍ମସ୍ପର୍ଶୀ।

ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ 'ସତ୍ୟାଗ୍ରହୀ' ଗଳ୍ପରେ ସ୍ୱାଧୀନତା ପରବର୍ତ୍ତୀ ସମାଜ ଜୀବନର କ୍ଷୟମାଣ ଚିତ୍ର ପ୍ରଦାନ କରିଛନ୍ତି। 'ପଶ୍ଚାତ୍‌ଯାତ୍ରୀ' ଗଳ୍ପରେ ଦେଶ ବିକାଶ ନାମରେ ସାଧାରଣ ନିରୀହ ବ୍ୟକ୍ତିଟି କିପରି ଭିଟାମାଟିରୁ ବିସ୍ଥାପିତ ହୁଏ 'ଶ୍ରେଷ୍ଠ ଶିଶୁ' ଗଳ୍ପରେ ଶିଶୁମାନଙ୍କ ସୁରକ୍ଷା ଓ ସମୃଦ୍ଧି ପାଇଁ ଯେଉଁ ଲଢ଼େଇ କରିଛନ୍ତି ତାହା ଜାତୀୟ ଭାବସ୍ପନ୍ଦନର ଯଥାର୍ଥ ରୂପାୟନ। ମନୋଜ ଦାସଙ୍କ 'ଭାଇ' ଗଳ୍ପରେ ସାଧୁ ସଙ୍କୋଚତାକୁ ପଦଦଳିତ କରି ଗୋଟେ ମୁନ୍‌ଫାଖୋର ମଣିଷକୁ ରାଜନୀତିରେ ସ୍ଥାନ ଦିଆଯାଏ ତା'ର ଏକ ବିଦ୍ରୂପ ବାଣୀ ଗାଳ୍ପିକ ଦେଇଛନ୍ତି – "ବାଳକାବସ୍ଥାରେ ଦେଶ ପାଇଁ ଯେଉଁମାନେ ପାଠପଢ଼ା ଛାଡ଼ି ଥିଲେ। ସମଗ୍ର ମାତୃଭୂମିର ଅଦୃଶ୍ୟ ଦାୟିତ୍ୱ ମୁଣ୍ଡାଇବାକୁ ସଙ୍କଳ୍ପବଦ୍ଧ ହୋଇଥିଲେ, କୁଆଡ଼େ ଗଲା ସେମାନଙ୍କର ସେଇ ଦିଗହରା ସ୍ୱପ୍ନ ଠିକ୍ ହଳଦିଆ ସୋରିଷ ଫୁଲର ପ୍ରାଣ ପୁଲକିତ ପରିବେଶ ପରି। ତା' ସ୍ଥାନରେ ଆସିଲା ରାଜନୀତି ପ୍ରବଞ୍ଚନା। କାନକୁ ମିଠା ମିଠା ଶୁଭୁଥିବା ପ୍ରତିଶୃତି ଓ ସାଧାରଣ ଜୀବନର ଅସହ୍ୟ ଯନ୍ତ୍ରଣା ତଥା କ୍ଷତାକ୍ତ ଚିତ୍ର।" [୧୮] ଏହି ସଂଳାପଟିର ଅନ୍ତଃ ନିର୍ଯ୍ୟାସରୁ ଗାଳ୍ପିକଙ୍କର ଜାତୀୟ ଚେତନାର ମର୍ମବିନ୍ଦୁଟିକୁ ସ୍ପର୍ଶ କରି ହୁଏ।

ଗାଳ୍ପିକ ରବି ପଟ୍ଟନାୟକଙ୍କ କେତେକ ଗଳ୍ପ ଜାତୀୟତା ଭାବଧାରା ଦ୍ୱାରା ଅନୁପ୍ରାଣିତ। ତାଙ୍କର 'ମୂଲ୍ୟବୋଧ ଗଳ୍ପରେ ସମାଜ ଆଉ ଜାତିର ସେବା କରୁ କରୁ ପଚିଶ ବର୍ଷ ବୟସ ଯୁବକର ପ୍ରାଣହାନୀ, 'ଅପରାଧ' ଗଳ୍ପରେ ଜାତି ପ୍ରତି ଉତ୍ସର୍ଗୀକୃତ ଜଣେ ଅବସରପ୍ରାପ୍ତ ଶିକ୍ଷକଙ୍କ କାରୁଣ୍ୟତା ପ୍ରକାଶିତ। ସ୍କୁଲ ପ୍ରତିଷ୍ଠାତା ଗାନ୍ଧିବାଦୀ ଖଦଡ଼ ପିନ୍ଧା, ନିତ୍ୟ ନିୟମିତ ସୂତା କାଟୁଥିବା ଅବୈତନିକ ଶିକ୍ଷକ ଅଗଣି ଦାସ ନିଜର ଆର୍ଥିକ ସହାୟତା ପ୍ରଦାନ କରି ଅଗାଧ ପରିଶ୍ରମ କରି ଗଢ଼ିଛନ୍ତି ଏକ ଶିକ୍ଷାନୁଷ୍ଠାନ। ଯେଉଁ ଶିକ୍ଷାନୁଷ୍ଠାନର ମୂଳମନ୍ତ୍ର ଥିଲା ସୁସଂହତ୍ ଆଦର୍ଶ ଓ ସମାଜ ସେବାକୁ ଆପଣେଇବା। ମାତ୍ର ପରବର୍ତ୍ତୀ ସମୟରେ ସେ ସବୁ ଧୂଳିସାତ୍ ହୋଇଯାଇଛି। ତାଙ୍କର ଲକ୍ଷ୍ୟ ଦିଗଭ୍ରଷ୍ଟ ହୋଇଛି। ସ୍ୱାଧୀନତା ପରବର୍ତ୍ତୀ ଜଳବାୟୁ ସେଇ ହାତଗଢ଼ା ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କୁ ଭଲ ଦିଶାଟିଏ ଦେଇପାରିନି। ଛଳନା,

ଠକାମି, ଭଣ୍ଡାମି, ଭ୍ରଷ୍ଟାଚାର, ଦୁର୍ନୀତି ଧିରେ ଧିରେ ପ୍ରବେଶ କରି ସ୍କୁଲ୍ ପରିବେଶକୁ କଳୁଷିତ କରିଛି। ଅଗଣି ଦାସର ଅନ୍ତର ହାହାକାରରେ ଭରି ଯାଇଛି। "କେତେ ଆଶା ଓ ବିଶ୍ୱାସରେ ଏ ସ୍କୁଲ ଗଢ଼ିଥିଲି। ପିଲାଏ ଶିକ୍ଷିତ ହେବେ। ଭଲ ମଣିଷ ହେବେ। ଦେଶ ପାଇଁ କାମ କରିବେ। ଦେଶ ପାଇଁ ଜୀବନ ଦେବେ। ହଁ ପ୍ରଥମ ପ୍ରଥମ କ'ଣ ସେଇ କଥା ହୋଇ ନଥିଲା। ଏଇ ସ୍କୁଲର ପିଲା ତ ଫେର ବାନରସେନାରେ ଯୋଗ ଦେଇଥିଲେ। ଏଇ ସ୍କୁଲ ପିଲାଏ ପୁଣି ୧୯୪୨ ଭାରତ ଛାଡ଼ ଆନ୍ଦୋଳନରେ ଯୋଗ ଦେଇଥିଲେ। ଅଥଚ ସ୍ୱାଧୀନତା ପରେ କ'ଣ ହୋଇଗଲା ! କ'ଣ ହେଲା ? କେମିତି ବଦଳିଲେ ସବୁ ? କାହିଁକି ଏମିତି ହେଲା ? ଦାୟୀ କିଏ ? ମୁଁ ? ନା ... ନା ... ମୁଁ ବ୍ୟବହାରରେ ଶିକ୍ଷାରେ ମୁଁ ତ ଅବହେଳା ଦେଖେଇ ନାହିଁ। କାୟମନୋବାକ୍ୟରେ ମୁଁ ଦେଶ ପାଇଁ ସେବା କରି ଆସିଛି। ପିଲାଙ୍କ ମଙ୍ଗଳ ପାଇଁ କାମ କରି ଆସିଛି। ଅଥଚ ଏମିତି ହେଲା କାହିଁକି ?"[୧୯]

ଏ ଗଳ୍ପର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଜାତୀୟ ପ୍ରତି ଆଦର୍ଶ ମନୋଭାବ ପୋଷଣ କରିବା ସହିତ ଏକ ସୁସ୍ଥ ସୁନ୍ଦର ଜାତିର ପରିକଳ୍ପନା। ତାଙ୍କର ଅନ୍ୟ ଗଳ୍ପ 'ବାଲିଦୀପରୁ କୋରାପୁଟରେ' ଚାକିରୀ କ୍ଷେତ୍ରରେ ଦୁର୍ନୀତି ଏବଂ ସଂରକ୍ଷଣକୁ ବିରୋଧ, 'ଛଞ୍ଚାଣ'ରେ ନିଜର ନ୍ୟାୟ ଦାବି ପାଇଁ ଲଢେଇ ଭିତରେ ଜାତୀୟ ଉନ୍ନତିର ବାର୍ତ୍ତା ପ୍ରଚାର କରିଛନ୍ତି। ଗାଳ୍ପିକ ରାମପ୍ରସାଦ ସିଂହଙ୍କର ଅଧିକାଂଶ ଗଳ୍ପରେ ଜାତୀୟ ଜୀବନର ଦୁର୍ଗତି ଓ ଦୁଃସ୍ଥିତିର ଚିତ୍ର ବ୍ୟଞ୍ଜିତ ହୋଇଛି। 'ଅନାଗତ' ଗଳ୍ପରେ ଥିଲାବାଲା ନଥିଲାବାଲା ଭିତରେ ତାରତମ୍ୟ, 'ପ୍ରଶ୍ନ'ରେ ଗାଁ ଭିଟାମାଟି ଛାଡ଼ି ରେଙ୍ଗୁନ୍ ଯାତ୍ରା କରୁଥିବା ମଣିଷମାନଙ୍କର ଦୟନୀୟ ସ୍ଥିତି। 'କମେଡ଼ି'ରେ ଜାତୀୟ ଦୁର୍ନୀତି ବ୍ୟଭିଚାର ଯେମିତି ପ୍ରକାଶ କରିଛନ୍ତି ତାହା ଜାତୀୟ ଚେତନାର ଯେ ଏକ ମନୋଜ୍ଞ ମର୍ମଲିପି, ଏହା ସ୍ପଷ୍ଟ ଉପଲବ୍ଧ ହୋଇଥାଏ। "ଯେତେଦିନ ଚୋରୀ, ଡକାୟତି, ଧପାବାଜି, ମିଥ୍ୟା ପ୍ରତାରଣା ଦ୍ୱାରା ସମ୍ଭବ, ସେତେ ଦିନ ନିରୀହ, ସରଳ ହୋଇ ରହିବା ଅର୍ଥ ଅଭାବ ଅନାଟନକୁ ବରଣ କରିବା। ଜଣେ ମାନବ ସମାଜର ଏ ବ୍ୟବସ୍ଥା ପ୍ରାକୃତିକ ନିୟମ ଉପରେ ଅତ୍ୟାଚାର, ମନୁଷ୍ୟର ମନୁଷ୍ୟତାର ବ୍ୟଭିଚାର। ଏହା ଅସ୍ୱାଭାବିକ ରାକ୍ଷସୀ, ବିକଟତାପୂର୍ଣ୍ଣ। ତେଣୁ ଏହାର ଧ୍ୱଂସ ଅବଶ୍ୟମ୍ଭାବୀ, ଏହାର ଲୋପ ସୁନିଶ୍ଚିତ।"[୨୦]'ଆଶ୍ରୟ ପାର୍ଥୀ' ଗଳ୍ପରେ କହିଛନ୍ତି ସବୁ ହରେଇବି ଆମେ ଗୋଟେ ଜିନିଷ ଏ ପର୍ଯ୍ୟନ୍ତ ହରେଇନୁ। ସେଇଟା ସମସ୍ତଙ୍କର ଗଣ୍ଠିଳି ଭିତରେ, ସୁଟ୍‌କେଶ ଭିତରେ ଠିକ୍ ସେମିତି ନିଖୁଣ ଅବସ୍ଥାରେ ନେଇ ଆସିଛି। ସେଇଟା ହେଉଛି ଆମର ପରମ୍ପରା। ଆମର ଐତିହ୍ୟ, ଆମର ଅତୀତର ସଂସ୍କୃତି। (ବହୁରୂପୀ, ପୃ. ୧୦୪) ତେବେ ସମାଜର ଅନ୍ଧବିଶ୍ୱାସ, ବେକାର, ରକ୍ଷଣର ସ୍ୱର ଉତ୍ତୋଳନ କରିଛନ୍ତି ତାଙ୍କର ବହୁ ଗଳ୍ପରେ।

ଗାଳ୍ପିକ ଚନ୍ଦ୍ରଶେଖର ରଥ ମଧ୍ୟ ଜାତୀୟତା କ୍ଷେତ୍ରରେ କ୍ଷୁଦ୍ରଲେଖନୀ ଚାଳନା କରି ସଫଳତାର ସ୍ୱାଦ ଚାଖିଛନ୍ତି। ରାଜନୀତି ସରକାରୀ ସମାଜ ସେବାରେ ଚାଲିଥିବା ଦୁର୍ନୀତିର ପର୍ଦ୍ଦାଫାଶ୍ କରିଛନ୍ତି ତାଙ୍କର 'ବନ୍ୟା ପରେ' ଗଳ୍ପରେ। ଗାଳ୍ପିକ ଚନ୍ଦ୍ରଶେଖର ରଥଙ୍କ 'ସବୁଯାକ ସ୍ୱପ୍ନ' ଗଳ୍ପରେ ଫେଲୁ ଚରିତ୍ର ମାଧ୍ୟମରେ ଦେଶ ଜାତିର ମମତା ଜାଗ୍ରତ କରେଇଛନ୍ତି। ଖେଳ ମାଷ୍ଟର ଫେଲୁ ସ୍ୱପ୍ନ ଦେଖିଛି ଜୀବନରେ ସେ ଯାହା ନ ହୋଇପାରିଲା ସେ ଗୋଟେ ଖେଳୁଆଡ ସୃଷ୍ଟି କରି କେବଳ ଭାରତର ନୁହେଁ ପୃଥିବୀରେ ପ୍ରତିଷ୍ଠା ଅର୍ଜନ କରିବ। ତା'ର ମାତୃଭୂମି ଭାରତର ଟେକ ରଖିବ। 'ଛାୟା ପୁରୁଷ' ଗଳ୍ପରେ ତାକୁ ସର୍ଦ୍ଦାର ବୋଲାଉଥିବା ମଣିଷଟିର ସତ୍ୟବତୀ ପରୋପକାରୀ ଗୁଣକୁ ଦେଖେଇ ତା' ଭିତରେ ଜାତୀୟତାର ବୀଜ ରୋପଣ କରିଛନ୍ତି, ସେ ସବୁ ଅସହାୟ ମଣିଷର ଇତିବୃତ୍ତି। ତା' ମନରେ ମଣିଷମାନେ କେଡ଼େ ଅସହାୟ କେତେ ନିରୀହ। ସେ ସମସ୍ତଙ୍କ ମଧ୍ୟରେ ନିଜକୁ ବାଣ୍ଟି ଦିଏ।

ଗାଳ୍ପିକ ଅଚ୍ୟୁତାନନ୍ଦ ପତିଙ୍କ 'ଅଶୁଭପୁତ୍ର'ର କାହାଣୀ ଠାରୁ 'ଚାରିସଙ୍ଗାତ କଥା' ପର୍ଯ୍ୟନ୍ତ ପ୍ରାୟ ଅଧିକାଂଶ ଗଳ୍ପରେ ସାମାଜିକ ବିଡମ୍ବନା ଯେମିତି ରୂପ ପାଇଛି ସେହିପରି ଜାତୀୟ ଭାବର ପୁନର୍ଜାଗରଣ ପାଇଁ ପ୍ରୟାସ ହୋଇଛି। 'ତକ୍ଷକ' ଓ ନବଜନ୍ମ' କ୍ଷୁଦ୍ରଗଳ୍ପ ଦୁଇଟିରେ ଜଣେ ସାହିତ୍ୟିକ ଆଉ ଜଣେ ଶିଳ୍ପୀ ଜୀବନର ଦୁର୍ଦ୍ଦଶାକୁ ଦର୍ଶାଇବାକୁ ଯାଇ ସେମାନଙ୍କ ପ୍ରତି ଥିବା ବଡ଼ପଣ୍ଡାମାନଙ୍କର ମନୋଭାବକୁ ବ୍ୟକ୍ତ କରିଛନ୍ତି। ଜାତି ଆଉ ସମାଜକୁ ସୁନ୍ଦର କରୁଥିବା ଭଲ ସାହିତ୍ୟିକଟିକୁ ଏଠି କଳାର ସମ୍ମାନ ମିଳେନା। ହାତୁଡ଼ିର ନିହାଣ ମୁନରେ ସ୍ଥାପତ୍ୟକୁ କାରୁକାର୍ଯ୍ୟ କରୁଥିବା ଶିଳ୍ପୀ ପୁଣି ହୁଏ ଉପହସିତ। ଶିଳ୍ପୀ ସପ୍ତର୍ଷି ସାମନ୍ତରାୟଙ୍କ ସୁତୁରୀ ବର୍ଷ ବୟସରେ ସମ୍ବର୍ଦ୍ଧିତ ହେବା ଦେଖି ଗାଳ୍ପିକ ବର୍ଣ୍ଣନା କରନ୍ତି – "ଅଣସ୍ତୋରି ବର୍ଷର ମୁର୍ଦ୍ଦାର ଉପରେ କଳା କର୍ଫିନ୍ ଢାଙ୍କିଦେଇ ତା' ପରେ ପ୍ରତ୍ୟୁଷ ଆସିଲା। ଯାପରେ ଅଣସ୍ତୋରିର ଶବ ଉପରେ ଜୁଇ ଲଗାଇ ସକାଳ ସୂର୍ଯ୍ୟର ଲାଲ୍‌ନିଆଁ ଜଳି ଉଠିବ।"[୨୧]

ଜଗଦୀଶ ମହାନ୍ତି ତାଙ୍କର 'ଭୂମିକମ୍ପ' ଗଳ୍ପରେ ସମାଜରେ ପ୍ରଚଳିତ ବିପନ୍ନ ମୂଲ୍ୟବୋଧ ପ୍ରତି କଟାକ୍ଷ କରି ପ୍ରେମ, ସତ୍ୟ ଶିବ ସୁନ୍ଦରର ଯେଉଁ ଜୟଗାନ କରିଛନ୍ତି ସେଥିରୁ ତାଙ୍କର ଜାତୀୟ ପ୍ରୀତି ପ୍ରତିପନ୍ନ ହୁଏ। ବିଭୂତି ପଟ୍ଟନାୟକଙ୍କ ଗଳ୍ପରେ ନାୟିକା ସୁଲତା ପୁରୁଷପ୍ରାଧାନ୍ୟ ସମାଜରେ ନାରୀ ଜାତିକୁ ବଞ୍ଚେଇବାକୁ ଯାଇ ନିଜକୁ ନିଃଶେଷ କରି ଦେଇଛି। ତାଙ୍କର 'ଏକ ଅଶ୍ଳୀଳ କାହାଣୀର ଇତିକଥା'ରେ ଦେଶ ଓ ଜାତିର ନ୍ୟାୟ ପ୍ରତିଷ୍ଠା, ଅର୍ଥନୈତିକ

ସମତ୍ୱବୋଧ, ଦାରିଦ୍ର୍ୟ ବ୍ୟଭିଚାର ଓ ଅସାମାଜିକ ପ୍ରବୃତ୍ତି ବିରୋଧରେ ଲେଖନୀକୁ ଚଞ୍ଚଳ କରି ଜଣେ ସାହିତ୍ୟିକର ଜୀବନ ଜେଲ୍‌ରେ କଟିଛି। କିନ୍ତୁ ସେଥିପ୍ରତି ତାଙ୍କର ଦୁଃଖ ନାହିଁ, ବରଂ ଗର୍ବର ସହିତ ସେ କାରାଗାରକୁ ଶ୍ରେୟ ମରିଛନ୍ତି। ଗାଳ୍ପିକ ସେହି ସାହିତ୍ୟିକର ମୁହଁରେ ଶୁଣାଇଛନ୍ତି – "ଅସାମାଜିକଙ୍କ ପ୍ରବୃତ୍ତିକୁ ମନ କରିବା ପାଇଁ ସମାଜରେ କାରାଗାର କଳ୍ପନା କରାଯାଇଥିଲା। କିନ୍ତୁ ଆଜି ମୋର ମନେ ହେଉଛି, ଆମ ବାହାରର ସମାଜ ଏକ ବିରାଟ କାରାଗାରରେ ପରିଣତ ହୋଇଛି। ଆଉ କାରାଗାର ହୋଇଛି ଏକ ସଂକ୍ଷିପ୍ତ ସଭ୍ୟ ସମାଜ। କାରାଗାର ମଧ୍ୟରେ ଦାରିଦ୍ର୍ୟ ନାହିଁ, ବ୍ୟଭିଚାର ନାହିଁ। ଏଠାରେ ଘଣା ପେଲିଲେ ଖାଇବାକୁ ମିଳେ, କିନ୍ତୁ ବାହାର ସମାଜରେ ଘୃଣା ନାହିଁ, ଖାଦ୍ୟ ବି ନାହିଁ ଭାଗ୍ୟର କି ଭୀଷଣ ବିଡ଼ମ୍ବନା।"(୨୨)

କଥାଶିଳ୍ପୀ ରଘୁନାଥ ଦାସଙ୍କ 'ସବୁଜ ଗଳ୍ପ'ରେ ସାମାଜିକ ବ୍ୟବସ୍ଥା ଆଉ ଅର୍ଥନୀତିକ ଯୋଜନାକୁ ବିରୋଧ କରିଛନ୍ତି। ମୁଣ୍ଡଝାଳ ତୁଣ୍ଡରେ ମାରି ଚାଷୀ ସୁନାର ଫସଲ ତିଆରି କରେ; ମାତ୍ର ନାଁ ନିଅନ୍ତି ସରକାରୀ ଦପ୍ତର ନେତା ଓ ସରପଞ୍ଚ। ଶ୍ରେଷ୍ଠ ଚାଷୀ ଭାବେ ପୁରସ୍କୃତ ହୁଅନ୍ତି ସେମାନେ। ସ୍ୱାଧୀନତା ପରବର୍ତ୍ତୀ ଦୂରାବସ୍ଥାକୁ ଗାଳ୍ପିକ ସୂଚେଇଛନ୍ତି – "ସ୍ୱାଧୀନତା ପରବର୍ତ୍ତୀ କାଳରେ ସାଧାରଣ ସର୍ବହରା ମଣିଷ ସୁବିଧାବାଦୀ ମଣିଷମାନଙ୍କ ଦ୍ୱାରା ଶୋଷିତ ହୋଇଛନ୍ତି। ବିବାଦ ଦ୍ୱାରା ଏହି ଶୋଷଣ ହୋଇଛି ପରିପୃଷ୍ଟ। ସ୍ୱାଧୀନତା ପୂର୍ବରୁ ଶୋଷଣର କାରଣ ରୂପେ ଧର୍ମ ଭାଗ୍ୟ ଓ ଭଗବାନଙ୍କ ରାଜତନ୍ତ୍ରକୁ ବିଚାର କରାଯାଉଥିଲା। ମାତ୍ର ସ୍ୱାଧୀନତା ପରେ ଆଇନ୍, ବିଚାର, ପ୍ରଶାସକ ଓ ଦେଶୀୟ ପ୍ରଶାସନିକ ଅଧିକାରୀ ଏବଂ ନେତୃବୃନ୍ଦ ହୋଇଛନ୍ତି କାରଣ। ସବୁଜ ବିପ୍ଳବର ଯେଉଁମାନେ ଅଗ୍ରସାରଥୀ, ସେମାନେ ହୋଇଛନ୍ତି ଲାଞ୍ଛିତ ପ୍ରତାରିତ।"(୨୩) ଗାଳ୍ପିକଙ୍କର ଗଳ୍ପ ପ୍ରବାହରେ ସାଧାରଣ ଜନତା ପାଇଁ ଯେଉଁ ଆଶ୍ୱାନ୍ୱିତ ଆହ୍ୱାନ ତାହା ତାଙ୍କ ଜାତୀୟ ପ୍ରୀତିକୁ ଚିହ୍ନେଇ ଦିଏ।

ହୃଷିକେଶ ପଣ୍ଡାଙ୍କ 'ଛଞ୍ଚାଣ', 'ବୈକୁଣ୍ଠ ସମାନ ଅଟେ' ଇତ୍ୟାଦିରେ ବିଭିନ୍ନ ଯୋଜନା ମାଧ୍ୟମରେ ଦେଶ ବା ଜାତିର ପ୍ରଗତି, 'କାଶ୍ମୀର କାହାଣୀ'ରେ ଦୟାରେ ଜଣେ ହିଂସ୍ର ପାଶବିକ ମଣିଷର ଚେତନା ପରିବର୍ତ୍ତନ ଅଧ୍ୟାପକ ବିଶ୍ୱରଞ୍ଜନଙ୍କ 'ପ୍ରେମତନ୍ତ୍ର ଓ ପ୍ରଜାତନ୍ତ୍ର', 'ବିକ୍ରମ ବେତାଳ'ରେ ସମାଜର ଦୁର୍ନୀତି ଲାଞ୍ଚଖୋର ଅଫିସରଙ୍କ ବିରୋଧରେ ବିଦ୍ରୋହସ୍ଥିତ ଆଦର୍ଶ ପଣିଆକୁ ବଞ୍ଚାଇ ରଖିବାର ପ୍ରୟାସ କରି ଜାତୀୟ ଭାବନାର ପ୍ରଚାର କରିଚନ୍ତି। ପ୍ରାଣବନ୍ଧୁ କରଙ୍କ 'କ୍ଷତ କଥା କହେ'ରେ ନାୟକ ସୁଦର୍ଶନ ଦେଶ ପାଇଁ ନାରୀ ଜାତି ପାଇଁ ସିପାହୀ ଠାରୁ ଗୁଳି ଖାଇ ମଧ୍ୟ ସେ ସଂଗ୍ରାମ କରିଛି ଅନ୍ୟାୟର ମୂଳୋତ୍ପାଟନ ପାଇଁ। କାଳେ କାଳେ ତା' ପାଖରେ ନିଜ ଜାତିର ମହିମା, ଗର୍ବ ଓ ଗୌରବ ବଡ଼ ଦିଶିଛି। ତା' ପ୍ରତି ହୋଇଥିବା ଅନ୍ୟାୟ ଓ ତା' ଗୁଳିର ଛାତିର ଦାଗକୁ ସେ ଭୁଲି ଯାଇଛି। ସେଇ ଛାତିର ଦାଗ ତା' ମନରେ ଯେମିତି ଶାନ୍ତି ଭରି ଦେଇଛି – "ଏତେ ବର୍ଷ ପରେ ତା' କ୍ଷତଚିହ୍ନ ଆଜି କଥା କହୁଛି। ଗର୍ବସ୍ଫୀତ ଚିତ୍ତରେ ସେ ତା' ବାଁ ହାତର ବିଶି ଓ ମଝି ଆଙ୍ଗୁଠି ଯୋଡ଼ି କ୍ଷତ ଚିହ୍ନଟାକୁ ଆଦରରେ ସାଉଁଳେଇଲା। ଆଜି ତା'ର କ୍ଷତଚିହ୍ନ ଜୀବନର କଥା କହୁଛି – ଯେଉଁ କ୍ଷତ ଦିନେ ତାକୁ ମରଣ ଦୁଆରକୁ ଠେଲି ଦେଇଥିଲା।"(୨୪) ଲେଖକଙ୍କ ଏପରି ମନୋଭାବ ଜାତୀୟ ଜୀବନ ଓ ଜାତୀୟ ଚରିତ୍ରର ପରିପନ୍ଥୀ।

ଆଧୁନିକ ଓଡ଼ିଆ ଗଳ୍ପ ସାହିତ୍ୟରେ ବହୁ କଥାକାର ସେମାନଙ୍କ କ୍ଷୁଦ୍ରଗଳ୍ପମାନଙ୍କରେ ଜାତୀୟଚେତନା ଓ ଦେଶପ୍ରେମ କାହାଣୀକୁ ବଳିଷ୍ଠ ଭାବେ ରୂପ ଦେଇଥିଲେ; ମାତ୍ର ସାମ୍ପ୍ରତିକ କାଳର କଥାକାରଙ୍କ ଲେଖାରେ ତାହାର ସ୍ୱର କ୍ରମଶଃ କ୍ଷୀଣ ହୋଇ ଆସିଛି। ଯଦିଓ ଏହାର ଆଭା ସମ୍ପୂର୍ଣ୍ଣ ନିର୍ବାପିତ ହୋଇ ନାହିଁ ତଥାପି ଏହାର ଯେଉଁ ପ୍ରଖର ସ୍ରୋତ ଥିଲା ତାହା କ୍ରମଶଃ ଧିମେଇ ଯାଇଛି।

**ସହାୟକ ଗ୍ରନ୍ଥସୂଚୀ :**


୧) ପାଢ଼ୀ, ବେଣୁଧର, ସାହିତ୍ୟରେ : ପ୍ରାଚ୍ୟ ଓ ପାଶ୍ଚାତ୍ୟ, ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ, ବିନୋଦ ବିହାରୀ, କଟକ।

୨) ପରିଡ଼ା, ପ୍ରକାଶ କୁମାର, କଥା – କଥାଗ୍ରନ୍ଥ – କଥାକାର, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ, ୧୯୯୫।

୩) ମଲ୍ଲ, ଅଜାମ୍ବର, ମନୋଜ ଦାସଙ୍କ ଗଳ୍ପରେ ଆଧୁନିକ ଜୀବନ ଜିଜ୍ଞାସା (ଝଙ୍କାର, ଜୁନ୍ ୧୯୯୨)।

୪) ପଟ୍ଟନାୟକ, ରବି, ଗଳ୍ପ ସମଗ୍ର – ୩ୟ ଭାଗ, ପଶ୍ଚିମା ପବ୍ଲିକେସନ, ନୟାପଲ୍ଲୀ, ଭୁବନେଶ୍ୱର।

୫) ଶତପଥୀ, ବିଜୟ କୁମାର, ଭଗବତୀ ଚରଣ ଗଳ୍ପମାଳା, ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ।

୬) ସିଂହ, ରାମପ୍ରସାଦ, ବର୍ତ୍ତମାନ ସାହିତ୍ୟରେ ନୂତନ ଭାବଧାରାର ଆବାହନ, ନବ ଭାରତ।

୭) ଇସ୍ତାହାର, ଅଚ୍ୟୁତାନନ୍ଦ ପତିଙ୍କ କ୍ଷୁଦ୍ରଗଳ୍ପ।

୮) ପଟ୍ଟନାୟକ, ବିଭୂତି, ଗଳ୍ପ ସମଗ୍ର, କଲ୍ୟାଣୀ ନଗର, କଟକ, ୨୦୦୬।

୯) ଦାସ, କଥାଶିଳ୍ପୀ ରଘୁନାଥ ପରିକ୍ରମା।

୧୦)କର, ପ୍ରାଣବନ୍ଧୁ, ଗଳ୍ପ ସମଗ୍ର, ବିଦ୍ୟାପୁରୀ, ବାଲୁବଜାର, କଟକ, ନୂତନ ସଂସ୍କରଣ, ୨୦୧୪।


❖ ❖ ❖

DOI : https://doi.org/10.5281/zenodo.16918719

ମୂଳ ପ୍ରବନ୍ଧ

# ଲୋକ ସଂସ୍କୃତି ପରମ୍ପରାରେ ଦଧିବାମନଜୀୟୁ : ଏକ ରହସ୍ୟାତ୍ମକ ଅନୁଭବ

**ରମେଶ ଚନ୍ଦ୍ର ସାହୁ**

**ସଂକ୍ଷିପ୍ତସାର :**

ଶ୍ରୀ ଜଗନ୍ନାଥ ହିଁ ଓଡ଼ିଶାର ଧର୍ମ, ସଂସ୍କୃତି ତଥା ଇତିହାସର ପ୍ରାଣକେନ୍ଦ୍ର । ସ୍ମରଣାତୀତ କାଳରୁ ଧର୍ମର ଇତିହାସ ସୁପ୍ରସିଦ୍ଧ ବ୍ରାହ୍ମଣଧର୍ମ ସହିତ ଜୈନ, ବୌଦ୍ଧ, ଶୈବ, ବୈଷ୍ଣବାଦି ମତବାଦର ପ୍ଲାବନରେ ଓଡ଼ିଶାର ଧର୍ମବିଶ୍ୱାସ ପ୍ଲାବିତ ହୋଇଥିଲେ ହେଁ ସମସ୍ତ ନଦୀ ପ୍ରବାହିତ ହୋଇ ସାଗରର ଲବଣ ଜଳରେ ସ୍ୱଗୁଣ ପରିତ୍ୟାଗ କଲାପରି ସମସ୍ତ ଧର୍ମ ମତବାଦ ଜଗନ୍ନାଥଙ୍କଠାରେ ଲୀନ ହୋଇ ଯାଇଛନ୍ତି । ତେଣୁ ଜଗନ୍ନାଥ ସମସ୍ତ ଧାରଣାର ଏକମାତ୍ର ଆରାଧ୍ୟ ପ୍ରତୀକ ଭାବେ ଗୃହୀତ ହୋଇ ଆସିଛନ୍ତି । ଜଗତର ନାଥ ଶ୍ରୀଜଗନ୍ନାଥ ଶ୍ରୀ ଦଧିବାମନଜୀୟୁ ନାମ ଧାରଣ କରି ଆମ ଲୋକ ସଂସ୍କୃତି ପରମ୍ପରାରେ କିପରି ଉପନୀତ ହୋଇଛନ୍ତି ତା'ର ରହସ୍ୟାତ୍ମକ ଅନୁଭବ ଏଠାରେ ଆଲୋଚନା କରାଯାଇଛି ।

**ପ୍ରମୁଖ ଶବ୍ଦାବଳୀ :**

ଲୋକସଂସ୍କୃତି, ଶ୍ରୀଜଗନ୍ନାଥ, ଦଧିବାମନଜୀୟୁ, ଜନଶ୍ରୁତି, ଦାରୁବ୍ରହ୍ମ, କିମ୍ବଦନ୍ତୀ, ଯବନିକ କ୍ଷେତ୍ର, ବାରବାଟୀ ଦୁର୍ଗ, ରାମଚନ୍ଦ୍ର ଦେବ, କଳାପାହାଡ଼, ଦୁଲ୍ଲାରୀ ସୁଲେମାନ୍ ।

## ଉପକ୍ରମ :

ମଣିଷ ସହିତ ସଂସ୍କୃତି କାହିଁ କେଉଁ ଆବାହମାନ କାଳରୁ ଓତଃପ୍ରୋତ ଭାବେ ଜଡ଼ିତ ରହିଛି, କାରଣ ସାହିତ୍ୟ ମନୁଷ୍ୟ କଳ୍ପନା ଓ ଭାବପ୍ରବଣତାର କଳାତ୍ମକ ବାହ୍ୟରୂପ ଓ ସଂସ୍କୃତି ହେଉଛି ତା'ର ଅନ୍ତରାତ୍ମା । ସଂସ୍କୃତି ଆବାଳବୃଦ୍ଧବନିତା ସମସ୍ତଙ୍କ ପାଇଁ ଶାନ୍ତି, ମୈତ୍ରୀ ଓ ବସୁଧୈବ କୁଟୁମ୍ବକମ୍‌ରେ ଚଳୟମାନ ହେବାପାଇଁ ପ୍ରୟାସ କରିବା ସହିତ ମନୁଷ୍ୟର ବ୍ୟକ୍ତିତ୍ୱକୁ ମାର୍ଜିତ ତଥା ସମୃଦ୍ଧ କରି ଗଢ଼ି ତୋଳିବାରେ ଆପ୍ରାଣ ଚେଷ୍ଟା କରିଥାଏ। ସଭ୍ୟତା ଶିକ୍ଷା ବିଜ୍ଞାନ ବିକାଶର ଚରମ ସୋପାନରେ ଉପନୀତ ହେଲେବି ଲୋକସଂସ୍କୃତି ପାରମ୍ପରିକ ତଥା ପରିବର୍ତ୍ତିତ ରୂପରେ ନିଜର କାୟା ବିସ୍ତାର କରିବାରେ ସକ୍ଷମ ହୋଇଥାଏ । ସଂସ୍କୃତି ଏକ ସମ୍ପତ୍ତି ନୁହେଁ, ବରଂ ଏହା ଜୀବନର ଅନ୍ତରାକାଶରେ ଏଭଳି ଏକ ଜଳବାୟୁ ଯାହା ବିପୁଳତାର ସମ୍ଭାବନା ଭାବେ ଜୀବନର ପ୍ରୟାସ ଓ ପ୍ରେରଣା ଭିତରେ ସମାବିଷ୍ଟ ହୋଇଥାଏ । ଜଗତର ନାଥ ଜଗନ୍ନାଥ ଓଡ଼ିଆ ଜନଜୀବନ, ସଂସ୍କୃତି ଓ ପ୍ରାଣକେନ୍ଦ୍ର। ତେଣୁ ଓଡ଼ିଶାର ଧର୍ମ ହିଁ ଜଗନ୍ନାଥ ଧର୍ମ ଓ ଉତ୍କଳର ସଂସ୍କୃତି ହିଁ ଜଗନ୍ନାଥ ସଂସ୍କୃତି । ସମସ୍ତ ନଦନଦୀ ସ୍ୱଗୁଣ ଭୁଲିଗଲା ଭଳି, ବହୁ ଧର୍ମ ସମ୍ପ୍ରଦାୟ

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI : https://doi.org/10.5281/zenodo.16918719

Article No - BPP00315

**ଯୋଗାଯୋଗ :**
**ରମେଶ ଚନ୍ଦ୍ର ସାହୁ,** ଗବେଷକ,
ଓଡ଼ିଆ ବିଭାଗ, ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ
**Email :** rameshchsahu88@gmail.com
**ORCID ID :** https://orcid.org/0009-0002-6256-6926

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୫.୦୪.୨୦୨୫ | ୧୨.୦୫.୨୦୨୫ | ୨୬.୦୬.୨୦୨୫ | ୧.୦୭.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ସାହୁ, ରମେଶ ଚନ୍ଦ୍ର; ୨୦୨୫। ଲୋକ ସଂସ୍କୃତି ପରମ୍ପରାରେ ଦଧିବାମନଜୀୟୁ: ଏକ ରହସ୍ୟାତ୍ମକ ଅନୁଭବ। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା : ଘ; ପୃଷ୍ଠା :୨୭-୩୧ ।

ଜଗନ୍ନାଥଙ୍କ ଠାରେ ଲୀନ ହୋଇ ନୀଳାଚଳ ନାଥ ଜଗନ୍ନାଥଙ୍କ ଠାରେ ସର୍ବଧର୍ମର ସମନ୍ୱୟରେ ଗଢ଼ିଉଠି ସର୍ବଜନୀନତା ଲାଭ କରିଛି । ଏଥିପାଇଁ ଉତ୍କଳ ବିଶ୍ୱବିଦିତ ଓ ବିଶ୍ୱପୂଜିତ ହୋଇଛି । ଶ୍ରୀ ଜଗନ୍ନାଥଙ୍କ ଯୋଗୁ ହିଁ ଉତ୍କଳର ନଦୀ, ମହାନଦୀ, ସାଗର-ମହୋଦଧି, ପର୍ବତ ମହେନ୍ଦ୍ର, କ୍ଷେତ୍ର ଶ୍ରୀକ୍ଷେତ୍ର, ଶ୍ମଶାନ ସ୍ୱର୍ଗଦ୍ୱାର, ମଣ୍ଡପ ମୁକ୍ତିମଣ୍ଡପ, ପ୍ରସାଦ ମହାପ୍ରସାଦ ଓ ଦାଣ୍ଡ ବଡ଼ଦାଣ୍ଡ ଶ୍ରେଷ୍ଠତ୍ୱ ଲାଭ କରିଛି । ତେଣୁ ପ୍ରଭୁଙ୍କ ମହିମା ବଖାଣିବାକୁ ହେଲେ ବିଭିନ୍ନ ତଥ୍ୟକୁ ଆଧାର ରୂପେ ଗ୍ରହଣ କରିବାକୁ ପଡ଼ିଥାଏ ।

(୧) ପ୍ରାଚୀନ ପରମ୍ପରାରେ ଶ୍ରୀଜଗନ୍ନାଥ ଉପାସନା

(୨) ଜନଶ୍ରୁତି

(୩) କିମ୍ବଦନ୍ତୀ

### ପ୍ରାଚୀନ ପରମ୍ପରାରେ ଶ୍ରୀଜଗନ୍ନାଥ ଉପାସନା :

ବୈଦିକ ଯୁଗର ବହୁ ପୂର୍ବରୁ ଜଗନ୍ନାଥ ଉପାସନା ପ୍ରଚଳିତ । ଋକ୍ ବେଦରେ ବର୍ଣ୍ଣିତ 'ଦାରୁ' ଦାରୁବ୍ରହ୍ମ ପୁରୁଷୋତ୍ତମ ଭାବେ ଅଭିହିତ । ଦାରୁ ପୂଜା ବା ବୃକ୍ଷ ପୂଜା ପଦ୍ଧତି ବହୁ ପ୍ରାଚୀନ କାଳରୁ ପ୍ରଚଳିତ ଏବଂ ଏହି ଦାରୁ ରୂପଧାରୀ ପୁରୁଷୋତ୍ତମ ଶ୍ରୀଜଗନ୍ନାଥ ଭାବେ ପରିକଳ୍ପିତ ଉପନିଷଦରେ ବର୍ଣ୍ଣିତ ପୁରୁଷ ସ୍ୱରୂପରୁ ପୁରୁଷୋତ୍ତମ ଶ୍ରୀଜଗନ୍ନାଥଙ୍କ ସମ୍ବନ୍ଧରେ ସମ୍ୟକ ଧାରଣା ମିଳିଥାଏ । ଉଦାହରଣ- ରାମଚନ୍ଦ୍ର ବିଭୀଷଣଙ୍କୁ ଉପଦେଶ ଦେଇଛନ୍ତି ଇକ୍ଷ୍ୱାକୁ ବଂଶର କୁଳଦେବତା ଜଗନ୍ନାଥଙ୍କୁ ପୂଜା କରିବା ନିମିତ୍ତ । ଅଗ୍ନି ପୁରାଣରେ ବିଷ୍ଣୁ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନ ସମ୍ବନ୍ଧୀୟ ବିବରଣୀ ପ୍ରଦାନ କରାଯାଇଛି । ଜଗନ୍ନାଥ, ଇନ୍ଦ୍ରଦ୍ୟୁମ୍ନ ଓ ସନାତନ ବଟକୃଷ୍ଣଙ୍କ ସମ୍ବନ୍ଧୀୟ ତଥ୍ୟ ବ୍ରହ୍ମପୁରାଣରୁ ମିଳିଥାଏ । ବହୁ ପୁରାଣରେ ନୀଳଗିରି ଓ ପୁରୁଷୋତ୍ତମ ବିଷୟକ ବର୍ଣ୍ଣନା ସ୍ଥାନ ପାଇଛି । କପିଳ ସଂହିତାରେ- ପୁରୁଷୋତ୍ତମ କ୍ଷେତ୍ରକୁ ଶ୍ରେଷ୍ଠ କ୍ଷେତ୍ର ରୂପେ ଏବଂ ଜଗନ୍ନାଥଙ୍କୁ ଶ୍ରେଷ୍ଠ ଦେବତା ରୂପେ ବର୍ଣ୍ଣନା କରାଯାଇଛି । ଶୈଳୋଦ୍ଭବ ବଂଶୀୟ ରାଜା ମାଧବ ବର୍ମା (୬୨୦ ଖ୍ରୀଷ୍ଟାବ୍ଦ)ଙ୍କ ସମସାମୟିକ ପଣ୍ଡିତ ନାରାୟଣ ଭଟ୍ଟଙ୍କ ଦ୍ୱାରା ରଚିତ ବେଣୀସଂହାର ନାଟକ ମହାଭାରତର ବିଷୟବସ୍ତୁ ଉପରେ ଆଧାରିତ ହୋଇଥିଲେ ହେଁ ଏଥିରେ ଜଗନ୍ନାଥ ପୁରୁଷୋତ୍ତମଙ୍କର ସ୍ତୁତି ଗାନ କରାଯାଇଛି । ଅଷ୍ଟମ ଶତାବ୍ଦୀର ବୌଦ୍ଧ ବ୍ରଜଯାନର ଶାଖାର ପ୍ରବର୍ତ୍ତକ ଇନ୍ଦ୍ରଭୂତି ସ୍ୱରଚିତ କାବ୍ୟ 'ଜ୍ଞାନସିଦ୍ଧି'ର ମଙ୍ଗଳାଚରଣରେ ଜଗନ୍ନାଥଙ୍କୁ ପ୍ରାର୍ଥନା କରିଛନ୍ତି- ("ପ୍ରଣିପତ୍ୟ ଜଗନ୍ନାଥଂ ସର୍ବଜିନବରାର୍ଚ୍ଚିତମ । ସର୍ବବୁଦ୍ଧମୟଂ ସିଦ୍ଧି ବ୍ୟାପିନଂ ଗଗନୋପମ୍ ।")

ଭାରତର ଅନ୍ୟ କୌଣସି ଅଞ୍ଚଳରେ ଦଧିବାମନ ଠାକୁରଙ୍କ ପୂଜା ନାହିଁ, ଅଥଚ ଓଡ଼ିଶାର ବହୁ ଅଞ୍ଚଳରେ ପୂଜା ପାଉଛନ୍ତି । ସଂସ୍କୃତ ପୁରାଣ, ଧର୍ମଗ୍ରନ୍ଥ ବା ଅନ୍ୟ କୌଣସି ଭାଷାର ପୁସ୍ତକରେ ଦଧିବାମନଙ୍କର ମାହାତ୍ମ୍ୟ ବା ବୃତ୍ତାନ୍ତ ବର୍ଣ୍ଣିତ ହୋଇଥିବା ଏ ଲେଖକ ଦେଖିନାହିଁ । ତେବେ ଉଇଲିୟମ୍ ମୋନିରଙ୍କ ସଂସ୍କୃତ-ଇଂରାଜୀ ଅଭିଧାନ ପରି ଅଳ୍ପ କେତେକ ଅଭିଧାନରେ ଦଧିବାମନ ବିଷ୍ଣୁଙ୍କର ଅନ୍ୟତମ ନାମ ବୋଲି ଉଲ୍ଲିଖିତ ଅଛି । ପୂର୍ଣ୍ଣଚନ୍ଦ୍ର ଭାଷାକୋଷରେ ବାମନ ଅବତାରରେ ବିଷ୍ଣୁ ଦଧି ବହନ କରିଥିବାରୁ 'ଦଧିବାମନ' ଭାବରେ ଅଭିହିତ ବୋଲି ଉଲ୍ଲେଖ ଅଛି । କିନ୍ତୁ କେଉଁ ପୁରାଣରେ ଏହାର ପ୍ରମାଣ ଅଛି ଦର୍ଶାଇ ନାହାନ୍ତି । ପ୍ରକୃତରେ କୌଣସି ପୁରାଣରେ ଏହାର ପ୍ରମାଣ ନାହିଁ । ବିଷ୍ଣୁଙ୍କର ନାମ କାହିଁକି ଦଧିବାମନ ହେଲା ଏ ପର୍ଯ୍ୟନ୍ତ ସ୍ଥିରୀକୃତ ହୋଇପାରି ନାହିଁ । ପ୍ରାଚୀନ କବି ଗୋପୀନାଥ ନାଥ 'ଦଧିବାମନ' ସ୍ଥାନରେ 'ବୁଧିବାମନ' ନାମ ପ୍ରୟୋଗ କରିଛନ୍ତି । ତେଣୁ 'ବୁଦ୍ଧବାମନ' ଶବ୍ଦ କ୍ରମେ ବୁଧିବାମନ' ଓ 'ଦଧିବାମନ'ରେ ପରିଣତ ହୋଇଥିବା ସମ୍ଭବ ବୋଲି ଗବେଷକ ସଚ୍ଚିଦାନନ୍ଦ ମିଶ୍ର ଦର୍ଶାଇଛନ୍ତି । ତଥାପି ଏ ସମ୍ପର୍କରେ ଅଧିକ ଗବେଷଣା ଆବଶ୍ୟକ । କେତେକ ସ୍ଥାନରେ ଜଗନ୍ନାଥରୂପୀ ବାମନଙ୍କୁ ଦଧି ଭୋଗ ଲଗାଇ ଲୋକମାନେ କାର୍ଯ୍ୟ ଅନୁକୂଳ କରୁଥିବାରୁ ଏହି ପରମ୍ପରାରୁ ଜଗନ୍ନାଥଙ୍କ ନାମ ଦଧିବାମନ ହୋଇଥିବା ଅନୁମାନ କରାଯାଏ ।

ଓଡ଼ିଶାରେ 'ଦଧିବାମନ' କେବଳ 'ଜଗନ୍ନାଥ'ଙ୍କ ପାଇଁ ବ୍ୟବହୃତ ହୋଇଥାଏ ଓ ଦଧିବାମନଙ୍କ ସେବା, ପୂଜାପଦ୍ଧତି ଓ ପର୍ବପର୍ବାଣୀ ମଧ୍ୟ ଜଗନ୍ନାଥଙ୍କ ସଙ୍ଗେ ସମାନ । ଅଧିକାଂଶ ସ୍ଥଳରେ ତ୍ରିମୂର୍ତ୍ତି ପରିବର୍ତ୍ତେ କେବଳ ଏକାକୀ ପୂଜା ପାଉଥିବା ଜଗନ୍ନାଥଙ୍କୁ ଦଧିବାମନ ଭାବରେ ଅଭିହିତ କରାଯାଇଛି । ଅବଶ୍ୟ ପରବର୍ତ୍ତୀ କାଳରେ କେତେକ ସ୍ଥାନରେ ତ୍ରିମୂର୍ତ୍ତି ପୂଜା ପାଉଥିଲେ ମଧ୍ୟ ଜଗନ୍ନାଥଙ୍କ ନାମ ଦଧିବାମନ ଅଛି । ଗୋଟିକିଆ ମୂର୍ତ୍ତି କେତେକ ସ୍ଥଳରେ ବାଣ୍ଠିଆ ଜଗନ୍ନାଥ, ପତିତପାବନ, ଅଟାଳି ଜଗନ୍ନାଥ, ରଙ୍କନାଥ, ପ୍ରସନ୍ନମଣି ଭାବରେ ମଧ୍ୟ ପୂଜା ପାଉଛନ୍ତି ।

ସାରଳା ମହାଭାରତରେ ବର୍ଣ୍ଣିତ ଦଧିବାମନ କେତେବେଳେ ନୀଳମାଧବ, କେତେବେଳେ ବୁଦ୍ଧ କେତେବେଳେ ନୀଳାଚଳରେ ପ୍ରତିଷ୍ଠିତ ଜଗନ୍ନାଥ । ଦଧିବାମନ ସମ୍ପର୍କୀୟ ତାଙ୍କର ବର୍ଣ୍ଣନାରୁ ଜଣାଯାଏ, କୌଣସି କାର୍ଯ୍ୟରେ ଅନୁକୂଳ କରି ବାହାରିଲା ବେଳେ ଓଡ଼ିଆମାନେ ଦଧିବାମନ (ଜଗନ୍ନାଥ)ଙ୍କୁ ସ୍ମରଣ କରି ଯିବାର ପରମ୍ପରା ରହିଥିଲା । ଓଡ଼ିଶାରେ ଲୋକଧର୍ମର ଏହି ଦେବତାଙ୍କୁ ପୌରାଣିକ ଭୂମି ଯୋଗାଇବାରେ ସାରଳା ଦାସ ଅଗ୍ରଣୀ ହୋଇଛନ୍ତି । ସଭାପର୍ବରେ ସେ ବିଷ୍ଣୁଙ୍କର ଅବତାର ମଧ୍ୟରେ 'ଦଧିବାମନ'ଙ୍କୁ ପ୍ରଥମ ଅବତାର ଭାବରେ

ଗଣନା କରି ବର୍ଣ୍ଣନା କରିଛନ୍ତି ଯେ, ବିଷ୍ଣୁ ପ୍ରଥମେ ଦଧିବାମନ ଅବତାର ଗ୍ରହଣ କରି ସମୁଦ୍ରକୁ ଚାଲୁ କରିଥିଲେ-

"ଜୟ ତୁ ପରମେଶ୍ୱର ଦଧିବାମନ ରୂପ ହୋଇଲୁ
ଜୟ ତୁ ପରମେଶ୍ୱର ବାରାନିଧି ଚାଲୁ କଲୁ ।"

**ଜନଶ୍ରୁତି :**

ମହାପ୍ରଭୁ ବାମନ ରୂପରେ ଏ ଧରାପୃଷ୍ଠରେ ଚଉଷଠିଟି ସ୍ଥାନରେ ପୂଜିତ । ପୁରୀ ମନ୍ଦିର ତଥ୍ୟ ଅନୁସାରେ, ଏହି ଚଉଷଠିଟି ବାମନ ରୂପ ମଧ୍ୟରୁ କ୍ରମ ତୃତୀୟଟି ଶ୍ରୀ ଦଧିବାମନଜୀୟୁଙ୍କର । ଏହି ପ୍ରଭୁ ଲୋକସଂସ୍କୃତି ସହିତ କିପରି ଜଡ଼ିତ ତା'ର ରହସ୍ୟାତ୍ମକ ଘଟଣାବଳୀ ଲୋକଲୋଚନକୁ କରିଛି ମୁଗ୍ଧ ।

ଶ୍ରୀ ନୀଳାଚଳ ଅଧିପତି ଶ୍ରୀଜଗନ୍ନାଥଙ୍କର ପରମଭକ୍ତ ଗଜପତି ମହାରାଜା ଦ୍ୱିତୀୟ ରାମଚନ୍ଦ୍ର ଦେବ, ରାଜା ଶ୍ରୀକ୍ଷେତ୍ରରେ ସମସ୍ତ ଦାୟିତ୍ୱ ସୂଚାରୁ ରୂପେ ସମ୍ପାଦନ କରନ୍ତି, କିନ୍ତୁ ତାଙ୍କର ରାଜବାଟିକାଟି ଥିଲା କଟକର ବାରବାଟୀ ଦୁର୍ଗ । ରାଜା ପୁରୁଷୋତ୍ତମ କ୍ଷେତ୍ରରେ କିଛି ଦିନ ରହି ସମସ୍ତ କାର୍ଯ୍ୟ ତୁଲାଇ, ଫେରି ଆସନ୍ତି ରାଜବାଟିକା ବାରବାଟୀ ଦୁର୍ଗକୁ । ଏହିପରି ଭାବରେ ଗଜପତିଙ୍କର ଯିବାଆସିବା ଚାଲିଥାଏ । ଦିନକର କଥା ରାଜା ଯବନିକ କ୍ଷେତ୍ର ପୁରୀରୁ କାର୍ଯ୍ୟ ସମାପନ କରି, ସୈନ୍ୟସାମନ୍ତଙ୍କ ସହିତ ରାଜବାଟିକାକୁ ଫେରୁଥିବା ବାଟରେ ସ୍ରୋତସ୍ୱିନୀ ମହାନଦୀର ଶାଖାନଦୀ କାଠଯୋଡ଼ି ପଡ଼େ । ପୁରୀଘାଟ ନାମକ ଘାଟରେ ରାଜା ନଦୀପାର ହେଉଥିବା ସମୟରେ, ହଠାତ୍ ନଦୀର ସ୍ରୋତ ବଢ଼ିଯାଏ । ନାବିକଟି ନାବଟିକୁ ସ୍ରୋତକାଟି ଘାଟର କୂଳକୁ ବା ନଦୀର କୂଳକୁ ଆଣିବା ପାଇଁ ସକ୍ଷମ ହୁଏ ନାହିଁ । ଫଳରେ ନୌକାଟି ସ୍ରୋତର ସୁଅରେ ଭାସିଯାଇ ବୟାଳିଶ ମୌଜାର ଦଧିବାମନପୁର ଅଞ୍ଚଳରେ ଲାଗିଲା । ରାଜା ସେହିଠାରେ ନଦୀ ସ୍ରୋତ କମିବା ପର୍ଯ୍ୟନ୍ତ (ଆନୁମାନିକ ସାତ ଦିନ) ଶିବିର ସ୍ଥାପନ କରି ରହିଲେ । ଗଜପତି ମହାରାଜ ନୀଳକନ୍ଦରନାଥଙ୍କର ପରମଭକ୍ତ ଥିବାରୁ ସାଙ୍ଗରେ ଘେନି ଆଣିଥିଲେ ପୁରୁଷୋତ୍ତମଙ୍କର ମୂର୍ତ୍ତି ବା ବିଗ୍ରହ । ଗଜପତି ସେହି ନଦୀପଠାରେ ଶ୍ରୀଜୀୟୁଙ୍କୁ ଧୂପ ଓ ନୈବେଦ୍ୟ ଦେଇ ପୂଜା କରୁଥିଲେ । ଧିରେ ଧିରେ ନଦୀର ସ୍ରୋତ କମିବାକୁ ଲାଗିଲା । ରାଜା ଆସିବା ପାଇଁ ପ୍ରସ୍ତୁତି ହେଲେ । ଯେତେବେଳେ ମହାପ୍ରଭୁଙ୍କୁ ସାଙ୍ଗରେ ଆଣିବାପାଇଁ ରାଜା ବାହାରିଲେ, ସେତିକିବେଳେ ସେହି ନିକଟରେ ବସତି ସ୍ଥାପନ କରି ରହୁଥିବା ଗ୍ରାମବାସୀ ରାଜାଙ୍କୁ ଅନୁରୋଧ କଲେ କି ନୀଳାଚଳନାଥ ଜଗନ୍ନାଥଙ୍କୁ ଦେଇଯିବା ପାଇଁ । ଗଜପତି ଏହି ଗ୍ରାମବାସୀଙ୍କର ଭକ୍ତି ଭାବରେ ମୁଗ୍ଧ ହୋଇ, ଆନନ୍ଦ ମନୋଭାବରେ ଦେଇ ଆସିଲେ । ସେହି ଦିନଠାରୁ ପ୍ରଭୁ ଦଧିବାମନ ନାମରେ ପୂଜିତ ହୁଅନ୍ତି ।



ଗଜପତିଙ୍କ କିଛି ଅନୁଦାନ ଓ ଗ୍ରାମବାସୀଙ୍କ ଚେଷ୍ଟାରେ ସେହି ନଦୀପଠାରେ ଏକ ମନ୍ଦିର ନିର୍ମାଣ କରାଯାଇ ପ୍ରଭୁ ପୂଜିତ ହେଲେ । ସମୟ ଅତିକ୍ରମ ହୋଇଗଲା । ଧିରେ ଧିରେ ନଦୀ ଖାଇବାରୁ, ଗ୍ରାମ ଓ ମନ୍ଦିର ନଦୀ ଗର୍ଭରେ ଲୀନ ହେବାକୁ ବସିଲାଣି । ତେଣୁ ଗ୍ରାମବାସୀ ସ୍ଥାନ ପରିବର୍ତ୍ତନ କରିବା ସମୟରେ ପ୍ରଭୁ ପଦ୍ମନାଭଙ୍କୁ ମଧ୍ୟ ନଦୀ ଆରପାରିକୁ ନେଇ ଆସିଲେ ।

**କିମ୍ବଦନ୍ତୀ :**

କିମ୍ବଦନ୍ତୀ ଅନୁସାରେ, ବଙ୍ଗୀୟ ବ୍ରାହ୍ମଣ କଳାପାହାଡ଼, ଯାହାର ପ୍ରକୃତ ନାମ କଳାଚାନ୍ଦ । କଳାଚାନ୍ଦ ନିଜର ସାହସ ପାଇଁ କେବଳ ପ୍ରସିଦ୍ଧି ଅର୍ଜନ କରି ନଥିଲା । ସେ ଥିଲା ଅତ୍ୟନ୍ତ ସୁନ୍ଦର । ତା' ରୂପରେ ମୁଗ୍ଧ ହୋଇ ସୁଲେମାନଙ୍କର କନ୍ୟା ଦୁଲାଳୀ ତାକୁ ବିବାହ କରିବାକୁ ଇଚ୍ଛା ପ୍ରକାଶ କରିଥିଲା । କିନ୍ତୁ ହିନ୍ଦୁ କୁଳୋଦ୍‌ଭବ କଳାଚାନ୍ଦ ମୁସଲମାନ କନ୍ୟାର ପାଣିଗ୍ରହଣ କରି ସ୍ୱଧର୍ମ ନଷ୍ଟ କରିବାକୁ ଅନିଚ୍ଛୁକ ହୋଇ ଏପରି ବିବାହ କରିବାକୁ ସ୍ପଷ୍ଟ ମନା କରିଦେଲେ । ଫଳରେ ନବାବ ବିଶେଷ କ୍ରୁଦ୍ଧ ହୋଇ କଳାଚାନ୍ଦକୁ ବନ୍ଦୀ କରିଥିଲେ ଏବଂ ରାତ୍ରି ଶେଷରେ ତାକୁ ଶୂଳୀଦେବା ପାଇଁ ଆଦେଶ ଦେଇଥିଲେ । ପରଦିନ ପ୍ରଭାତରେ ଶୂଳୀର ଆୟୋଜନ ହେଲା ଓ ଶୂଳୀ ଦେବା ସ୍ଥାନକୁ କଳାଚାନ୍ଦକୁ ନିଆଗଲା । ଏ ସମୟରେ ଦୁଲାଳୀ ଦଉଡ଼ି ଦଉଡ଼ି ଆସି କଳାଚାନ୍ଦର ପାଦରେ ପଡ଼ି କହିଲା, "ପ୍ରାଣେଶ୍ୱର ! ଏ ଦାସୀ ପ୍ରତି ଅନୁକମ୍ପା ହେଉ । ଆପଣଙ୍କୁ ସ୍ୱାମୀ ରୂପେ ନ ପାଇଲେ ମୁଁ ଆତ୍ମହତ୍ୟା କରି ପ୍ରାଣତ୍ୟାଗ କରିବି ।" ଦୁଲାଳୀର ଏପରି ନୈସର୍ଗିକ ପ୍ରେମ ନିବେଦନରେ କଳାଚାନ୍ଦର ହୃଦୟ ଦ୍ରବୀଭୂତ ହୋଇଗଲା । ସେ ଦୁଲାଳୀକୁ ବିବାହ କରିବା ପାଇଁ ସମ୍ମତି ପ୍ରଦାନ କଲା । ଯଥାସମୟରେ କଳାଚାନ୍ଦ ଓ ଦୁଲାଳୀର ବିବାହ କାର୍ଯ୍ୟ ସମ୍ପନ୍ନ ହେଲା । ସୁଲେମାନ ଖୁସି ହୋଇ କଳାଚାନ୍ଦକୁ ସେନାପତି ପଦରେ ଅଧିଷ୍ଠିତ କରିଥିଲେ ।

କଳାଚାନ୍ଦ ମାନ, ସମ୍ମାନ, କ୍ଷମତା ସବୁକିଛି ପାଇଲେ ମଧ୍ୟ ତତ୍‌କାଳୀନ ସମାଜ ତାକୁ ଆଉ ଗ୍ରହଣ କରିପାରିଲା ନାହିଁ । ଧର୍ମରୁ ବିଚ୍ୟୁତ ହୋଇଥିବାରୁ ଗ୍ରାମବାସୀମାନେ ତାକୁ ଏକଘରିଆ କରିଦେଲେ । କଳାଚାନ୍ଦର ମାତା ମଧ୍ୟ ପୁତ୍ରର ଏପରି ଆଚରଣ ଦେଖି ବିଚଳିତ ହୋଇପଡ଼ିଲେ ଏବଂ ଗୃହ ସଂସାର ପରିତ୍ୟାଗ କରି ବୃନ୍ଦାବନକୁ ପ୍ରସ୍ଥାନ କଲେ । କଳାଚାନ୍ଦକୁ ପ୍ରାୟଶ୍ଚିତ କରି ସମାଜରେ ମିଶିବା ପାଇଁ ଗ୍ରାମବାସୀମାନଙ୍କୁ ଅନୁରୋଧ କଲା । ମାତ୍ର ଗ୍ରାମବାସୀମାନେ ଏ ବିଷୟରେ ପୁରୀ ମୁକ୍ତିମଣ୍ଡପରେ ବିଚାର ଗ୍ରହଣୀୟ ବୋଲି ମତବ୍ୟକ୍ତ କଲେ । କଳାଚାନ୍ଦ ଶ୍ରୀକ୍ଷେତ୍ରକୁ ଯାଇ ମୁକ୍ତିମଣ୍ଡପରେ ପଣ୍ଡିତମାନଙ୍କ

ନିକଟରେ ପ୍ରାୟଶ୍ଚିତ ପାଇଁ ଆବେଦନ କଲା । କିନ୍ତୁ ପଣ୍ଡିତମାନେ ମୁସଲମାନ କନ୍ୟାର ପାଣିଗ୍ରହଣ କରିଥିବା କଳାଚାନ୍ଦକୁ ପୁନର୍ବାର ହିନ୍ଦୁଧର୍ମରେ ଗ୍ରହଣ କରିବାକୁ ବାରଣ କରିଦେଲେ । କଳାଚାନ୍ଦ ଅନନ୍ୟୋପାୟ ହୋଇ ସିଂହଦ୍ୱାର ଆଗରେ ଚକ୍ଷୁ ବନ୍ଦ କରି ପଡ଼ି ରହିଲା । ଏହିପରି ତିନିଦିନ ତିନିରାତ୍ରି ଭୋକ ଶୋଷରେ ପଡ଼ି ରହିଲେ ମଧ୍ୟ ମୁକ୍ତିମଣ୍ଡପରେ ପଣ୍ଡିତମାନେ ତା' ପ୍ରତି କୌଣସି ଅନୁକୂଳ ମନୋଭାବ ଦେଖାଇଲେ ନାହିଁ । ଫଳରେ କଳାଚାନ୍ଦ ବିଶେଷ ଭାବରେ କ୍ରୁଦ୍ଧ ହୋଇ ବିରକ୍ତିର ସହିତ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ କହିବାକୁ ଲାଗିଲା, ହେ ଦାରୁବ୍ରହ୍ମ, ବୁଝିଲି ତୁମେ ଜଗନ୍ନାଥ ପତିତପାବନ ନୁହଁ । ତୁମେ କେବଳ ଦାରୁ ପ୍ରାଣହୀନ, ଜ୍ଞାନହୀନ, ଶକ୍ତିହୀନ । ତୁମେ ଯଦି ପତିତପାବନ ହୋଇଥାନ୍ତ, ତେବେ ତୁମ ଶ୍ରୀକ୍ଷେତ୍ରରେ ମୁଁ ଏପରି ଅପମାନ ପାଇ ନଥାନ୍ତି । ତୁମେ ଭଣ୍ଡ, ତୁମର ପଣ୍ଡାମାନେ ମଧ୍ୟ ଭଣ୍ଡ । ଯେଉଁଠାରେ ଅନୁତପ୍ତର ସୁବିଚାର ହୁଏ ନାହିଁ, ସେଠାରେ କ'ଣ ଧର୍ମ ଥାଏ ? ସେଠାରେ ଥାଏ ଭଣ୍ଡାମି ଓ ମିଥ୍ୟାଚାର । ତେଣୁ ହେ ଜଗନ୍ନାଥ ! "ତୁମ ସିଂହଦ୍ୱାରରେ ମୁଁ ଆଜି ପ୍ରତିଜ୍ଞା କରୁଛି, ସମଗ୍ର ଭାରତବର୍ଷରୁ ଏପରି ପ୍ରବଞ୍ଚନାମୟ ପୌତ୍ତଳିକତା, ଶଠତା, ଭଣ୍ଡାମି ଓ କପଟ ଧର୍ମ ଧ୍ୱଂସ କରିବି ।"

ସିଂହଦ୍ୱାର ନିକଟରେ ଏପରି ପ୍ରତିଜ୍ଞା କରି କଳାଚାନ୍ଦ ବଙ୍ଗଭୂମିକୁ ଫେରି ଆସିଲା ଏବଂ ବଙ୍ଗ ନବାବ ସୁଲେମାନଙ୍କୁ ଏ ବିଷୟରେ ଜଣାଇ ସୈନ୍ୟ ସାହାଯ୍ୟ କରିବାକୁ ଅନୁରୋଧ କଲା । ବଙ୍ଗ ନବାବ ସୁଲେମାନ ଓଡ଼ିଶା ଆକ୍ରମଣ କରି ରାଜ୍ୟବିସ୍ତାର କରିବା ପାଇଁ ସୁଯୋଗ ଅପେକ୍ଷାରେ ଥିଲେ । ତେଣୁ କଳାଚାନ୍ଦର ସାହାଯ୍ୟ ଭିକ୍ଷା ତାଙ୍କର ଇଚ୍ଛାକୁ ଦୃଢ଼ୀଭୂତ କଲା । ସେ ନିଜ ଜାମାତାର ଅପମାନର ପ୍ରତିଶୋଧ ନେବାପାଇଁ ଦୃଢ଼ ପରିକର ହେଲେ ।

ଏଣେ ଉତ୍କଳ ସମ୍ରାଟଙ୍କର କରଦ ରାଜ୍ୟ ସାରଙ୍ଗଗଡ଼ର ରାଜା ରାମଚନ୍ଦ୍ର ଭଞ୍ଜ ଉତ୍କଳ ସିଂହାସନ ଅଧିକାର କରିବାପାଇଁ ଲାଳାୟିତ ଥିଲେ । ଏହି ସୁଯୋଗରେ ସେ ଶିଖି ମହାପାତ୍ର ଓ ମନାଇ ମହାପାତ୍ରଙ୍କୁ ବଙ୍ଗ ନବାବ ସୁଲେମାନଙ୍କ ନିକଟକୁ ପଠାଇ ଉତ୍କଳ ଆକ୍ରମଣ କରିବା ନିମିତ୍ତ ଆହ୍ୱାନ ଜଣାଇଲେ । ସୁଲେମାନ ରାମଚନ୍ଦ୍ର ଭଞ୍ଜଙ୍କର ସାହାଯ୍ୟ ପାଇ ଉତ୍କଳ ଆକ୍ରମଣ କରିବାକୁ ପ୍ରସ୍ତୁତ ହେଲେ ।

ସେତେବେଳେ ଉତ୍କଳର ସମ୍ରାଟ ଥିଲେ ପ୍ରବଳ ପ୍ରତାପୀ ମୁକୁନ୍ଦ ଦେବ । ସେ ତା'ର ମୁଖରୁ ବଙ୍ଗ ନବାବଙ୍କର ଉତ୍କଳ ଆକ୍ରମଣ କରିବାପାଇଁ ପ୍ରସ୍ତୁତି ବିଷୟରେ ସମ୍ବାଦ ପାଇ ଯୁଦ୍ଧ ନିମିତ୍ତ ପ୍ରସ୍ତୁତ ହେଲେ ଏବଂ ବଙ୍ଗ ନବାବ ଉତ୍କଳ ଆକ୍ରମଣ କରିବା ପୂର୍ବରୁ ସେ ନିଜେ ବଙ୍ଗ ଆକ୍ରମଣ କରିବାକୁ ମନସ୍ଥ କଲେ । ବଙ୍ଗ ଅଭିମୁଖେ ଯାତ୍ରା କରିବା ପୂର୍ବରୁ ସେ ପୁରନ୍ଦର ଜଗଦେବଙ୍କ ହସ୍ତରେ ଦଶ ସହସ୍ର ସୈନ୍ୟ ଦେଇ ପୁରୀ ଓ ଜଗନ୍ନାଥ ମନ୍ଦିର ରକ୍ଷା କରିବାର ବ୍ୟବସ୍ଥା କଲେ ଏବଂ ଆଉ ଦଶ ସହସ୍ର ସୈନ୍ୟ ଦ୍ୱାରା ବାରବାଟୀ ଦୁର୍ଗ ରକ୍ଷା କରିବାର ଭାର କୁନି ସାମନ୍ତରା ଓ ଯୁବରାଜଙ୍କ ହସ୍ତରେ ଅର୍ପଣ କରାଗଲା । ନିଜେ ମୁକୁନ୍ଦ ଦେବ ତିରିଶ ହଜାର ସୈନ୍ୟ ନେଇ ବଙ୍ଗ ଆକ୍ରମଣ କରିବାକୁ ପ୍ରସ୍ଥାନ କଲେ । ଏହି ସମୟରେ କଳାଚାନ୍ଦ ବହୁ ମୋଗଲ ସେନା ସହିତ ଗୁପ୍ତ ଜଙ୍ଗଲ ପଥରେ ଆସି ବାରବାଟୀ ଦୁର୍ଗ ଅଧିକାର କଲେ । ପ୍ରଥମେ କୁନି ସାମନ୍ତରାଙ୍କ ଯୁଦ୍ଧ କୌଶଳରେ କଳାଚାନ୍ଦ କ୍ଷତବିକ୍ଷତ ହୋଇ ହତପ୍ରଭ ହୋଇପଡ଼ିଥିଲା; କିନ୍ତୁ ପରେ ବହୁ ମୋଗଲ ସେନା ଆସି ତାକୁ ସାହାଯ୍ୟ କରିବାରୁ ସେ ପୁଣି ବୀରବିକ୍ରମରେ କୁନି ସାମନ୍ତରାଙ୍କ ସହିତ ଯୁଦ୍ଧରେ ପ୍ରବୃତ୍ତ ହେଲା । ଏହି ଯୁଦ୍ଧରେ କୁନି ସାମନ୍ତରା ନିହତ ହେଲେ ଏବଂ ଯୁବରାଜ ରାମଚନ୍ଦ୍ର ଦେବ ବନ୍ଦୀ ରୂପେ ଶତ୍ରୁ ଶିବିରକୁ ପ୍ରେରିତ ହେଲେ । କଳାଚାନ୍ଦ ବାରବାଟୀ ଦୁର୍ଗ ଅବରୋଧ କରି ଶ୍ରୀମନ୍ଦିର ଧ୍ୱଂସ କରିବାକୁ ଅଗ୍ରସର ହେଲା । ବଙ୍ଗ ଦେଶରୁ କୋଣାର୍କ ରାମଚଣ୍ଡୀ ଓ ଶଙ୍ଖକ୍ଷେତ୍ର ଯିବା ବାଟରେ ମହାନଦୀ ଓ କାଠଯୋଡ଼ି ନଦୀ ପଡ଼େ । ଏହି କାଠଯୋଡ଼ି ନଦୀ ପଠାରେ ଦଧିବାମନଜୀଉଙ୍କ ପୀଠ । କଳାପାହାଡ଼ ମନ୍ଦିର ଭାଙ୍ଗି ଦେବାର ସୂଚନା ପାଇ ଗ୍ରାମବାସୀ ପ୍ରଭୁ ଚକାନୟନଙ୍କୁ ନଦୀ ଆରପାରିକୁ ନେଇ ଆସିଲେ । ପ୍ରଭୁଙ୍କୁ ଆଣି ଯେଉଁ ସ୍ଥାନରେ ଅବସ୍ଥାପିତ କରିଥିଲେ ସେହି ପୁଣ୍ୟ ସ୍ଥାନଟିର ନାମ 'ଉରାଳୀ' ।

ବର୍ଷ ପରେ ବର୍ଷ ଅତିକ୍ରାନ୍ତ ହୋଇଛି, ନଦୀ ଆରପାରିରୁ ଆସି ପ୍ରଭୁ ଶ୍ରୀଚକ୍ରଧର ଉରାଳୀ ଗ୍ରାମରେ ପ୍ରଭୁ ବାମନ ରୂପରେ ପ୍ରଥମେ ଗଛମୂଳେ, ପରେ ଛପର ଘରେ, ତା'ପରେ ଟାହିଲି ଘରେ, ପରବର୍ତ୍ତୀ ସମୟରେ ଆଜବେଷ୍ଟ ଘରେ, ବର୍ତ୍ତମାନ ସୁଉଚ୍ଚ ମନ୍ଦିର ଭିତରେ ରତ୍ନସିଂହାସନ ଉପରେ ଶ୍ରୀ ଦଧିବାମନଜୀଉ ନାମରେ ବିରାଜିତ । ଉରାଳୀ ଗ୍ରାମବାସୀ, ଅଞ୍ଚଳବାସୀ ଓ ଜଗତ ଜନତାର ଦୁଃଖ ହରଣ, ଭକ୍ତମଣ୍ଡଳୀଙ୍କ କଲ୍ୟାଣ ସାଧନ, ଜନଜୀବନ ମଧ୍ୟରେ ଶାନ୍ତି, ମୈତ୍ରୀ ଓ ଭାତୃଭାବ ନିମନ୍ତେ ଶ୍ରୀ ଦଧିବାମନଜୀଉଙ୍କ ନିକଟରେ ଯୋଡ଼ହସ୍ତରେ ପ୍ରଭୁଙ୍କୁ ମୋର ଭକ୍ତିପୂତ ନିବେଦନ ଓ ପ୍ରଣାମ ।

ଶ୍ରୀଜଗନ୍ନାଥ, ତାଙ୍କର ଧାମ ଓ ମନ୍ଦିର ଅତି ପ୍ରାଚୀନ । ସ୍ୱୟଂ ଶ୍ରୀଜଗନ୍ନାଥ କେଉଁ ଅନାଦି କାଳରୁ ବିଭିନ୍ନ ନାମରେ, ବିଭିନ୍ନ ରୂପରେ ଉପାସିତ ହୋଇ ଆସୁଅଛନ୍ତି; ତାଙ୍କର କଳନା ଏ ପର୍ଯ୍ୟନ୍ତ ସମ୍ଭବ ହୋଇନାହିଁ । ଶ୍ରୀଜଗନ୍ନାଥଙ୍କ ପ୍ରାଚୀନ ଐତିହ୍ୟ ପ୍ରତିପାଦନ ପାଇଁ ପ୍ରାଚୀନ ପୁରାଣ ଓ ଯୁଗ ଯୁଗାବଧି ପ୍ରଚଳିତ କିମ୍ବଦନ୍ତୀମାନଙ୍କ ଅଜସ୍ର ଉପାଦାନ ରହିଛି । କିନ୍ତୁ ଶ୍ରୀଜଗନ୍ନାଥ ଏହିସବୁ ପୁରାଣ ଓ କିମ୍ବଦନ୍ତୀ ଠାରୁ ଆହୁରି

ପ୍ରାଚୀନତର । ଶ୍ରୀଜଗନ୍ନାଥଙ୍କ ଇତିହାସ ସଂକଳନର ପରମ୍ପରା ପ୍ରାଚୀନ କାଳରୁ ଗଢ଼ି ଉଠିପାରି ନାହିଁ । ପ୍ରକୃତ ଇତିହାସର ଉଦ୍‌ଘାଟନ ପାଇଁ ପୌରାଣିକ ଓ କିମ୍ବଦନ୍ତୀର ଉପାଦାନ ଉପରେ ସମ୍ପୂର୍ଣ୍ଣ ନିର୍ଭର କରିହେବ ନାହିଁ । ତଥାପି ବିଭିନ୍ନ ଜନଶ୍ରୁତି ଓ କିମ୍ବଦନ୍ତୀ ସୂଚାଇ ଦିଏ ଯେ ଜଗନ୍ନାଥ ନାମରେ ନ ହେଲେ ମଧ୍ୟ ଅନ୍ୟାନ୍ୟ ନାମରେ ବହୁ ପ୍ରାଚୀନ କାଳରୁ ଯେଉଁ ଦେବତା ଉପାସିତ ହୋଇ ଆସୁଥିଲେ, ତାହାଙ୍କର କ୍ରମ ପରିଣତି ହେଉଛି ଆଜିର ବିଶ୍ୱବିଖ୍ୟାତ ଶ୍ରୀଜଗନ୍ନାଥ ।

**ସହାୟକ ଗ୍ରନ୍ଥସୂଚୀ :**


୧. ନନ୍ଦ ଦୁର୍ଗାମାଧବ, ଲୋକ-ସଂସ୍କୃତି ଓ ଲୋକ କାହାଣୀ ବିଶେଷାଙ୍କ, ଲୋକସଂସ୍କୃତି ଗବେଷଣା ପ୍ରତିଷ୍ଠାନ, ପୁରୀ, ପ୍ରଶାସନ-୨୦୨୪ ।

୨. ପଣ୍ଡା ଗଣେଶ ଚନ୍ଦ୍ର, ପ୍ରପନ୍ନର ପାରିଜାତ ଶ୍ରୀଜଗନ୍ନାଥ, ମହାବୀର ପ୍ରକାଶନ, ଭୁବନେଶ୍ୱର, ପ୍ରକାଶନ-୨୦୧୭ ।

୩. ମହାପାତ୍ର ବିଷ୍ଣୁପ୍ରିୟା, ଓଡ଼ିଆ ଲୋକସଂସ୍କୃତି ଓ ଲୋକ ସାହିତ୍ୟ, କିତାବ ମହଲ, କଟକ, ପ୍ରକାଶନ-୨୦୨୨ ।

୪. ମହାପାତ୍ର ମନୋଜ କୁମାର, ଓଡ଼ିଶାର ବୌଦ୍ଧଧର୍ମ ଓ ସଂସ୍କୃତି, ଗ୍ରନ୍ଥ ମନ୍ଦିର, କଟକ, ପ୍ରକାଶନ-୨୦୨୫ ।

୫. ମହାରଣା ସୁରେନ୍ଦ୍ର କୁମାର, ଓଡ଼ିଆ ସାହିତ୍ୟର ଧର୍ମଧାରା, ବିଦ୍ୟା ପ୍ରକାଶନ, ବାଲୁବଜାର, କଟକ, ପ୍ରକାଶନ-୨୦୧୯ ।

୬. ସାହୁ ବାସୁଦେବ, ଓଡ଼ିଆ ସାହିତ୍ୟରେ ଶ୍ରୀଜଗନ୍ନାଥ ଚେତନା, ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ, ପ୍ରଥମ ସଂସ୍କରଣ-୨୦୧୭ ।

୭. ସାହୁ ଡକ୍ଟର ବ୍ରଜକିଶୋର, ଭକ୍ତ ଓ ଜଗନ୍ନାଥ, କଟକ ଷ୍ଟୁଡ଼େଣ୍ଟସ୍ ଷ୍ଟୋର, ବାଲୁବଜାର, କଟକ, ତୃତୀୟ ସଂସ୍କରଣ-୨୦୨୩ ।


❖ ❖ ❖

DOI : https://doi.org/10.5281/zenodo.16918768 **ମୂଳ ପ୍ରବନ୍ଧ**

# କଥାକାଳ ଓ କଥନକାଳ ଭିତ୍ତିରେ ସତ୍ୟପ୍ରିୟ ମହାଳିକଙ୍କ 'ଶୂନ୍ୟକାଳ'

**ବେବିନା ଦାସ**

**ସଂକ୍ଷିପ୍ତସାର :**

ସତ୍ୟପ୍ରିୟ ମହାଳିକଙ୍କ 'ଶୂନ୍ୟକାଳ' ଉପନ୍ୟାସକୁ କଥାକାଳ ଓ କଥନକାଳ ଦୃଷ୍ଟିରୁ ଆଲୋଚନା କଲେ ଆମେ ଦେଖିବା ଯେ, ଔପନ୍ୟାସିକ ଝାଡ଼ଖଣ୍ଡର ଏକ ବିଚ୍ଛିନ୍ନାଞ୍ଚଳ 'ଯଦୁଗଡ଼' ନାମ୍ନୀ ସ୍ଥାନକୁ ଉପନ୍ୟାସର ପୃଷ୍ଠଭୂମି ଭାବରେ ଗ୍ରହଣ କରିଛନ୍ତି । ସେହି ଅଞ୍ଚଳର ଶାସକ ଏବଂ ସେଠାକାର ବାସିନ୍ଦା ଏହି ଉପନ୍ୟାସର ପାତ୍ରପାତ୍ରୀ । ଦୀର୍ଘ ଛଅଶହ ବର୍ଷର କାହାଣୀ, ଇତିହାସ, ଲୋକକଥା ଓ କିମ୍ବଦନ୍ତୀ 'ଶୂନ୍ୟକାଳ' ଉପନ୍ୟାସର ବିଷୟବସ୍ତୁ । ଏଇ ଛଅଶହ ବର୍ଷର ଅତୀତ ଇତିହାସ ୨୦୦୮ ମସିହାରେ (ପୁସ୍ତକ ଆକାରରେ) ଉପନ୍ୟାସ ରୂପ ପାଇଛି । ଔପନ୍ୟାସିକ ଯେଉଁ ସମୟର କଥା ଉପସ୍ଥାପନ କରୁଛନ୍ତି ତାହା ସେହି ଉପନ୍ୟାସର କଥାକାଳ ଏବଂ ଯେଉଁ ସମୟଖଣ୍ଡରେ ଉକ୍ତ କଥା (ବିଷୟବସ୍ତୁ)କୁ ପ୍ରଖ୍ୟାପନ କରୁଛନ୍ତି, ତାହା ସେହି ଉପନ୍ୟାସର କଥନକାଳ ।

**ପ୍ରମୁଖ ଶବ୍ଦାବଳୀ :**

କଥାକାଳ, କଥନକାଳ, କଥାର ଅବଧି, ଉପନ୍ୟାସର ଅବଧି ଓ କଥକ ।

ସାଂପ୍ରତିକ ଓଡ଼ିଆ କଥାସାହିତ୍ୟରେ ଏକ ବହୁଚର୍ଚ୍ଚିତ ଔପନ୍ୟାସିକ ହେଉଛନ୍ତି କଥାକାର ସତ୍ୟପ୍ରିୟ ମହାଳିକ (୧୯୬୨) । ଔପନ୍ୟାସିକଙ୍କ ଜନ୍ମ ଭଦ୍ରକ ଜିଲ୍ଲାର ନଳବାଙ୍କ ଗ୍ରାମରେ । ବର୍ତ୍ତମାନ ଝାଡ଼ଖଣ୍ଡର ଏକ ମହାବିଦ୍ୟାଳୟରେ ସେ ଓଡ଼ିଆ ଭାଷା ସାହିତ୍ୟର ଅଧ୍ୟାପକ । 'ଶୂନ୍ୟକାଳ' ଉପନ୍ୟାସର ମୁଖବନ୍ଧରେ ଔପନ୍ୟାସିକ କହନ୍ତି – "ମୋର ସୌଭାଗ୍ୟ ବା ଦୁର୍ଭାଗ୍ୟରୁ ମୁଁ ଏକ ବିଚ୍ଛିନ୍ନାଞ୍ଚଳରେ ଜୀବିକା ପାଇଁ ରହିଛି । ତା'ର ଲୋକ-ବାକ, ରାଜା-ମନ୍ତ୍ରୀ, ତା'ର ପାଗଳ ରାଜକୁମାରଙ୍କ ସାଂଗେ ମୁଁ ଘୂରି ବୁଲୁଛି ନଦୀପଠା, ପାହାଡ଼, ମୁଖାନାଚର ଆଖଡ଼ା, କ୍ଷେତ ଖମାର । ବେଳେବେଳେ ଚକିତ ହୋଇଛି ଓ ନିଜକୁ ନିଜେ ଆବିଷ୍କାର କରିଛି । ତା'ର ଛଅଶହ ବର୍ଷ ତଳର ଇତିହାସ ଓ ଲୋକକଥାକୁ ଅଧ୍ୟୟନ କରିଛି । ତା'ର ଲୋକସଂସ୍କୃତି, ଭାଷା ଓ ସାହିତ୍ୟର ଚର୍ଚ୍ଚା କରୁଛି ।" (ଶୂନ୍ୟକାଳ, ମୁଖବନ୍ଧ, ସତ୍ୟପ୍ରିୟ ମହାଳିକ)

ଶୂନ୍ୟକାଳ ଉପନ୍ୟାସଟି ଓଡ଼ିଆ ସାହିତ୍ୟ ଜଗତରେ ଏକ ଲୋକପ୍ରିୟ ଉପନ୍ୟାସ ଭାବରେ ନିଜର ସ୍ୱତନ୍ତ୍ର ପରିଚୟ ହାସଲ କରିବା ପରେ ୨୦୦୮ ମସିହାରେ ଅଗ୍ରଦୂତ ପ୍ରକାଶନୀ, କଟକଙ୍କ ଦ୍ୱାରା ପୁସ୍ତକ ଆକାରରେ ପ୍ରକାଶ ପାଇଛି । ମୁଖାନାଚ, ଲୋକକଥା, ଇତିହାସ ଓ କିମ୍ବଦନ୍ତୀକୁ ଆଧାର କରି ଔପନ୍ୟାସିକ ଏହି ଉପନ୍ୟାସଟିର ପରିକଳ୍ପନା କରିଅଛନ୍ତି । ପ୍ରତ୍ୟେକ ଉପନ୍ୟାସ ଭଳି ଉକ୍ତ ଉପନ୍ୟାସରେ ସ୍ଥାନ, କାଳ, ପାତ୍ରକୁ ଔପନ୍ୟାସିକ ଗୁରୁତ୍ୱ ଦେଇଛନ୍ତି । 'ସ୍ଥାନ' ଭାବରେ ଔପନ୍ୟାସିକ ଚୟନ କରିଛନ୍ତି ବିଚ୍ଛିନ୍ନାଞ୍ଚଳ 'ଯାଦୁଗଡ଼' ନାମ୍ନୀ ସ୍ଥାନକୁ ।

**ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ**

**Quick Response Code:**

**Available online at :** https://pracheenews.com/

**DOI:** https://doi.org/10.5281/zenodo.16918768

Article No - BPP00316

**ଯୋଗାଯୋଗ : ବେବିନା ଦାସ,** ଅଧ୍ୟାପିକା, ଓଡ଼ିଆ ଭାଷା-ସାହିତ୍ୟ ବିଭାଗ, ସ୍ୱାମୀ ବିବେକାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ, ଜଗତସିଂହପୁର

**Email:** bebinadas3030@gmail.com

**ORCID ID:** https://0009-0002-3880-6168

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୪.୦୩.୨୦୨୫ | ୧୧.୦୪.୨୦୨୫ | ୨୫.୦୫.୨୦୨୫ | ୧.୦୬.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ଦାସ, ବେବିନା; ୨୦୨୫ । କଥାକାଳ ଓ କଥନକାଳ ଭିତ୍ତିରେ ସତ୍ୟପ୍ରିୟ ମହାଳିକଙ୍କ 'ଶୂନ୍ୟକାଳ' । ବାସ୍ତବତାର ପରିପ୍ରକାଶ ପ୍ରାଚୀ । ଭାଗ :୧୧, ସଂଖ୍ୟା : ଘ; ପୃଷ୍ଠା : ୩୨-୩୪ ।

'କାଳ' ହେଉଛି ଛଅଶହ ବର୍ଷ ତଳର ଇତିହାସ ଓ କିମ୍ବଦନ୍ତୀ ଏବଂ ପାତ୍ରମାନେ ହେଉଛନ୍ତି, ନିଜେ କଥାକାର ଏବଂ ଅନ୍ୟାନ୍ୟ ଚରିତ୍ର । 'ଶୂନ୍ୟକାଳ' ଉପନ୍ୟାସରେ ଔପନ୍ୟାସିକ ସତ୍ୟପ୍ରିୟ ମହାଳିକ ସ୍ୱୟଂ କଥକ ଭୂମିକାରେ ଅବତୀର୍ଣ୍ଣ ହୋଇଥିବାର ପାଠକ ଦେଖିବାକୁ ପାଇବ । ଉପନ୍ୟାସର ମୁଖବନ୍ଧରେ ଔପନ୍ୟାସିକ କହିଛନ୍ତି –"ମୋର ଭୂମିକା ତ କେବଳ ବଦ୍ରିପ୍ରସାଦ ପରି କାହାଣୀ ଶୁଣେଇବା । ମୁଁ ଜାଣେନା ମୋର ଏ ଅସରନ୍ତି କାହାଣୀ କେତେବେଳେ ପାଲଟି ଯିବ ଗୋଟେ ଲମ୍ବା 'ଜୋକ୍' ବା ମୋତେ ମିଳିବ ପ୍ରାଣଦଣ୍ଡ । ମାତ୍ର ମୁଁ ଓ ମୋର ଛାଇ ଦିହେଁ ସମାନ । ଠିକ୍ ବଦ୍ରିପ୍ରସାଦ ପରି, ଠିକ୍ ତା'ର ଛାଇ ପରି । କାରଣ ମୁଁ ବି ମୁଖା ପିନ୍ଧିଥାଏ ଓ ନାଚୁଥାଏ ଚିରକାଳ ।" (ଶୂନ୍ୟକାଳ, ମୁଖବନ୍ଧ, ସତ୍ୟପ୍ରିୟ ମହାଳିକ)

ତେବେ ସଂପୂର୍ଣ୍ଣ ଉପନ୍ୟାସ ପାଠକଲେ ଆମେ ଜାଣିପାରିବା ଯେ କଥକର ମୁଖା ତଳେ ଲୁଚି ରହିଥିବା ବଦ୍ରିପ୍ରସାଦ ହିଁ ସ୍ୱୟଂ ସତ୍ୟପ୍ରିୟ ମହାଳିକ । ଅନ୍ୟାନ୍ୟ ଚରିତ୍ର ଭାବରେ ଚନ୍ଦ୍ରଭାନୁ, ମକରଧ୍ୱଜ, ଦଣ୍ଡପାଣି, କାଣ୍ଡୁରୁ, ଭୂତନାଥ, କରିଆମୁଣ୍ଡା, ଦେବଦାସୀ, ବୀରବଲ, ଘାସିରାମ, କବୁତର ପ୍ରଭୃତି ଚରିତ୍ର ଉପନ୍ୟାସରେ ଦଣ୍ଡାୟମାନ ।

'ଶୂନ୍ୟକାଳ' ଶବ୍ଦଟି ଏକ ରାଜନୀତିଭିତ୍ତିକ ଶବ୍ଦ । ସଂସଦରେ ସଦସ୍ୟମାନଙ୍କ ଦ୍ୱାରା ସରକାରଙ୍କୁ ପ୍ରଶ୍ନ କରାଯାଇଥାଏ । ସଂସଦର ପ୍ରଥମ ଘଣ୍ଟା ପ୍ରଶ୍ନକାଳ ଏବଂ ଦ୍ୱିତୀୟ ଘଣ୍ଟା ଶୂନ୍ୟକାଳ । ଯାହାକୁ ଇଂରାଜୀରେ (Zero hour) କୁହାଯାଏ । ଶୂନ୍ୟକାଳ ଏକ ଅନୌପଚାରିକ ବ୍ୟବସ୍ଥା । ଯାହା ମାଧ୍ୟମରେ ଲୋକମାନଙ୍କର ପ୍ରତିନିଧି ପ୍ରଶାସନ ଉପରେ ନିୟନ୍ତ୍ରଣ ରଖିଥାନ୍ତି । ଏହା ପ୍ରଶ୍ନକାଳର ଠିକ୍ ପରେ ଆଲୋଚନା କରାଯାଏ (ଦିନ ୧୨ଟାରୁ ୧ଟା ମଧ୍ୟରେ) । ଏହି ଶୂନ୍ୟକାଳ ପାର୍ଲିଆମେଣ୍ଟର ମୁଖ୍ୟ କାର୍ଯ୍ୟକ୍ରମ ହେବା ପର୍ଯ୍ୟନ୍ତ ଚାଲିଥାଏ । ଅନ୍ୟ ଅର୍ଥରେ ପ୍ରଶ୍ନକାଳ ପରେ ଏବଂ ଗୃହର ବିଧିବଦ୍ଧ ବ୍ୟବସ୍ଥା କାର୍ଯ୍ୟ ହେବା ପୂର୍ବର ସମୟ । ଏହି ସମୟରେ କୌଣସି ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ନଥିବାରୁ ସଦସ୍ୟମାନେ ବା ଲୋକ ପ୍ରତିନିଧିମାନେ ବିନା ନୋଟିସ୍ ଦେଇ ବିଭିନ୍ନ ପ୍ରଶ୍ନ ପଚାରିଥାନ୍ତି । ଏହା ପ୍ରଶାସନ ଉପରେ ବ୍ୟବସ୍ଥାପିକା ନିୟନ୍ତ୍ରଣର ଏକ ଅସ୍ତ୍ର । ଏହାଦ୍ୱାରା ସାଧାରଣ ଜନତାର ପ୍ରଶ୍ନ ବ୍ୟବସ୍ଥାପିକାରେ ଉପସ୍ଥାପିତ ହୋଇଥାଏ ଏବଂ ଏହାର ଦାବି ପୂରଣ ହୋଇଥାଏ ।

ଏ କଥା କହିବାର ଉଦ୍ଦେଶ୍ୟ ହେଉଛି ସତ୍ୟପ୍ରିୟ ମହାଳିକଙ୍କ 'ଶୂନ୍ୟକାଳ' ଉପନ୍ୟାସଟିର ନାମକରଣ ରାଜନୀତିକ ବ୍ୟବସ୍ଥାକୁ ଆଧାର କରି ଗଢ଼ିଉଠିଛି । ବଦ୍ରିପ୍ରସାଦ ଯିଏ କି ମୁଖାପିନ୍ଧି ପ୍ରଥମରୁ କଥକ ସାଜିଛି । ସିଏ ଜାଣିଛି ତା'ର ମୃତ୍ୟୁ ସୁନିଶ୍ଚିତ । ମାତ୍ର ଉଦ୍ଦେଶ୍ୟହୀନ ଭାବରେ ବିଚାରକ ଏବଂ ପାରିଷଦ ବର୍ଗଙ୍କୁ ସେ କାହାଣୀ ଶୁଣାଇ ଚାଲିଛି । ସେ ଜାଣେ ତା'ର ଏଇ ମୂଲ୍ୟହୀନ କାହାଣୀକୁ କେନ୍ଦ୍ର କରି ଗଢ଼ିଉଠିଥିବା ଚରିତ୍ରମାନଙ୍କୁ ସେ ଆଣୁଛି । ସଂପୂର୍ଣ୍ଣ ଉପନ୍ୟାସଟି 'ଚତୁର ବିନୋଦ' ଶୈଳୀରେ ପରିବେଷଣ କରାଯାଇଛି । ଏଥିରେ ମୂଳକାହାଣୀର ବର୍ଣ୍ଣନା ସହିତ ଶାଖା କାହାଣୀର ପାଠକୁ ଉପନ୍ୟାସ ପଢ଼ିବାରେ ଉତ୍ସୁକତା ଆଣି ଦେଇଛି । ମାତ୍ର ତେରଟି ପରିଚ୍ଛେଦକୁ ଭିତ୍ତିକରି ସଂପୂର୍ଣ୍ଣ ଉପନ୍ୟାସଟି ତା'ର କଳେବରର ଠିଆ କରିଛି । ଏହି ତେରଗୋଟି ପରିଚ୍ଛେଦରେ ମୁଖାନାଚକୁ ନେଇ ଭିନ୍ନ ଭିନ୍ନ କାହାଣୀ ଗତିଶୀଳ କରିଅଛି । କଥାକାର ଗୋଟିଏ କାହାଣୀରୁ ଆଉ ଗୋଟିଏ କାହାଣୀକୁ ଅତି ସତର୍କ ଭାବରେ ଡେଇଁ ପଡ଼ିଛନ୍ତି । ଔପନ୍ୟାସିକ ଛଅଶହ ବର୍ଷର ଇତିହାସକୁ ଜୀବନ୍ୟାସ ଦେଲାବେଳେ ଯାଦୁଗଡ଼ ଓ ସେଠାକାର ଚରିତ୍ରମାନଙ୍କୁ କୌଣସି ପ୍ରକାର ପରିବର୍ତ୍ତନ କରିନାହାନ୍ତି । "ମାତ୍ର ଏତେ ବର୍ଷ ପରେ ବି ଯାଦୁଗଡ଼ ଯେମିତି ଥିଲା ସେମିତି ଅଛି । କେଉଁଠି କିଛି ବଦଳିଯାଇନାହିଁ । ସେମିତି ସମୟ ସ୍ତବ୍ଧ । କାଳ ଗତିହୀନ, ଅବିଚଳ, ଟିକିଏ ବି ବଦଳିଯାଇ ନାହିଁ ଲୋକଙ୍କ ମାନସିକତା । ରାଜା ଯାଇ ମନ୍ତ୍ରୀ ଆସିଲେଣି । ରାଜତନ୍ତ୍ର ଯାଇ ଲୋକତନ୍ତ୍ର ଆସିଲାଣି । ମାତ୍ର କେଉଁଠି କିଛି ମୌଳିକ ପରିବର୍ତ୍ତନ ହୋଇନାହିଁ । ଲୋକମାନେ ସେଇ ରାଜା-ରାଜୁଡ଼ା ଅମଳର ପାରମ୍ପରିକ ଭୟ ଓ ହୀନମନ୍ୟତା, ଚାପୁଲୁସି ଓ ଚଞ୍ଚଳତା, ଆଳସ୍ୟ ଓ ଅନ୍ଧବିଶ୍ୱସ୍ତତା ଦୁର୍ବିସହ ଜୀବନ ଘେନି ବଞ୍ଚିରହିଛନ୍ତି ଓ ବଞ୍ଚିରହିଥିବେ । କେବଳ କାହାଣୀର ଚରିତ୍ର ହେବାପାଇଁ, କାହାଣୀ ତିଆରି କରିବାପାଇଁ ନୁହେଁ ।"

'ଶୂନ୍ୟକାଳ' ଉପନ୍ୟାସକୁ କଥାକାଳ ଓ କଥନକାଳ ଦୃଷ୍ଟିରୁ ଆଲୋଚନା କଲେ ଆମେ ଦେଖିବା ଯେ ଝାଡ଼ଖଣ୍ଡର ଏକ ବିଚ୍ଛିନ୍ନାଞ୍ଚଳ ହେଉଛି ଯାଦୁଗଡ଼ ଏବଂ ରାଜରାଜୁଡ଼ା ଅମଳର ଯାଦୁଗଡ଼ ଏବଂ ତା'ର ଶାସକ ଓ ବଂଶାବଳୀ ପ୍ରଭୃତି ଏହି ଉପନ୍ୟାସରେ ବର୍ଣ୍ଣିତ । ଦୀର୍ଘ ଛଅଶହ ବର୍ଷର ରାଜ ପରିବାରର ଚିତ୍ର କଥାକାର ଏଠାରେ ପ୍ରଦାନ କରୁଛନ୍ତି । ଛଅଶହ ବର୍ଷର କାହାଣୀ ଏବଂ ପରବର୍ତ୍ତୀ ଘଟଣାଗୁଡ଼ିକୁ ସମନ୍ୱୟ କରି ଔପନ୍ୟାସିକ ୨୦୦୮ ମସିହାରେ କାହାଣୀର ପ୍ରଖ୍ୟାପନ କରୁଛନ୍ତି । ଔପନ୍ୟାସିକ ଯେଉଁ ସମୟର କଥା କହୁଛନ୍ତି ତାହା ହେଉଛି କଥାକାଳ । ଅର୍ଥାତ୍ ଛଅଶହ ବର୍ଷ ତଳର ଘଟଣା, ଯାଦୁଗଡ଼, ମୁଖାନାଚକୁ କେନ୍ଦ୍ର କରି ଗଢ଼ିଉଠିଥିବା କାହାଣୀ ହେଉଛି କଥାକାଳ । ଉକ୍ତ ଉପନ୍ୟାସରେ ବହୁ ଉପକାହାଣୀ ସଂଯୋଗ କରାଯାଇଥିବାର ଦୃଷ୍ଟାନ୍ତ ଅଛି ।

ଔପନ୍ୟାସିକ ଯେତେବେଳେ କାହାଣୀକୁ ତେରଟି ପରିଚ୍ଛେଦରେ ୧୨୦ ପୃଷ୍ଠାରେ ପ୍ରଖ୍ୟାପନ କରୁଛନ୍ତି, ସେତେବେଳେ ତାହା ଉପନ୍ୟାସ

ହୋଇଯାଉଛି ଏବଂ ଏହାକୁ ଆମେ ସେହି ଉପନ୍ୟାସର କଥନକାଳ ଭାବରେ ଗ୍ରହଣ କରିପାରିବା । କଥାକାର ଏହି ଉପନ୍ୟାସର କାଳଖଣ୍ଡକୁ ଗୋଟିଏ ଗୋଟିଏ ପରିଚ୍ଛେଦଭୁକ୍ତ କରିଛନ୍ତି । ସମୁଦାୟ ତେରଗୋଟି ପରିଚ୍ଛେଦକୁ ତେରଟି କାଳଖଣ୍ଡରେ ବିଭକ୍ତ କରିଛନ୍ତି ଔପନ୍ୟାସିକ । ପ୍ରତ୍ୟେକ କାଳଖଣ୍ଡରେ କେତୋଟି ଚରିତ୍ରକୁ ଭିତ୍ତିକରି ଭିନ୍ନ ଭିନ୍ନ କାହାଣୀର ପରିକଳ୍ପନା କରିଛନ୍ତି । ଏହି ପରିକଳ୍ପିତ ତଥା ପରିବେଷିତ କାହାଣୀଗୁଡ଼ିକ ପରସ୍ପର ସହ ସଂଯୋଗ ସ୍ଥାପନ କରୁଛି । ପ୍ରଥମ କାଳଖଣ୍ଡରେ କଥାକାର ସତ୍ୟପ୍ରିୟ ମହାଳିକ ରାଜକୁମାର ଚନ୍ଦ୍ରଭାନୁ ପ୍ରସଙ୍ଗ, ଦ୍ୱିତୀୟ କାଳଖଣ୍ଡରେ ମୁଖାନାଚ ଓ ନଟବର କଥା, ତୃତୀୟ କାଳଖଣ୍ଡରେ ମକରଧ୍ୱଜ : ପ୍ରଥମ ରାତ୍ରି କାହାଣୀ, ଚତୁର୍ଥ କାଳଖଣ୍ଡରେ ମକରଧ୍ୱଜ : ଦ୍ୱିତୀୟ ରାତ୍ରିର କାହାଣୀ, ପଞ୍ଚମ କାଳଖଣ୍ଡରେ ଛେଳି, କୁକୁର ଓ ଦଣ୍ଡପାଣି କଥା, ଷଷ୍ଠ କାଳଖଣ୍ଡରେ କାଣ୍ଡରୁ ଓ ଭୂତନାଥ ଚରିତ୍ର, ସପ୍ତମ କାଳଖଣ୍ଡରେ କରିଆମୁଣ୍ଡା ଓ କ୍ରୁଶବିଦ୍ଧ ତ୍ୟାଗରାଜ ଉପାଖ୍ୟାନ, ଅଷ୍ଟମ କାଳଖଣ୍ଡରେ କବୁତର ଓ ହନୁମାନର କଟାମୁଣ୍ଡ, ନବମ କାଳଖଣ୍ଡରେ କେଶବତୀ ଦେବଦାସୀ, ରଜା ଓ ବ୍ରାହ୍ମଣ ପ୍ରସଙ୍ଗ, ଦଶମ କାଳଖଣ୍ଡରେ ଘାସିରାମ ଚଉକିଦାର ଏବଂ ତ୍ରୟୋଦଶ କାଳଖଣ୍ଡରେ ଜୋକ୍, ବଦ୍ରିପ୍ରସାଦର ମୃତ୍ୟୁଦଣ୍ଡ ଓ ଦୁର୍ଭାଗ୍ୟ ପ୍ରଭୃତି କାହାଣୀ ଉପସ୍ଥାପନା କରିଛନ୍ତି ।

ସମଗ୍ର ଉପନ୍ୟାସର କଥାକାଳକୁ ନିର୍ଦ୍ଧାରଣ କଲେ ଆମେ ଜାଣିପାରିବା ଯେ, ଏହାର ସମୟସୀମା ଛଅଶହ ବର୍ଷ ତଳର ଇତିହାସ ଏବଂ ଏହାର କଥନକାଳ ୨୦୦୦ ମସିହା । କାରଣ ଲେଖକ ଉପନ୍ୟାସର ମୁଖବନ୍ଧରେ ସୂଚନା ଦେଇଛନ୍ତି ଯେ ୨୦୦୦ ମସିହାରେ 'ଚନ୍ଦ୍ରଭାଗା' ପତ୍ରିକା ପୂଜାସଂଖ୍ୟାରେ ଏହି ଉପନ୍ୟାସଟି ପ୍ରକାଶିତ ହୋଇଥିଲା ଏବଂ ପରବର୍ତ୍ତୀ ସମୟରେ ୨୦୦୮ ମସିହାରେ ଏହା ପୁସ୍ତକ ଆକାରରେ ପ୍ରକାଶ ପାଇଛି ।

ଏକ ଭିନ୍ନ ଶୈଳୀରେ, ଭିନ୍ନ ଢଙ୍ଗରେ ଔପନ୍ୟାସିକ ଚରିତ୍ରମାନଙ୍କର ମନସ୍ତତ୍ତ୍ୱକୁ ଉନ୍ମୋଚନ କରିଛନ୍ତି । ଭାଷାବିନ୍ୟାସରେ ଚମତ୍କାରିତା ଏବଂ କାହାଣୀ ସଂରଚନା ତାଙ୍କୁ ସମସ୍ତଙ୍କ ଭିତରେ ସ୍ୱତନ୍ତ୍ର କରି ଠିଆକରେଇଛି । କଥକର ମୁଖାପିନ୍ଧି ବଦ୍ରିପ୍ରସାଦ ଭୂମିକାରେ ଔପନ୍ୟାସିକ ନିଜେ ଛଅଶହ ବର୍ଷର ଇତିହାସ ଶୁଣାଇଛନ୍ତି ରାଜା ଓ ପାରିଷଦ ବର୍ଗଙ୍କୁ । ନିମ୍ନରେ 'ଶୂନ୍ୟକାଳ' ଉପନ୍ୟାସର କଥାକାଳ ଓ କଥନକାଳକୁ ଟେବୁଲ୍ ମାଧ୍ୟମରେ ସୂଚିତ କରାଗଲା ।

| | |
|---|---|
| କଥାକାଳ ବା ସମୟ | ଛଅଶହ ବର୍ଷ ତଳର ଅର୍ଥାତ୍ ୧୪୦୦ ଖ୍ରୀଷ୍ଟାବ୍ଦ |
| କଥନ କାଳ | ୨୦୦୦ ମସିହା |
| ଉପନ୍ୟାସର ଅବଧି | ୧୪୦୦ ଖ୍ରୀଷ୍ଟାବ୍ଦରୁ ୨୦୦୦ ମସିହା ପର୍ଯ୍ୟନ୍ତ (୧୩ଟି ପରିଚ୍ଛେଦରେ ୧୩ଟି କାଳଖଣ୍ଡର କଥା କୁହାଯାଇଛି ।) |
| କଥାର ଅବଧି | କେତୋଟି ଘଣ୍ଟା |
| ସ୍ଥାନ | ଝାଡ଼ଖଣ୍ଡ ରାଜ୍ୟର ଏକ ଅଞ୍ଚଳ ଯାଦୁଗଡ଼ |
| ଚରିତ୍ର | ପ୍ରଧାନ ଚରିତ୍ର : ବଦ୍ରିପ୍ରସାଦ,ପ୍ରାସଙ୍ଗିକ ଚରିତ୍ର : ଚନ୍ଦ୍ରଭାନୁ, ନଟବର, ପ୍ରଫେସର ମକରଧ୍ୱଜ, କାଣ୍ଡୁର, ଭୂତନାଥ, ଦଣ୍ଡପାଣି, ମାରିଆ, କରିଆମୁଣ୍ଡା, ତ୍ୟାଗରାଜ, ବହୁରୂପୀ, କେଶବତୀ, ବୀରବଲ୍, ଭିକାରୀ ଚରଣ, ଘାସିରାମ, ଚୌକିଦାର, ବିଗ୍ରହକ, ପାରିଷଦ ବର୍ଗ |

**ସହାୟକ ଗ୍ରନ୍ଥସୂଚୀ :**


୧. ଦାସ, ଡ଼. ରବୀନ୍ଦ୍ର କୁମାର : ପ୍ରାୟୋଗିକ ଉତ୍ତର ସଂରଚନାବାଦ ବନାମ ଓଡ଼ିଆ ସାହିତ୍ୟ, ୨୦୧୧, ପ୍ରଥମ ସଂସ୍କରଣ ।

୨. ପଟ୍ଟନାୟକ, ଜିତେନ୍ଦ୍ର ନାରାୟଣ : ସାଂପ୍ରତିକ ପାଶ୍ଚାତ୍ୟ ସମାଲୋଚକ ତତ୍ତ୍ୱ, ୨୦୧୫, ଦ୍ୱିତୀୟ ସଂସ୍କରଣ ।

୩. ମହାପାତ୍ର, ଡ଼. ଖଗେଶ୍ୱର : ସମାଲୋଚନାର ଦିଗ ଓ ଦିଗନ୍ତ, ୨୦୨୩, ତୃତୀୟ ସଂସ୍କରଣ ।

୪. ପଟ୍ଟନାୟକ, କଇଳାଶ : କଥାସହ କଥାବାର୍ତ୍ତା, ୨୦୨୨, ପ୍ରଥମ ସଂସ୍କରଣ ।

୫. ରଥ, ଡ଼. ସନ୍ତୋଷ କୁମାର : ଓଡ଼ିଆ ଉପନ୍ୟାସର ଶିଳ୍ପରୀତି : ଫକୀରମୋହନ, ୨୦୧୮, ଦ୍ୱିତୀୟ ସଂସ୍କରଣ ।

୬. ସାହୁ, ନାରାୟଣ : ଓଡ଼ିଆ ଉପନ୍ୟାସ ପରିଚିତି (ସଂ), ୨୦୨୨, ପ୍ରଥମ ସଂସ୍କରଣ ।


❖ ❖ ❖

DOI :https://doi.org/10.5281/zenodo.16918816

ମୂଳ ପ୍ରବନ୍ଧ

# ୧୯୮୦ ପରବର୍ତ୍ତୀ ଓଡ଼ିଆ କ୍ଷୁଦ୍ରଗଳ୍ପରେ ପଲ୍ଲୀକୈନ୍ଦ୍ରିକ ସମାଜ ଚେତନାର ସ୍ୱର

## (ସମୟସୀମା – ୧୯୮୦–୨୦୧୦ ପର୍ଯ୍ୟନ୍ତ)

ସଂଘମିତ୍ରା ପଣ୍ଡା

**ସଂକ୍ଷିପ୍ତସାର :**

ପ୍ରାଗ୍ ଐତିହାସିକ ଯୁଗରୁ ମଣିଷ ନିଜ ଭିତରେ ଅଭିବ୍ୟକ୍ତିଶୀଳ ହୃଦୟ ନେଇ ନାନା ପ୍ରକାରର ସାରସ୍ୱତ ଶିଳ୍ପ କୌଶଳ ଅବଲମ୍ବନ କରି ନିଜକୁ ପ୍ରକାଶିତ କରିଆସୁଛି । ଏ ସାରସ୍ୱତ ବାବଦୂକତା ବିଶ୍ୱସାହିତ୍ୟକୁ ଶୋଭାବନ୍ତ କରିପାରିଛି । ତେବେ ସାହିତ୍ୟର ଏହି ସମୃଦ୍ଧ ବିଭବରେ ପ୍ରାଚୀନତା ଆଡ଼କୁ ଲକ୍ଷ୍ୟ କଲେ ଜଣାଯାଏ ଯେ ଆଧୁନିକ କାଳରେ ଅର୍ଥାତ୍ ଊନବିଂଶ ଶତାବ୍ଦୀରେ ଘଟିଥିଲେ ମଧ ଏହା ଏକ ଅର୍ବାଚୀନ ସୃଷ୍ଟି । ଅତି ପ୍ରାଚୀନ କାଳରେ କାହାଣୀ କହିବା ଓ ଶୁଣିବା ପରମ୍ପରା ଉପରେ ପ୍ରତିଷ୍ଠିତ । ଆଗକାଳରେ ପଥଶ୍ରାନ୍ତ ପଥିକ ଶ୍ରମ ଲାଘବ ପାଇଁ କୃଷି କର୍ମ ଆଦି କାର୍ଯ୍ୟ କରିବା ବେଳେ ସମୟ ଭୁଲିଯିବା ପାଇଁ କାହାଣୀ ଶୁଣିବା ଓ ଶୁଣାଇବା ପ୍ରଚଳିତ ଥିଲା । ମନୋରମ ଶୈଳୀରେ କାହାଣୀକୁ ସୁଶ୍ରାବ୍ୟ କରି ଶ୍ରୋତାମାନଙ୍କ ସମ୍ମୁଖରେ ଉପସ୍ଥାପନା କରି ପାରୁଥିବା ବ୍ୟକ୍ତିର ସମାଜରେ ବେଶ୍ ଆଦର ଥିଲା । ସେମାନଙ୍କୁ ଗଳ୍ପ ସାଗର ବୋଲି କୁହାଯାଉଥିଲା । କାଳକ୍ରମେ ସମାଜରେ ଅତିକ୍ରାନ୍ତ ବୟସର ପ୍ରୌଢ଼ପ୍ରୌଢ଼ାମାନେ କୋମଳମତି ବାଳକବାଳିକା ମାନଙ୍କୁ କାହାଣୀ କହି ମନ ଖୁସି କରିବାର ଦାୟିତ୍ୱ ନେଲେ । ସନ୍ଧ୍ୟାବେଳେ ସେମାନେ ନାତି ନାତୁଣୀଙ୍କ ଗହଣରେ ରହି କାହାଣୀ ଶୁଣାଇଲେ । ଏହି କାହାଣୀ ଗୁଡ଼ିକ ଥିଲା ମୌଖିକ କଥା ସାହିତ୍ୟର ଅନ୍ତର୍ଭୁକ୍ତ । ବୈଦିକ ଯୁଗରୁ ମଣିଷ କଥା ସାହିତ୍ୟ ପ୍ରତି ଗଭୀର ଅନୁରାଗ ପ୍ରଦର୍ଶନ କରିଆସିଛି । ଋକ୍ ବେଦରେ ସୂକ୍ତ, ଯାଜୁର୍ବେଦ ଓ ଅଥର୍ବ ବେଦରେ ସମ୍ବାଦ ହିସାବରେ ଏହା ପ୍ରଥମେ ରୂପାୟିତ ହୋଇଅଛି । ତତ୍ପରେ ଉପନିଷଦ ଓ ବ୍ରାହ୍ମଣ ଗ୍ରନ୍ଥରେ ଦାର୍ଶନିକବାଦ ବିସମ୍ବାଦ ପାଇଁ ଆଖ୍ୟାନର ସାହାଯ୍ୟ ନିଆଯାଇଛି। ବୌଦ୍ଧଯୁଗରେ ଯେଉଁ ଜାତକ ଗଳ୍ପ ସବୁ ରଚିତ ହୋଇଥିଲା ଆଜିଯାଏ ତା'ର ଲୋକପ୍ରିୟତା ଅବ୍ୟାହତ ରହିଛି । ଆଧୁନିକ ନଗର କୈନ୍ଦ୍ରିକ ଅଭିଜାତ ମଣିଷର ଏହା ଯେପରି ହୋଇଯାଇଛି ବାଗ୍‌ମୟ ଭାଷ୍ୟ । ଏଠି କଥାକାର ଆବିର୍ଭାବ ଘଟେ ବୈଚାରିକ ରୂପରେ । ଗ୍ରାମ୍ୟ, ଆରଣ୍ୟକ, ପରିବେଶ ଓ ନଗର– ଏହି ତ୍ରୟୀ ଧରାତଳକୁ ନେଇ ଏହା ଗତିଶୀଳ । ଗଳ୍ପର ଜୀବନଭୂମି ସହ ଶିଳ୍ପୀର ଭାବଲୋକର ଏକ ବିବର୍ତ୍ତନ ଏହି କାଳଖଣ୍ଡ ମଧରେ ଦେଖାଯାଇଛି । ଯାହାକି ଓଡ଼ିଆ କ୍ଷୁଦ୍ରଗଳ୍ପର ଧାରାକୁ ଅଧିକ ସମୃଦ୍ଧ ଓ ବଳିଷ୍ଠ ରୂପ ପ୍ରଦାନ କରିପାରିଛି ।

**ପ୍ରମୁଖ ଶବ୍ଦାବଳୀ :**

ଆଖ୍ୟାନ, ଐଶ୍ୱର୍ଯ୍ୟ, ସହରାଭିମୁଖୀ, ସମ୍ଭ୍ରାନ୍ତ, ନିଃସଂଗତାବୋଧ, ବୈପ୍ଳବିକ, ଇତିବୃତ୍ତ, ବର୍ଣ୍ଣାଢ଼୍ୟ, ଐତିହ୍ୟ ଇତ୍ୟାଦି ।

**ଉପକ୍ରମ :**

ଆଧୁନିକ କ୍ଷୁଦ୍ରଗଳ୍ପର ଉପସ୍ଥାପନ ଶୈଳୀ ବିଷୟବସ୍ତୁ ସମ୍ପୂର୍ଣ୍ଣ ଭିନ୍ନ ହେଲେ ହେଁ ଏହା ଆଧୁନିକ କ୍ଷୁଦ୍ରଗଳ୍ପର ଏକ ବର୍ଣ୍ଣାଢ଼୍ୟ ଐତିହ୍ୟ

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI: https://doi.org/10.5281/zenodo.16918816
Article No - BPP00317

**ଯୋଗାଯୋଗ : ସଂଘମିତ୍ରା ପଣ୍ଡା,** ଗବେଷିକା,
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର
**Email:** pandasanghamitra7@gmail.com
**ORCID ID:** https://orcid.org/0009-0002-6707-308X

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ६.०४.२०२५ | ११.०५.२०२५ | २५.०६.२०२५ | १.०७.२०२५ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ପଣ୍ଡା, ସଂଘମିତ୍ରା ; ୨୦୨୫। ୧୯୮୦ ପରବର୍ତ୍ତୀ ଓଡ଼ିଆ କ୍ଷୁଦ୍ରଗଳ୍ପରେ ପଲ୍ଲୀକୈନ୍ଦ୍ରିକ ସମାଜ ଚେତନାର ସ୍ୱର। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା : ଘ; ପୃଷ୍ଠା : ୩୫–୪୧ ।

ହୋଇରହିଛି । ଅନ୍ୟ ପ୍ରକାରେ କହିଲେ ସେହି ପ୍ରାଚୀନ କାହାଣୀ, ଆଖ୍ୟାନ ତଥା ବୃତ୍ତାନ୍ତ ସବୁ ହିଁ ଆଧୁନିକ କ୍ଷୁଦ୍ରଗଳ୍ପର ଆଦିମତମ ରୂପ । ଏ ସବୁର ଆଧାରରେ ହିଁ ଆଧୁନିକ ଓଡ଼ିଆ କ୍ଷୁଦ୍ରଗଳ୍ପ ଆଦି ଏକ ସମ୍ଭ୍ରାନ୍ତ ସାହିତ୍ୟ କଳା ଭାବରେ ଆତ୍ମପ୍ରକାଶ କରିଛି ।

ମାନବ ସଭ୍ୟତାର ସୃଷ୍ଟି ପଲ୍ଲୀରୁ । ପଲ୍ଲୀରୁ ବିକାଶଲାଭ କରି ସେ ଦେଶ ଓ ରାଜ୍ୟ ସୃଷ୍ଟି କରିଛି । ପଲ୍ଲୀ ଜନନୀ ହେଲେ ନଗର ହେଉଛି ତା'ର ସନ୍ତାନ । ପଲ୍ଲୀବହୁଳ ହେଉଛି ଆମର ରାଷ୍ଟ୍ର । ଏଠି ଅଧିକାଂଶ ଲୋକ କୃଷିଜୀବୀ ଓ ଗାଁର ବାସିନ୍ଦା । ତେଣୁ ପଲ୍ଲୀକୁ ଗୋଟିଏ ରାଷ୍ଟ୍ରର ଆତ୍ମା ବୋଲି ଆମେ କହିପାରିବା । ସାହିତ୍ୟ ସମାଜ ସହ ସମ୍ବନ୍ଧିତ । ତେଣୁ ପଲ୍ଲୀର ସୁଖ-ଦୁଃଖ, ବ୍ୟଥା-ବେଦନା, ବିଚାର-ବିମର୍ଶ, ଉତ୍ଥାନ-ପତନ, ଆଚାର-ବ୍ୟବହାର, ପ୍ରଥା-ପରମ୍ପରା, ରୀତି-ନୀତି, ପର୍ବ-ପର୍ବାଣୀ, ବ୍ୟବସାୟ-ବାଣିଜ୍ୟ ଆଦି ସମାଜର ଚିତ୍ର ସାହିତ୍ୟରେ ପ୍ରତିଫଳିତ ହୋଇଥାଏ । ପଲ୍ଲୀକବି ନନ୍ଦକିଶୋର ବଳ ତାଙ୍କର 'ପଲ୍ଲୀଚିତ୍ର' କବିତାରେ ପଲ୍ଲୀର ବନ୍ଦନା ଗାଇ ଲେଖିଛନ୍ତି-

"ଶାନ୍ତିପୂର୍ଣ୍ଣ ଆରେ ପଲ୍ଲୀଗ୍ରାମ
ମଧୁରିମାମୟ ତୋର ନାମ
ନଗରର ରଜସୁଖ ମୋର ପକ୍ଷେ ଘୋର ଦୁଃଖ
ଆଗୋ ପ୍ରିୟ ପଲ୍ଲୀ ! ତୋ ପଲ୍ଲବମୟ ଅଙ୍କ
ଛାୟାତକ ଆଣିବାକୁ ମୁହିଁ ସଦା ରଙ୍କ !"

ସାହିତ୍ୟ ସହ ସଂସ୍କୃତି ଓତଃପ୍ରୋତ ଭାବେ ଜଡ଼ିତ । ଦେଶର ସଂସ୍କୃତି ଓ ପରମ୍ପରା ପ୍ରଥମେ ପଲ୍ଲୀରେ ଫୁଟି ଉଠିଥାଏ । ଦେଶର ବିକାଶ ହେବାପାଇଁ ପଲ୍ଲୀର ବିକାଶ ହେବା ନିତ୍ୟାନ୍ତ ଆବଶ୍ୟକ । ଶ୍ରୀ ଦୁର୍ଗାଚରଣ ରାୟ ଶଶିଭୂଷଣ ରାୟଙ୍କ 'ପଲ୍ଲୀ' ପ୍ରବନ୍ଧର ଭୂମିକାରେ ଲେଖିଛନ୍ତି- "ପଲ୍ଲୀଗୁଡ଼ିକ ଆମ ଭାରତୀୟ ସମାଜର ଓ ପ୍ରାଚ୍ୟ ସଭ୍ୟତାର ମୂଳପୀଠ ସୁତରାଂ ପଲ୍ଲୀର ଉନ୍ନତି ବିଧାନ ନିତ୍ୟାନ୍ତ ଆବଶ୍ୟକ ।"

ସାଧାରଣ ଭାବେ ଆମେ କହିପାରିବା ଯେ ଆଦି କାଳରୁ ସାହିତ୍ୟର ମୁଖ୍ୟ ଉତ୍ସ ଥିଲା ପଲ୍ଲୀ । ଓଡ଼ିଆ ଲୋକଗୀତ, ଲୋକ କାହାଣୀ, ସାରଳା ମହାଭାରତ, ଦାଣ୍ଡୀ ରାମାୟଣରେ ମଧ୍ୟ ଓଡ଼ିଆର ପଲ୍ଲୀ ସମାଜ ଏକ ମୁଖ୍ୟ ସ୍ଥାନ ଅଧିକାର କରିଥିବାର ଦେଖିବାକୁ ମିଳେ ।

ଓଡ଼ିଆ ସାହିତ୍ୟରେ କ୍ଷୁଦ୍ରଗଳ୍ପ ସର୍ବ କନିଷ୍ଠ ଆଗନ୍ତୁକ । ପ୍ରାଚୀନ ଐତିହ୍ୟ ଓ ଐଶ୍ୱର୍ଯ୍ୟଠାରୁ ଆରମ୍ଭ କରି ଅତ୍ୟାଧୁନିକ ବୈପ୍ଲବିକ ଭାବ ଭାବନା, ଲଘୁ ଚପଳହାସ୍ୟ ମଧୁରତା ଠାରୁ ସୂକ୍ଷ୍ମତମ ଆଧାତ୍ମ୍ୟ ଇଙ୍ଗିତ ପର୍ଯ୍ୟନ୍ତ ସକଳ ବିଭବର ବାସ୍ତବ ଓ ସରସ ରୂପାୟଣ କ୍ଷୁଦ୍ରଗଳ୍ପରେ ହୋଇଥିବା ଦେଖାଯାଏ ।

ଆଧୁନିକ ସାହିତ୍ୟରେ ଜୀବନ ହିଁ ହେଉଛି ମୂଳ ଉତ୍ସ । Hudson ଙ୍କ ଭାଷାରେ- "Litreture always anticipates life. It does not copy it, but moulds it to its purpose. It is record of men's dreams and ideas, his hopes and aspirations. His failures and disappointments, his motives and passions his experience and observation x x x which are an essential part of our human nature."

ଆଧୁନିକ ଓଡ଼ିଆ କ୍ଷୁଦ୍ରଗଳ୍ପ କଳ୍ପନା ବିଳାସରେ ଭ୍ରମଣ କରିଥିଲେ ମଧ୍ୟ ଏସବୁର କାହାଣୀ ସମାଜ- ଭୂମିକୁ ଛାଡ଼ି ନାହିଁ । କଳ୍ପନାର ଇନ୍ଦ୍ରଜାଲ ମଧ୍ୟରେ ସମାଜର ଜୀବନ-ଭୂମି ଆତ୍ମପ୍ରକାଶ କରିଅଛି । ଓଡ଼ିଆ ସାହିତ୍ୟରେ ଏହି ବିଭାଗଟି ହେଲା ନବ ଅଭିଷିକ୍ତ । ବିଂଶ ଶତାବ୍ଦୀର ଆଦ୍ୟପାଦରୁ ଏହା କ୍ରମବିକାଶ ପଥରେ ଗତି କଲା ଏବଂ ସଂପ୍ରତି ବିଶ୍ୱ ସାହିତ୍ୟରେ ଓଡ଼ିଆ କ୍ଷୁଦ୍ରଗଳ୍ପ ଏକ ସମ୍ମାନଜନକ ସ୍ଥାନ ଗ୍ରହଣ କରିବାକୁ ସମର୍ଥ ହୋଇପାରିଛି ।

### ଆଧୁନିକ ସାହିତ୍ୟରେ କ୍ଷୁଦ୍ରଗଳ୍ପ : ଏକ ସଂକ୍ଷିପ୍ତ ପରିଚିତି :

ପାଶ୍ଚାତ୍ୟ ଶିକ୍ଷା ଓ ସଭ୍ୟତାର ପ୍ରସାର ଫଳରେ ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧ ବେଳକୁ ଭାରତୀୟ ସାହିତ୍ୟରେ ରେନେସାଁ ଦେଖାଗଲା । ଭାରତୀୟ ନବଜାଗରଣ ଅତୀତ ଭାରତର ସଂସ୍କୃତି ଓ ସଭ୍ୟତାର ବିଶ୍ଳେଷଣ ପ୍ରତି ଆନ୍ତରିକ ସ୍ପୃହା, ସାମାଜିକ ସଂସ୍କାର ଆନ୍ଦୋଳନ, ଧର୍ମ କ୍ଷେତ୍ରରେ ନାନା ବିବର୍ତ୍ତନ ଓ ନୂତନ ଧର୍ମ- ଜିଜ୍ଞାସା, ମାତୃଭାଷା ପ୍ରତି ମମତ୍ୱବୋଧ, ଜାତୀୟ ସ୍ୱାଭିମାନବୋଧ ଓ ମାନବିକତାର ନବ ଉତ୍ତରଣ ଫଳରେ ଯେଉଁ ମାନସିକ ଆଲୋଡ଼ନ ଦେଖାଗଲା ତାହା ହିଁ ନୂତନ ସାହିତ୍ୟ ସୃଷ୍ଟି କରିବାକୁ ଦେଲା ଦୁର୍ବାର ପ୍ରେରଣା । ଗତାନୁଗତିକ ଏକାଧାରାମୁଖୀ ସାହିତ୍ୟ ଆଉ ମଣିଷର ଆଶା ଓ ଆକାଂକ୍ଷା ଓ ଆବଶ୍ୟକତାକୁ ପୂରଣ କରିପାରିଲା ନାହିଁ । ପାଶ୍ଚାତ୍ୟ ଶିକ୍ଷାପ୍ରାପ୍ତ ଶିକ୍ଷିତ ମାନସ ତେଣୁ ଖୋଜିଲା ଆତ୍ମପ୍ରକାଶ ପାଇଁ ନୂତନ ମାଧ୍ୟମ । ଫଳରେ ପାଶ୍ଚାତ୍ୟ ସାହିତ୍ୟ ହିଁ ହେଲା ସେହି ମାଧ୍ୟମର ପ୍ରେରଣା ।

ଆଧୁନିକ ଭାରତୀୟ ସାହିତ୍ୟ ପାଶ୍ଚାତ୍ୟ ସାହିତ୍ୟର ପ୍ରତ୍ୟକ୍ଷ ଫଳ ହେଲେ ହେଁ ଏହା ପାଶ୍ଚାତ୍ୟ-ଜନ-ମନର ସାହିତ୍ୟ ନୁହେଁ; ଭାରତୀୟ ଜନ-ଜୀବନର ସାହିତ୍ୟ । ପ୍ରତିଭାଧର ଶିଳ୍ପୀ ହିଁ ସକଳ

ପ୍ରଭାବ ଓ ଆହରଣକୁ ନିଜସ୍ୱକରଣ କରି ମୌଳିକତାର ପରିଚୟ ଦିଏ । ସେହି ମୌଳିକତା ହିଁ ହୋଇଯାଏ ଦେଶର ଐତିହ୍ୟ ଓ ପରମ୍ପରାର ଅନ୍ତଃବାଣୀ, ସଂକୀର୍ଣ୍ଣ ଦେଶୀୟ ରୀତିନୀତି ଅତିକ୍ରାନ୍ତ ଅନ୍ତର୍ଜାତୀୟ ମାନବ-ମନିଷାର ଭାବ-ରୂପ । ସେହି ଲେଖକର ଖ୍ୟାତି ଆଉ ଦେଶ ମଧ୍ୟରେ ସୀମାବଦ୍ଧ ହୋଇ ରହେ ନାହିଁ; ଆନ୍ତର୍ଜାତୀୟ ସ୍ତରକୁ ସମ୍ପ୍ରସାରିତ ହୋଇଯାଏ । ଆଧୁନିକ ଭାରତବର୍ଷକୁ ଦୀର୍ଘ ଦୁଇଶହ ବର୍ଷର ବ୍ରିଟିଶ ଶାସନର ବିଶିଷ୍ଟ ଅବଦାନ ହେଉଛି ନାଗରିକ ଜୀବନ । "ଆମର ଶାନ୍ତ ସ୍ନିଗ୍ଧ ପଲ୍ଲୀକୁ ଆମେ ତ୍ୟାଗ କରିଛୁ । ଶାସକ ବର୍ଗର ଅନୁକରଣରେ ସିନେମା, କଣ୍ଟା ଓ ଚାମଚ, ପ୍ରେମ ଓ ଚୁମ୍ବନ, ଆଲିଙ୍ଗନ ଓ ବିଶ୍ରାମ୍ଭାଳାପକୁ ଆମେ ଜୀବନର ସମ୍ବଳ କରାଇ ନେଇଛୁ- ଏହାର ପ୍ରତ୍ୟେକଟି ଜିନିଷ ଆମର ଜୀବନଦର୍ଶ ପରିପ୍ରେକ୍ଷୀରେ ବିଗର୍ହିତ । ଆମର ଜାତୀୟ ସତ୍ତା ଯେପରି ଅବଲୁପ୍ତ । ଇଂରେଜ ଆମର ଶାସକ; ଆମେ ଇଂରେଜଙ୍କୁ ଅନୁକରଣ କରୁ । ଋଷିଆ ଆମର ଶାସକଠାରୁ ବଡ଼, ତେଣୁ ଆମେ ଋଷୀୟାନ ସାଜିବା ପାଇଁ ଚେଷ୍ଟା କରୁ - ଆମ ଭିତରୁ କେହି ସୋସାଲିଷ୍ଟ, କେହି ପୁରାପୁରି କମ୍ୟୁନିଷ୍ଟ; ଆମେ ସବୁକିଛି ।" ଏହି ପରିବର୍ତ୍ତନ ନାଗରିକ ଜୀବନ ଯୋଗୁଁ ହୋଇଅଛି । ପାଶ୍ଚାତ୍ୟ ସଭ୍ୟତା ପ୍ରଭାବରେ ନଗର ହିଁ ହେଉଛି ଆମର ଜାତୀୟ ଜୀବନର ଧାରକ ଓ ବାହକ । ସାହିତ୍ୟ ସାହିତ୍ୟରୁ ବିଦାୟ ନେଇଛି । କାରଣ ଏହାକୁ କୁସଂସ୍କାର କୁହାଯାଇଛି ।

ଏକବିଂଶ ଶତାବ୍ଦୀର ପ୍ରଥମ ଦୁଇ ଦଶକ ପର୍ଯ୍ୟନ୍ତ ଭାରତୀୟ ଗଳ୍ପ ସେ ସମୟର ଜାତୀୟ ଚିତ୍ତ-ବୃତ୍ତିକୁ ପ୍ରକାଶ କଲା । ଜାତୀୟତାର ମର୍ମ ଉଦ୍‌ଘାଟନ କଲା । ଇତିହାସ ଓ କିମ୍ବଦନ୍ତୀ ଦେଇ ଜାତୀୟ ଜୀବନ ଶକ୍ତିକୁ ଉଦ୍‌ବୋଧିତ କଲା । ପ୍ରେମର ଦୀପ୍ତି ଓ ଦ୍ୟୁତିକୁ ରୂପ ଦେଲା, ମାନବିକତାର ବନ୍ଦନା କଲା, ସଂସ୍କାରବୋଧକୁ ପ୍ରାଧାନ୍ୟ ଦେଲା । ୧୯୨୦ ମସିହା ପରେ ଭାରତୀୟ କ୍ଷୁଦ୍ରଗଳ୍ପରେ ହେଲା ନବ ରୂପାନ୍ତର । ପୂର୍ବର କାହାଣୀଧର୍ମିତା ବିଦାୟ ନେଲା । ପ୍ରସିଦ୍ଧି ଲାଭ କଲା ଏକ ବିଶେଷ ମନଃସ୍ଥିତ (Mood) । ସମସ୍ୟାକୁ ଦେଖାଇ ଦିଆଗଲା । ଜୀବନର ଖଣ୍ଡ-ରୂପ ମଧ୍ୟରେ ଅଖଣ୍ଡର ଦ୍ୟୁତି ପ୍ରକଟିତ ହେଲା । ଆନ୍ତର୍ଜାତୀୟ ନାନା ଜ୍ଞାନ-ବିଜ୍ଞାନ-ଚିନ୍ତା-ଚେତନା ଅନୁପ୍ରବେଶ କଲା । ରାଜନୀତିକ ପ୍ରାଣ-ସ୍ପନ୍ଦନ ଯେପରି ହୋଇଉଠିଲା ସ୍ପଷ୍ଟତର । ଗଳ୍ପର ଚରିତ୍ର ସମାଜ-ମଣିଷରୁ ବ୍ୟକ୍ତି-ମଣିଷ ସ୍ତରକୁ ଗତି କଲା ଏବଂ ଗଳ୍ପ ଭିତରେ ବ୍ୟକ୍ତି-ମଣିଷର ସ୍ୱର ହେଲା ଶାଣିତ । ୧୯୫୦ ମସିହାରୁ ଭାରତୀୟ ଜାତୀୟ ଜୀବନ ଯେପରି ସମ୍ପୂର୍ଣ୍ଣ ଭାବରେ ଆନ୍ତର୍ଜାତୀୟ ଜୀବନର ହେଲା ଅନୁଗାମୀ । ବ୍ୟକ୍ତି-ମଣିଷ ଅବତରଣ କରି ଆସିଲା ଆତ୍ମ-ମଣିଷ ସ୍ତରକୁ । ଏକ ନିଃସଙ୍ଗତାବୋଧ ଓ ଏକାକୀତ୍ୱବୋଧ ଯେପରି ତାକୁ ଆଚ୍ଛନ୍ନ କରିଦେଲା । ଗଳ୍ପର ରୂପରେ ଫୁଟି ଉଠିଲା ବୈଚିତ୍ର୍ୟ, ଆତ୍ମାରେ ମଧ୍ୟ ପ୍ରକାଶ ପାଇଲା ନୂତନ ନୂତନ ଦୀପ୍ତି ।

ପ୍ରାୟ ଭାରତୀୟ ଭାଷାରେ ଊନବିଂଶ ଶତାବ୍ଦୀର ଶେଷ ତିନି ଦଶକ ମଧ୍ୟରେ କ୍ଷୁଦ୍ରଗଳ୍ପ ହୋଇଛି ଆଦ୍ୟ ଉନ୍ମେଷ । ମଣିଷର ଜୀବନ ଆଜି ଶଙ୍କାକୁଳ ଓ ସଂଶୟାଚ୍ଛନ୍ନ । ସମସ୍ୟା ଜର୍ଜର ସମୟରେ ସେ ମନେ କରୁଛି ନିଜକୁ ଅସହାୟ, ନିଃସଙ୍ଗତା, ଅନିଶ୍ଚିତତା ଓ ଶୂନ୍ୟତାବୋଧ ପରିବେଶରୁ ସ୍ପଷ୍ଟ । ମଣିଷ ଜୀବନ ଆଜି ଶଙ୍କାକୁଳ ଓ ସଂଶାୟାଚ୍ଛନ୍ନ । ଯୁଦ୍ଧୋତ୍ତର ପୃଥିବୀରେ ସତେ ଯେପରି ସେ ଅନୁଭବ କରୁଛି ପ୍ରତି ମୁହୂର୍ତ୍ତରେ ମୃତ୍ୟୁର ଶୀତଳ ହାତର ସ୍ପର୍ଶ । ପ୍ରାଚୁର୍ଯ୍ୟ ଭିତରେ ମନୁଷ୍ୟ ଅନୁଭବ କରୁଛି ବିରାଟ ଶୂନ୍ୟତା । ସେତେବେଳେ ସେ ଗ୍ରାମ୍ୟାଭିମୁଖୀ ହୋଇଛି । ଏହି ଗ୍ରାମ୍ୟ ଜୀବନ ଶାନ୍ତସ୍ନିଗ୍ଧ ପଲ୍ଲୀ, ଶୃଙ୍ଖଳିତ ଜୀବନ, ସମୂହ ଜୀବନକୁ ଫେରିଛି ତାକୁ ସାହିତ୍ୟରେ ରସାଣିତ କରିଛି । ଆଧୁନିକବାଦୀ କଳାର ଆଧୁନିକ ନଗର ସହିତ ଅଛି ସ୍ୱତନ୍ତ୍ର ସମ୍ପର୍କ । ନଗର ପ୍ରତି କଳାର ଏବଂ କଳା ପ୍ରତି ନଗରର ପ୍ରତ୍ୟାର୍ପଣ ହେଉଛି ଆଜିର କଥାବସ୍ତୁ । କାରଣ ଆଧୁନିକତା ହେଉଛି ନଗରକୈନ୍ଦ୍ରିକ କଳା, ଯାହାକୁ କୁହାଯାଏ ଶ୍ରେଣୀ- କଳା, ବିଶେଷଜ୍ଞ- କଳା, ବୌଦ୍ଧିକ-କଳା, ନାନ୍ଦନିକ ଅଭିଜାତ କଳା । ଯାହାକିଛି ସଭ୍ୟତାରେ ବ୍ୟଙ୍ଗ ଓ ବିରୋଧାଭାସ ତାକୁ ଏହା ପୁନଃ ଆହ୍ୱାନ କରେ । କୌଣସି ଏକ ନିର୍ଦ୍ଦିଷ୍ଟ ଆଞ୍ଚଳିକ ସମସ୍ୟା ଓ ଘଟଣାକୁ ନେଇ ଲେଖକ ଲେଖିଲେ ମଧ୍ୟ ତାହା ନାନ୍ଦନିକ ଆନ୍ତର୍ଜାତୀୟତାକୁ ହିଁ ସୂଚାଇ ଦେଇଥାଏ । ଆଧୁନିକ ଗଳ୍ପ ଏହି କାରଣରୁ ଆଞ୍ଚଳିକ ବା ସ୍ଥାନିକ ପଟ୍ଟଭୂମିରେ ରଚିତ ହେଉଥିଲେ ମଧ୍ୟ ତାହା ଏହି ଅଞ୍ଚଳ ତାହା ସ୍ଥାନର ନ ହୋଇ ଆନ୍ତର୍ଜାତିକ ବଳୟକୁ ସ୍ପର୍ଶ କରିସାରିଛି । ସ୍ୱାଧୀନତା ପରଠାରୁ ଗଳ୍ପ ପୂର୍ବର କାହାଣୀ ସଂରଚନା, ମାନବିକ ମୁଗ୍ଧ ଉଚ୍ଚାରଣ, ପରମ୍ପରା ପ୍ରତି ଆନୁଗତ୍ୟ ଇତ୍ୟାଦିକୁ ପରିହାର କରିଛି ସତ ମାତ୍ର ପଲ୍ଲୀକୁ ପାଶୋରିବା ତା ପାଇଁ କଷ୍ଟକର ହୋଇଛି । ଓଡ଼ିଆ ଭାଷାରେ ଗଳ୍ପର ସୂତିକା ଗୃହ ଏଇଠୁ ନିର୍ମିତ ହୋଇଛି । ବିଂଶ ଶତାବ୍ଦୀରେ ଏହାର ହୋଇଛି କ୍ରମବିକାଶ । ଏହି କାଳଖଣ୍ଡ ମଧ୍ୟରେ ଓଡ଼ିଆ ଗଳ୍ପର ପଲ୍ଲୀର ସ୍ୱର ସହ ସମାଜ ସଚେତନତାର ସ୍ୱର ତୀକ୍ଷ୍ଣ । ଯାହା କ୍ଷୁଦ୍ରଗଳ୍ପ ଧାରାରେ ଏକ ବଳିଷ୍ଠ ରୂପ ଧାରଣ କରିଛି ।

## କ୍ଷୁଦ୍ରଗଳ୍ପରେ ପଲ୍ଲୀପ୍ରାଣତାର ଧାରା :

ଭାରତୀୟ ସାହିତ୍ୟରେ ପ୍ରଥମ କରି ଲୋକସାହିତ୍ୟରେ ପଲ୍ଲୀ ଜୀବନର ଚିତ୍ର ଦେଖିବାକୁ ମିଳେ । ଲୋକ ସାହିତ୍ୟର ଲୋକଗୀତ ଓ ଲୋକ କାହାଣୀରେ ପଲ୍ଲୀ ଜୀବନର ଚିତ୍ର ନିଚ୍ଛକ ଭାବେ ବର୍ଣ୍ଣିତ ହୋଇଛି । ଚକ୍ରଧର ମହାପାତ୍ରଙ୍କ ମତରେ- "ଯେଉଁ କବିତାମାନ ଏବେ ଲୋକମୁଖରେ ରହିଆସିଛି, କେବେ ହେଲେ ଗ୍ରନ୍ଥ ଭାବରେ ପରିଚିତ ହେବାର ସୁଯୋଗ ଲାଭ କରିନାହିଁ ବା କୌଣସି ବ୍ୟକ୍ତି ଦ୍ୱାରା କେଉଁ ଅଜ୍ଞାତ କୋଣରେ ସୃଷ୍ଟିଲାଭ କରି ତା'ର ବିଚକ୍ଷଣ ମହକରେ ସେ ଜନସମାଜରେ କୋଣେ କୋଣେ ପ୍ରଚାରିତ ହୋଇ ସାର୍ବଜନୀନ ହୋଇପାରିଛି ତାକୁ ହିଁ ଗ୍ରାମ୍ୟ ଗୀତି ଭାବେ ଅଭିହିତ କରିବା ସମୀଚୀନ ।

ପଲ୍ଲୀଜୀବନର ବାସ୍ତବ ଚିତ୍ରକୁ ଲୋକସାହିତ୍ୟ ଦେଖାଇ ଦେଇଥାଏ । ଲୋକ ସାହିତ୍ୟର ଅନ୍ୟ ନାମ ଭାବରେ ପଲ୍ଲୀ ସାହିତ୍ୟକୁ ଡକ୍ଟର ନଟବର ସାମନ୍ତରାୟ ଗ୍ରହଣ କରି ଓଡ଼ିଆ ପଲ୍ଲୀ-ସାହିତ୍ୟରେ ନିଜ କଥା ଉଲ୍ଲେଖ କରି କହିଛନ୍ତି- "ଇଂରାଜୀରେ ଯାହା ଫୋକ୍ ଲିଟରେଚର ବା ଓଡ଼ିଆ ଲୋକସାହିତ୍ୟରେ ଯାହା ପରିଚିତ ମୁଁ ତାର ନାମ ଦେଇଛି ପଲ୍ଲୀ ସାହିତ୍ୟ" । ଏହି ନାମଟି ମୋତେ ଭଲ ଲାଗିଲା ବୋଲି ମୁଁ ତାକୁ ଗ୍ରହଣ କରିଛି ।

ପ୍ରାଚୀନ ବା ମଧ୍ୟଯୁଗୀୟ ସାହିତ୍ୟରେ ପ୍ରାୟତଃ ଦେବ-ଦେବୀ, ରାଜା-ରାଣୀ, ନଗର, ଭାଗ୍ୟ-ଭଗବାନ, ଧର୍ମ, ପ୍ରକୃତି, କଳ୍ପନାର ଚିତ୍ର ଦେଖିବାକୁ ମିଳୁଥିଲା । ସେ ସମୟରେ ସାହିତ୍ୟରେ ପଲ୍ଲୀ ଜୀବନର ବାସ୍ତବ ଚିତ୍ରକୁ ସ୍ଥାନ ଖୁବ୍ କମ୍ ସ୍ଥାନ ଦିଆଯାଇଛି । ପ୍ରାଚୀନ ସଂସ୍କୃତି, ପରମ୍ପରା ଓ ଆଧୁନିକ ନବଜାଗରଣର ଭାବ ସଂଘର୍ଷ ମଧ୍ୟରେ ପ୍ରଥମ କରି ଊନବିଂଶ ଶତାବ୍ଦୀର ଶେଷାର୍ଦ୍ଧରେ ଓଡ଼ିଆ ସାହିତ୍ୟରେ ପଲ୍ଲୀ ଜୀବନର ଚିତ୍ର ସ୍ଥାନ ପାଇଥିଲା । ଏ ସମ୍ପର୍କରେ ସୁରେନ୍ଦ୍ରନାଥ ପାଣିଗ୍ରାହୀଙ୍କ ଉକ୍ତି ହେଉଛି-

"ଓଡ଼ିଆ ଆଧୁନିକ ଯୁଗର ସାହିତ୍ୟରେ ପ୍ରଥମ କରି ଫକୀରମୋହନଙ୍କ ଲେଖନୀ ପଲ୍ଲୀ ଜୀବନରୁ ନିରେଖି ଦେଖିଲା । ପଲ୍ଲୀର ଅନ୍ଧାର-ଆଲୋକ, ବଣବୁଦା, ନଈ-ବନ୍ଧ, ପୋଖରୀ ତୁଠ, ଗାଁଦାଣ୍ଡ, ସକାଳ ସୂର୍ଯ୍ୟ, ଗୋଧୂଳି ମୁଖରିତ ହୋଇଉଠିଲା ଓଡ଼ିଆ ସାହିତ୍ୟରେ ।" ଫକୀର ମୋହନ ସେନାପତି ପଲ୍ଲୀ ଜୀବନଭିତ୍ତିକ ଗଳ୍ପ ଲେଖି ଯେଉଁ ପଥରେ ଆଗେଇ ଚାଲିଥିଲେ ତାହା ପରବର୍ତ୍ତୀ ଲେଖକ ମାନଙ୍କ ପାଇଁ ଏକ ଉତ୍ତମ ମାର୍ଗରେ ପରିଣତ ହୋଇଯାଇଥିଲା । ଫକୀରମୋହନଙ୍କୁ ପଥପ୍ରଦର୍ଶକ ଭାବରେ ଗ୍ରହଣ କରି ଚନ୍ଦ୍ରଶେଖର ନନ୍ଦ, ଦିବ୍ୟସିଂହ ପାଣିଗ୍ରାହୀ, ଲକ୍ଷ୍ମୀକାନ୍ତ ମହାପାତ୍ର, ନନ୍ଦକିଶୋର ବଳ, ଚିନ୍ତାମଣି ମହାନ୍ତି, ଗୋଦାବରୀଶ ମିଶ୍ର, ଗୋଦାବରୀଶ ମହାପାତ୍ର, କାଳନ୍ଦୀ ଚରଣ ପାଣିଗ୍ରାହୀ, ନିତ୍ୟାନନ୍ଦ ମହାପାତ୍ରଙ୍କ ପରି ଅନେକ ଗାଳ୍ପିକ ସ୍ୱାଧୀନତା ପୂର୍ବବର୍ତ୍ତୀ ସମୟରେ ପଲ୍ଲୀ ଜୀବନକୁ ନେଇ ଗଳ୍ପ ରଚନା କରିଛନ୍ତି ।

ସ୍ୱାଧୀନତା ପରବର୍ତ୍ତୀ ସମୟରେ ଓଡ଼ିଆ କ୍ଷୁଦ୍ରଗଳ୍ପ ଧାରାରେ ଅନେକ ପରିବର୍ତ୍ତନ ଦେଖାଗଲା । ଗାଳ୍ପିକମାନେ ପାଶ୍ଚାତ୍ୟ ଚେତନାକୁ ଅନୁସରଣ କରି ନିଜ ଗଳ୍ପରେ ସ୍ଥାନ ଦେଲେ । ପୂର୍ବେ ପ୍ରଗତିବାଦୀ ସାହିତ୍ୟରେ ଓଡ଼ିଆ କ୍ଷୁଦ୍ରଗଳ୍ପରେ ମାର୍କ୍ସୀୟ, ଫ୍ରଏଡ଼ୀୟ, ଗାନ୍ଧିବାଦୀ ଚେତନାର ସୂତ୍ରପାତ ହୋଇସାରିଥିଲା । ସୁରେନ୍ଦ୍ର ମହାନ୍ତି, ମନୋଜ ଦାସଙ୍କ ପରି ଗାଳ୍ପିକମାନେ ଓଡ଼ିଆ ସାହିତ୍ୟକୁ ବୌଦ୍ଧିକ ସ୍ତରକୁ ନେଇଗଲେ । ଗଳ୍ପରେ ସମାଜର ବାସ୍ତବତା ସହ ମଣିଷ ମନର ଅବଚେତନ ସ୍ତରକୁ ଦେଖାଇଲେ । ସୁରେନ୍ଦ୍ର ମହାନ୍ତିଙ୍କ ଦ୍ୱାରା ପ୍ରଥମ କରି ଆଇଡ଼ିଆ ଧର୍ମୀ ଗଳ୍ପ ରଚନା କରାଗଲା । ଓଡ଼ିଆ ଗଳ୍ପରେ ଶ୍ରେଣୀଦ୍ୱନ୍ଦରୁ ବ୍ୟକ୍ତି ଦ୍ୱନ୍ଦ ବା ଗୋଷ୍ଠୀକୈନ୍ଦ୍ରିକରୁ ବ୍ୟକ୍ତିକୈନ୍ଦ୍ରିକ ଆଡ଼କୁ ଗୋପୀନାଥ ମହାନ୍ତି ପ୍ରଥମେ ନେଇଗଲେ । ଦୁଇଟି ବିଶ୍ୱଯୁଦ୍ଧର ଭୟାବହତା, ଆର୍ଥିକ ଅସ୍ଥିରତା, ବନ୍ୟା ଓ ଦୁର୍ଭିକ୍ଷର କରାଳ ଚିତ୍ର, ପାଶ୍ଚାତ୍ୟ ସାହିତ୍ୟର ଅନୁସରଣ, ଗାନ୍ଧୀଙ୍କ ମୃତ୍ୟୁ, ସ୍ୱାଧୀନତାର ମୋହଭଙ୍ଗ, ରାମରାଜ୍ୟର ସ୍ୱପ୍ନଭଙ୍ଗ, ନିଃସଙ୍ଗତାବୋଧ, ମୃତ୍ୟୁର ଭୟ ଏହିସବୁ କ୍ଷୁଦ୍ରଗଳ୍ପକୁ ପଲ୍ଲୀ ଜୀବନରୁ ଦୂରେଇ ନେଇ ନଗର କୈନ୍ଦ୍ରିକ ସମାଜରେ ଅବସ୍ଥାପନ କଲା । ସ୍ୱାଧୀନତା ପରବର୍ତ୍ତୀ ସମୟରୁ ବିଂଶ ଶତାବ୍ଦୀର ଅଶି ଦଶକ ଯାଏଁ ଏହି ଧାରା ଲାଗି ରହିଲା । ଏହି ସମୟରେ ପ୍ରସିଦ୍ଧି ଅର୍ଜନ କରିଥିବା ଗାଳ୍ପିକମାନେ ହେଲେ- ସୁରେନ୍ଦ୍ର ମହାନ୍ତି, ବାମାଚରଣ ମିତ୍ର, ମନୋଜ ଦାସ, ଅଖିଳମୋହନ ପଟ୍ଟନାୟକ, ପ୍ରାଣବନ୍ଧୁ କର, ବ୍ରହ୍ମାନନ୍ଦ ପଣ୍ଡା, କିଶୋରୀ ଚରଣ ଦାସ, ମହାପାତ୍ର ନୀଳମଣି ସାହୁ, ଶାନ୍ତନୁ କୁମାର ଆଚାର୍ଯ୍ୟ, ବିଭୂତି ପଟ୍ଟନାୟକ, ରବି ପଟ୍ଟନାୟକ, ସଚ୍ଚି ରାଉତରାୟ ପ୍ରମୁଖ । ପୁଣି ଓଡ଼ିଆ କ୍ଷୁଦ୍ରଗଳ୍ପରେ ପ୍ରତୀକ, ମିଥ୍, ଚିତ୍ରକଳ୍ପ, ଅତିବାସ୍ତବ ପ୍ରବେଶ କରି ଓଡ଼ିଆ କ୍ଷୁଦ୍ରଗଳ୍ପକୁ ବୌଦ୍ଧିକ କରିଦେଲା । କ୍ଷୁଦ୍ରଗଳ୍ପରୁ ଆଭାସ ଗଳ୍ପ, ଅଣୁ-ଗଳ୍ପ, ଅ-କାହାଣୀ ସୃଷ୍ଟିଲାଭ କରି ତା'ର ସାମ୍ରାଜ୍ୟ ବିସ୍ତାର କଲା ।

ପଲ୍ଲୀ ଜୀବନରୁ ନଗର ଜୀବନକୁ ଦୂରେଇ ଯାଇଥିବା କ୍ଷୁଦ୍ରଗଳ୍ପ ୧୯୮୦ ମସିହାରେ ପୁଣି କେତେକ ଗାଳ୍ପିକଙ୍କ ଦ୍ୱାରା ପ୍ରତ୍ୟାବର୍ତ୍ତନ

କରିଛି । ଜୀବିକା ନିମନ୍ତେ ବା ବିଳାସ ବ୍ୟସନ ପାଇଁ ଯେଉଁମାନେ ସହରାଭିମୁଖୀ ହେଉଛନ୍ତି ସେମାନେ ସହରରେ ସ୍ୱପ୍ନଭଙ୍ଗ, ବ୍ୟଥା, ନିଃସଙ୍ଗତା ଓ ଅସହାୟତାର ଶିକାର ହୋଇ ପୁଣି ପଲ୍ଲୀକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି । ଏହି ପ୍ରସଙ୍ଗରେ ସୌରୀନ୍ଦ୍ର ବାରିକଙ୍କ ଏକ ମନ୍ତବ୍ୟ ଦେଇ କହିଛନ୍ତି– "ସାଂପ୍ରତିକ କାଳରେ କିନ୍ତୁ ଗ୍ରାମର ବର୍ଣ୍ଣନା ଭିନ୍ନ ଧରଣର । ମଝିରେ ମଝିରେ ସହର ପ୍ରତି ମଣିଷର ମୋହ ଆସିଛି । ସମସ୍ତେ ଗାଁ ଛାଡ଼ି ସହରକୁ ଆସିଛନ୍ତି । ଏହା କେବଳ ଦାରିଦ୍ର୍ୟ ଓ ଅଭାବ ପାଇଁ ନୁହେଁ ବରଂ ସହରର ଚାକଚକ୍ୟ, ବିଳାସଭରା ଜୀବନ ପ୍ରତି ଆକୃଷ୍ଟ ହୋଇ ସହରରେ ରହିବାକୁ ପସନ୍ଦ କରୁଛନ୍ତି । ମାତ୍ର ଏବେ ଏହି ଦୃଷ୍ଟିକୋଣର ସାମାନ୍ୟ ପରିବର୍ତ୍ତନ ଆସିଛି । ଗାଁ ପୁଣି ଥରେ ଆକର୍ଷଣର ବସ୍ତୁ ହୋଇ ରହିଯାଇଛି ।

ବିଂଶ ଶତାବ୍ଦୀର ନବେ ଦଶକ ବେଳକୁ ଓଡ଼ିଆ କ୍ଷୁଦ୍ରଗଳ୍ପ ପଲ୍ଲୀମୁହାଁ ହୋଇଥିବାର ଚିତ୍ର ଡକ୍ଟର ସୁରେନ୍ଦ୍ର ମହାରଣା ବର୍ଣ୍ଣନା କରି ଲେଖିଛନ୍ତି– "୧୯୮୦-୯୦ ବେଳକୁ ଲେଖା ଆରମ୍ଭ କରିଥିବା ଗାଳ୍ପିକଙ୍କ ସଂଖ୍ୟା ଅଧିକ । ସେମାନଙ୍କର ଗଳ୍ପରେ ପ୍ରତିକ୍ରିୟା ଓ ପ୍ରତିବାଦର ସ୍ୱର ଦୃଢ଼, ସାମାଜିକ, ଅସମାନତା ପ୍ରତି କଟାକ୍ଷ ତୀବ୍ର । ସେମାନେ ଜଣେ ଜଣେ ଅନୁଭବୀ ମଣିଷ । ଖଟିଖିଆ, ଦୁଃସ୍ଥ, ନିରନ୍ନଙ୍କ କଥା କହିଲା ବେଳେ ସେମାନେ ବିଶେଷ ଭାବେ ବିଦ୍ରୋହୀ । ଯାନ୍ତ୍ରିକ ନଗର-ଜୀବନ ପ୍ରତି ବିମୁଖତା କେତେଜଣ ଗାଳ୍ପିକଙ୍କ ଗ୍ରାମ୍ୟ ମନସ୍କ କରିଛି । ଏହି ତରୁଣ କଥାକାର ମାନଙ୍କ ଲେଖନୀରେ ଗ୍ରାମ୍ୟ-ଜୀବନ ଅତି ସୁନ୍ଦର ରୂପ ପାଉଛି । ଅଷ୍ଟମ ଦଶକର ପରବର୍ତ୍ତୀ ସମୟରେ ଓଡ଼ିଆ କ୍ଷୁଦ୍ରଗଳ୍ପରେ ପଲ୍ଲୀଚେତନା ଫୁଟି ଉଠିଥିବା କଥା ଚିତ୍ତରଞ୍ଜନ ପଣ୍ଡା ବର୍ଣ୍ଣନା କରି ଲେଖିଛନ୍ତି– "୧୯୮୦ ମସିହା ପରବର୍ତ୍ତୀ ଓଡ଼ିଆ ଗଳ୍ପରେ ପଲ୍ଲୀଚେତନା ପୁଣି ବଳିଷ୍ଠ ରୂପ ନେଇଛି । କାରଣ ଅଧିକାଂଶ ଗାଳ୍ପିକ ସହରରେ ରହୁଥିଲେ ମଧ୍ୟ ସେମାନଙ୍କ ବାଲ୍ୟ, କୈଶୋର ଗାଁରେ ବଢ଼ିଛି । ପୁଣି ସହରର ନିଃସଂଗତା ଅସହାୟତା ମଧ୍ୟରେ ସେମାନେ ଅଣନିଃଶ୍ୱାସୀ ହୋଇ ଗାଁ ଖୋଜିଛନ୍ତି । ମଧୁର ଗ୍ରାମ୍ୟସ୍ମୃତିକୁ ଗଳ୍ପରେ ରୂପ ଦେଇଛନ୍ତି । x x x ଗାଁ ମାଟିର ବିକାଶ ମାଧ୍ୟମରେ ବିଶ୍ୱର ଉନ୍ନତି-ସାଧନ ଓ ମାନବିକତାର ଜୟଗାନ କରିବା ହେଉଛି ଆଜିର ଗଳ୍ପ ସୃଷ୍ଟିର ବୀଜମନ୍ତ୍ର ।"

## ପଲ୍ଲୀକୈନ୍ଦ୍ରିକ ସମାଜ ଚେତନାର ଧାରାରେ ଗଳ୍ପର ଧାରା (୧୯୮୦-୨୦୧୦) :

୧୯୮୦ ରୁ ୨୦୧୦ ମସିହା ମଧ୍ୟରେ ଅନେକ ଗାଳ୍ପିକ ପଲ୍ଲୀକୁ କେନ୍ଦ୍ରକରି ଗଳ୍ପ ରଚନା କରିଛନ୍ତି । ଏହି ସମୟ ଅବଧି ମଧ୍ୟରେ କ୍ଷୁଦ୍ରଗଳ୍ପରେ ସାଂସ୍କୃତିକ ଅବକ୍ଷୟ ଚିତ୍ର, ନାରୀବାଦୀ ଚେତନା, ନୃତତ୍ତ୍ୱିକ ଅଧ୍ୟୟନ ଆଦି ବିଷୟକୁ ନେଇ ଗଳ୍ପ ରଚନା ହୋଇଥିଲେ ମଧ୍ୟ ଗ୍ରାମ୍ୟ ଜୀବନର ସ୍ୱର ତୀକ୍ଷ୍ଣ ଦେଖାଯାଏ ।

ଓଡ଼ିଆ ସାହିତ୍ୟ କ୍ଷେତ୍ରରେ କ୍ଷୁଦ୍ରଗଳ୍ପର ଏଭଳି ଚେତନା ସଂପର୍କରେ ଦୃଷ୍ଟି ପତିତ କଲେ ବେଶ୍ ଏକ ପରିପୁଷ୍ଟ ଅନାଲୋଚିତ ଧାରାକୁ ଅବଲୋକନ କରାଯାଇପାରେ । କ୍ଷୁଦ୍ରଗଳ୍ପରେ ପଲ୍ଲୀକେନ୍ଦ୍ରିକ ସମାଜ-ଚେତନା (୧୯୮୦-୨୦୧୦) ସ୍ୱର ଥିବା ଗଳ୍ପଗୁଡ଼ିକ ଯଥା– ପ୍ରତିଭା ରାୟଙ୍କ 'ଚଣ୍ଡାଳ', 'ଭୋକ', 'ମୋକ୍ଷ, ବୀଣାପାଣି ମହାନ୍ତିଙ୍କ 'ପ୍ରାପ୍ୟ', 'ଶେଷ ପ୍ରହର', 'ଶତାବ୍ଦୀର ସିଂହାସନ', 'ଭାଗ୍ୟବତୀ', ନାକମାଛି', ଗିରିଶଚନ୍ଦ୍ର ସାହୁଙ୍କ 'ରୂପାନ୍ତର', 'ଭିନ୍ନ ପୃଥିବୀ', 'କି ସୁନ୍ଦର ଆହା', ବିଷ୍ଣୁ ସାହୁଙ୍କ 'ସୂର୍ଯ୍ୟୋଦୟ ଶ୍ଳୋକ', 'କାର୍ତ୍ତିକ ପୂର୍ଣ୍ଣମୀର କାବ୍ୟ', 'ଘାଟ', ଦାଶ ବେନହୁରଙ୍କ 'ଆକାଶରେ ମାଟି', 'ଯୁଗାନ୍ତର', 'ସିଟିଜେନସିପ୍', 'ଏକାନ୍ତ ଏକକ', 'ମାଟି ତଳର ସୂର୍ଯ୍ୟ', ଗୌରହରି ଦାସଙ୍କ 'ଘାଟ', 'ବିଦେଶ', 'ପାହାଡ଼', 'ବିସର୍ଜନ', ଚିତ୍ତରଂଜନ ପଣ୍ଡାଙ୍କ 'ପା ପୋଛ', 'ନରକ', 'ତିନିକରଣ', ବନଜ ଦେବୀଙ୍କ 'ନୀଳମାଧବ ଗାଁ', 'ଭିଟାମାଟି', 'ମୁଠାଏ ମାଟି', ପଦ୍ମଜ ପାଳଙ୍କ 'ଜଣେ ଚାଷୀଙ୍କ ନିର୍ବାଣ', 'କୁଆଡ଼େ ଯିବାର ନାହିଁ', ମହାଭୋଜି', ହୃଷୀକେଶ ପଣ୍ଡାଙ୍କ ଭିଡ଼ ଭିତରେ ହଜି ଯାଇଥିବା ମୁହଁର ପ୍ରତୀକ୍ଷାରେ', 'ଟନେଲ୍ ଖୋଜୁଥିବା ଅନ୍ୟ ଏକ ଇନ୍ଦ୍ରାବତୀ', 'ଦିହୁଡ଼ି', ଦେବ୍ରାଜ ଲେଙ୍କାଙ୍କ 'ନୁଖୁରୀର ନୁଖୁରା ଜୀବନ', 'ଫି ଗଳା ଶୁଖିଲା ମୁହଁର ତରାସର ଛିଟା', ପୁଷ୍ପାଞ୍ଜଳୀ ନାୟକଙ୍କ 'ଘର ବାହୁଡ଼ା', 'ବନ୍ଦନୀ', ରବି ସ୍ୱାଇଁଙ୍କ 'ଡେଙ୍ଗା ମଣିଷ', 'ମରିବାର କଳା', ମନୋଜ କୁମାର ପଣ୍ଡାଙ୍କ 'ବାଘ ଶିକାର, 'ତେନ୍ତୁଳି ଗଛର ଛାଇ', ମୃତ୍ୟୁ ମହୋତ୍ସବ', ଗିରି ଦଣ୍ଡସେନାଙ୍କ 'ମରୁଭୂମିରେ ଉଦୟାସ୍ତ ଦୃଶ୍ୟ', 'ଆଶ୍ରୟ', ରଜନୀକାନ୍ତ ମହାନ୍ତିଙ୍କ 'ସୁନା ଶିଆଳ', 'ନାରାଚ ଉବାଚ', 'ଗିରଫ', କୃପାସାଗର ସାହୁଙ୍କ 'କମଳା', 'ଓଥରା', 'ଲାଜକୁରୀ', ତରୁଣ କୁମାର ସାହୁଙ୍କ 'ଯଦୁ କକେଇ', 'ଉଦ୍ଧବ', 'ଡିହଗିଳା', ରମେଶ ବିଶ୍ୱାଳଙ୍କ 'ବୋଉ', 'ଛପର', 'ନର୍କରେ ପଡ଼ିଥିବା', ଜ୍ୟୋତି ନନ୍ଦଙ୍କ 'ଅନ୍ତରାଣ', 'ଚଢ଼େୟା ଓ ଚଢ଼େୟାଣୀର ଗୀତ', ବିରାଜ ମୋହନ ଦାସଙ୍କ 'ସରସ୍ୱତୀ ଯାତ', 'ଶୁଭାକାଂକ୍ଷୀ', ପ୍ରଶାନ୍ତ ମହାନ୍ତିଙ୍କ 'ଭଉଁରୀ ଭିତରେ ଭାଗ୍ୟ', 'ସ୍ୱପ୍ନ ତଳାଶର ଲଗ୍ନ', 'ଭଙ୍ଗା ଦେଉଳର ପରା', ଭୀମ ପୃଷ୍ଟିଙ୍କ 'କୁହୁକ କଣା', 'ପୋକ', 'ଟାକୁଆ', 'ପାନଗପ', ମୌସୁମୀ ପରିଡ଼ାଙ୍କ

'ଝାପ୍ସା ପୃଥିବୀ', 'ଜାଲଘର', 'ବଉଳ ଫୁଲର ବାସ', 'ସାୟାହ୍ନର ସଙ୍ଗୀତ', ଚିରଶ୍ରୀ ଇନ୍ଦ୍ରସିଂହଙ୍କ 'ବର୍ଷା', 'ଜୀଅନ୍ତା ମାଛ', 'ଯନ୍ତା', 'ଶେଷଚିତା', ଯଶୋବନ୍ତ ସାମଲଙ୍କ 'ଅଯୋଗ୍ୟ', 'ବନସାଇ', 'ଗାଁରୁ ସହର ପର୍ଯ୍ୟନ୍ତ', କ୍ଷୀରୋଦ ଦାସଙ୍କ 'ଭୋକ', 'ସତସତିକା ଖେଳ', ଅକ୍ଷୟ ବାରିକଙ୍କ 'ଗଲାଣି ତ ଗଲା', 'ଗୋଠ ବାହୁଡ଼ା' ପ୍ରଭୃତି ଗଳ୍ପଗୁଡ଼ିକରେ ପଲ୍ଲୀକୈନ୍ଦ୍ରିକ ସମାଜ ଚେତନାର ପ୍ରତିଫଳନ ନିଛକ ଭାବେ ବର୍ଣ୍ଣିତ ହୋଇଛି । ପଲ୍ଲୀ-ଜୀବନାନୁଭବର ବୃତ୍ତରେ ପ୍ରଥମ ଓଡ଼ିଆ ଗଳ୍ପର ଜନ୍ମ । ଏହାର ହୋଇଛି ସ୍ୱଚ୍ଛନ୍ଦ ଓ ସ୍ୱାଭାବିକ ବିକାଶ । ୧୯୮୦-୨୦୧୦ର ଏହି କାଳଖଣ୍ଡ ମଧ୍ୟରେ କେତେ ଗାଳ୍ପିକଙ୍କ ଉଦାହରଣ ଦିଆଯାଇପାରେ । ଯଥା- ଗିରିଶ ଚନ୍ଦ୍ର ସାହୁଙ୍କ ରୂପାନ୍ତର ଗଳ୍ପରେ ପଲ୍ଲୀର ପ୍ରାକୃତିକ ଦୃଶ୍ୟକୁ ଅଙ୍କିତ କରିବା ସହିତ ମାଟିର ବାସ୍ନାକୁ ଆପ୍ରାଣ କରି ଉଲ୍ଲେଖ କରିଛନ୍ତି ।" x x x ଗାଁ ଦାଣ୍ଡ ଧୂଳିର ଅବିର, ଗୋବର, ଖତର ବାସ୍ନା ଓ ବାରି ମଲ୍ଲୀଫୁଲ ମହକରେ ସେ ବାସ୍ନାୟିକ ହୋଇଉଠିଲା । ଏ ତ ଅତର ବାସ୍ନା ନୁହେଁ, ଅତର ପରି ନକଲି ନୁହେଁ, ମାଟି ଓ ଗଛର ନିଃଶ୍ୱାସରେ ସେ ଆବେଗ ସ୍ଖଳିତ ହୋଇପଡ଼ିଛି । ନଦୀର ଚକଚକ ଚିତ୍ର ଓ ମନ୍ଦିର ପାଣିରେ ସେ ନିଜକୁ ହଜାଇ ଦେବାପାଇଁ ଇଚ୍ଛା କଲା ।" (ଗିରିଶ ଚନ୍ଦ୍ର ସାହୁ, ରୂପାନ୍ତର)

ସେହିପରି ଦାସ ବେନହୁରଙ୍କ 'ଯୁଗାନ୍ତର' ଗଳ୍ପରେ ଶୁଭଙ୍କର ତା'ର ପିତା ବିନାୟକ ମିଶ୍ରଙ୍କୁ ଛାଡ଼ି ଜମିବାଡ଼ି ବିକ୍ରି କରି ବିଦେଶ ଚାଲି ଯିବାକୁ ସ୍ଥିର କରିବାରୁ ତା'ର ବାପା ଜନ୍ମଭୂମିର ମହତ୍ତ୍ୱକୁ ପୁଅକୁ ବୁଝାଇବାକୁ ଚେଷ୍ଟା କରିଛି । ଗାଳ୍ପିକଙ୍କ କଳାତ୍ମକ ବାକ୍ୟ ଏହିପରି " x x x ଓଡ଼ିଶା ଭଳି ମାଟିରେ ସେ ୟୁରୋପର ବିଚ୍ଛିନ୍ନତା କାହିଁ ? ଏବେ ବି ଏଠି କୋଳାକୋଳି ମହକର ଅଭାବ ନାହିଁ । ଏବେବି ଗାଁ ଦାଣ୍ଡରେ ପ୍ରଜାପତି ଉଡୁଛନ୍ତି । ଗାଁ ଚାରିପଟ କାକଳୀ କୁଜନର ପନ୍ତି ଝୁଲନ୍ତି । ଜଗନ୍ନାଥ ବି ଏଠି ମହଜୁଦ ଅଛନ୍ତି । (ଦାସ ବେନହୁର, ଯୁଗାନ୍ତର)

ଯଶୋବନ୍ତ ସାମଲଙ୍କ 'ଅଯୋଗ୍ୟ' ଗଳ୍ପରେ ଗାଁର ଭୋର ସମୟର ଦୃଶ୍ୟକୁ ଅତ୍ୟନ୍ତ ନିଛକ ଚିତ୍ରଣ କରାଯାଇଛି ।" x x x ଗାଁର ସବୁ ଲୋକ ବିଛଣା ଛାଡ଼ିବା ପୂର୍ବରୁ ଏ ଆଶ୍ଚର୍ଯ୍ୟଜନକ ସମ୍ବାଦଟି ପ୍ରାୟ ସମସ୍ତଙ୍କ ଘରେ ପହଞ୍ଚି ସାରିଥିଲା । ବଡ଼ିଭୋରୁ ଗାଁ ଉପରେ ଚକ୍‌ଚକ୍ କରୁଛି ଏକ ଅଦ୍ଭୁତ ପକ୍ଷୀ ।"

ଏହିପରି ଭାବେ ଆମେ ଯଦି ଅନୁଧ୍ୟାନ କରିବା ୧୯୮୦ ମସିହା ପରବର୍ତ୍ତୀ ଓଡ଼ିଆ କ୍ଷୁଦ୍ରଗଳ୍ପରେ ପଲ୍ଲୀ ଜୀବନର ସ୍ରୋତକୁ ସାମିଲ କରାଇ ସାହିତ୍ୟକୁ ନଗରାଭିମୁଖୀ କରିଛନ୍ତି । ଯାହାକି ସମାଜକୁ ଏକ ନୂତନ ସମ୍ଭାବନା ଆଣିଦେବା ସହ ଆଧୁନିକ ସମୟରେ ପଲ୍ଲୀକୁ ଏକ ନୂତନ ସମ୍ଭାବନା ଆଣି ଦେଇପାରିଛି ।

## ଉପସଂହାର :

କ୍ଷୁଦ୍ରଗଳ୍ପ ଆଧୁନିକ ସାହିତ୍ୟରେ ଏକ ବିଶିଷ୍ଟ କଳାକୃତି । ସ୍ୱାଧୀନ ଏହାର ସ୍ଥିତି । ସ୍ୱାଧୀନ ଏହାର ଗତି । ଜୀବନର ଏକକ ବିନ୍ଦୁରୁ ଏହାର ଉଚ୍ଚାରଣ । ବିନ୍ଦୁରେ ଅନନ୍ତ ଜୀବନର ବ୍ୟଞ୍ଜନା ପ୍ରକାଶ ଏହାର ଧର୍ମ । ଖଣ୍ଡିତାଂଶରେ ଏହାର ରସ-ଘନ ରୂପାୟଣ । ଅଥଚ ଏହା ଆଖଣ୍ଡର ବାର୍ତ୍ତାବହ। ଆତ୍ମ ବ୍ୟାଖ୍ୟା ନୁହେଁ; ଆତ୍ମ ନିବେଦନରେ ଏହାର ସିଦ୍ଧି । ଜିଜ୍ଞାସା ଏହାର ପ୍ରାଣ । ଗଳ୍ପର ଶରୀର ସୀମା ସମ୍ମତ । ଅଥଚ ଏହା ମଧ୍ୟରେ ଅଛି ଅସୀମର ଦ୍ୟୋତନା । ବିଶ୍ୱକବି ରବୀନ୍ଦ୍ରନାଥଙ୍କ ସହିତ ସ୍ୱର ମିଳାଇ କୁହାଯାଇପାରେ-

"ସୀମାର ମଧ୍ୟେ ଅସୀମ ତୁମୀ
ବାଜାଓ ଆପନ ସୁର
ତୋମାର ମଧ୍ୟେ ଆମର ପ୍ରକାଶ
ତାଇ ଏତ ମଧୁର ।"

୧୯୮୦ ମସିହା ପରବର୍ତ୍ତୀ ଓଡ଼ିଆ କ୍ଷୁଦ୍ରଗଳ୍ପର ପଲ୍ଲୀର ସ୍ୱର ବେଶ୍ ଶକ୍ତ ଓ ସ୍ୱତନ୍ତ୍ର । ମଣିଷର ବସ୍ତୁ-ଘନ ଜୀବନର ପୂର୍ଣ୍ଣବିମ୍ବକୁ ନିତ୍ୟ କାଳର ଆକାଶରେ ପ୍ରତିଫଳନ କରିବାରେ ଆକାଂକ୍ଷା ଗଳ୍ପର ସ୍ୱଭାବ ଧର୍ମ। ପଲ୍ଲୀ ସହ ସମ୍ପୃକ୍ତ ମନୁଷ୍ୟର ସମ୍ପର୍କ ପଲ୍ଲୀକୁ ନେଇ ନିବିଡ଼ । ଯେବେ ସେ ଏହାକୁ ପୃଷ୍ଠାରେ ସ୍ଥାନିତ କରିଛି ତା'ର ହସକାନ୍ଦ, ସୁଖଦୁଃଖକୁ ନିଛକ ଭାବେ ଉତ୍ତରିବାକୁ ଚେଷ୍ଟା କରିଛି । ପଲ୍ଲୀକେନ୍ଦ୍ରିକ ସମାଜ ଚେତନାର ମହକରେ ଗଳ୍ପ ଜଗତକୁ ମହକାଇ ଦେଇଛନ୍ତି । ଉତ୍ତର ଅଶି କାଳରେ କେତେକ ଗାଳ୍ପିକ କ୍ଷୁଦ୍ରଗଳ୍ପରେ ପରୀକ୍ଷାର ସ୍ୱର, ବିଭିନ୍ନବାଦ ଓ ଚେତନାକୁ ସ୍ଥାନ ଦେଉଥିବା ବେଳେ ଆଉ କେତେକ ଗାଳ୍ପିକ ବିବର୍ତ୍ତନ ଧାରା ସହିତ ପାରମ୍ପାରିକ ଧାରାରେ ମଧ୍ୟ ଅବ୍ୟାହତ ରହିଛନ୍ତି । ଯାହାକି ପଲ୍ଲୀକୈନ୍ଦ୍ରିକ ସମାଜ ଚେତନାର ଧାରାକୁ ପରିପୁଷ୍ଟ ଓ ବିସ୍ତୃତ କରିଛି। ଶୈଳୀ ଦୃଷ୍ଟିରୁ ବର୍ଣ୍ଣନାତ୍ମକ ରୂପକଳାରୁ ଏହା ମୁକ୍ତିଲାଭ କରି ଏହା ମୁକ୍ତି ଲାଭ କରି ପ୍ରତୀକାତ୍ମକ ଓ ବିମ୍ବାତ୍ମକ ଶୈଳୀକୁ ଗ୍ରହଣ କରି ନେଇଛି ଏବଂ ଏଥିରେ ବ୍ୟକ୍ତିତ୍ୱର ରୂପାୟନ କରାଯାଇ ସ୍ୱତନ୍ତ୍ର ଗଳ୍ପ ସ୍ୱାଦ ସୃଷ୍ଟି କରାଯାଇଛି । କାଳଖଣ୍ଡ, ପରିସର ଓ ପ୍ରମୁଖତା ଦୃଷ୍ଟିରୁ ଏହି ଆଲୋଚନା ପର୍ଯ୍ୟବେସିତ । ତେଣୁ ଅନେକ

ଗଳ୍ପ ଏଥିରୁ ବାଦ ପଡ଼ିଛି । ସାମଗ୍ରିକ ଭାବେ ବିଚାର କଲେ ୧୯୮୦ ପରବର୍ତ୍ତୀ ଓଡ଼ିଆ କ୍ଷୁଦ୍ରଗଳ୍ପରେ ପଲ୍ଲୀକୈନ୍ଦ୍ରିକ ସମାଜଚେତନାର ସ୍ୱର (ସମୟସୀମା-୧୯୮୦-୨୦୧୦ ପର୍ଯ୍ୟନ୍ତ) ଅଧ୍ୟୟନ ଗବେଷଣା ସାପେକ୍ଷ ।

**ସହାୟକ ଗ୍ରନ୍ଥସୂଚୀ :**


୧. ପଣ୍ଡା, ଚିତ୍ତରଞ୍ଜନ, ଓଡ଼ିଆ କ୍ଷୁଦ୍ରଗଳ୍ପ ସ୍ରଷ୍ଟାଙ୍କ ଚିନ୍ତା ଚେତନାର ବୈଚିତ୍ର୍ୟ, କୁନାଲ ବୁକ୍ସ, ନୂଆଦିଲ୍ଲୀ, ୨୦୨୧

୨. ପାଣିଗ୍ରାହୀ, ସୁରେନ୍ଦ୍ର ନାଥ, ଓଡ଼ିଆ ଉପନ୍ୟାସ ସାହିତ୍ୟର ଇତିହାସ, ସତ୍ୟ ନାରାୟଣ ବୁକ୍ ଷ୍ଟୋର, ବିନୋଦ ବିହାରୀ, କଟକ, ୨୦୨୨

୩. ବଳ, ନନ୍ଦକିଶୋର, ପଲ୍ଲୀଚିତ୍ର, ଉତ୍କଳ ସାହିତ୍ୟ ପ୍ରେସ, କଟକ, ୧୯୨୫

୪. ରାୟ, ଶଶୀଭୂଷଣ, ପଲ୍ଲୀ, ଉତ୍କଳ ସାହିତ୍ୟ ପ୍ରେସ, କଟକ, ୧୯୩୭

୫. ମହାପାତ୍ର, ଚକ୍ରଧର, ଓଡ଼ିଆ ଗ୍ରାମ୍ୟଗୀତି, ଓଡ଼ିଶା ସାହିତ୍ୟ ଏକାଡ଼େମୀ

୬. ଦାସ, କୁଞ୍ଜବିହାରୀ, ଓଡ଼ିଆ ଲୋକଗୀତ ଓ କାହାଣୀ, ଓଡ଼ିଆ ଗବେଷଣା ପରିଷଦ, ବିଶ୍ୱଭାରତୀ, ଶାନ୍ତି ନିକେତନ, ୧୯୫୮

୭. ପଟ୍ଟନାୟକ, ପଠାଣି, ଓଡ଼ିଆ ସାହିତ୍ୟର ଇତିହାସ, ବିନୋଦ ବିହାରୀ, କଟକ, ୧୯୭୮

୮. ସାମନ୍ତରାୟ, ନଟବର, ଓଡ଼ିଆ ପଲ୍ଲୀ ସାହିତ୍ୟ, ସ୍ୱାଧୀନ ପ୍ରେସ୍, ବ୍ରହ୍ମପୁର

୯. ବାରିକ, ସୌରୀନ୍ଦ୍ର, ଅନ୍ୱେଷାର ସ୍ୱର, କଟକ, ୧୯୮୦

୧୦. ମହାରଣା, ସୁରେନ୍ଦ୍ର କୁମାର, ଓଡ଼ିଆ ସାହିତ୍ୟର ଇତିହାସ, ଏ.କେ.ମିଶ୍ର ପବ୍ଲିକେଶନ, କଟକ, ୨୦୨୩

୧୧. ସାହୁ, ଗିରିଶଚନ୍ଦ୍ର, ରୂପାନ୍ତର, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ, ୧୯୯୬

୧୨. ସାମଲ, ଯଶୋବନ୍ତ, ମଝି ରାସ୍ତାରେ ମଣିଷ, ବିଜୟିନୀ ପବ୍ଲିକେଶନ, କଟକ, ୨୦୧୨

୧୩. ମହାପାତ୍ର, ପ୍ରେମାନନ୍ଦ, ଓଡ଼ିଆ ସାହିତ୍ୟର ଇତିହାସ, ସତ୍ୟ ନାରାୟଣ ବୁକ୍ ଷ୍ଟୋର, ବିନୋଦ ବିହାରୀ, କଟକ, ୨୦୨୨

୧୪. ସାହୁ, ଆଦିକନ୍ଦ, ଓଡ଼ିଆ ଗଳ୍ପ ଓ ଉପନ୍ୟାସର ନବ ଦିଗନ୍ତ, ପ୍ରକାଶିତ- ଚନ୍ଦ୍ରାବଳୀ ସାହୁ, ବୁର୍ଲା, ୧୯୯୯

୧୫. ସାମଲ, ବୈଷ୍ଣବ ଚରଣ, ଓଡ଼ିଆ କ୍ଷୁଦ୍ରଗଳ୍ପର ଇତିବୃତ୍ତ, ଫ୍ରେଣ୍ଡସ ପବ୍ଲିଶର୍ସ, କଟକ, ୨୦୧୯ ।


❖ ❖ ❖

DOI :https://doi.org/10.5281/zenodo.16918877 ମୂଳ ପ୍ରବନ୍ଧ

# ଚାକିରୀ ଜୀବନର ଅସହାୟତା : ପାଉଁଶ ତଳର ନିଆଁ

**ଶମ୍ଭୁନାଥ ଶିଅଳ**

**ସଂକ୍ଷିପ୍ତସାର :**

ସ୍ୱାଧୀନତା ପରବର୍ତ୍ତୀ ଓଡିଆ ନାଟକରେ ବିପିନ ମହାପାତ୍ରଙ୍କ ସମସ୍ୟାମୂଳକ ନାଟକ ଏକ ବୈପ୍ଲବିକ ପ୍ରତିକ୍ରିୟା ସୃଷ୍ଟି କରିଛି । ଚାକିରୀଜୀବି ମଣିଷର ଅସହାୟତାକୁ ନେଇ ତାଙ୍କର ଯେଉଁ କ୍ଷୁଦ୍ର ନାଟକଟି 'ପାଉଁଶ ତଳର ନିଆଁ' ନାମରେ ପ୍ରକାଶ ପାଇଛି ତାହା ଦର୍ଶକ ଓ ପାଠକଙ୍କର ଅଧିକ ପ୍ରିୟ ହୋଇପାରିଛି । ବ୍ୟକ୍ତିଗତ ଭାବେ ମଣିଷ ଗୋଷ୍ଠିଗତ ଜୀବନରୁ ନିଜକୁ ସାମାନ୍ୟ ଦୂରେଇ ବଂଚୁଥିବା ଜୀବନ କ୍ଷଣ କ୍ଷଣକରେ ମାନସିକ ଅଶାନ୍ତିର ସୂତ୍ରପାତ ଘଟାଏ । ଏଥିସହିତ ଚାକିରୀ କରୁଥିବା ମଣିଷର ମାନସିକ ଅସ୍ଥିରତା କିପରି ଗୋଟିଏ ପରିବାରକୁ ପ୍ରଭାବିତ କରେ, ତାହାରି ଆଧାରରେ ଶ୍ରୀଯୁକ୍ତ ମହାପାତ୍ରଙ୍କ ଏହି ନାଟକଟି ଉତ୍ତରଅଶୀ ନାଟ୍ୟ ପରଂପରାର ଏକ ବିସ୍ମୟ  ବୋଲି ମନେ କରାଯାଇପାରେ ।

**ପ୍ରମୁଖ ଶବ୍ଦାବଳୀ :**

ଚାକିରୀ, ଅସହାୟତା, ଦୁର୍ନୀତି, ସଂଳାପ, ମାନସିକସ୍ଥିତି

ମଣିଷ ସହରକୈନ୍ଦ୍ରିକ ଜୀବନ ବଂଚିବା ପରଠାରୁ ଯେଉଁସବୁ ବାଧାବିଘ୍ନର ସମ୍ମୁଖୀନ ହୋଇଛି, ତାହାକୁ ଆମେ ସାହିତ୍ୟର ବିଭିନ୍ନ ବିଭାଗରେ ଦେଖିବାକୁ ପାଉ । ନାଟକ ହେଉଛି ଏଭଳି ଏକ କଳା ଯେଉଁଥିରେ ପାଠକ ବା ଦର୍ଶକ ସାମ୍ନାସାମ୍ନି ଅନୁଭବ କରେ ସେହିସବୁ ବିଷୟ ଯାହା ମଣିଷର ଭାଙ୍ଗି ଯାଇଥିବା ଜୀବନକୁ ତୋଳିଧରେ । ଓଡିଆ ନାଟ୍ୟ ସାହିତ୍ୟର ଅସହାୟତାବୋଧ ନାଟ୍ୟ ସୃଷ୍ଟି ଆରମ୍ଭରୁ ହିଁ ଆମେ କୌଣସି ନା କୌଣସି ପ୍ରସଙ୍ଗରେ ଦେଖିବାକୁ ପାଇଥାଉ । ଯେତେବେଳେ ମଣିଷ ସହର କୈନ୍ଦ୍ରିକ ହୋଇ ଜୀବନକୁ ଗୋଷ୍ଠୀରୁ ବାହାର କରି ବ୍ୟକ୍ତିକୈନ୍ଦ୍ରିକ ହେଲା ସେତେବେଳେ ଅସହାୟତା ନିଜର ରୂପ ବିସ୍ତାର କଲା । ୧୯୫୦ମସିହା ପରେ ପରେ ଓଡିଆ ନାଟ୍ୟ ସାହିତ୍ୟରେ ଏହି ପ୍ରସଙ୍ଗଟି ଅଧିକ ମାତ୍ରାରେ ଦେଖିବାକୁ ମିଳିଲା । ଯେଉଁସବୁ ନୂତନ ପ୍ରୟୋଗ ମାଧ୍ୟମରେ ଓଡିଆ ନାଟ୍ୟ ସାହିତ୍ୟ ସ୍ୱାଧୀନତା ଲାଭ ପରେ ଦର୍ଶକ ତଥା ପାଠକ ଅନ୍ତରକୁ ସ୍ପର୍ଶକଲା ତାର ମୁଖ୍ୟ ବୈଶିଷ୍ଟ୍ୟ ଥିଲା ବ୍ୟକ୍ତିଗତ ଅସହାୟତାବୋଧ ।

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI: https://doi.org/10.5281/zenodo.16918877

Article No - BPP00318

ଉତ୍ତରଅଶୀ ସମୟରେ ନାଟ୍ୟଶିଳ୍ପୀମାନେ ନିଜ ଜୀବନକୁ ଯେଉଁ ଭାବରେ ଅନୁଭବ କରିଛନ୍ତି, ତାହାକୁ କୌଣସି ନା କୌଣସି ମଧ୍ୟରେ ଉନ୍ମୋଚନ କରିଦେବା ପାଇଁ ଚେଷ୍ଟା କରିଛନ୍ତି । ଏହି ସମୟ ବେଳକୁ ଓଡିଶାର ଲବ୍ଧ ପ୍ରତିଷ୍ଠିତ ନାଟ୍ୟକାର ବିପିନ ମହାପାତ୍ର ଯେଉଁ ସାମାଜିକ ନାଟକ ମାଧ୍ୟରେ ମଣିଷ ଜୀବନର ଅସହାୟତାକୁ ଦେଖାଇବା ନିମନ୍ତେ ଚେଷ୍ଟା କରିଛନ୍ତି, ସେଥିରେ କେତେ ସଫଳତା ପ୍ରାପ୍ତ ହୋଇଛନ୍ତି ତାହା ପାଠକ ତଥା ଦର୍ଶକ ମୂଲ୍ୟାଙ୍କନ କରିବେ । ଜଣେ ମଣିଷ ଚାକିରୀ ଜୀବନରେ ଥାଇ ନିଜର ସଙ୍କୋଚପଣିଆ ନିମନ୍ତେ ଯେଉଁପରି ଭାବେ

**ଯୋଗାଯୋଗ :**
**ଶମ୍ଭୁନାଥ ଶିଅଳ,** ଗବେଷକ, ସ୍ନାତକୋତ୍ତର ଓଡିଆ ବିଭାଗ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ,ଭଞ୍ଜବିହାର
**Email:** ss756048@gmail.com
**ORCID ID:** https://orcid.org/0009-0003-2884-1696

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୭.୦୪.୨୦୨୫ | ୧୧.୦୫.୨୦୨୫ | ୨୫.୦୬.୨୦୨୫ | ୧.୦୭.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ଶିଅଳ, ଶମ୍ଭୁନାଥ ;୨୦୨୫। ଚାକିରୀ ଜୀବନର ଅସହାୟତା : ପାଉଁଶ ତଳର ନିଆଁ। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା : ଘ, ପୃଷ୍ଠା :୪୨-୪୫।

ଜୀବନ ସଂଘର୍ଷକୁ ସାମ୍ନା କରୁଛି, ତାହାର ଏକ ଜୀବନ୍ତ ପ୍ରତିରୂପ 'ପାଉଁଶ ତଳର ନିଆଁ' ନାଟକ । ଏହି ନାଟକଟି ୧ ଡିସେମ୍ବର ୧୯୮୧ ମସିହାରେ ବ୍ରହ୍ମପୁର ଟାଉନ ହଲ୍‌ରେ ରାଜସ୍ୱ ଅଣ ଗେଜେଟେଡ କ୍ଷେତ୍ର କର୍ମଚାରୀ ସଂଘଦ୍ୱାରା ପ୍ରଥମେ ଅଭିନୀତ । ଏହି ନାଟକରେ ଜୀବନର ଯେଉଁ ଅନ୍ଧକାର ପକ୍ଷ ଆମେ ଦେଖୁଁ ଓ ସାହିତ୍ୟିକ ମୂଲ୍ୟ ବ୍ୟତୀତ ଜୀବନ ସହିତ ତାହା କେତେ ପ୍ରାସଙ୍ଗିକ ତାହାକୁ ମଧ୍ୟ ଆମେ ସ୍ପଷ୍ଟ ଭାବେ ଅନୁଭବ କରିପାରୁ । ସର୍ବମୋଟ ୭ ଗୋଟି ଚରିତ୍ର ମାଧ୍ୟମରେ ଏହି ନାଟକଟି ଯେଉଁ କ୍ରମରେ ଗତି କରିଛି ତାହାର ପାଶ୍ଚାତ୍ୟରେ ରହିଛି ଏକ ବୈପ୍ଳବିକ ଆହ୍ୱାନ ।

ଚାକିରୀ ଜୀବନର ଅସହାୟତା ସଂପର୍କରେ ଜଣେ ନାଟ୍ୟକାର ନାଟକ ଲେଖିବାବେଳେ ଅନେକ ବାଧାବିଘ୍ନକୁ ସାମ୍ନାକରେ । ସବୁଠାରୁ ବଡକଥା ହେଲା ନାଟ୍ୟକାର ଶ୍ରୀଯୁକ୍ତ ମହାପାତ୍ର ଏହି ନାଟକ ଲେଖିବାବେଳେ ନିଜ ବ୍ୟକ୍ତିଗତ ଜୀବନର ଅନୁଭବ ଓ ଅନୁଭୂତିକୁ ବାଦ୍ ଦେଇପାରିନାହାନ୍ତି । ନିଜେ ରାଜସ୍ୱ ବିଭାଗର କର୍ମରତ ଥାଇ ଉକ୍ତ ବିଭାଗର ଅସହାୟତାବୋଧକୁ ଉନ୍ମୋଚନ କରିବା ସକାଶେ ସେ ଯେଉଁ ପଦକ୍ଷେପ ଗ୍ରହଣ କରିଛନ୍ତି, ତାହାର ପ୍ରଶଂସା ଯେତେ କଲେ ମଧ୍ୟ କମ୍ ହେବ । ନାଟକଟିର ସୃଷ୍ଟି ପଛର କଥାକୁ ଉଲ୍ଲେଖ କରିବାକୁ ଯାଇ ସେ 'ଆମ କଥାରେ' ଲେଖିଛନ୍ତି "ଦାୟିତ୍ୱ ସଂପନ୍ନ ରାଜସ୍ୱ ନିରୀକ୍ଷକ ଚାକିରୀ ଜୀବନରେ ବିଭିନ୍ନ ଜଞ୍ଜାଳ ଭିତରେ ହଠାତ୍ ଆମ୍ଭେମାନେ ଚିନ୍ତାଗ୍ରସ୍ତ ହେଲୁ । ଆଖି ଆଗରେ ନାଚି ଉଠିଲା ରାଜସ୍ୱ କ୍ଷେତ୍ର କର୍ମଚାରୀ ସଂଘର ଉଦାସୀନତା ସହିତ ସରକାରଙ୍କ ଅବହେଳା । ଏମିତି କେତେ କଣ ନୈରାଶ୍ୟ ଜନକ ପ୍ରଶ୍ନବାଚୀର ବଳୟ ଭିତରେ ସମସ୍ତ ସହକର୍ମୀ ଭାଇମାନଙ୍କ ସହଯୋଗରେ ବ୍ରହ୍ମପୁର ସହରରେ ଗୋଟିଏ ଜିଲ୍ଲାସ୍ତରୀୟ ରାଜସ୍ୱକ୍ଷେତ୍ର କର୍ମଚାରୀ ସମ୍ମିଳନୀର ଆୟୋଜନ କରିପାରିଲୁ"। (୧)

'ପାଉଁଶ ତଳର ନିଆଁ' ନାଟକଟି ଅନେକ ଦୃଷ୍ଟିରୁ ତାତ୍ପର୍ଯ୍ୟପୂର୍ଣ୍ଣ । ନାରୀ ଚରିତ୍ର ବିହୀନ ଏହି ନାଟକଟିରେ ଜୀବନର ଖଣ୍ଡିତାଂଶକୁ ଲକ୍ଷ୍ୟକରାଯାଏ । ଏଥିସହିତ ମଣିଷର ଅସହାୟତା ବୋଧ ତଥା ତାହାର ବାସ୍ତବିକ ରୂପଟିକୁ ଆମେ ଦେଖିପାରୁ । ନାଟକଟିରେ ମୁଖ୍ୟ ଚରିତ୍ର ଭାବେ ଆମେ ଧରଣୀକୁ ହିଁ ଲକ୍ଷ୍ୟକରୁ । ଯଦିଓ ନାଟକଟିରେ ଚରିତ୍ର ପରିବର୍ତ୍ତେ ବୃତ୍ତି ମୁଖ୍ୟ ବିଷୟ ପାଲଟିଯାଇଛି, ତଥାପି ଧରଣୀଙ୍କ ଚରିତ୍ର ହିଁ ଏହି ପ୍ରସଙ୍ଗର ପ୍ରତିଲିପି ରୂପେ ଦଣ୍ଡାୟମାନ ।

ନାଟକଟି ଆରମ୍ଭ ହୋଇଛି କାଂଚନପୁର ଆର.ଆଇ ସର୍କଲ ଅଫିସରୁ । ଏହି ଅଫିସରେ କାର୍ଯ୍ୟରତଥିବା ତିନିଜଣ କର୍ମଚାରୀ ଯଥା ଶ୍ରୀଧର, ଧରଣୀ, ନିଶାକର କାହାଣୀଟିକୁ ଆଗେଇ ନେବାରେ ହୋଇଛନ୍ତି ସହାୟକ । ଲକ୍ଷ୍ୟ କରିବାର କଥା ଏହି ସରକାରୀ କର୍ମଚାରୀମାନେ ହେଉଛନ୍ତି ଆର୍ଥିକ ଦୃଷ୍ଟିରୁ ଅସ୍ୱଚ୍ଛଳ । ସଂପୂର୍ଣ୍ଣ ପରିବାରଟି ଏମାନଙ୍କ ଉପରେ ନିର୍ଭର କରୁଥିଲେ ମଧ୍ୟ ମାସିକ ଦରମାରେ ଜୀବନର ଆନନ୍ଦ ଉପଭୋଗ କରିବା ଏମାନଙ୍କ କ୍ଷେତ୍ରରେ ହୁଏ ଅସଫଳ ତଥାପି ଜୀବନକୁ ଭୋଗିବା ନିମନ୍ତେ ଏମାନଙ୍କ ଜନ୍ମ ଯେମିତି ବ୍ୟର୍ଥ ହୋଇଯାଇନାହିଁ ।

ଶ୍ରୀଧର ହେଉଛି କାଂଚନପୁର ଆର.ଆଇ ସର୍କଲ ଅଫିସର ଜଣେ ବୃଦ୍ଧ ମୋହରୀର । ଏହି ବ୍ୟକ୍ତି ଜଣକ ସ୍ୱଳ୍ପ ଦରମାରେ ନିଜ ପରିବାର ଚଳାଉଥିଲେ ମଧ୍ୟ ନିଜ ବୃତ୍ତିକୁ କଦାପି କଳୁଷିତ କରିନାହାନ୍ତି । ଏମିତି ହୋଇଛି ନିଜର ପେଟବିନ୍ଧା ରୋଗର ଖାତିର ନକରି କର୍ମସ୍ଥଳୀକୁ ଧାଇଁ ଆସିଛି ଏବଂ ସହକର୍ମୀମାନଙ୍କ ସହ ନିଜ କାର୍ଯ୍ୟରେ ଧ୍ୟାନ ଦେଇଛି । ପ୍ରସଙ୍ଗକ୍ରମେ ସେ ଯେତେବେଳେ ନିଜ ପରିବାର ନିମନ୍ତେ ଧରଣୀଙ୍କର ଆଦର୍ଶରୁ ସାମାନ୍ୟ ବିଚ୍ୟୁତ ହୋଇଛି ଏବଂ ନିଜର ଭୁଲ୍‌କୁ ସ୍ୱୀକାର ମଧ୍ୟ କରିଛି । ଏହି ଚରିତ୍ରଟି ମାଧ୍ୟମରେ ନାଟ୍ୟକାର ସାଧାରଣ ମଣିଷର ଚାକିରୀ ଜୀବନ ମଧ୍ୟରେ ଅସହାୟତା କିପରି ଦୋଳାୟମାନ ସ୍ଥିତିରେ ଛିଡା କରେଇଦିଏ ତାହାକୁ ସ୍ୱଷ୍ଟ କରିଅଛନ୍ତି ।

ଦର୍ଶକ ତଥା ପାଠକ ପ୍ରଥମରୁ ଶ୍ରୀଧର ଚରିତ୍ରଟିକୁ ସକରାତ୍ମକ ଦୃଷ୍ଟିରୁ ଦେଖୁଥିବେ ନିଶ୍ଚୟ । କିନ୍ତୁ ଯେତେବେଳେ ଶ୍ରୀଧର ମଣିଷପଣିଆର ପ୍ରମାଣ ପାଇଛି ଧରଣୀଠାରୁ ସେତେବେଳେ ତାହାର ଭାବାନ୍ତର ଘଟିଛି ।

ଶ୍ରୀଧର- "ମୁଁ- ମୁଁ ଅପରାଧୀ ଆଜ୍ଞା ! ମୋ ପରି ଅପରାଧୀ ଜଣେ କେହି ଏ ଦୁନିଆରେ ନ ଥିବ । ମୁଁ ଆପଣଙ୍କୁ ଚିହ୍ନି ପାରିଲେ ବି ପ୍ରତାରଣା କରିଛି ଆପଣଙ୍କ କଥା ନେଇ ସମାଲୋଚନା କରିଛି । ସରକାରୀ କାମରେ ବି ମୁଁ ଆପଣଙ୍କ ଆଦେଶର ଅବମାନନା କରିଛି । ହେଲେ କାହିଁକି ଜାଣନ୍ତି ଆଜ୍ଞା ବହୁକୁଟୁମ୍ବୀ ଜୀବନରେ ବଂଚିବାର ରାସ୍ତା ଖୋଜିଖୋଜି" । (୨)

XXX XXX XXX XXX

ଶ୍ରୀଧର- "ଆଦ୍ର କଣ୍ଠରେ) କିନ୍ତୁ ଆପଣଙ୍କ ଦରମା ବିଷୟରେ ମୁଁ କିଛିହେଲେ ଚିନ୍ତା କରିନି ଆଜ୍ଞା ! ଏଠିକି ଆସିବା ଦିନଠାରୁ ଆପଣ କେଉଁଠି ରହୁଛନ୍ତି କଣ ଖାଉଛନ୍ତି, କେତେବେଳେ କଣ କରୁଛନ୍ତି ସେ କଥାବି ମୋ ପରି ଜଣେ ନିର୍ମମ ଅଧସ୍ତନ କର୍ମଚାରୀ ଜାଣିବାକୁ ଦିନେହେଲେ ଚେଷ୍ଟା କରିନଥିଲି ଅଥଚ ଆପଣଙ୍କ ଠାରୁ ମୁଁ ଆଜି ଏ ଟଙ୍କା ନେଉଛି ମୋର ଜରୁରୀ କାମ ତୁଲାଇବା ପାଇଁ ।" (୩)

ନାଟକରେ ଧରଣୀ ଚରିତ୍ରଟି ଅନେକ ସଂଘର୍ଷମୟ ପରିସ୍ଥିତିକୁ ସାମ୍ନାକରି ହୋଇଛି ଗତିଶୀଳ । ନିଜ ପରିବାରକୁ ଆର୍ଥିକ ସହାୟତା ଯୋଗାଇବା ପାଇଁ ଅନେକ କ୍ଷେତ୍ରରେ ଅସଫଳ ହୋଇଥିଲେ ମଧ୍ୟ ପିତାଙ୍କ ଆଦର୍ଶରୁ ବିଚ୍ୟୁତ ହୋଇନାହିଁ । ଧରଣୀର ପିତା ଚାକିରୀ ସମୟରୁ

କହିଥିଲେ ଦୁର୍ନୀତିଯୁକ୍ତ ଅର୍ଥର ମୂଲ୍ୟ ନାହିଁ । ଝାଳ ବୁହା ଧନରେ ହିଁ ଜୀବନ ବଂଚିବାରେ ରହିଛି ମହତ୍ତ୍ୱ । ଏମିତି ହୋଇଛି ରାତାରାତି ଧନୀ ହୋଇଯିବାର ପ୍ରତିଶ୍ରୁତି ନେଇ ଅଲେଖ ଚୌଧୁରୀ ଆସିଛି ଧରଣୀ ପାଖକୁ । ସରକାରୀ ଅଫିସର ଭାବେ ନିଜ କର୍ତ୍ତବ୍ୟକୁ ହିଁ ଶ୍ରେଷ୍ଠ ମନେକରି ରାଜନୀତିର ଚାପ କିମ୍ବା ଅର୍ଥର ବଳକୁ ଆଦୌ ପ୍ରଶୟ ଦେଇନାହିଁ । ଆଗାମୀ ରାଜନୀତିରେ ଅଲେଖ ସରପଂଚ ଭାବେ ଏବଂ ରାତାରାତି ଧରଣୀକୁ ଲକ୍ଷ୍ୟପତି କରାଇ ଦେବ ଏଭଳି ପ୍ରଲୋଭନକୁ କୁଠାରଘାତ କରି ଧରଣୀର ପିତାଙ୍କ ଆଦେଶ । ଘରେ ନିଜର ଧର୍ମପତ୍ନୀ ରୋଗାକ୍ରାନ୍ତ ଥିବା ଅବସ୍ଥାକୁ ମଧ୍ୟ ଭୁଲିଯାଇଛି ନିଜର ସଚ୍ଚୋଟତା ଆଗରେ । ସଲ୍‌ଭେନସି ସାର୍ଟିଫିକେଟରେ ନିଜର କ୍ଷମତାଠାରୁ ଅଧିକ ଅର୍ଥର ସୁପାରିସ କରି ନିଜର ରାଜନୈତିକ ଜୀବନକୁ ବ୍ୟାପକ କରିବା ନିମନ୍ତେ ଅଲେଖ ଯେଉଁ ସ୍ୱପ୍ନ ଦେଖିଛି ତାହା ଜଣେ ସାଧାରଣ କର୍ମଚାରୀର କାର୍ଯ୍ୟରେ ହୋଇଛି ଆଘାତ ପ୍ରାପ୍ତ । ଅଲେଖ ଧରଣୀଠାରୁ ନାସ୍ତିସୂଚକ ମନ୍ତବ୍ୟ ପାଇବା ପରେ ତାହା ବାଧା ସୃଷ୍ଟି କରିଛି ଅନେକତ୍ର କିନ୍ତୁ ସଫଳ ହୋଇନାହିଁ । ଏମିତି ହୋଇଛି ତହସିଲଦାର ନିକଟରେ ଧରଣୀ ବିରୁଦ୍ଧରେ ବିଭିନ୍ନ ପ୍ରସ୍ତାବ ଉପସ୍ଥାପନା କରିଛି ଜଣେ ସଚ୍ଚୋଟ କର୍ମୀଭାବେ ଧରଣୀର ଯେଉଁ ପ୍ରତିଷ୍ଠା ରହିଛି ତାହା ଅନେକ କ୍ଷେତ୍ରରେ ଧରଣୀର ସହାୟତା କରିଛି । ଏହି ଚାକିରୀ ଜୀବନରେ ଅସହାୟତାବୋଧକୁ ସେ ବେଶ ଭଲ ଭାବେ ଅନୁଭବ କରିଛି । ଯେତେବେଳେ ନିଜର ଧର୍ମପତ୍ନୀ ଅର୍ଥ ଅଭାବରେ ଉତ୍ତମ ଚିକିତ୍ସା ନପାଇ ମୃତ୍ୟୁ ବରଣ କରିଛି ।

ନିଜ ପରିବାରର ଜଣେ ବ୍ୟକ୍ତି ଯେତେବେଳେ ସୁଦୃଢ ହୋଇ ଛିଡା ହେବାପାଇଁ ଇଙ୍ଗିତ ପାଏ ସେତେବେଳେ ସମସ୍ତ ପରିସ୍ଥିତିକୁ ସାମ୍ନା କରିବା ପାଇଁ ତା ଭିତରେ ଶକ୍ତି ସଂଚରି ଯାଏ । ଯାହା ଘଟିଛି ଧରଣୀ ଚରିତ୍ରରେ । ବାପା ଯେଉଁ ଚିଠି ଖଣ୍ଡକ ଥରେ ପଠାଇଥିଲେ ନିଜର ଭାଙ୍ଗି ପଡୁଥିବା ପରିବାରର ଅସହାୟତା ଦେଖାଇ ତାହା ବାପାଙ୍କର ଶେଷ କଥା ପଦକରେ ହୋଇଛି ନିଷ୍ପ୍ରଭ । ଧାଡିଟି ଥିଲା ଏମିତି ଗତ ସାତଦିନ ହେଲା ବୋହୂ ପିଲା ବେମାରରେ ପଡିଛନ୍ତି । ତାଙ୍କର ଉପଯୁକ୍ତ ଚିକିତ୍ସା ପାଇଁ ମୋ ନିକଟରେ ପଇସା ପତ୍ରର ଅଭାବ । ତୋ ବୋଉ ଏବଂ ମୁଁ ବୋହୂ ପିଲାର ଦେହପାଇଁ ବର୍ତ୍ତମାନ ଭାରି ବ୍ୟସ୍ତ ତେଣୁ ତୁ ଯେପରି ହେଲେ ଚିଠି ପାଇବା ସଙ୍ଗେ ସଙ୍ଗେ କେତେ ଟଙ୍କା ନିଶ୍ଚୟ ପଠାଇବୁ । ଡେରି କରିବୁନି । ହଁ ମନେରଖ ଉପବାସରେ ସିନା ରହିଛୁ, ଆର.ଆଇ ଚାକିରୀରେ ଦୁର୍ନିତିକୁ ଜମା ପ୍ରଶୟ ଦେବୁନାହିଁ ।

ପିତାଙ୍କ ଆଦର୍ଶକୁ ଅମାନ୍ୟ କରି ଧରଣୀ ନିଜ ଚାକିରୀ ଜୀବନରେ ଅନେକ ବାଧାବିଘ୍ନର ସମ୍ମୁଖୀନ କରିଛି । ସେ ଯଦି ଦୁର୍ନୀତିଗ୍ରସ୍ତ ହୋଇଥାନ୍ତା ହୁଏତ ତାର ପ୍ରାଣପ୍ରିୟା ପତ୍ନୀ ବଂଚିଯାଇ ପାରିଥାଆନ୍ତା । କିନ୍ତୁ ସାରାଜୀବନ ପିତାର ଆଦର୍ଶକୁ ଅମାନ୍ୟ କରିଥିବା ପୁଅଟିଏ ହୋଇ କଳଙ୍କ ବୋହିବାର ସାମର୍ଥ୍ୟ ଥାଆନ୍ତା କି ?

ଚାକିରୀ ଜୀବନରେ ଅସହାୟତାବୋଧ ରହିଥାଏ ଚିରକାଳ । କିଏ କିପରି ଜୀବନ ବଂଚୁଛି, ତାହାହିଁ ହେଉଛି ପ୍ରକୃତ କଥା । ଏହି ପାଉଁଶ ତଳର ନିଆଁ ନାଟକଟିରେ ପିଅନ ଚାକିରୀ କରିଥିବା ସାଧାରଣ ମଣିଷ ନିଶାକର ଜୀବନକୁ ଭଲଭାବେ ଭୋଗିପାରିଛି କି ? ତା ଜୀବନକୁ ଏହି ଚାକିରୀଟି ସଂପୂର୍ଣ୍ଣ ଆତ୍ମସନ୍ତୋଷ ପ୍ରଦାନ କରିପାରିଛି କି ? ଏହାର ଉତ୍ତର ହୁଏତ ହୋଇପାରେ ନା । ଯଦି ସେ ଜୀବନରେ ଏହି ଚାକିରୀ ପାଇବା ପରେ ଅସହାୟ ହୋଇପଡିନଥାନ୍ତା ତେବେ ଗୋଟିଏ ମଦ୍ୟପର ପରିଚୟ ନେଇ ଅନ୍ୟ ଆଖିରେ କଳଙ୍କିତ ହୋଇ ନଥାନ୍ତା । ଚାକିରୀର ଅସହାୟତା ମୂଳରେ ମଣିଷର ମାନବିକତା ତଥା ଆଦର୍ଶ ହିଁ ଅନେକ ସମୟରେ ପଛରୁ ଭିଡିଧରେ ।

ନାଟକରେ ସମାପ୍ତି ଦୃଶ୍ୟ ଆଡକୁ ଆସିଲେ ଆମେଜଣେ ସରକାରୀ କର୍ମଚାରୀର ଅସହାୟତା ପରବର୍ତ୍ତୀ ବିଚଳିତ ରୂପକୁ ସ୍ପଷ୍ଟ କରିପାରିବା । ଡାକବାଲାଠାରୁ ପ୍ରାପ୍ତ ଚିଠିରେ ନିଜ ପତ୍ନୀଙ୍କ ବିୟୋଗ ଯେପରି ଧରଣୀକୁ ମାନସିକ ସ୍ତରରେ ଭାଙ୍ଗି ପକାଇଛି ତାହା ପାଠକ ସାମ୍ନାରେ ନାଟ୍ୟକାର ବିପିନ ମହାପାତ୍ର ଜୀବନ୍ତ ସଂଳାପ ମାଧ୍ୟମରେ ଉପସ୍ଥାପନା କରିଛନ୍ତି । ତହସିଲଦାର ନିମାଇଁ ସେହି ସମୟରେ ଉପସ୍ଥିତ ଥିଲେ ଧରଣୀ ପାଖରେ । ଜଣେ ଚାକିରୀଜୀବି ବ୍ୟକ୍ତିର ପତ୍ନୀ ବିୟୋଗଜନିତ ଅସହାୟତାବୋଧର ଚିତ୍ର ଅଧିକ ପ୍ରାଣବନ୍ତ ହୋଇଛି ଦୁଇ ତିନୋଟି ସଂଳାପ ମାଧ୍ୟମରେ ।

ଧରଣୀ– "(କାନ୍ଦ ବନ୍ଦକରି ବିସ୍ଫୋରିତ ନୟନରେ) ଆରେ ଏ କଣ ଏ ବିରାଟକାୟ ଆକାଶଟା ସତେ ଯେମିତି ଛିଣ୍ଡି ପଡୁଛି ମୋ ମୁଣ୍ଡ ଉପରେ । ମୋର ପାଦ ଦିଇଟା ଯେମିତି ଅକାମି ହୋଇ ଯାଉଛି । ଆରେ ଏ କଣ ହେଲା ମୋ ଦେହଟା ଖାଲି ମରି ମରି ଯାଉଛି । ନା ନା ଆଉ ମୁଁ ବଂଚିବିନି ମୁଁ ମରିଯିବି ସୁପରଭାଇଜର ବାବୁ (ଛେଚି କଚାଡି କାନ୍ଦିଲେ)"।

ଚାକିରୀ ପରେ ଏକତାର ମୂଲ୍ୟ ହେଉଛି ସର୍ବଶ୍ରେଷ୍ଠ– ଏ ବାକ୍ୟଟିରେ ବିଶ୍ୱାସ କରନ୍ତି ନାଟ୍ୟଶିଳ୍ପୀ ବିପିନ ମହାପାତ୍ର । ଏକତା

ନଥିବା ଯୋଗୁଁ ବିଭିନ୍ନ ମନମାଳିନ୍ୟ ଘଟି ମଣିଷ ଭାରାକ୍ରାନ୍ତ ହେଉଥିଲେ ମଧ୍ୟ ଜୀବନ ଅନେକ ସମୟରେ ବିପଦ ଆଡକୁ ଅଗ୍ରସର ହୋଇଉଠେ । ଶେଷ କେତୋଟି ସଂଳାପରେ ଚାକିରୀଜୀବୀ ମଣିଷଙ୍କ ପାଇଁ ଏକତାର ମୂଲ୍ୟ କିପରି ହେବା ଉଚିତ୍ ସେ ସଂପର୍କରେ ନିମାଇଁ ଏବଂ ଧରଣୀର ବାର୍ତ୍ତାଳାପକୁ ଗୁରୁତ୍ୱର ସହ ଦୃଷ୍ଟି ଦେଇଛନ୍ତି ନାଟ୍ୟକାର ।

ଧରଣୀ – (ଅସହ୍ୟ ଏବଂ ଉତ୍ତେଜିତ ହୋଇ ) ନାଁ କିଏ କହେ ଆମେ ଆଜି ସୁପ୍ତ, ନିଷ୍କ୍ରିୟ, ଅଥର୍ବ । ତମେ କୁହ ସୁପରଭାଇଜର ବାବୁ । ହେଲେ ତମେ ସେମିତି କରିପାରିବ କି । ମୋ ସ୍ତ୍ରୀ ବେମାରରେ ମଲା ହେଲେ ମୁଁ ମରିବି ସଂଗ୍ରାମରେ । ହଁ ହଁ ମୁଁ ପ୍ରାଣମୂର୍ଚ୍ଛା ସଂଗ୍ରାମ କରିବି ମୋ ଭାଇମାନଙ୍କ ଦୁର୍ଦ୍ଦଶାକୁ ଦୂର କରିବାପାଇଁ ଏବଂ ବଜ୍ରନିର୍ଘୋଷ କଣ୍ଠରେ ଡାକରା ଦେବି ରାଜସ୍ୱ କ୍ଷେତ୍ର କର୍ମଚାରୀ ସଂଘ ଜିନ୍ଦାବାଦ । (୫)

ନିଜ ବୃତ୍ତିଗତ ଜୀବନକୁ ଯିଏ ଭଲପାଇ ବସିଛି ତା ସାମ୍ନାରେ କୌଣସି ପ୍ରକାର ପ୍ରତିବନ୍ଧକ ଅଧିକ ସମୟ ତିଷ୍ଠି ରହିପାରିନାହିଁ । ଯଦି ଚାକିରୀକୁ ତଥା ନିଜ କର୍ମଚାରୀମାନଙ୍କ ପ୍ରତି ଧରଣୀର ସେହି ପୂର୍ଣ୍ଣ ସଂପର୍କ ନଥାନ୍ତା ତେବେ ପତ୍ନୀ ବିୟୋଗ ପରେ ମଧ୍ୟ ନିଜ ବୃତ୍ତିକୁ ତଥା ଆଦର୍ଶକୁ ସେ ଶ୍ରେଷ୍ଠ ବୋଲି ମନେକରିପାରି ନଥାନ୍ତା । ଚାକିରୀଜୀବି ମଣିଷର ଅସହାୟତାବୋଧକୁ ନେଇ ନାଟ୍ୟକାର ଯେଉଁ ସୁନ୍ଦର କାହାଣୀର ପରିକଳ୍ପନା କରିଛନ୍ତି, ତାହା ବେଶ୍ ପ୍ରାଣବନ୍ତ ହୋଇଉଠିଛି ଏଥିରେ ସନ୍ଦେହର ଅବକାଶ ନାହିଁ ।

ମଣିଷ ଅସହାୟ ହୋଇପଡେ ଜୀବନର ସରଳ ଗତିପଥରେ । ଯଦି କୌଣସି ପ୍ରତିବନ୍ଧକକୁ ଭୟକରି ନିଜ ଆଦର୍ଶ ତଥା କାର୍ଯ୍ୟର ବିରୋଧୀ ହୋଇଯାଏ ତେବେ ଦୁଃଖହିଁ ମଣିଷର ଶ୍ରେଷ୍ଠତ୍ୱ ସ୍ୱୀକାର କରେ । ଚାକିରୀ ଜୀବନରେ ଅସହାୟପଣ ଆସିବା ସ୍ୱାଭାବିକ କିନ୍ତୁ ସବୁପରେବି ନିଜକୁ ସୁଦୃଢ କରି ଉପସ୍ଥାପନ କରିବା ସମସ୍ତଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ମନେହେଲେ ଜୀବନ ଆହୁରି ସାଫଲ୍ୟମଣ୍ଡିତ ହୋଇପାରିବ । ଯାହାକି ନାଟ୍ୟକାର ଶ୍ରୀଯୁକ୍ତ ମହାପାତ୍ରଙ୍କ "ପାଉଁଶ ତଳର ନିଆଁ" ନାଟକରେ ଦେଖିବାକୁ ମିଳେ । ସମାଜରେ ବସବାସ କରୁଥିବା ମଣିଷର ବୃତ୍ତିଗତ ଜୀବନକୁ ନେଇ ନାଟ୍ୟକାର ଯେଉଁପରି ରୂପ ଦେଇଛନ୍ତି ତାହା ସମାଜକୁ ନୈତିକତାର ପଥକୁ ଅଗ୍ରସର କରାଏ, ଯାହାକୁ ମୁକ୍ତ କଣ୍ଠରେ ପ୍ରତ୍ୟେକେ ସ୍ୱୀକାର କରିବେ ନିଶ୍ଚୟ ।

## ସହାୟକ ଗ୍ରନ୍ଥସୂଚୀ :


୧. ମହାପାତ୍ର ବିପିନ । ଆମ କଥା; ପାଉଁଶ ତଳର ନିଆଁ,ଟାଉନ ହଲ୍ ବ୍ରହ୍ମପୁର, ୦୧.୧୨.୧୯୮୧ ।

୨. ମହାପାତ୍ର ବିପିନ । ପାଉଁଶ ତଳର ନିଆଁ ୧୯୮୧ ପୃଷ୍ଠା–୨୫,୨୭ ।

୩. ତତ୍ରୈବ – ପୃଷ୍ଠା–୧୬ ।

୪. ତତ୍ରୈବ – ପୃଷ୍ଠା–୩୪ ।

୫. ତତ୍ରୈବ – ପୃଷ୍ଠା–୩୬ ।


❖ ❖ ❖

DOI : https://doi.org/10.5281/zenodo.16918951

ମୂଳ ପ୍ରବନ୍ଧ

# ନିମାଇଁ ଚରଣ ପଟ୍ଟନାୟକଙ୍କ ଗଳ୍ପର ଭାଷା ଓ ଶୈଳୀ : ଏକ ତାତ୍ତ୍ୱିକ ଅଧ୍ୟୟନ

**ଅଭିମନ୍ୟୁ ସାହୁ**

**ସଂକ୍ଷିପ୍ତସାର:**

ସ୍ୱାଧିନତା ପରବର୍ତୀ ଓଡ଼ିଆ ଗଳ୍ପରେ ଗାଳ୍ପିକ ନିମାଇଁ ଚରଣ ପଟ୍ଟନାୟକ ଏକ ଚର୍ଚ୍ଚିତ ଚେହେରା । ଏକାଧାରରେ ଗୋଟିଏ ଚରିତ୍ରକୁ କେନ୍ଦ୍ରକରି ସିରିଜ୍ ଗଳ୍ପ ଲେଖୁଥିବା ବ୍ୟକ୍ତି ହେଉଛନ୍ତି ଶ୍ରୀ ପଟ୍ଟନାୟକ । ପେଶା ଯେ ତାଙ୍କର ଅଧ୍ୟାପନା ଏବଂ ନିଶା ଗଳ୍ପ ରଚନା । ସମାଜରେ ଦେଖାଯାଉଥିବା ବିଭିନ୍ନ ସମସ୍ୟା ଯଥା : ମନସ୍ତତ୍ୱ ଜନିତ ନାରୀ ବୟସର କ୍ରମପରିଣତି , ରାଜନୈତିକ ସମସ୍ୟା , ବାହ୍ୟିକ ସମସ୍ୟା ଓ ଅନ୍ତର୍ନିହିତ ସମସ୍ୟାକୁ ଆଧାର କରି ତାଙ୍କ ଦ୍ୱାରା ରଚିତ ସୃଷ୍ଟି ସମ୍ଭବ ହୋଇପାରିଛି । ଗଳ୍ପରେ ଦେଖିବାକୁ ମିଳୁଛି ବ୍ୟଞ୍ଜନଧର୍ମୀ , ଚିତ୍ରକଳ୍ପ ଶବ୍ଦର ପ୍ରୟୋଗ । ଗଳ୍ପ ସମୂହରେ ଗଦ୍ୟ ଶୈଳୀ ଅପେକ୍ଷା ପଦ୍ୟ ଶୈଳୀର ବ୍ୟବହାର ଅଧିକାଂଶ ସ୍ଥାନରେ ଦେଖିବାକୁ ମିଳିଥାଏ । ଗାଳ୍ପିକଙ୍କ ସୃଷ୍ଟି ଓ ଅବିଶ୍ୱସନୀୟ , ଯେଉଁଥିରେ ଘଟଣାକୁ ଅଧିକ ପ୍ରାଧାନ୍ୟ ନ ଦେଇ ଚରିତ୍ରକୁ ଅଧିକ ପ୍ରାଧାନ୍ୟ ଦେଇଛନ୍ତି । ଗାଳ୍ପିକ କିପରି ନିଜର ସ୍ୱରଚିତ ସୃଷ୍ଟିରେ ଭାଷା ଓ ଶବ୍ଦର ସଂଯୋଜନା କରି ଓଡିଆ ଗଳ୍ପ ଜଗତକୁ ଋଦ୍ଧିମନ୍ତ କରିପାରିଛନ୍ତି, ତାହା ହେଉଛି ଆଲୋଚ୍ୟ ପ୍ରବନ୍ଧର ପ୍ରମୁଖ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ।

**ପ୍ରମୁଖ ଶବ୍ଦାବଳୀ:**

ସିରିଜ୍ ଗଳ୍ପ, ବ୍ୟଞ୍ଜନଧର୍ମୀ, କାବ୍ୟିକତା, ନାଟ୍ୟଧର୍ମୀତା, ଦୀର୍ଘ ସମାସକୀର୍ଣ୍ଣ ବାକ୍ୟ, ଚିତ୍ରକଳ୍ପ, ଢଗଢମାଳି, ଉଲୁଗୁଣା ଆଦି ।

## ବିଷୟ :

ସାଧାରଣତଃ ଶୈଳୀ ହେଉଛି ଲେଖକର ବ୍ୟକ୍ତିତ୍ୱର ପରିମାପକ । ଏଥିରେ କୌଣସି ନିର୍ଦ୍ଦିଷ୍ଟ ପ୍ରସଙ୍ଗକୁ ଆଧାର କରି ଲେଖକର ସମସ୍ତ ଭାବାନୁଚିନ୍ତା ପ୍ରକାଶ ପାଇଥାଏ । ସୁତରାଂ ସର୍ବଦା ଭାବାବସ୍ତୁ ସହିତ ଶୈଳୀର ଅନ୍ତରଙ୍ଗ ସଂପର୍କ ବିଦ୍ୟମାନ । ଲେଖାଟିଏ ଲେଖିଲା ବେଳେ ଲେଖକଟିଏ କଣ ଲେଖୁଛି ବଡ କଥା ନୁହେଁ , ଦୈନନ୍ଦିନ ଜୀବନକୁ ନେଇ ସେ କିପରି ଲେଖୁଛି ତାହା ହିଁ ଶୈଳୀ ବିଚାରରେ ତାତ୍ପର୍ଯ୍ୟପୂର୍ଣ୍ଣ । ଯେତେ ଜଣାଶୁଣା ପ୍ରସଙ୍ଗ ହେଲେ ମଧ ତାହାକୁ ସଜିତ କରି ନୂତନ ଢଙ୍ଗରେ ଉପସ୍ଥାପନା କରିବା ଦ୍ୱାରା ଲେଖାଟି ଅଧିକ ସୁନ୍ଦର ହୋଇଥାଏ । ଯେ କୌଣସି ଲେଖକର ଯଦି ବକ୍ତବ୍ୟ ସ୍ୱଚ୍ଛ ଓ ସତ୍ୟନିଷ୍ଠ ରହିଥାଏ , ସେ ଲେଖାଟି ବିଷୟ ସୌନ୍ଦର୍ଯ୍ୟମୟ ହୋଇଥିବ । ଏହାରି ଉପରେ କେବଳ ଲେଖକଙ୍କର ରଚନାଶୈଳୀ ନିର୍ଭର କରିଥାଏ । ପ୍ରସିଦ୍ଧ ଇଂଲିଶ ଗାଳ୍ପିକ ଆସ୍କାର ଓଇଲାଡ଼ କୁହନ୍ତି ,ଶିଳ୍ପୀ ଜଣେ ସ୍ରଷ୍ଟା । ସେ ସର୍ବଦା ସୃଷ୍ଟି କରିଥାନ୍ତି । ମନୋମୁଗ୍ଧକର ଶିଳ୍ପ ପାଠକକୁ ଅନୁଭୂତ କରାଇଥାଏ Axiological

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI: https://doi.org/10.5281/zenodo.16918951

Article No - BPP00319

**ଯୋଗାଯୋଗ : ଅଭିମନ୍ୟୁ ସାହୁ,** ଗବେଷକ,
ଓଡ଼ିଆ ଭାଷା, ସାହିତ୍ୟ ଓ ଅନୁବାଦ ବିଭାଗ,
ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ଭବାନୀପାଟଣା, କଳାହାଣ୍ଡି
**Email :** abhi.topnet@gmail.com
**ORCID ID:** https://orcid.org/0009-0003-1018-2514

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
| --- | --- | --- | --- |
| ୬.୦୪.୨୦୨୫ | ୧୨.୦୫.୨୦୨୫ | ୨୬.୦୬.୨୦୨୫ | ୧.୦୭.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ସାହୁ ଅଭିମନ୍ୟୁ ;୨୦୨୫। ନିମାଇଁ ଚରଣ ପଟ୍ଟନାୟକଙ୍କ ଗଳ୍ପର ଭାଷା ଓ ଶୈଳୀ: ଏକ ତାତ୍ତ୍ୱିକ ଅଧ୍ୟୟନ। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା : ଘ, ପୃଷ୍ଠା :୪୬–୪୯ ।

aspect of existence ! ଗାଳ୍ପିକତାର ଏକ୍‌ଟିଭିଟିରେ ସୁଗଠିତ ମନସ୍ତାତ୍ତ୍ୱିକ ଗୁଣ ବ୍ୟକ୍ତିତ୍ୱର ସୁସଙ୍ଗ ବିକାଶରେ ସହାୟକ ହୋଇଥାଏ ଓ ମାନବୀୟ ମନସ୍ତତ୍ତ୍ୱକୁ ଆଧାର କରି ବାହ୍ୟ ଜଗତର ଅନୁଭୂତିକୁ ଗ୍ରହଣ କରିବା ହେଉଛି ଗଳ୍ପରୂପ । ସାମାଜିକ ପଦ୍ଧତି ଅନୁସାରେ କଥାର ବିଷୟ ନିଜେ ମନୁଷ୍ୟ ଓ ତା ସମାଜ । ସାଧାରଣତଃ ଗଳ୍ପ ଖାଲି ଗୋଟିଏ ବିଷୟ ନୁହେଁ ,ମନସ୍ତତ୍ୱ ଦୃଷ୍ଟିରୁ ଏକ (Transformation of feelings) ଜଣେ ବ୍ୟକ୍ତିତ୍ୱ ଚରିତ୍ରର ପୂର୍ଣ୍ଣତା ଗଠନ ପାଇଁ ଶୈଳୀ ଏକ ଶକ୍ତିଶାଳୀ । ସମସାମୟିକ ଗାଳ୍ପିକମାନେ ନିଜସ୍ୱ ଶୈଳୀରେ, ନିଜସ୍ୱ ଢ଼ଙ୍ଗରେ ଗଳ୍ପ ଉପସ୍ଥାପନା କରୁଥିଲେ । ଗଳ୍ପ ରଚନାର ସାମାଜିକ ବାସ୍ତବତା ପ୍ରଭାବିତ କରିଥାଏ ଏବଂ ସେହି ପ୍ରଭାବ ଭବିଷ୍ୟତ ସାମାଜିକ ବାସ୍ତବତା ଗଠନର ମୁଖ୍ୟ ଆଧାର ପାଲଟିଯାଏ ।

ଶୈଳୀ ହେଉଛି ସାହିତ୍ୟର ପ୍ରମୁଖ ଅଙ୍ଗ । ଓଡ଼ିଆ ସାହିତ୍ୟ ଜଗତରେ ସ୍ଥାନିତ ସମସ୍ତ ଗାଳ୍ପିକ ମାନଙ୍କର ନିଜସ୍ୱ ଶୈଳୀ ରହିଛି । ଶୈଳୀ ହେଉଛି ଏପରି ଏକ ଶବ୍ଦ ଯାହା ପାଠକ ପାଠିକା ମାନଙ୍କୁ ଜାବୁଡ଼ି ଧରି ରଖିପାରେ । ଭାବ ପ୍ରବଣତାର ମାଧ୍ୟମ ହେଉଛି ଶୈଳୀ । ଯେପରି ସୁରେନ୍ଦ୍ର ମହାନ୍ତିଙ୍କ ଶୈଳୀ; ମହାପାତ୍ର ନୀଳମଣି ସାହୁଙ୍କ ଲେଖାଠାରୁ ଭିନ୍ନ ଅଟେ । ଏପରି ଅନେକ ଲେଖକ ଅଛନ୍ତି ଯେଉଁମାନଙ୍କର ନିଜସ୍ୱ ସ୍ୱତନ୍ତ୍ରତା ରହିଅଛି, ସେହିପରି ଗାଳ୍ପିକ ନିମାଇଁ ଚରଣ ପଟ୍ଟନାୟକଙ୍କ ଗଳ୍ପର ଶୈଳୀ ସଂପୂର୍ଣ୍ଣ ଭିନ୍ନ ମନେହୁଏ । ସେ ତାଙ୍କର ଗଳ୍ପରେ କାବ୍ୟିକତା ,ନାଟ୍ୟଧର୍ମିତା ,ସଂକ୍ଷିପ୍ତ ବାକ୍ୟ, ଦୀର୍ଘସମାସକୀର୍ଣ୍ଣ ବାକ୍ୟ, ଚିତ୍ରକଳ୍ପ ଆଦିର ପ୍ରୟୋଗ କରିଥିବାର ମନେହୁଏ ଏବଂ ବିଭିନ୍ନ ପ୍ରକାର ଗ୍ରାମୀଣ ଶବ୍ଦ ,ତତ୍ସମ ଶବ୍ଦ ,ଇଂରାଜୀ ଶବ୍ଦର ବହୁଳ ବ୍ୟବହାର କରିଥିବାର ମନେହୁଏ । ସାଧାରଣତଃ ନିମାଇଁ ପଟ୍ଟନାୟକଙ୍କ ଗଳ୍ପର ଅଧିକାଂଶ ବିଷୟ ବସ୍ତୁରେ ବର୍ଣ୍ଣନାଧର୍ମୀ ଶୈଳୀ ପ୍ରୟୋଗ ଦେଖିବାକୁ ମିଳିଥାଏ ।

## ଶୈଳୀ ଅନେକ ପ୍ରକାରର ଯଥା :

୧-ଆକାର ହ୍ରସ୍ୱତା ୨-ଦୀର୍ଘାୟତନତା ୩-ଆତ୍ମକଥନ ଶୈଳୀ ୪-ସମ୍ବାଦ ଶୈଳୀ ୫-ଡାଏରି ଲିଖନ ଶୈଳୀ ୬-କାବ୍ୟିକତା ୭- ନାଟ୍ୟଧର୍ମୀତା ୮-ଅନୁବର୍ତ୍ତନ ଧର୍ମୀତା ୯-ଚେତନା ପ୍ରବାହ ଶୈଳୀ ଇତ୍ୟାଦି ।

ଓଡିଆ କ୍ଷୁଦ୍ରଗଳ୍ପରେ ଶୈଳୀ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ । ଯାହା ମାଧ୍ୟମରେ ସ୍ରଷ୍ଟା ପାଠକ ସହିତ ଆପଣାର ସଂପର୍କ ସୁଦୃଢ କରିଥାଏ । ସ୍ରଷ୍ଟା ଭେଦରେ ଶୈଳୀ ଭିନ୍ନ ଭିନ୍ନ ହୋଇଥାଏ । ଏ ସମ୍ପର୍କରେ ଆଲୋଚକ ଡକ୍ଟର ପ୍ରକାଶ କୁମାର ପରିଡ଼ା କୁହନ୍ତି ଶୈଳୀ ପରିବର୍ତ୍ତନରେ ମୁଖ୍ୟତଃ ୪ ଗୋଟି ମୁଖ୍ୟ ଭୂମି ହେଉଛି (କ) ସ୍ରଷ୍ଟାର ବ୍ୟକ୍ତିତ୍ୱର ଭିନ୍ନତା , (ଖ) ଅନୁଭୂତିର ଭିନ୍ନତା ଓ ସ୍ୱାତନ୍ତ୍ର୍ୟ , (ଗ) ସମୟର ଦାବି , (ଘ) ନୂତନ ଢଙ୍ଗରେ ବକ୍ତବ୍ୟ ପ୍ରକାଶର ମୋହ ।

## ଆକାର ହ୍ରସ୍ୱତା :

ଆକାରଗତ ଦୃଷ୍ଟିରୁ କ୍ଷୁଦ୍ରଗଳ୍ପ କ୍ଷୁଦ୍ର ବା ବୃହତ୍ ଯାହା ହେଲେ ବି ତାହା ଚରିତ୍ର, ଘଟଣା ଏବଂ ବକ୍ତବ୍ୟରେ ସଂକ୍ଷିପ୍ତତା ପୋଷଣ କରିଥାଏ । ସମାଲୋଚକ ପ୍ରକାଶ କୁମାର ପରିଡ଼ାଙ୍କ ମତରେ ଯେକୌଣସି ସାହିତ୍ୟକୃତୀ ତାହା ଯେତେ ଦୀର୍ଘ ହେଉ ନା କାହିଁକି ତାର ବକ୍ତବ୍ୟ ସଂକ୍ଷେପରେ ପ୍ରକାଶ କରିହେବ ।

## ଆତ୍ମକଥନ ଶୈଳୀ :

ଆମ ଚତୁଃପାର୍ଶ୍ୱ ଦୃଶ୍ୟମାନ ଜଗତରେ ଘଟୁଥିବା ସମସ୍ତ ଘଟଣା ଏବଂ ଚରିତ୍ରକୁ ରୂପ ଦେବାରେ ଗାଳ୍ପିକ ହିଁ ବିଧାତା ସାଜିଥାଏ । ଏଥିରୁ ସେ ନିଜେ ବି ବାଦ୍ ପଡି ନ ଥାଏ । ଚରିତ୍ର ଉପରେ ସବାର ହୋଇ ସେ ତାର ବକ୍ତବ୍ୟ ପରି ପ୍ରକାଶ କରିଥାଏ । ଅନ୍ୟର ଜୀବନାଦର୍ଶକୁ ରୂପ, ରଙ୍ଗ,ରସରେ ତିଆରି କରୁ କରୁ ନିଜ ଜୀବନର କଥା କହିବାକୁ ସେ କୌତୂହଳୀ ହୋଇଥାଏ । ଏଥିରେ ଗାଳ୍ପିକ ନିଜେ ଗଳ୍ପର ଚରିତ୍ର ହୋଇଯାଏ । ଗଳ୍ପର ବର୍ଣ୍ଣନାରେ ମୁଁ , ମୋର ଇତ୍ୟାଦି ଶବ୍ଦର ବ୍ୟବହାର କରାଯାଇ ଆରମ୍ଭରୁ ପରିସମାପ୍ତି ପର୍ଯ୍ୟନ୍ତ ଗାଳ୍ପିକ ନିଜେ ଗଳ୍ପ ନାୟକ ହୋଇଯାଏ ।

## ସମ୍ବାଦ ଶୈଳୀ :

ଆଞ୍ଚଳିକ ଘଟଣାବଳୀ ଠାରୁ ଆରମ୍ଭ କରି ବିଶ୍ୱବ୍ୟାପୀ ଦୈନନ୍ଦିନ ଜୀବନର କ୍ରିୟା ପ୍ରତିକ୍ରିୟା ସମସ୍ତ ଘଟଣା ସମ୍ବାଦପତ୍ର ଗୁଡ଼ିକର ପୃଷ୍ଠା ମଣ୍ଡନ କରିଥାଏ । ସମ୍ବାଦ ପରିବେଷଣକୁ ନେଇ ଗଳ୍ପ ରଚନା କରିବା ହିଁ ସମ୍ବାଦ ପରିବେଷଣ ଶୈଳୀ । ଏଥିରେ ଗଳ୍ପ ପାଇଁ ଘଟଣା ଚୟନ କରାଯାଇ ପାରିବ ଏବଂ ଗଳ୍ପର ସ୍ରୋତକୁ ଅନୁସରଣ କରାଯାଇପାରେ ।

## ଡାଏରୀ ଲିଖନ ଶୈଳୀ :

ଗାଳ୍ପିକ ନିମାଇଁ ଚରଣ ପଟ୍ଟନାୟକ ସ୍ୱଳ୍ପ ସମୟ ବ୍ୟବଧାନରେ ୪ଗୋଟି ଗଳ୍ପ ସଂକଳନ ଓ ୩ ଗୋଟି ନାଟ୍ୟ ରଚନା ସୃଷ୍ଟି କରିପାରିଛନ୍ତି । ଏତଦ୍ ବ୍ୟତୀତ ପଣ୍ଡିତ ବିଷ୍ଣୁଶର୍ମା ପଞ୍ଚତନ୍ତ୍ର କାହାଣୀକୁ ଆଧାର କରି ପ୍ରାଚୀନ ଅନୁବର୍ତନ ଶୈଳୀ / ପନଚତନ୍ତ୍ର ଶୈଳୀରେ ୪ଗୋଟି ଗଳ୍ପ ରଚନା କରିଛନ୍ତି । ଯଥା : ସାଂପ୍ରତିକ ସମୟରେ ଦେଖା ଯାଉଥିବା ସାମାଜିକ, ରାଜନୈତିକ ଓ ବ୍ୟଙ୍ଗାତ୍ମକ ଶୈଳୀ ପର୍ଯ୍ୟବେସିତ ।

ନିମାଇଁ ପଟ୍ଟନାୟକ ତାଙ୍କ ଗଳ୍ପରେ ଭାଷା ପ୍ରୟୋଗର କଳା-କୌଶଳ-ଚାତୁର୍ଯ୍ୟ ପ୍ରଦର୍ଶନ କରିନାହାନ୍ତି । ସହଜ ଓ ସରଳ ଭାବରେ ସେ ଗଳ୍ପ ରଚନା କରିଛନ୍ତି । ତାଙ୍କ ରଚିତ ଗଳ୍ପରେ ବିବିଧତା ପରିଲକ୍ଷିତ ହେଉନଥିବାରୁ ଭିନ୍ନଧର୍ମୀ ଚରିତ୍ର ନାହାନ୍ତି ,ଭିନ୍ନ ଭିନ୍ନ ପରିବେଶ ନାହିଁ ଏଣୁ ଭାଷାର ଭିନ୍ନତା ବା ବିବିଧତା ନାହିଁ । ବରଂ ନିମାଇଁ ପଟ୍ଟନାୟକଙ୍କର ଗଳ୍ପର ଏକ ସ୍ୱତନ୍ତ୍ର ଭାଷା ରହିଅଛି । ଗଳ୍ପର ଉପସ୍ଥାପନା ଶୈଳୀ ଖୁବ୍ ଚମତ୍କାର ଓ ମର୍ମସ୍ପର୍ଶୀ । ସାଧାରଣତଃ ରାଜନୀତିକ ବ୍ୟଙ୍ଗଗଳ୍ପରେ କେତେକ ରାଜନୈତିକ ପାରିଭାଷିକ ଶବ୍ଦ, ମନସ୍ତାତ୍ତ୍ୱିକ ଗଳ୍ପ ବର୍ଗରେ ଥିବା ଗଳ୍ପରେ ମନସ୍ତତ୍ତ୍ୱର ପାରିଭାଷିକ ଶବ୍ଦ, ଯୁଦ୍ଧ ସନ୍ତ୍ରାସ ବିଷୟକ ଗଳ୍ପରେ ସେନା ସମ୍ବନ୍ଧିତ ଶବ୍ଦର ପ୍ରୟୋଗ ନିମାଇଁ ପଟ୍ଟନାୟକଙ୍କ ଗଳ୍ପରେ ଦେଖିବାକୁ ପାଇଥାଉ । ମାତ୍ର; ଶ୍ରୀ ପଟ୍ଟନାୟକଙ୍କ ଗଳ୍ପ ଭାଷାରେ କବିତାର ଅନ୍ତରୀଣ ପ୍ରବାହ ଥିବାରୁ ଅନେକତ୍ର କାବ୍ୟ ଭାଷା ଏହି ନାଟକୀୟତାର ପ୍ରୟୋଗ ଏବଂ ପ୍ରାଚୀନ ଗଳ୍ପଧାରା ଭିତିକ ଗଳ୍ପ ଥିବାରୁ ସଂସ୍କୃତାୟିତ ଭାଷା ପ୍ରୟୋଗ ହୋଇଥିବା ଲକ୍ଷ୍ୟ କରାଯାଏ ।

ନିମାଇଁ ପଟ୍ଟନାୟକ ତାଙ୍କ ଗଳ୍ପରୁ କେତେକ ବିଶିଷ୍ଟ ଭାଷା,ଶବ୍ଦ ଓ ଶୈଳୀର ନମୁନା ନିର୍ବାଚନ କରି ତାଙ୍କ ଭାଷା ଶୈଳୀର ପରିଚୟ ନିମ୍ନରେ ପ୍ରଦାନ କରାଯାଇଛି ।

**ସଂକ୍ଷିପ୍ତ ବାକ୍ୟ :**

ସାଧାରଣତଃ ନିମାଇଁ ପଟ୍ଟନାୟକ ତାଙ୍କ ଗଳ୍ପରେ ଅନେକ ସମୟରେ ସଂକ୍ଷିପ୍ତ ଓ ଅସମାପିକା ବାକ୍ୟ ବ୍ୟବହାର କରିଥାନ୍ତି । ମନସ୍ତାତ୍ତ୍ୱିକ ଗଳ୍ପରେ ଏପରି ଭାଷାର ପ୍ରୟୋଗ ଲେଖକର ଦକ୍ଷତାର ଅପେକ୍ଷା ରଖେ । କାରଣ ମନସ୍ତାତ୍ତ୍ୱିକ ଗଳ୍ପରେ ଘଟଣା ଏତେ ଦ୍ରୁତ ଘଟେ ନାହିଁ ମାତ୍ର ; ଘଟଣାକୁ ନେଇ ଚରିତ୍ରର ଭାବନା ଦ୍ରୁତ ହୋଇଉଠେ । ଯଥାର୍ଥରେ ନିମାଇଁ ପଟ୍ଟନାୟକ ତାଙ୍କ ଗଳ୍ପରେ ଅଳ୍ପ ପଦ ବ୍ୟବହୃତ ପାଇଁ ସଂକ୍ଷିପ୍ତ ବାକ୍ୟ ପ୍ରୟୋଗ କରିଥାନ୍ତି ।

**ଉଦାହରଣ -**

ସମୟ - ରାତି । ରାତି ଶୀଘ୍ର ପାଉନାହିଁ । (ଜତୁଗୃହ)
ଛାତିରେ ଯନ୍ତ୍ରଣା । ଯନ୍ତ୍ରଣା ମଥା ଭିତରେ । (ଜତୁଗୃହ)
ହସୁଛି ଶୁଷ୍କହସ । ନିଷ୍ପ୍ରାଣ ହସ । (ଅନ୍ତଃସ୍ୱର)

କେତେପାଣି । ନେଳି ଚକ୍ ଚକ୍ ପାଣି । ଭଉଁର ଭଳି ନେଳି । କେନାଲରେ ପାଣି ଘୂରି ଚାଲିଛି । ନାଳପାଣି କୁଳୁକୁଳୁ ହୁଏ । ଏ ପାଣି ହେଉନି । (ଫଗୁଣ ସକାଳ)

**କାବ୍ୟିକତା -**

ଏତଦ୍ ବ୍ୟତୀତ ଗଳ୍ପ ମଧ୍ୟରେ କାବ୍ୟିକତା ଧର୍ମର ପ୍ରୟୋଗ ମଧ୍ୟ କରିଛନ୍ତି । କାବ୍ୟିକ ଭାଷା ପ୍ରୟୋଗ କବିତା ସୁଲଭ ରଚନା ଗୀତି ମଧ୍ୟ ନିମାଇଁ ପଟ୍ଟନାୟକଙ୍କ ଗଳ୍ପରେ ପ୍ରଯୁକ୍ତ ।

ଆବେଗର ସ୍ୱର-

ମାରିବିନି, ମାରିବିନି, ମାରିବିନି, ମାରିବିନି, ମାରିବିନି

କାତରତାର ସ୍ୱର -

ଛାଡ଼ିଦିଅ, ଛାଡ଼ିଦିଅ, ଛାଡ଼ିଦିଅ, ଛାଡ଼ିଦିଅ, ଛାଡ଼ିଦିଅ
କିଛି କରିବିନି, କିଛି କରିବିନି, କିଛି କରିବିନି
ନା, ନା, ନା, ନାନାନାନାନା
ରହ ରହ ରହ ରହ ରରରର
ଆରେ ଆରେ ଆରେ ଆରେ ଆରେ (ଅନ୍ତଃସ୍ୱର)

ନିମାଇଁ ପଟ୍ଟନାୟକଙ୍କ କେତେକ ଗଳ୍ପରେ କବିତାଂଶ,ଢଗ ଉଲୁଗୁଣା,ପ୍ରବଚନ ଆଦି ପଦ୍ୟାଂଶ ବ୍ୟବହୃତ । ଚରିତ୍ରର ମନୋଭାବ ସହିତ ଚରିତ୍ରର ବାହ୍ୟ ଓ ଅନ୍ତଃରୂପର ପରିଚୟ ମଧ୍ୟ ଦିଆଯାଇଥାଏ ସ୍ଥଳ ବିଶେଷରେ ।

'ବସନ୍ତ ଆସିଲା ଫଗୁଣ ସକାଳେ
କୁହୁ କୁହୁ ଡାକେ କୋକିଳ
ନରମ ଖରାରେ ଧରା ଚମକିଲା
ମହକିଲା ବନେ ବଉଳ '। (ଫଗୁଣ ସକାଳ)

'କୋଦେଇ ମାତା
ଦିଅଁ ଦେବତା' ।

'ଜହ୍ନି ଫୁଲ ଠୋ ଠା
କାକୁଡ଼ି ଫୁଲ ଠୋ ଠା

ଡୁଙ୍ଗେଇ ମୂଷା କହିଯାଇଛି
ଚାଉଳ ପୁଜିଏ ଥୋଇଥା '। (ଇନ୍ଦ୍ରଧନୁ)

'ମାଇ ଗୁଲିଆ ଗୋପିଆ ସାହୁ
ମାଇପ ହାତରୁ କହୁଣି ଖାଉ' । (ଇନ୍ଦ୍ରଧନୁ)

'ଦି ଗ୍ରାସ ଇଜ୍ ଗ୍ରୀନ୍
ଦି ରୋଜ୍ ଇଜ୍ ରେଡ୍
ଦିସ୍ ବୁକ୍ ଇଜ୍ ମାଇନ୍
ଟିଲ୍ ଆଇ ଆମ୍ ଡେଡ୍ '। (ପ୍ରଜାପତିର ଜନ୍ମ)

ଏହିପରି ଭାବରେ ଅନେକ ଗଳ୍ପରେ ଢଗ , ଢମାଳି, ପ୍ରବଚନ ଇତ୍ୟାଦିରେ ପ୍ରୟୋଗ କରିବା ଦ୍ୱାରା ପାଠକମାନଙ୍କ ମନକୁ ଏହା ଚିତାକର୍ଷକ କରାଇଥାଏ ।

**ନାଟ୍ୟଧର୍ମୀତା :**

ନିମାଇଁ ପଟ୍ଟନାୟକ ଜଣେ ନାଟ୍ୟକାର (ଏକାଙ୍କିକାକାର) । ତାଙ୍କ ଗଳ୍ପରେ ନାଟ୍ୟ ରଚନା ରୀତିର ମଧ୍ୟ ପ୍ରୟୋଗ ପରିଲକ୍ଷିତ ହୋଇଥାଏ । ଗଳ୍ପରେ ସଂଳାପ ପ୍ରତିସଂଳାପରୁ ଆମେ ତାହା ଦେଖିପାରିବା । ଯଥାର୍ଥରେ ଗଳ୍ପରେ ନାଟ୍ୟରୀତି ପ୍ରୟୋଗର ନମୁନା ଦେଖିବାକୁ ମିଳେ ।

**ଉଦାହରଣ –**

ମଣ୍ଡୂକ ଗଳ୍ପଟି ଆଦ୍ୟପ୍ରାନ୍ତ ନାଟକରୀତିରେ ଲିଖିତ । ପ୍ରତ୍ୟେକ ଧାଡି କେବଳ ସଳାଂପ ଅଟେ । ଚରିତ୍ରର ନାମ ନାହିଁ । ନାଟ୍ୟଭାଷା ପରି ସେହି ବାକ୍ୟରେ ପ୍ରତିଟି ଚରିତ୍ର ଉତରର ଅପେକ୍ଷା ଅଛି ।

ମତେ ଭଲ ଲାଗୁନି........
ଲାଗିବ ମ ।
ନାହିଁ ଭଲ ଲାଗୁନି...... କିଛି ଭଲ ଲାଗୁନି ।
କଣ ଲାଗୁଛି ?
କଣ ଲାଗୁଛି ? କେମିତି... କେମିତି ...କହିବି ?
ତୁମ ଦେହ ରିସ୍ ରିସ୍ ଲାଗୁଛି କି ?
(ଅନୁଭବ କରି) ସତେ ତ ..... ।
ମୁଣ୍ଡ ?

***ସାହୁ:** ନିମାଇଁ ଚରଣ ପଟ୍ଟନାୟକଙ୍କ ଗଳ୍ପର ଭାଷା ଓ ଶୈଳୀ :*

ଝିମ୍ ଝିମ୍ ଲାଗୁଛି ।
ଜିଭ ?
ଟାଣି ହୋଇଯାଉଛି ।
ଆଖି ?
ଲାଗୁଛି ଛୋଟ ପେଣ୍ଡୁ, ଆଉ ଭିତରକୁ ପଶିଗଲା ପରି ।
(ମଣ୍ଡୂକ - ପୃ - ୪୯)

ଏହିପରି ତାଙ୍କ ନାଟକରେ ଆମେ ନାଟ୍ୟଭାଷା ସହିତ ନାଟ୍ୟରୀତିର ପ୍ରୟୋଗ ଦେଖିପାରିବା । ଉଭଟ ନାଟକର ସଳାଂପ ଗୁଡ଼ିକ ସଂକ୍ଷିପ୍ତ । ଅସମାପିକା ବାକ୍ୟରେ ନିର୍ମିତ ।

**ଦୀର୍ଘ ସମାସକୀର୍ଣ୍ଣ ବାକ୍ୟ :**

ଗାଳ୍ପିକ ନିମାଇଁ ଚରଣ ପଟ୍ଟନାୟକ ଗଳ୍ପ ଭାଷାରେ ଅନେକତ୍ର ଦୀର୍ଘବାକ୍ୟ ଓ ସମାସଯୁକ୍ତ ପଦର ବ୍ୟବହାର ମଧ୍ୟ ଦେଖିବାକୁ ମିଳେ । ଯେତେବେଳେ ଗଳ୍ପରେ ସ୍ଥାନିତ ଚରିତ୍ରର ଉତ୍କଣ୍ଠା-ଆଗ୍ରହ-ଅଭିଳାଷ କିମ୍ବା ଅନ୍ୟମନସ୍କ ଚିନ୍ତା ଗୁଡ଼ିକ ପ୍ରସଙ୍ଗ ରୂପେ ଆସିଛି ସେଠାରେ ନିମାଇଁ ପଟ୍ଟନାୟକ ଦୀର୍ଘ ବାକ୍ୟ , ଦୀର୍ଘ ଅନୁଚ୍ଛେଦ ପ୍ରୟୋଗ କରିଥିବାର ଦେଖାଯାଏ ।

"ସତରେ ଯଦି କେବେ ଟ୍ରକ୍ ଜିପ୍ ଧକ୍କା ଖାଇ ଡାକ୍ତର ଖାନାରେ ମଲା ଗଲା ଅବସ୍ଥାରେ ପଡନ୍ତି ଏବଂ ଡାକ୍ତର ମୋର ବନ୍‌ଚିବାର ଆଶା ଛାଡିଦିଅନ୍ତେ ,ତା ହେଲେ ଗୁନା ଭାଇ ନିଶ୍ଚେ ଦେଖିବାକୁ ଯାଆନ୍ତେ "। ( ପ୍ରଜାପତିର ଜନ୍ମ ,ପୃ-୭୩)

❖ ❖ ❖

DOI : https://doi.org/10.5281/zenodo.16918987 ମୂଳ ପ୍ରବନ୍ଧ

# କୁନ୍ତଳା କୁମାରୀଙ୍କ ଉପନ୍ୟାସର କାହାଣୀ ବିଭବ

**ସନ୍ଦିପ୍ତା ପାଢୀ**

**ସଂକ୍ଷିପ୍ତସାର :**

ମଣିଷର ବାସ୍ତବ ଓ ପୂର୍ଣ୍ଣାଙ୍ଗ ଜୀବନର କାଳ୍ପନିକ ଗଦ୍ୟ କାହାଣୀ ହେଉଛି ଉପନ୍ୟାସ । ସମାଜରେ ବସବାସ କରୁଥିବା ମଣିଷ ଜୀବନର ଏକ ଅଖଣ୍ଡ ପରିପୂର୍ଣ୍ଣ ଚିତ୍ର ଏଥିରେ ପ୍ରଦତ୍ତ ହୋଇଥାଏ । ଔପନ୍ୟାସିକଙ୍କ ବ୍ୟକ୍ତିଗତ ଦୃଷ୍ଟିଭଂଗୀ ଓ ଜୀବନାଭୂତି ଏହାର ଗଳ୍ପ ବା ଆଖ୍ୟାନ ଭାଗରେ ପରୋକ୍ଷ ଭାବରେ ପ୍ରକାଶିତ ହୁଏ । ଏଣୁ ଏଥିରେ ଅସମ୍ଭବ, ଅପ୍ରାକୃତିକ ଘଟଣା ବା କଥାବସ୍ତୁକୁ ସ୍ଥାନ ଦିଆଯାଇ ନଥାଏ । ଅତଏବ ଏହାର ଗଳ୍ପ ବା କାହାଣୀ ସର୍ବଦା ବାସ୍ତବ ଓ ବିଶ୍ୱାସଯୋଗ୍ୟ ହେବା ବାଞ୍ଛନୀୟ । ଏହାଦ୍ୱାରା ଉପନ୍ୟାସ କାହାଣୀ ବିସ୍ମୟୋଦ୍ଦୀପକ ଓ କୌତୂହଳପ୍ରଦ ହୋଇଥାଏ । କାହାଣୀ ବା ଆଖ୍ୟାନ ଭାଗର ସଫଳତା ଉପନ୍ୟାସର ସଫଳତା ଆନୟନରେ ବିସ୍ତୃତ ମୁଖ୍ୟସ୍ଥାନ ଗ୍ରହଣ କରିଥିବା ହେତୁ ଏହାକୁ ଉପନ୍ୟାସର ଆତ୍ମିକ ବିଭବ ଭାବେ ଆଲୋଚକମାନେ ଗ୍ରହଣ କରିଅଛନ୍ତି । ଏହାଦ୍ୱାରା ଔପନ୍ୟାସିକଙ୍କର ଶୈଳ୍ପିକ ପ୍ରତିଭାର ମୂଲ୍ୟାୟନ କରାଯିବା ସହିତ ଉପନ୍ୟାସରେ ବୈଶିଷ୍ଟ୍ୟ ବିଚାର କରାଯାଇଥାଏ । କାହାଣୀ (Plot) କାଳାନୁକ୍ରମରେ ସଜ୍ଜିତ ହୋଇଥିବା ଘଟଣାସ୍ରୋତ, ଯାହା ପାଠକର କୌତୂହଳ ଜାଗ୍ରତ କରେ ତାହା ଆଖ୍ୟାନଭାଗ ବା କାହାଣୀ (Plot) ଭାବରେ ପରିଚିତ । ଏହା ଉପନ୍ୟାସର ମୂଳଭିତ୍ତି ଭାବରେ ଗୃହୀତ । ଉପନ୍ୟାସ ଏତାଦୃଶ ଭିତ୍ତି ଉପରେ ଠିଆହୋଇ ପାଠକ ପାଖରେ ଉପନୀତ ହୁଏ ଓ କଥା କହେ । ଏଣୁ କଥାକୁହା ଉପନ୍ୟାସ ପାଇଁ କଥାବସ୍ତୁ ବା କାହାଣୀ ଏକାନ୍ତ ଭାବରେ ଅପରିହାର୍ଯ୍ୟ । ମଣିଷ ଜୀବନର ନିଛକ ପ୍ରତିଛବି ଉପନ୍ୟାସର ଆଖ୍ୟାନ ଭାଗ ବା କାହାଣୀରେ ଫୁଟିଉଠେ ବୋଲି ଆଲୋଚକମାନେ ଉପନ୍ୟାସକୁ ଜୀବନରୂପୀ ରାସ୍ତାର ଧାବମାନ ଦର୍ପଣ ଭାବରେ ଗ୍ରହଣ କରିଅଛନ୍ତି । ସଫଳ ଆଖ୍ୟାନଭାଗ ବା କଥାବସ୍ତୁ ବା କାହାଣୀ ବା ଗଳ୍ପ ଉପରେ ଉପନ୍ୟାସର ସଫଳତା ଅନେକ ପରିମାଣରେ ନିର୍ଭର କରିଥାଏ । ସାଂପ୍ରତିକ କାଳରେ ଉପନ୍ୟାସର କାହାଣୀ ବିନ୍ୟାସର ଧାରା ପରିବର୍ତ୍ତିତ ରୂପ ଗ୍ରହଣ କରିଥିଲେ ମଧ ଅଷ୍ଟାଦଶ ଶତାବ୍ଦୀର ଗତାନୁଗତିକ ପଥ ଛାଡ଼ି ଉପନ୍ୟାସର କାହାଣୀ ମାନବ ଜୀବନର ସାମଗ୍ରିକ ମୂଲ୍ୟ ରୂପାୟନ କରିବାରେ ଆଗେଇ ଚାଲିଛି ସତ; ମାତ୍ର ପ୍ଲଟ ବା କାହାଣୀକୁ ପରିହାର କରି କେହିକେବେ ଉପନ୍ୟାସ ରଚନା କରିବାରେ ସଫଳତା ଲାଭ କରିପାରି ନାହାନ୍ତି । କାରଣ କାହାଣୀ ବା ପ୍ଲଟ ରୂପୀ ଆତ୍ମିକ ରୂପବିଭବ ବ୍ୟତିରେକ ଉପନ୍ୟାସ ସୃଷ୍ଟି କରିବା ସମ୍ଭବ ନୁହେଁ । ଏଣୁ ମୁଖ୍ୟ କାହାଣୀ (Main plot) ସହିତ ଉପକାହାଣୀ (Sub-plot)ର ମଧୁର ସମନ୍ୱୟରେ ଏକ ସାର୍ଥକ ଉପନ୍ୟାସ ପରିକଳ୍ପନା ବ୍ୟତିରେକ ଉପନ୍ୟାସର ସୃଷ୍ଟି ଅସମ୍ଭବ ବ୍ୟାପାର ।

ଉପନ୍ୟାସର ଆତ୍ମିକ ବିଭବ ଆଖ୍ୟାନବସ୍ତୁ ବା କାହାଣୀ ଏକ ବିଶେଷ ଉପାଦାନ । ଏହା ଉପନ୍ୟାସକୁ ପଠନ କରିବା ନିମନ୍ତେ ପ୍ରେରଣା ଦିଏ ଓ ଶେଷ କରିବା ପାଇଁ କୌତୂହଳ ଜାତ କରିବା ସମେତ ପାଠକ ଶେଷପର୍ଯ୍ୟନ୍ତ ନ ପଢ଼ି ରହିପାରେନା । ଆରମ୍ଭ, ଘଟଣା ପ୍ରବାହ, ଶୀର୍ଷବିନ୍ଦୁ, ଘଟଣାର ସଂକୋଚନ ଓ ପରିସମାପ୍ତି କ୍ରମରେ କାହାଣୀକୁ ସୁସଜ୍ଜିତ କରି ଉପନ୍ୟାସକାର ସୃଷ୍ଟିକରେ ଉପନ୍ୟାସ । ସୁଚିନ୍ତିତ କାହାଣୀ ବା ଗଳ୍ପଟିଏ ନିର୍ବାଚିତ କରି ଉପନ୍ୟାସଟିଏ ଲେଖିବା

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI: https://doi.org/10.5281/zenodo.16918987
Article No - BPP00320

**ଯୋଗାଯୋଗ : ସନ୍ଦିପ୍ତା ପାଢୀ,** ଗବେଷିକା, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ମହାରାଜା ଶ୍ରୀରାମଚନ୍ଦ୍ର ଭଂଜଦେଓ ବିଶ୍ୱବିଦ୍ୟାଳୟ, ବାରିପଦା, ମୟୂରଭଂଜ
**Email**: sandiptaparhi5@gmail.com
**ORCID ID:** https://orcid.org/0009-0000-4948-2512

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
| --- | --- | --- | --- |
| ୫.୦୪.୨୦୨୫ | ୧୨.୦୫.୨୦୨୫ | ୨୭.୦୬.୨୦୨୫ | ୧.୦୭.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ପାଢୀ, ସନ୍ଦିପ୍ତା, ୨୦୨୫ । କୁନ୍ତଳା କୁମାରୀଙ୍କ ଉପନ୍ୟାସର କାହାଣୀ ବିଭବ । ବାସ୍ତବତାର ପରିପ୍ରକାଶ ପ୍ରାଚୀ । ଭାଗ :୧୧, ସଂଖ୍ୟା: ଘ, ପୃଷ୍ଠା : ୫୦-୫୯ ।

ଆରମ୍ଭ କରିବା ପରେ ନିର୍ବାଚିତ ପ୍ଲଟଟିକୁ କେଉଁ କେଉଁ ଘଟଣା ମଧ୍ୟଦେଇ ଗତି କରାଯାଇପାରିବ ଓ ତାହା ଔପନ୍ୟାସିକଙ୍କ ଉପରେ ସଂପୂର୍ଣ୍ଣ ନିର୍ଭର କରେ। ଘଟଣା ପ୍ରବାହ ବା ଉପନ୍ୟାସର ମଧ୍ୟଭାଗରେ ବର୍ଣ୍ଣିତ ଚରିତ୍ରମାନଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟିହେବା ସହିତ ଘଟଣାରେ ଦେଖାଦିଏ ଜଟିଳତା। ଉପନ୍ୟାସକାର ରଚନାର ଶେଷରେ ବା ଶୀର୍ଷବିନ୍ଦୁରେ ମିଳନ, ବିଚ୍ଛେଦ ବା ଅନ୍ୟ କୌଣସି ନିଷ୍କର୍ଷରେ ଉପନୀତ ହୋଇ କଥାବସ୍ତୁର ପରିସମାପ୍ତି ଘଟାନ୍ତି। ତେଣୁ କାହାଣୀ ପରିବେଷଣରେ ଔପନ୍ୟାସିକଙ୍କ ଦକ୍ଷତା ଉପରେ ରଚନାର ସଫଳତା ନିର୍ଭର କରେ। ଓଡ଼ିଆ ଉପନ୍ୟାସ ସାହିତ୍ୟର ପ୍ରାରମ୍ଭିକ ପର୍ଯ୍ୟାୟର ସ୍ରଷ୍ଟା କୁନ୍ତଳା କୁମାରୀ ଜଣେ ପ୍ରତିଭାବାନ ଶିଳ୍ପୀ। ତାଙ୍କର 'ଭ୍ରାନ୍ତି', 'ନଅତୁଣ୍ଡୀ', 'କାଳୀବୋହୂ', 'ପରଶମଣି', 'ରଘୁ ଅରକ୍ଷିତ' ଇତ୍ୟାଦି ପାଞ୍ଚଗୋଟି ସଫଳ ଉପନ୍ୟାସ ଓଡ଼ିଆ ଉପନ୍ୟାସ ସାହିତ୍ୟର ଗନ୍ତାଘରକୁ ସମୃଦ୍ଧ କରି ଗଢିତୋଳିଛି। ସେ ପରବର୍ତ୍ତୀ ସମୟରେ ଅନ୍ୟ ଦୁଇଗୋଟି ଅସଂପୂର୍ଣ୍ଣ ଉପନ୍ୟାସ ରଚନା କରିଥିବାର ଦେଖାଯାଏ। ସେ ଦୁଇଟି 'ଚିତ୍ରପଟ' ଓ 'ମା' ଓ ପୁଅ' ନାମରେ ପରିଚିତ। ଅସଂପୂର୍ଣ୍ଣ ଉପନ୍ୟାସ ଦ୍ୱୟର ପ୍ରାପ୍ତଅଂଶରୁ ଲେଖିକାଙ୍କ ଗଳ୍ପ ବିନ୍ୟାସ ବା କାହାଣୀ ଅଂଶ ପାଠକଲେ ତାଙ୍କ କାହାଣୀର ଭାବବସ୍ତୁ ସ୍ପଷ୍ଟ ହୋଇଯାଏ। ଅତଏବ ଉପନ୍ୟାସର ଆତ୍ମିକ ବିଭବ କଥାବସ୍ତୁ ବା କାହାଣୀ ବିନ୍ୟାସ ଦୃଷ୍ଟିକୋଣରୁ ତାଙ୍କ ଉପନ୍ୟାସ ସମୂହର କାହାଣୀ ମୂଲ୍ୟାଙ୍କନ ଏହି ପ୍ରବନ୍ଧରେ କରାଯାଇଅଛି ।

**ପ୍ରମୁଖ ଶବ୍ଦାବଳୀ :**

ଉପନ୍ୟାସ, କାହାଣୀ, ବା ଆଖ୍ୟାନବସ୍ତୁ, 'ଭ୍ରାନ୍ତି', 'ନଅତୁଣ୍ଡୀ', 'କାଳୀବୋହୂ', 'ପରଶମଣି', 'ରଘୁ ଅରକ୍ଷିତ', 'ଚିତ୍ରପଟ' ଓ 'ମା' ଓ ପୁଅ

**ବିଷୟବସ୍ତୁ :**

ଉପନ୍ୟାସ ହେଉଛି ଏକ ସୃଜନଶୀଳ ସୃଷ୍ଟି ବା ନିର୍ମାଣ କଳା, ଯାହା ଭାଷା ମାଧ୍ୟମରେ ଜୀବନକୁ ଦେଖେ, ବିଶ୍ୱକୁ ଦେଖେ, ଜୀବନ ସହ ବିଶ୍ୱର ନିତ୍ୟ ସଂପର୍କ ନିରୂପଣ କରେ। ଏହା ଜୀବନ ପରି ଦିଗନ୍ତବିସ୍ତାରୀ, ଜୀବନର ନିତ୍ୟନୂତନ ପରିବର୍ତ୍ତନ ଓ ବହୁ ବୈଚିତ୍ର୍ୟରେ ଏହା ସ୍ୱୟଂସଂପୂର୍ଣ୍ଣ। ଏକ କ୍ରମବିବର୍ତ୍ତଶୀଳ ସାରସ୍ୱତ ବିଭବ ଭାବରେ ଏହାର ସ୍ୱାତନ୍ତ୍ର୍ୟ ସ୍ଥିତି ସାହିତ୍ୟ ଜଗତରେ ବିଦ୍ୟମାନ। ଏଥିରେ ମଣିଷ ଜୀବନର ସୁବିସ୍ତୃତ ରହସ୍ୟଘନ ରୂପ ମର୍ମରିତ ହୋଇଥାଏ। ଜୀବନ ଓ ସମାଜର ବାସ୍ତବ ପରିଚୟ ପ୍ରଦାନ କରିବା ଦିଗରେ ଉପନ୍ୟାସ ଯେଉଳି ପ୍ରୟାସ କରିଥାଏ, ସେଉଳି ଭାବରେ ସାହିତ୍ୟର ଅନ୍ୟ କୌଣସି ବିଭାଗ ପ୍ରକାଶ କରିପାରେ ନାହିଁ।

ଏଣୁ ଆଲୋଚକମାନେ ଉପନ୍ୟାସ ସାହିତ୍ୟକୁ ବିବିଧ ବିଶେଷଣ ଦ୍ୱାରା ଅଭିଶିକ୍ତ କରିଅଛନ୍ତି। କିଏ ଉପନ୍ୟାସକୁ ଶାଖା ପଲ୍ଲବାକୀର୍ଣ୍ଣ ଜଟିଳ ବନସ୍ପତି କହିବାବେଳେ, ଅନ୍ୟ କେହି ଏହାକୁ 'ପକେଟ ଥିଏଟର' ଓ କେତେକେ ଉପନ୍ୟାସକୁ 'ମହାକାବ୍ୟ' ଆଖ୍ୟା ପ୍ରଦାନ କରିଅଛନ୍ତି। ଏପରି ରଚନାରୁ ମଣିଷ ଜୀବନ, ସମାଜ ଜୀବନ, ଶିକ୍ଷା ସଭ୍ୟତା, ସଂସ୍କୃତିର ଯଥାର୍ଥ ଆଭାସ ମିଳେ ବୋଲି ଔପନ୍ୟାସିକ ଥାକେରୀଙ୍କ ଭାଷାରେ– "If you understand your own age read the works of fiction produced it."[୧] ଏଣୁ କୁହାଯାଇପାରେ ଯେ ଉପନ୍ୟାସର ସୀମା ବ୍ୟାପକ। ଆମ ଭିତରର ଓ ବାହାରର କଥା ହିଁ ଆମେ ଉପନ୍ୟାସରେ ପ୍ରତିଫଳିତ ହୋଇଥିବା ଦେଖୁ। ମଣିଷ ଜୀବନର ଅଥଳ ରହସ୍ୟକୁ ଗଭୀର ଭାବରେ ଉପଲବ୍ଧି କରି, ତାକୁ ପ୍ରକାଶ କରିବାରେ ସକ୍ଷମ ହୋଇଥିବା ଉପନ୍ୟାସକୁ ଏକ ନିର୍ଦ୍ଦିଷ୍ଟ ପରିସର ମଧ୍ୟରେ ଆବଦ୍ଧ କରିବା ସମ୍ଭବ ନୁହେଁ। ତଥାପି ଏହି ସାର୍ବଜନୀନ ସାରସ୍ୱତ ସୃଷ୍ଟିର ରୂପବିଭବ ବା ଏହାର ଶିଳ୍ପକଳାକୁ ବିଦ୍ୱାନମାନେ ଆକଳନ କରିବା ନିମନ୍ତେ ଉପନ୍ୟାସର ଆତ୍ମିକ ଦିଗ ଓ ଆଙ୍ଗିକ ଦିଗକୁ ଗୁରୁତ୍ୱ ପ୍ରଦାନ କରିଅଛନ୍ତି।

ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଓଡ଼ିଆ ଉପନ୍ୟାସ ର ଅୟଆରମ୍ଭ ହୋଇଥିଲା। ଉପନ୍ୟାସ କ୍ଷେତ୍ରରେ ଥିବା ପୂର୍ବ ପରଂପରାର ବୈପ୍ଳବିକ ପରିବର୍ତ୍ତନ ଓ ନୂତନ ଆଭିମୁଖ୍ୟର ପରିବର୍ତ୍ତନ କରି ଆଧୁନିକ ଓଡ଼ିଆ ଉପନ୍ୟାସର ସ୍ରଷ୍ଟା ଭାବରେ ନିଜକୁ ପ୍ରତିଷ୍ଠା କରନ୍ତି ଯୁଗଜନ୍ମା ଫକୀର ମୋହନ ସେନାପତି। ତାଙ୍କ ଲିଖିତ ଚାରିଗୋଟି ଉପନ୍ୟାସ ଯଥା– 'ଛ'ମାଣ ଆଠଗୁଣ୍ଠ', 'ମାମୁଁ', 'ଲଚ୍ଛମା' ଓ 'ପ୍ରାୟଶ୍ଚିତ' ହେଉଛି ଓଡ଼ିଆ ଉପନ୍ୟାସ ଜଗତର ରତ୍ନମାଳା। ଓଡ଼ିଆ ଉପନ୍ୟାସ ସାହିତ୍ୟର ବିଶିଷ୍ଟ ପ୍ରତିଭା ଫକୀର ମୋହନ ସେନାପତିଙ୍କ ଉପନ୍ୟାସ ରଚନା ପରେ ଓଡ଼ିଆ ଉପନ୍ୟାସର ଆଦର ବଢିଯାଏ। ତାଙ୍କର ବିଷୟବସ୍ତୁ ପରିକଳ୍ପନା, ବର୍ଣ୍ଣନା ଚାତୁରୀ, କଳାକୁଶଳତା ଓଡ଼ିଆ ଉପନ୍ୟାସ ସାହିତ୍ୟକୁ ଏକ ସ୍ୱତନ୍ତ୍ର ସ୍ଥାନ ପ୍ରଦାନ କରେ। ମାନବ ଜୀବନର ସୁଖଦୁଃଖ, ହାନୀଲାଭର ନିଖୁଣ ଚିତ୍ର ପ୍ରଦାନ କରି ଫକୀର ମୋହନ ତାଙ୍କ ରଚନାରେ ମାନବ ଜୀବନର ବିଭିନ୍ନ ସମସ୍ୟାକୁ ପ୍ରକାଶ କରନ୍ତି ସେସବୁର ପରିସମାପ୍ତି ନିମନ୍ତେ ପଥ ନିର୍ଦ୍ଦେଶ ମଧ୍ୟ କରନ୍ତି। ତାଙ୍କର ରଚନା ଶୈଳୀ, ସମାଜ ଚେତନା, ସଂସ୍କାରଶୀଳ ଭାବ ପରବର୍ତ୍ତୀ ସମୟର ଲେଖକ ଲେଖିକାମାନଙ୍କୁ ବିଶେଷ ଭାବେ ପ୍ରଭାବିତ କରିଥିବାର ଲକ୍ଷ୍ୟ କରାଯାଏ। ବିଂଶ ଶତାବ୍ଦୀର ତରୁଣ ସାହିତ୍ୟିକ ଦଳର ଗଠିତ ସବୁଜ ସାହିତ୍ୟ ସମିତି ମୁକୁର 'ଉପନ୍ୟାସ ମାଳା' ବାଣୀବିନୋଦ ଗ୍ରନ୍ଥମାଳା ଉପନ୍ୟାସ ରଚନା ଦିଗରେ ଅଧିକ ଭରସା ପ୍ରଦାନ କରେ। ଏଣୁ

ପରବର୍ତ୍ତୀ ସମୟରେ ଫକୀର ମୋହନଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଓଡ଼ିଆ ଉପନ୍ୟାସ ରଚନା କରିବା ନିମନ୍ତେ ଯେଉଁ କେତେଜଣ ଲେଖକ ଲେଖିକା ଆଗଭର ହୁଅନ୍ତି ଓ ରଚନାରେ ପ୍ରବୃତ୍ତ ହୋଇଥିବା ଜଣାଯାଏ, ସେମାନଙ୍କ ମଧ୍ୟରେ କୁନ୍ତଳା କୁମାରୀଙ୍କ ସ୍ଥାନ ସ୍ୱତନ୍ତ୍ର ବୋଲି ଧରାଯାଏ। ନାରୀ ଲେଖିକା ଭାବେ ତାଙ୍କୁ ଫକୀର ମୋହନଙ୍କ ପରବର୍ତ୍ତୀ କଥାକାର ଭାବେ ଗ୍ରହଣ କରାଯାଏ। ଏଥିନିମନ୍ତେ ପୁରୀର 'ମହିଳାବନ୍ଧୁ ସମିତି' ତାଙ୍କୁ 'ଉତ୍କଳ ଭାରତୀ' ଉପାଧିରେ ଭୂଷିତ କରିଅଛନ୍ତି।[୨]

ଉତ୍କଳ ଭାରତୀ କୁନ୍ତଳା କୁମାରୀଙ୍କ ଲେଖନୀରୁ 'ଭ୍ରାନ୍ତି', 'ପରଶମଣି', 'ନଅତୁଣ୍ଡୀ', 'କାଳୀବୋହୂ', 'ରଘୁ ଅରକ୍ଷିତ', 'ଚିତ୍ରପଟ' ଓ 'ମା' ଓ ପୁଅ' ନାମରେ ସାତଖଣ୍ଡି ଉପନ୍ୟାସ ରଚନା କରାଯାଇଥିବାର ପ୍ରମାଣ ମିଳେ।[୩] କାରଣ ଓଡ଼ିଆ ଉପନ୍ୟାସ ସାହିତ୍ୟ ରଚନାର ପ୍ରାରମ୍ଭିକ ପର୍ଯ୍ୟାୟରେ ଯେଉଁ କେତେଜଣ ଔପନ୍ୟାସିକ ଏପରି ସାରସ୍ୱତ କଳା ରଚନାରେ ମନୋନିବେଶ କରିଛନ୍ତି, ସେମାନଙ୍କ ଉପନ୍ୟାସର ଶିଳ୍ପବିଧି ତୁଳନାରେ କୁନ୍ତଳା କୁମାରୀ କୌଣସି ଉପନ୍ୟାସର ଶୈଳ୍ପିକ ମୂଲ୍ୟ ଆଦୌ ନିମ୍ନମାନର ନୁହେଁ କିମ୍ବା ଉପନ୍ୟାସ କଳାର ସାମଗ୍ରିକ ରୂପବିଭବ ଦୃଷ୍ଟିରୁ କଦାପି ନିମ୍ନମାନର ନୁହେଁ। ଏଣୁ ଉପନ୍ୟାସ ସାହିତ୍ୟର ଆତ୍ମିକ ଓ ଆଙ୍ଗିକ ପ୍ରେକ୍ଷାପଟରେ ସେସବୁ ରଚନାର ମହତ୍ତ୍ୱ ନିରୂପଣ ଏକାନ୍ତ ଅପରିହାର୍ଯ୍ୟ ବୋଲି ମନେହୁଏ।ଏହା ଗୋଟିଏ ବଳିଷ୍ଠ ସମାଜର ଭାଷା ଓ ଭାବର ଅଭିବ୍ୟକ୍ତି ଭାବରେ ପରିଚିତ। ସ୍ୱକୀୟ ସୌନ୍ଦର୍ଯ୍ୟ ତଥା ମୌଳିକ ସତ୍ତା ରକ୍ଷାକରି ଏହା ପାଠକ ସମାଜକୁ ନିଜସ୍ୱ ଦୀପ୍ତି ଓ ଦ୍ୟୁତିରେ ଉଦ୍‌ଭାସିତ କରେ। ଏତାଦୃଶ କ୍ଷମତା ହାସଲ କରିବା ନିମନ୍ତେ ଉପନ୍ୟାସ ତା'ର ଆତ୍ମିକ ଓ ଆଙ୍ଗିକ ଦିଗକୁ ସଫଳୀକୃତ କରିବା ଏକାନ୍ତ ବିଧେୟ। ଏଣୁ ଉପନ୍ୟାସର ଆତ୍ମିକ ଓ ଆଙ୍ଗିକ ଦିଗ ଯଥା କାହାଣୀ ବା ଆଖ୍ୟାନଭାଗ (Plot), ଚରିତ୍ର ଚିତ୍ରଣ (Characterization), ଦେଶକାଳ ଓ ପରିବେଶ ବା ବାତାବରଣ (Atmosphere), ଉଦ୍ଦେଶ୍ୟ ବା ମର୍ମବାଣୀ ବା ଭାବ (Thought), ଭାଷା ଓ ସଂଳାପ (Language & Dialogue), ଶୈଳୀ (Style) ବା (Diction), (ଛ) ଦ୍ୱନ୍ଦ୍ୱ (Conflict), (ଜ) ବର୍ଣ୍ଣନା ବିଳାସ ବା ବର୍ଣ୍ଣନାର ବର୍ଣ୍ଣବିଭା ସହିତ ଜଡ଼ିତ କେତେକ ଆଲୋଚକ, ଲେଖକଙ୍କ ଅଭିବ୍ୟକ୍ତି ଓ ନାମକରଣର ଯଥାର୍ଥତାକୁ ମଧ୍ୟ ଏହି ପର୍ଯ୍ୟାୟରେ ସଂଯୁକ୍ତ କରିଅଛନ୍ତି। ଆଖ୍ୟାନ ଭାଗ ବା କାହାଣୀ (Plot) କାଳାନୁକ୍ରମରେ ସଜ୍ଜିତ ହୋଇଥିବା ଘଟଣାସ୍ରୋତ, ଯାହା ପାଠକର କୌତୂହଳ ଜାଗ୍ରତ କରେ ତାହା ଆଖ୍ୟାନଭାଗ ବା କାହାଣୀ (Plot) ଭାବରେ ପରିଚିତ। ଏହା ଉପନ୍ୟାସର ମୂଳଭିତ୍ତି ଭାବରେ ଗୃହୀତ। ଉପନ୍ୟାସ ଏତାଦୃଶ ଭିତ୍ତି ଉପରେ ଠିଆହୋଇ ପାଠକ ପାଖରେ ଉପନୀତ ହୁଏ ଓ କଥା କହେ। ଏଣୁ କଥାକୁହା ଉପନ୍ୟାସ ପାଇଁ କଥାବସ୍ତୁ ବା କାହାଣୀ ଏକାନ୍ତ ଭାବରେ ଅପରିହାର୍ଯ୍ୟ। ମଣିଷ ଜୀବନର ନିଛକ ପ୍ରତିଛବି ଉପନ୍ୟାସର ଆଖ୍ୟାନ ଭାଗ ବା କାହାଣୀରେ ଫୁଟିଉଠେ ବୋଲି ଆଲୋଚକମାନେ ଉପନ୍ୟାସକୁ ଜୀବନରୂପୀ ରାସ୍ତାର ଧାବମାନ ଦର୍ପଣ ଭାବରେ ଗ୍ରହଣ କରିଅଛନ୍ତି। ସଫଳ ଆଖ୍ୟାନଭାଗ ବା କଥାବସ୍ତୁ ବା କାହାଣୀ ବା ଗଳ୍ପ ଉପରେ ଉପନ୍ୟାସର ସଫଳତା ଅନେକ ପରିମାଣରେ ନିର୍ଭର କରିଥାଏ। ସମୟକ୍ରମେ ଘଟିଥିବା ଘଟଣାର ବିବରଣୀ ଯାହା ଗଳ୍ପ ଭାବରେ ପରିଚିତ, ତାହା ସମାଜ ବା ସାମାଜିକ ମଣିଷ ଜୀବନରେ ଘଟିଥାଏ। ସାଧାରଣ ପାଠକ ଏହି ଗଳ୍ପ ବା କାହାଣୀ ପାଇଁ ଉପନ୍ୟାସ ପାଠ କରିବାକୁ ବିଶେଷଭାବେ ଗୁରୁତ୍ୱ ଦେଇଥାନ୍ତି। ଏଣୁ କୁହାଯାଏ କାହାଣୀ ବା ଆଖ୍ୟାନ ଭାଗ ହେଉଛି ଆରୋହୀ ଏବଂ ଉପନ୍ୟାସ ହେଉଛି ବାହକ। ଉପନ୍ୟାସ ସର୍ବଦା କାହାଣୀଟିଏ ବହନ କରିଚାଲିଥାଏ ଏବଂ ଏହାଦ୍ୱାରା ତା'ର ଧର୍ମ ରକ୍ଷିତ ହୋଇଥାଏ।

ଚରିତ୍ରମାନଙ୍କ ଦ୍ୱାରା ଘଟୁଥିବା ଘଟଣାବଳୀକୁ କାହାଣୀ ବା ଗଳ୍ପ କୁହାଯିବା ବେଳେ ଯେଉଁଭଳି ଭାବରେ ସେହି ଘଟଣାମାନ ଘଟେ ତା'ର ବର୍ଣ୍ଣନା ହେଉଛି ପ୍ଲଟ (Plot)। ଗଳ୍ପ ପାଠକର କୌତୂହଳ ଦମନ କରିବାରେ ସମର୍ଥ ହେବାବେଳେ ପ୍ଲଟ୍ ପାଠକର ବୁଦ୍ଧି ଓ ସ୍ମୃତିର ପୁଷ୍ଟିସାଧନ କରିଥାଏ। କାହାଣୀର ବଳିଷ୍ଠତା ହେତୁ ଉପନ୍ୟାସ ସଫଳ ହେବା ସଂଗେ ସଂଗେ ପାଠକ ଓ ପାଠିକା ଏପରି ରଚନା ପ୍ରତି ଆକର୍ଷିତ ହୋଇଥାନ୍ତି। ଏକଥା ସମାଲୋଚକ ଇ. ଏମ୍. ଫୋଷ୍ଟର ମଧ୍ୟ ସ୍ୱୀକାର କରିଛନ୍ତି। ଉପନ୍ୟାସର ପରିସର ମଧ୍ୟରେ ଯେଉଁସବୁ ଘଟଣାମାନ ଘଟିଥାଏ ତାହା ପ୍ଲଟ ବା ଆଖ୍ୟାନ ଭାଗ ଜରିଆରେ ସମ୍ଭବ ହୋଇଥାଏ। ଏହି ମର୍ମରେ ଉପନ୍ୟାସର କାହାଣୀ ନିର୍ବାଚନ ବେଳେ ଔପନ୍ୟାସିକାଙ୍କୁ ସତର୍କତା ଅବଲମ୍ବନ କରିବାକୁ ପଡ଼ିଥାଏ। ଉପନ୍ୟାସରେ ବର୍ଣ୍ଣିତ ଘଟଣା ଠାରୁ ପ୍ଲଟ ଯେପରି ବିଚ୍ଛିନ୍ନ ନହୁଏ ସେଥିପ୍ରତି ଔପନ୍ୟାସିକଙ୍କୁ ଦୃଷ୍ଟିଦେବାକୁ ପଡ଼ିଥାଏ। କଥାବସ୍ତୁ ବା କାହାଣୀ ବା ଗଳ୍ପର ଐକ୍ୟକୁ ପ୍ରାଧାନ୍ୟ ପ୍ରଦାନ ପୂର୍ବକ ଆଲୋଚକମାନେ ଉପନ୍ୟାସର କାହାଣୀ (Plot)କୁ ସରଳ ଓ ଯୌଗିକ ଭେଦରେ ଦୁଇ ଭାଗରେ ବିଭକ୍ତ କରିଛନ୍ତି। ଯେଉଁଠାରେ କେବଳ ଗୋଟିଏ କାହାଣୀ ଥାଏ ତାକୁ ସରଳ ଏବଂ ଯେଉଁଠାରେ ଏକାଧିକ କାହାଣୀ ବର୍ଣ୍ଣିତ ହୋଇଥାଏ ତାକୁ ଯୌଗିକ କାହାଣୀ କୁହାଯାଏ। ଆଲୋଚକ ଡବ୍ଲୁ, ଏଚ୍. ହଡ଼ସନ ଏ ବିଷୟରେ ଉଲ୍ଲେଖ କରି କହିଛନ୍ତି- "The plot of a novel may be simple or compound, that is, it may not be compound of one story only, or of two or more stories in combination."[୩] ଓଡ଼ିଆ କଥା ସାହିତ୍ୟର ଆଲୋଚକ ଡକ୍ଟର

କୃଷ୍ଣଚରଣ ବେହେରାଙ୍କ ମତାନୁସାରେ– "ଉପନ୍ୟାସର ଏକାଧିକ ଗଳ୍ପ ଥାଇପାରେ। କିନ୍ତୁ ତନ୍ମଧ୍ୟରୁ ସାଧାରଣତଃ ଗୋଟିଏ ଥାଏ ମୁଖ୍ୟ ଓ ଅନ୍ୟ ଗୁଡ଼ିକ ଗୌଣ ଗଳ୍ପ। ଗୌଣଗଳ୍ପ ମୁଖ୍ୟ ଗଳ୍ପର ଅଙ୍ଗପ୍ରତ୍ୟେଙ୍ଗ ସ୍ୱରୂପ ଅର୍ଥାତ ମୁଖ୍ୟ ଗଳ୍ପରୁ ଏଗୁଡ଼ିକ ସଂପୂର୍ଣ୍ଣ ଭିନ୍ନ ଓ ବିଚ୍ଛିନ୍ନ ନୁହଁନ୍ତି। ମୁଖ୍ୟ ଗଳ୍ପକୁ ପରିପୁଷ୍ଟ ଓ ପରିବର୍ଦ୍ଧିତ କରି ଏଗୁଡ଼ିକ ଶେଷରେ ସେହି ମୁଖ୍ୟଗଳ୍ପ ବା କାହାଣୀ ମଧ୍ୟରେ ହିଁ ବିଲୀନ ହୋଇଯାଇ ଥାଆନ୍ତି। ଉପନ୍ୟାସ ଶେଷରେ ସମସ୍ତ ଗଳ୍ପର ସମନ୍ୱୟସିଦ୍ଧ ପରିଣତି ସଂଘଟିତ ହୋଇଥାଏ।"[୪] ଉପନ୍ୟାସର ଉପସ୍ଥାପନା ପଦ୍ଧତି ଦୃଷ୍ଟିରୁ କଥାବସ୍ତୁ ବା ପ୍ଲଟ୍‌କୁ Panoramic ଓ Science ଏପରି ଦୁଇଭାଗରେ ବିଭକ୍ତ କରାଯାଇଥିବା ବେଳେ ବିନ୍ୟାସ ପଦ୍ଧତି ଦୃଷ୍ଟିକୋଣରୁ ଉପନ୍ୟାସର ଗଳ୍ପକୁ ବୃତ୍ତାକାର, ସରଳାକାର ଓ ହର୍ମ୍ୟାକାର ଏପରି ତିନିଭାଗରେ ବିଭକ୍ତ କରାଯାଏ ବୋଲି ଆଲୋଚକମାନେ ମତପୋଷଣ କରିଅଛନ୍ତି। ଉପନ୍ୟାସର ଆଖ୍ୟାନ ଭାଗ ବା କାହାଣୀ ବା ପ୍ଲଟ ରଚନାରେ ନାନା ପ୍ରକାର ପଦ୍ଧତି ଅବଲମ୍ବନ କରାଯାଇପାରେ ବୋଲି ପାଶ୍ଚାତ୍ୟ ଆଲୋଚକ ରାବାର୍ଟ ଲିଡେନ୍ ମତପ୍ରଦାନ କରିଅଛନ୍ତି। ତାଙ୍କ ମତରେ ଔପନ୍ୟାସିକ ନିଜ ଜୀବନର କୌଣସି ଗୋଟିଏ ଅଭିଜ୍ଞତାକୁ କିମ୍ବା ଶୁଣିଥିବା କୌଣସି ଗୋଟିଏ ବିଷୟକୁ ବା ଶୁଣିଥିବା କୌଣସି ଗୋଟିଏ ପରିସ୍ଥିତିକୁ ବିସ୍ତାର କରି କାହାଣୀ ରଚନା କରିଥାଆନ୍ତି। କେତେଗୁଡ଼ିଏ ବିଚ୍ଛିନ୍ନ ଘଟଣା ଲେଖକର ମନରେ ଯେଉଁ ଆଲୋଡନ ସୃଷ୍ଟି କରେ ସେସବୁକୁ କଳାକୁଶଳତାର ସହିତ ଏକତ୍ରିତ କରି ଉପନ୍ୟାସ କାହାଣୀ ବା ଗଳ୍ପ ସୃଷ୍ଟି କରାଯାଇପାରେ।

ଉପନ୍ୟାସର ପ୍ଲଟ୍ ବା ଆଖ୍ୟାନ ଭାଗ ସଂପର୍କରେ ନିଜସ୍ୱ ବିଚାରକୁ ଉଲ୍ଲେଖ କରି ଆଲୋଚିକା ଡକ୍ଟର ଲାବଣ୍ୟ ନାୟକ କହନ୍ତି– "ଲେଖକ ଯେ କୌଣସି ପଦ୍ଧତି ଅବଲମ୍ବନ କରୁ, ପ୍ଲଟ୍‌ଟି ଯେପରି ସ୍ୱାଭାବିକ ପ୍ରାଣବନ୍ତ ହେବ, ସେଥିପ୍ରତି ଦୃଷ୍ଟି ରଖିବା ନିହାତି ଆବଶ୍ୟକ। ପ୍ରତ୍ୟେକ ପଦ୍ଧତି ଏହାହିଁ ଦାବି କରେ, କାରଣ ଘଟଣା ଗୁଡ଼ିକର ଶିଥିଳ ସଂଯୋଜନା ଦ୍ୱାରା ପାଠକର ଉତ୍କଣ୍ଠା ଯେପରି ବାଧାପ୍ରାପ୍ତ ହୁଏ ଓ ଘଟଣାର ପୂର୍ବାପର ସମ୍ବନ୍ଧ ରକ୍ଷା କରିହୁଏ ନାହିଁ, ସେହିପରି ଘଟଣା ସଂଗଠନକୁ ଜୋରଦେଇ ଯାନ୍ତ୍ରିକ ସଂଯୋଜନାରେ ପ୍ଲଟ୍ ନିର୍ମାଣ କରାଗଲେ ପାଠକ ଉପଯୁକ୍ତ ଆନନ୍ଦ ପାଏ ନାହିଁ।"

ସାଂପ୍ରତିକ କାଳରେ ଉପନ୍ୟାସର କାହାଣୀ ବିନ୍ୟାସର ଧାରା ପରିବର୍ତ୍ତିତ ରୂପ ଗ୍ରହଣ କରିଥିଲେ ମଧ୍ୟ ଅଷ୍ଟାଦଶ ଶତାବ୍ଦୀର ଗତାନୁଗତିକ ପଥ ଛାଡ଼ି ଉପନ୍ୟାସର କାହାଣୀ ମାନବ ଜୀବନର ସାମଗ୍ରିକ ମୂଲ୍ୟ ରୂପାୟନ କରିବାରେ ଆଗେଇ ଚାଲିଛି ସତ; ମାତ୍ର ପ୍ଲଟ ବା କାହାଣୀକୁ ପରିହାର କରି କେହିକେବେ ଉପନ୍ୟାସ ରଚନା କରିବାରେ ସଫଳତା ଲାଭ କରିପାରି ନାହାନ୍ତି। କାରଣ କାହାଣୀ ବା ପ୍ଲଟ ରୂପୀ ଆତ୍ମିକ ରୂପବିଭବ ବ୍ୟତିରେକ ଉପନ୍ୟାସ ସୃଷ୍ଟି କରିବା ସମ୍ଭବ ନୁହେଁ। ଏଣୁ ମୁଖ୍ୟ କାହାଣୀ (Main plot) ସହିତ ଉପକାହାଣୀ (Sub-plot)ର ମଧୁର ସମନ୍ୱୟରେ ଏକ ସାର୍ଥକ ଉପନ୍ୟାସ ପରିକଳ୍ପନା ବ୍ୟତିରେକ ଉପନ୍ୟାସର ସୃଷ୍ଟି ଅସମ୍ଭବ ବ୍ୟାପାର। ଉପନ୍ୟାସର ଆତ୍ମିକ ବିଭବ ଆଖ୍ୟାନବସ୍ତୁ ବା କାହାଣୀ ଏକ ବିଶେଷ ଉପାଦାନ। ଏହା ଉପନ୍ୟାସକୁ ପଠନ କରିବା ନିମନ୍ତେ ପ୍ରେରଣା ଦିଏ ଓ ଶେଷ କରିବା ପାଇଁ କୌତୂହଳ ଜାତ କରିବା ସମେତ ପାଠକ ଶେଷପର୍ଯ୍ୟନ୍ତ ନ ପଢ଼ି ରହିପାରେନା। ଆରମ୍ଭ, ଘଟଣା ପ୍ରବାହ, ଶୀର୍ଷବିନ୍ଦୁ, ଘଟଣାର ସଂକୋଚନ ଓ ପରିସମାପ୍ତି କ୍ରମରେ କାହାଣୀକୁ ସୁସଜ୍ଜିତ କରି ଉପନ୍ୟାସକାର ସୃଷ୍ଟିକରେ ଉପନ୍ୟାସ। ସୁଚିନ୍ତିତ କାହାଣୀ ବା ଗଳ୍ପଟିଏ ନିର୍ବାଚିତ କରି ଉପନ୍ୟାସଟିଏ ଲେଖିବା ଆରମ୍ଭ କରିବା ପରେ ନିର୍ବାଚିତ ପ୍ଲଟଟିକୁ କେଉଁ କେଉଁ ଘଟଣା ମଧ୍ୟଦେଇ ଗତି କରାଯାଇପାରିବ ଓ ତାହା ଔପନ୍ୟାସିକଙ୍କ ଉପରେ ସଂପୂର୍ଣ୍ଣ ନିର୍ଭର କରେ। ଘଟଣା ପ୍ରବାହ ବା ଉପନ୍ୟାସର ମଧ୍ୟଭାଗରେ ବର୍ଣ୍ଣିତ ଚରିତ୍ରମାନଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟିହେବା ସହିତ ଘଟଣାରେ ଦେଖାଦିଏ ଜଟିଳତା। ଉପନ୍ୟାସକାର ରଚନାର ଶେଷରେ ବା ଶୀର୍ଷବିନ୍ଦୁରେ ମିଳନ, ବିଚ୍ଛେଦ ବା ଅନ୍ୟ କୌଣସି ନିଷ୍କର୍ଷରେ ଉପନୀତ ହୋଇ କଥାବସ୍ତୁର ପରିସମାପ୍ତି ଘଟାନ୍ତି। ତେଣୁ କାହାଣୀ ପରିବେଷଣରେ ଔପନ୍ୟାସିକଙ୍କ ଦକ୍ଷତା ଉପରେ ରଚନାର ସଫଳତା ନିର୍ଭର କରେ। ଏହି ମର୍ମରେ ଉପନ୍ୟାସର ଆତ୍ମିକ ବିଭବ ନାରୀ ଔପନ୍ୟାସିକା କୁନ୍ତଳା କୁମାରୀ ସାବତଙ୍କ ଉପନ୍ୟାସ ରଚନାର 'ଶିଳ୍ପବିଧି'ରେ କିପରି ଭାବରେ ଅନୁସୃତ ହୋଇ ତାଙ୍କ ସୃଷ୍ଟି ଗୁଡ଼ିକ ସଫଳତା ଆଣିଦେଇଛି ତାହା ବିଚାର କରାଯାଉ। ଓଡ଼ିଆ ଉପନ୍ୟାସ ସାହିତ୍ୟର ପ୍ରାରମ୍ଭିକ ପର୍ଯ୍ୟାୟର ସ୍ରଷ୍ଟା କୁନ୍ତଳା କୁମାରୀ ଜଣେ ପ୍ରତିଭାବାନ ଶିଳ୍ପୀ। ଫକୀର ମୋହନ ସେନାପତିଙ୍କ ସମସାମୟିକ ସ୍ରଷ୍ଟା ଭାବରେ ସେ ଜଣାଶୁଣା। ଅତଏବ ଉପନ୍ୟାସର ଆତ୍ମିକ ବିଭବ କଥାବସ୍ତୁ ବା କାହାଣୀ ବିନ୍ୟାସ ଦୃଷ୍ଟିକୋଣରୁ ତାଙ୍କ ଉପନ୍ୟାସ ସମୂହର ମୂଲ୍ୟାଙ୍କନ ନିମ୍ନମତେ କରାଯାଇପାରେ।

କୁନ୍ତଳା କୁମାରୀଙ୍କ 'ଭ୍ରାନ୍ତି' ଏକ ସୁଖପାଠ୍ୟ ସୃଷ୍ଟି। ଏଥିରେ ଜମିଦାର କନ୍ୟା ଶେଫାଳୀ ଓ ଅନଙ୍ଗ ମୋହନଙ୍କ ପାରସ୍ପରିକ ଆକର୍ଷଣ, ଉତ୍କଣ୍ଠା, ଚକ୍ରାନ୍ତକାରୀଙ୍କ ଦ୍ୱାରା ମାନସିକ ବିଭ୍ରାନ୍ତି ଇତ୍ୟାଦି ପ୍ରଦର୍ଶନ କରି ଲେଖିକା ପରିସମାପ୍ତିରେ ପୁନର୍ମିଳନ ଘଟାଇଛନ୍ତି। କଥାବସ୍ତୁ ଦୃଷ୍ଟିକୋଣରୁ ଏହା ଏକ ପ୍ରେମମୂଳକ କଥାବସ୍ତୁ ଉପରେ ଆଧାରିତ। ଆତ୍ମିକ ଭାବଧାରାଟି ଚିରାଚରିତ କାହାଣୀ ହୋଇଥିଲେ ମଧ୍ୟ ଏହାର ପରିବେଶରେ ଲେଖିକାଙ୍କ କ୍ରମବିନ୍ୟାସ ଘଟଣା ଗୁଡ଼ିକର ସଫଳତା

ରହିଛି ଓ ଘଟଣା ପ୍ରବାହରେ ଦ୍ୱନ୍ଦ୍ୱ, ଉତ୍କଣ୍ଠା ତଥା ପଞ୍ଚସଂଧିର ରୂପ ଦେଇ ବିଷୟ ବିନ୍ୟାସ ଗତିଶୀଳ ହୋଇଛି । ଏଣୁ ଉପନ୍ୟାସର କାହାଣୀ ପ୍ରେକ୍ଷାପଟରେ ଏହାର ସ୍ୱାତନ୍ତ୍ର୍ୟକୁ ଆଦୌ ଅବହେଳା କରାଯାଇ ନପାରେ ।ଜମିଦାର ହରିହର ଛୋଟରାୟଙ୍କ ପତ୍ନୀ ଇନ୍ଦୁମତୀଙ୍କ ଦ୍ୱାରା ପ୍ରତିପାଳିତ ନିଃସ୍ୱ ଘନଶ୍ୟାମଙ୍କ ପୁତ୍ର ଅନଙ୍ଗମୋହନ ଚନ୍ଦ୍ରକଳା ପରି ବଢ଼ିଉଠେ ଜମିଦାର ଉଆସରେ । ପରବର୍ତ୍ତୀ ସମୟରେ ବନ୍ଧ୍ୟା ଇନ୍ଦୁମତୀର କୋଳମଣ୍ଡନ କରନ୍ତି ତା'ର ଶାରଦୀୟ ଶଶୀକଳାତୁଲ୍ୟ କନ୍ୟା ଶେଫାଳୀ । ଜମିଦାର ହରିହର ଓ କର୍ମଚାରୀ ଅନଙ୍ଗମୋହନର ପିତା ଘନଶ୍ୟାମ ବହୁବର୍ଷ ପୂର୍ବରୁ ନିଷ୍ପତ୍ତି ଅନୁସାରେ ପରସ୍ପରର ସନ୍ତାନଙ୍କ ବିବାହ ଓ ଅନଙ୍ଗମୋହନ ହରିହରଙ୍କ ସଂପତ୍ତିର ମାଲିକ ହେବାର ସିଦ୍ଧାନ୍ତ ଅନୁସାରେ ସମୟ ଗଡିଚାଲେ । ଶେଫାଳୀକାର ଜନ୍ମର ତିନିବର୍ଷ ପରେ ମୃତ୍ୟୁବରଣ କରନ୍ତି ଘନଶ୍ୟାମ ବାବୁ । ଜମିଦାର ଉଆସରେ ଅନଙ୍ଗମୋହନ ଓ ଶେଫାଳିକା ବଢ଼ିଚାଲନ୍ତି । ଅନଙ୍ଗମୋହନ ଜଣେ ମେଧାବୀ ଛାତ୍ର ଏବଂ ସେ କଲିକତା ବିଶ୍ୱବିଦ୍ୟାଳୟରୁ ଆଇନ୍‌ରେ ସ୍ନାତକ ଉପାଧି ହାସଲ କରନ୍ତି । ଶେଫାଳିକା ତାକୁ ଅଧ୍ୟୟନ ପଥରେ ଉତ୍ସାହ ପ୍ରଦାନ କରେ । ଅଧ୍ୟୟନ ନିମନ୍ତେ ଅନଙ୍ଗମୋହନ ଦୁଇବର୍ଷ ଗାଁରେ ଅନୁପସ୍ଥିତ ଥିବା ହେତୁ ସେମାନଙ୍କ ସଂପର୍କରେ ପଡ଼େ ଭଙ୍ଗା । ଆରମ୍ଭ ହୁଏ ଖଳଚରିତ୍ରର ଭୂମିକା । ଶେଫାଳିକାର ବାନ୍ଧବୀ ମାଳତୀ ଏବଂ ତା'ର ବାପା ସନନ୍ଦଙ୍କ ଚକ୍ରାନ୍ତ କ୍ରମେ ଶେଫାଳୀକାର ବିବାହ ହୁଏ ଜମିଦାର ପୁଅ ନଟବର ରାଉତରାୟ ସହିତ । ଏପରି କର୍ମ କରିବାରେ ବାନ୍ଧବୀ ମାଳତୀ, ଅନଙ୍ଗମୋହନକୁ ପାଇବାର ଆଶା ବଳବତ୍ତର ରହେ । ମାତ୍ର ମାଳତୀ ଆଶା-ଆଶାରେ ରହିଯାଏ । ଶେଫାଳୀର ପ୍ରତାରଣାରେ ଆଘାତ ପାଇ ଅନଙ୍ଗମୋହନ ଗାଁକୁ ନଆସି ଧର୍ମମାଗରେ ଆଶ୍ରିତ ହୋଇ ଚାଲିଯାଏ କାଶୀ । ନିଜର ଭଲପାଇବାକୁ ଅନଙ୍ଗମୋହନଙ୍କ ଠାରୁ ବଦଳାଇ ନଟବର ଆଡ଼କୁ ନେଇଥିବାରୁ ଶେଫାଳିକା ଅନୁତପ୍ତା ହୁଏ ଏବଂ ସ୍ୱାମୀର ଅତ୍ୟାଚାରରେ ଆନମନା ହେବା ସହିତ ରୋଗଗ୍ରସ୍ତ ହୋଇ ଶଯ୍ୟାଶାୟୀ ହୋଇପଡେ । ପରିସ୍ଥିତିର ଏକ ଆଶ୍ଚର୍ଯ୍ୟଜନକ ମୋଡ଼ରେ ଶେଫାଳିକାର ଶିକ୍ଷୟିତ୍ରୀ ସରଜୁବାଳା ଦିଦି ଅନଙ୍ଗମୋହନଙ୍କୁ ଦେଖି ତାଙ୍କୁ ଶେଫାଳିକାର ମାନସିକ ତଥା ଶାରୀରିକ କଷ୍ଟ ସମ୍ବନ୍ଧରେ ଅବଗତ କରାନ୍ତି । ଅନଙ୍ଗମୋହନ ଗାଁକୁ ଫେରି ଶେଫାଳିକା ଆରୋଗ୍ୟ ହେବା ପର୍ଯ୍ୟନ୍ତ ତା'ର ସେବାଯତ୍ନ କରନ୍ତି । ପ୍ରେମୀଯୁଗଳ ବୁଝିପାରନ୍ତି ଯେ ସେମାନଙ୍କର ବିଚ୍ଛେଦର କାରଣ ଥିଲା ମାଳତୀ ଏବଂ ତା'ର ପିତାମାତାଙ୍କର ପ୍ରରୋଚନା । ଭୁଲ୍ ବୁଝାମଣାର ଜୁଆର ଅତିକ୍ରମ କରି ସେମାନେ ବିବାହ କରନ୍ତି ଏବଂ ସୁଖରେ କାଳତିପାତ କରନ୍ତି । ଏହି ପ୍ରେମ କାହାଣୀ ଗ୍ରାମୀଣ ପ୍ରେକ୍ଷାପଟରେ ଆଭିଜାତ୍ୟ, କ୍ଷୁଦ୍ର ଖଳନାୟକତ୍ୱ ଏବଂ ରକ୍ଷଣଶୀଳ ମନୋଭାବ ଆଦି ସମସ୍ତ ବିଭାବକୁ ଆଧାର କରି ରଚିତ ହୋଇଛି ।

କାହାଣୀର ପ୍ରାରମ୍ଭ ଜମିଦାର ପରିବାରର ଅନଙ୍ଗମୋହନଙ୍କୁ ପାଳିବା ଠାରୁ ଆରମ୍ଭ ହୋଇ ଶେଫାଳିକାର ଜନ୍ମହେବା ଓ ଅନଙ୍ଗମୋହନର ଉଚ୍ଚଶିକ୍ଷା ମଧ୍ୟରେ ଗଳ୍ପର ପ୍ରବାହ ଗତିଶୀଳ । ମାଳତୀ ଓ ତା'ର ପିତାଙ୍କ ଚକ୍ରାନ୍ତ ଏବଂ ଜମିଦାରଙ୍କ ରକ୍ଷଣଶୀଳ ମନୋଭାବ ମଧ୍ୟରେ କାହାଣୀର ଶୀର୍ଷବିନ୍ଦୁକୁ ପରିକଳ୍ପନା କରାଯାଇଛି । ଗ୍ରନ୍ଥିମୋଚନ କ୍ରମରେ ପ୍ଲଟର ଗତି ହୋଇଛି ଶେଫାଳିକାର ଅସୁସ୍ଥତା ଓ ପିତାଗୃହରେ ବସବାସ କରିବା ତଥା ସରଜୁବାଳାଙ୍କ କାର୍ଯ୍ୟକଳାପରେ । ପରିସମାପ୍ତିରେ ଦୁହିଁଙ୍କ ମିଳନରେ ଗଳ୍ପକଳାର ପରିସମାପ୍ତି ହୋଇଛି । ଉପନ୍ୟାସର ଗତିଶୀଳତାରେ କେଉଁଠି ହେଲେ ବାଧା ସୃଷ୍ଟି ହୋଇନାହିଁ । ଘଟଣାର ସଜ୍ଜିକରଣରେ କୌଣସି ଜଟିଳତା ପରିଲକ୍ଷିତ ହୁଏ ନାହିଁ । ଉପନ୍ୟାସ ସୁଲଭ ବର୍ଣ୍ଣନାର ପୁଙ୍ଖାନୁପୁଙ୍ଖ ରୂପ ସହିତ ଦ୍ୱନ୍ଦ୍ୱ ଓ ଉତ୍କଣ୍ଠାର ଉପସ୍ଥିତି ଏଥିରେ ଦେଖିବାକୁ ମିଳେ । ବର୍ଣ୍ଣନାର ଅତିରଂଜନ ଥିବାର ଲକ୍ଷ୍ୟ କରାଯାଏ ନାହିଁ । ଗୌଣ କଥାବସ୍ତୁ କେବଳ ସାମୟିକ ବିଚ୍ଛେଦ ସୃଷ୍ଟି କରିବା ଉଦ୍ଦେଶ୍ୟରେ ସଂଯୋଜିତ ହୋଇଛି । ଏଣୁ କାହାଣୀ ବା ପ୍ଲଟ ପ୍ରେକ୍ଷାପଟରେ 'ଭ୍ରାନ୍ତି' ଉପନ୍ୟାସର ଆତ୍ମିକ ରୂପକାହାଣୀ ବେଶ୍ ଜୀବନ୍ତ ଓ ଯୁକ୍ତିସଂଗତ ବୋଲି ଗ୍ରହଣ କରାଯିବାରେ କୌଣସି ବିରୋଧାଭାଷ ନାହିଁ ।

କୁନ୍ତଳା କୁମାରୀଙ୍କ ଅନ୍ୟତମ ଉପନ୍ୟାସ 'ନଅତୁଣ୍ଡୀ' ସମସାମୟିକ ରାଜନୈତିକ ପଟ୍ଟଭୂମିରେ ଏକ ସମର୍ଥ ପରିପ୍ରକାଶ । ଏଥିରେ ଜାତୀୟବାଦ, ସମାଜସଂସ୍କାର ତଥା ନାରୀ ସାକ୍ଷରତାର ଚିତ୍ର ବିଶେଷ ଭାବରେ ପ୍ରତିଫଳିତ ହୋଇଛି । 'ନଅତୁଣ୍ଡୀ' କଥାବସ୍ତୁ ସମୟୋପଯୋଗୀ ଭାବନାର ଆଶ୍ରୟରେ ହୋଇଉଠିଛି ପ୍ରାଣବନ୍ତ ଓ ଜୀବନ୍ତ । ନାରୀଶିକ୍ଷାର ପ୍ରସାର, ପରଦା ପ୍ରଥାର ଉଚ୍ଛେଦ, କୁସଂସ୍କାର ଦୂରୀକରଣ, ବିଲାତି ବସନ ପରିତ୍ୟାଗ, ସ୍ୱାଧୀନତା ଆନ୍ଦୋଳନ ବାର୍ତ୍ତା ଆଲୋଚ୍ୟ 'ନଅତୁଣ୍ଡୀ'ରେ ପ୍ରତିଫଳିତ ହୋଇଛି । 'ନଅତୁଣ୍ଡୀ' ଉପନ୍ୟାସର କାହାଣୀ ବା ପ୍ଲଟରେ ମୁଖ୍ୟ ଓ ଗୌଣ କଥାବସ୍ତୁର ଅବତାରଣା କରାଯାଇଛି । ଗାନ୍ଧୀବାଦ, ନାରୀଜାଗରଣ, ଅସହଯୋଗ ଆନ୍ଦୋଳନ ଓ ନିଶା ନିବାରଣ ଆଦି ଭାବନା ଦ୍ୱାରା ଦେଶର ଉନ୍ନତି ସାଧନ କରିବାର ପ୍ରୟାସ ନେଇ ଲେଖିକା ଏହାର ମୁଖ୍ୟ କଥାବିନ୍ୟାସରେ ପରିକଳ୍ପନା କରିଥିବା ବେଳେ ଗାଉଁଲୀ ମୁଖରା ସ୍ତ୍ରୀଲୋକ ରତନୀ ଜୀବନର ପରିବର୍ତ୍ତନକୁ ଗୌଣ କଥାବସ୍ତୁ ଭାବରେ ଗ୍ରହଣ କରିଅଛନ୍ତି ।

ମାଆ ଗେହ୍ଲୀର ଝିଅ ରତନୀ କଳିହୁଡୀ, ଦୁଃସାହସୀ। ମାଆ ମଧ୍ୟ ଗାଁ ଲୋକଙ୍କ ମଧ୍ୟରେ କଳି ଲଗାଇ ଅପାର ଆନନ୍ଦ ପାଏ। ସ୍ଥାନୀୟ ଜମିଦାର କୃଷ୍ଣଚନ୍ଦ୍ର ସମାଜ ସଂସ୍କାରରେ ଆଗ୍ରହୀ। ସେ ରତନୀର ଅସ୍ୱାଭାବିକ ଗୁଣରେ ଆକୃଷ୍ଟ ହୋଇ ତାକୁ ଦ୍ୱିତୀୟ ପତ୍ନୀ ରୂପେ ଗ୍ରହଣ କରନ୍ତି। ବିବାହ ପରେ ରତନୀର ଗୁଣାବଳୀରେ ଅକସ୍ମାତ୍ ପରିବର୍ତ୍ତନ ପରିଲକ୍ଷିତ ହୁଏ। ସ୍ୱାମୀଙ୍କ ସହାୟତାରେ ସେ ଯେ କେବଳ ଲେଖାପଢ଼ା କରିଛି ତା'ନୁହେଁ, ସେ ଗାଁର ସ୍ତ୍ରୀ ଲୋକମାନେ କିପରି ସ୍ୱାକ୍ଷର ଓ ଶିକ୍ଷିତ ହେବେ ସେଥିପାଇଁ ମଧ୍ୟ କାମ କରିଛି। ଗରିବ ଗ୍ରାମବାସୀଙ୍କର ସୁଖଦୁଃଖରେ ଭାଗୀଦାର ହୋଇଛି ଏବଂ ସେମାନଙ୍କ ବିପଦ ବେଳେ ସହାୟତା ପ୍ରଦାନ କରିଛି। ଧନୀ ଜମିଦାର କୃଷ୍ଣଚନ୍ଦ୍ର ସରଳ ଜୀବନଯାପନ କରି, ଚରଖାରେ ସୂତାକାଟି, ହାତବୁଣା ଲୁଗା ପିନ୍ଧି, ଗାଁରେ ସୂତାକଟା କେନ୍ଦ୍ର ସ୍ଥାପନ କରିଛନ୍ତି। ମଦ ଦୋକାନ ଧ୍ୱଂସ କରି ନିଶା ନିବାରଣର ବାର୍ତ୍ତା ପ୍ରଚାର କରିଛନ୍ତି। ସ୍ୱଦେଶୀ ଆନ୍ଦୋଳନକୁ ଜାରିରଖି ସ୍ୱାଧୀନ ହେବାର ବାର୍ତ୍ତା ପ୍ରଚାର କରିବା ସହିତ ଗାଁ ମଣିଷଙ୍କ ମଧ୍ୟରେ ଉନ୍ନତିର ବୀଜବପନ କରିବାରେ ସମର୍ଥ ହୋଇଛନ୍ତି। ତାଙ୍କର ଦୁଇପତ୍ନୀ ଉମା ଓ ରତନୀ ସହିତ ସେ ସପରିବାର ସ୍ୱାଧୀନତା ଆନ୍ଦୋଳନରେ ଝାସଦେଇ ଭବିଷ୍ୟତର ସ୍ୱାଧୀନ ଭାରତ ପରିକଳ୍ପନାରେ ହୋଇଛନ୍ତି ନିମଜ୍ଜମାନ। 'ନଅତୁଣ୍ଡୀ' ଉପନ୍ୟାସର ଅନେକତ୍ର ହାସ୍ୟାତ୍ମକ ପରିବେଶକୁ ପ୍ରକାଶ କରିବା ପାଇଁ ଔପନ୍ୟାସିକା ହାସ୍ୟରସର ଅବତାରଣା କରିଛନ୍ତି ସତ; ମାତ୍ର ଏହି ଉପନ୍ୟାସଟି ମହାତ୍ମାଗାନ୍ଧୀଙ୍କର ଗ୍ରାମ୍ୟ ସ୍ୱରାଜ ଅନୁଚିନ୍ତା ଉପରେ ସଂପୂର୍ଣ୍ଣ ଭାବରେ ଆଧାରିତ।

ଉପନ୍ୟାସର କଥାବସ୍ତୁରେ ଜଟିଳତା ନଥିଲେ ମଧ୍ୟ, ଗତିବେଗରେ ସମସ୍ତ ଧାରାରେ କୁନ୍ତଳା ଏହାର କଳେବରକୁ ବିମଣ୍ଡିତ କରିଛନ୍ତି। ଦ୍ୱନ୍ଦ୍ୱର ପରିପ୍ରକାଶଗତ ଶିଥିଳତା ଥାଇ ମଧ୍ୟ ଉକ୍ତଣ୍ଠାକୁ ବେଶ୍ ବଳିଷ୍ଠ କରି ଗଢ଼ିତୋଳିବାରେ ଲେଖିକାଙ୍କ ପାରଦର୍ଶିତା ବାରିହୋଇପଡ଼େ। ଦେଶର ପରିସ୍ଥିତି ଓ ନାରୀ ଜାଗରଣ ନିମିତ୍ତ ଆବଶ୍ୟକ ନାରୀ ଚରିତ୍ରର ପରିକଳ୍ପନା କରି, ଲେଖିକା ରତନୀ ପରି ଅତି ଆଦରର ମାନସ କନ୍ୟାର ସନ୍ଧାନ ଖୋଜିପାଇଛନ୍ତି। ସେ 'ନଅତୁଣ୍ଡୀ' ହୋଇ ମଧ୍ୟ ଔପନ୍ୟାସିକାଙ୍କ ଜଣେ ସମର୍ଥ କନ୍ୟାରତ୍ନ। ଉପନ୍ୟାସର ବିଷୟବସ୍ତୁ ବା କାହାଣୀ ଆଧାରରେ 'ନଅତୁଣ୍ଡୀ'ର ପରିକଳ୍ପନା ବାସ୍ତବ ଓ ଜୀବନ୍ତ ହୋଇଛି। ସ୍ୱାଧୀନତା ଆନ୍ଦୋଳନର ପ୍ରେକ୍ଷାପଟରେ ପରିକଳ୍ପିତ ସ୍ୱଦେଶୀ ଅନୁଚିନ୍ତନର ଗଳ୍ପକଳାରେ ଆଲୋଚ୍ୟ ଉପନ୍ୟାସକୁ ବଡ଼ଗଳ୍ପ ନକହି ଉପନ୍ୟାସ କହିବା ଅଧିକ ସମୀଚୀନ। ଅତଏବ ପ୍ଲଟ ବା କାହାଣୀ ଦୃଷ୍ଟିକୋଣରୁ 'ନଅତୁଣ୍ଡୀ' ଏକ ସଫଳ ଉପନ୍ୟାସ।

କଥାଶିଳ୍ପୀ କୁନ୍ତଳା କୁମାରୀଙ୍କ ଅନ୍ୟତମ ଉପନ୍ୟାସ 'କାଳୀବୋହୂ'ର କଥାବସ୍ତୁରେ ଜଣେ ବାଲ୍ୟବିଧବାର କରୁଣ କାହାଣୀକୁ ପ୍ରକାଶ କରିବା ସହିତ ଲେଖିକା ତାଙ୍କ ଜୀବନର ଉଚ୍ଚ ଆଦର୍ଶ ତଥା ସମାଜସଂସ୍କାରର ମନୋବୃତ୍ତିକୁ ଉପସ୍ଥାପିତ କରିଅଛନ୍ତି। ଅଚ୍ୟୁତ ମିଶ୍ରଙ୍କ କନ୍ୟା ଲକ୍ଷ୍ମୀ ସାତବର୍ଷ ବୟସରେ ବିବାହ ହୁଏ ପୀତାମ୍ବରକୁ। ଦଶବର୍ଷ ବୟସରେ ସେ ବିଧବା ହୁଏ। ଲକ୍ଷ୍ମୀର ଦୁଃଖରେ ମର୍ମାହତ ହୋଇ ତା'ମାଆଙ୍କର ଅକଳା ମୃତ୍ୟୁ ହୁଏ। କିଛିଦିନ ପରେ ସେ ପିତାଙ୍କୁ ମଧ୍ୟ ହରାଏ। ନିରାଶ୍ରୟା ହୁଏ ସୁନ୍ଦରୀ ବିଧବା ଲକ୍ଷ୍ମୀ। ସଂପତ୍ତି ଥିଲେ ମଧ୍ୟ ମାତାଙ୍କ ଅବର୍ତ୍ତମାନରେ ସେ ଦୁଃଖିନୀ ହୋଇଯାଏ। ତଥାକଥିତ ଆତ୍ମୀୟସ୍ୱଜନମାନେ ଲକ୍ଷ୍ମୀକୁ ବିପଦ ମୁହଁକୁ ଠେଲିଦିଅନ୍ତି। କିଏ ନ ଚାହେଁ ତାକୁ କଳଙ୍କିନୀ କରାଇ ତା' ବିପୁଳ ସଂପତ୍ତିକୁ ଆତ୍ମସାତ କରିନେବାକୁ। ଲକ୍ଷ୍ମୀ ଉପରେ ବିପଦ ଘନେଇ ଆସେ। ସାମାଜିକ ପ୍ରଥାର ବାଧ୍ୟବାଧକତା ହେତୁ ତାକୁ କଠୋର ସଂଯମ ଆଚରଣ କରି, ଧାର୍ମିକ ନୀତିନିୟମ ପାଳି, ନିର୍ଦ୍ଧାରିତ ଦିନରେ ଉପବାସ କରି, ଧଳାଲୁଗା ପିନ୍ଧି କୌଣସି ପ୍ରକାର ପ୍ରସାଧନ ନକରି ଜୀବନ ବିତାଇବାକୁ ପଡ଼େ। ଅନ୍ୟପକ୍ଷରେ ତା'ବାପାଙ୍କର ଅନ୍ୟ ଚାରିଜଣ ଯୁବତୀ ସ୍ତ୍ରୀ ଆମୋଦ ପ୍ରମୋଦ ଭିତରେ ଜୀବନ କଟାନ୍ତି ଏବଂ ସମ୍ମାନସ୍ପଦ ବିବାହିତା ମହିଳା ରୂପେ ସାମାଜିକ ମାନ୍ୟତା ଉପଭୋଗ କରନ୍ତି।

ମାତାଙ୍କ ମୃତ୍ୟୁର ଅଳ୍ପଦିନ ପରେ ନୈତିକ ଦୁର୍ନୀତିଯୁକ୍ତ ପିତା ଅଚ୍ୟୁତ ମିଶ୍ରଙ୍କର ମଧ୍ୟ ମୃତ୍ୟୁ ହୁଏ। ସଂପତ୍ତି ପାଇଁ ଚାଲେ ଟଣାଓଟରା। ଲକ୍ଷ୍ମୀର ସମବୟସ୍କା ସାବତମା' ରେବତୀ ଓ ଇନ୍ଦୁର ଦୁର୍ବ୍ୟବହାର ଏବଂ ଲାଞ୍ଛନାର ଶିକାର ହୁଏ। ଅନ୍ୟତମ ବିମାତା 'ଶରଧା'ର ଭାଇ ନବଘନ ବିବାହିତ ଓ ଭଉଣୀ ଘରେ ଆଶ୍ରିତ ଥାଏ ଲକ୍ଷ୍ମୀ ଉପରେ ଲୋଲୁପଦୃଷ୍ଟି ପକାଏ। ସମାଜର ଚିରାଚରିତ ଅନ୍ଧ ବୁଝାମଣା ଅନୁଯାୟୀ ଅବଳା ଲକ୍ଷ୍ମୀ ଉପରେ ଦୋଷାରୋପ କରାଯାଏ। ଏକ ଦିଗରେ ବିମାତାମାନଙ୍କ ବାକ୍ୟବାଣ ଓ ନବଘନର ସ୍ତ୍ରୀ କୌଶଲ୍ୟାର ଈର୍ଷାରୂପକ ଅନଳରେ ଲକ୍ଷ୍ମୀର ପ୍ରାଣ ଦଗ୍ଧ ହୋଇଛି। ଲକ୍ଷ୍ମୀ ଅନ୍ୟ ଉପାୟ ନପାଇ ନିଜର ସତୀତ୍ୱ ରକ୍ଷା ନିମନ୍ତେ ଗୃହତ୍ୟାଗ କରିବାକୁ ସଂକଳ୍ପ କରି ସମସ୍ତଙ୍କ ଅଲକ୍ଷ୍ୟରେ ବୃନ୍ଦାବନ ଯାତ୍ରା କରିବାକୁ ଶ୍ରେୟ ମଣିଛି। ସେଠାରେ ପହଞ୍ଚି ଏକ ଆଶ୍ରମରେ ଆଶ୍ରୟ ନିଏ। ସେଠାକାର ଅନ୍ତେବାସୀମାନେ ଭକ୍ତି ଓ ତିତିକ୍ଷାର ଛଳନା କରି ଇନ୍ଦ୍ରିୟପ୍ରବଣ ଜୀବନ ବଞ୍ଚୁଥିବାର ଦେଖି ଆଘାତ ପାଏ। ସନ୍ନ୍ୟାସୀ ତ୍ରିଲୋଚନ ସହିତ ସେ "କଣ୍ଠୀ ବଦଳରେ ସମ୍ମତା ହୁଏ ନାହିଁ।" ହତାଶ ହୋଇ ସେ ଯମୁନା ନଦୀକୁ ଡ଼େଇଁ ଆତ୍ମହତ୍ୟା କରିବାର ଚେଷ୍ଟା କରେ। ସୌଭାଗ୍ୟକ୍ରମେ ସ୍ୱାମୀ ସଦାନନ୍ଦ ତାକୁ ଉଦ୍ଧାର କରନ୍ତି। ସ୍ୱାମୀଜୀଙ୍କ ପ୍ରଗତିବାଦୀ ଦୃଷ୍ଟିକୋଣ

ଲକ୍ଷ୍ମୀକୁ ପ୍ରଭାବିତ କରେ ଏବଂ ସେ ଅଧ୍ୟୟନ ସେବା ପ୍ରତି ନିଜକୁ ଉତ୍ସର୍ଗ କରେ। ସ୍ୱାମୀ ସଦାନନ୍ଦ ଥିଲେ ନାରୀମୁକ୍ତି ଓ ବିଧବା ବିବାହର ଜଣେ ମହାନ୍ ପ୍ରବକ୍ତା। ବିଧବା ବିବାହକୁ ନେଇ ସ୍ୱାମୀଙ୍କ ଆଦର୍ଶରେ ପ୍ରଭାବିତ ହୋଇ ଚନ୍ଦ୍ରୋଦୟ ନାମକ ଜଣେ ଯୁବକ ତା'ର ରକ୍ଷଣଶୀଳ ପରିବାରର ଦୃଢ଼ ବିରୋଧ ସତ୍ତ୍ୱେ ଲକ୍ଷ୍ମୀକୁ ବିବାହ କରେ। ଉଭୟ ଚନ୍ଦ୍ରୋଦୟ ଓ ଲକ୍ଷ୍ମୀ ସମାଜସେବା ଲାଗି ନିଜ ନିଜର ଜୀବନକୁ ଉତ୍ସର୍ଗ କରନ୍ତି ଏବଂ ସୁଖ ସନ୍ତୋଷରେ ଜୀବନଯାପନ କରନ୍ତି। ଜଣେ କଳି ବାଲ୍ୟବିଧବା ଶେଷରେ ନିଃସ୍ୱାର୍ଥପର ସେବା ଏବଂ ସଂପୂର୍ଣ୍ଣ ସନ୍ତୋଷମୟ ଜୀବନର ମୂର୍ତ୍ତିମନ୍ତ ରୂପକୁ ଆଲୋଚ୍ୟ ଉପନ୍ୟାସରେ ଚିତ୍ରିତ କରିଅଛନ୍ତି।

ଔପନ୍ୟାସିକା 'କାଳୀବୋହୂ' ଉପନ୍ୟାସରେ ଲକ୍ଷ୍ମୀ ଜୀବନର କାହାଣୀ ବର୍ଣ୍ଣନା କରିବା ସହିତ ଆନୁସାଙ୍ଗିକ ଭାବରେ ମହାତ୍ୟାଗୀ ଦ୍ୱାରିକାନାଥ, ଓକିଲ ତଥା ଜମିଦାର ଅଭୟଚନ୍ଦ୍ର, ସ୍ୱାମୀ ସଦାନନ୍ଦ, ତାଙ୍କ ଶିଷ୍ୟ ଚନ୍ଦ୍ରୋଦୟ, ବର୍ଣୀ କୃଷ୍ଣଚନ୍ଦ୍ର ଓ ତାଙ୍କ ପତ୍ନୀ ସରସ୍ୱତୀ ଇତ୍ୟାଦିଙ୍କ ସେବାତ୍ୟାଗ ଓ ସମାଜ ସଂସ୍କାରର ବର୍ଣ୍ଣନା କରିଅଛନ୍ତି। ଲକ୍ଷ୍ମୀର ଜୀବନର ଦୁଇଗୋଟି ଦିଗକୁ ବର୍ଣ୍ଣନା କରିବା ସହିତ ତା'ର ନାରୀଧର୍ମର ରକ୍ଷା ନିମନ୍ତେ ସେ ଯେଉଁ ପଦକ୍ଷେପ ନେଇଛି ତାକୁ ବେଶ୍ ଚମତ୍କାର ଭାବରେ ପ୍ରକାଶ କରିଛନ୍ତି। ଖଳଚରିତ୍ରର ଉପସ୍ଥାପନାରେ ସାବତମା'ମାନଙ୍କ ଭୂମିକା ଓ ନବଘନର ଔଦ୍ଧତ୍ୟକୁ ଜୀବନ୍ତ କରି ଗଢ଼ିତୋଳିଛନ୍ତି ଲେଖିକା। କଥାବସ୍ତୁର ପ୍ରାରମ୍ଭ, ପ୍ରବାହ, ଶୀର୍ଷବିନ୍ଦୁ, ଗ୍ରନ୍ଥିମୋଚନ ତଥା ପରିସମାପ୍ତିର ଧାରାକୁ ସୁନ୍ଦର ରୂପରେ ସଜ୍ଜିତ କରି ଲେଖିକା ଉପନ୍ୟାସର କଥାବସ୍ତୁକୁ ସରସ, ସୁନ୍ଦର ତଥା ଚିତାକର୍ଷକ କରିଅଛନ୍ତି। କଥାବସ୍ତୁ ବା ପ୍ଲଟ ଦୃଷ୍ଟିକୋଣରୁ 'କାଳୀବୋହୂ'କୁ ବଡଗଳ୍ପ ନକହି ଓଡ଼ିଆ ଉପନ୍ୟାସ ସାହିତ୍ୟର ପ୍ରାରମ୍ଭିକ ପର୍ଯ୍ୟାୟ ଏକ ସାର୍ଥକ ଉପନ୍ୟାସ କହିବା ଏକାନ୍ତ ଯୁକ୍ତିଯୁକ୍ତ।

ଉପନ୍ୟାସ 'ରଘୁ ଅରକ୍ଷିତ' କୁନ୍ତଳା କୁମାରୀଙ୍କ ଏକ ସାମାଜିକ ଉପନ୍ୟାସ। ଏଥିରେ ଓଡ଼ିଆ ସମାଜର କୁସଂସ୍କାର, ଅନ୍ଧବିଶ୍ୱାସ, ବାଲ୍ୟବିବାହ, ଜାତୀୟ ଜାଗରଣ, ଅସହଯୋଗ ଆନ୍ଦୋଳନ, ମୁକ୍ତି ଆନ୍ଦୋଳନର ଚିତ୍ର ଓ ନାରୀ ଜାଗରଣର ଚିତ୍ର ଅଙ୍କିତ ହୋଇଥିବାର ଦୃଷ୍ଟିଗୋଚର ହୁଏ। ଆଲୋଚକମାନଙ୍କ ମତରେ ଏହା ଏକ ସତ୍ୟଘଟଣା ଉପରେ ଲିଖିତ ବଳିଷ୍ଠ ରଚନା। ନାରୀ କବୀଙ୍କ ଜୀବନୀଗ୍ରନ୍ଥରେ ଏ ଉପନ୍ୟାସ ସତ୍ୟଘଟଣା ଆଧାରିତ ବୋଲି ଲେଖକ ଚକ୍ରଧର ମହାପାତ୍ର ଉଲ୍ଲେଖ କରିଅଛନ୍ତି।୬ ଉପନ୍ୟାସର କଥାବସ୍ତୁ ପ୍ରେକ୍ଷାପଟରେ ଏହା ମୁଖ୍ୟ ଓ ଗୌଣ କାହାଣୀକୁ ଆଧାର କରି ରଚିତ। ଜଣେ ଧନୀ ବ୍ୟକ୍ତିର ଝିଅ ସୀତା ଏବଂ ଗରିବ ଅନାଥ ରଘୁନାଥ ମଧ୍ୟରେ ଥିବା ଅପୂର୍ଣ୍ଣ ପ୍ରେମକୁ ଆଧାର କରି ଉପନ୍ୟାସର ଆଖ୍ୟାନବସ୍ତୁ ପରିକଳ୍ପିତ ହୋଇଛି। ସୀତାର ବାପା ଚନ୍ଦ୍ରଶେଖର ମିଶ୍ର ଏତେ ମାତ୍ରାରେ ଲୋଭି ଯେ ନିଜ ପୁଅ ପାଇଁ ସୀତାକୁ ଦେଖିଆସିଥିବା ବୃନ୍ଦାବନ ଚୌଧୁରୀ ନିଜେ ସୀତାକୁ ବିବାହ କରିବାକୁ ଚାହିଁଥିବାରୁ ସେଥିରେ ସେ ସମ୍ମତି ପ୍ରଦାନ କରିବାକୁ ବଦ୍ଧ ପରିକର। ମାତ୍ର ବିବାହ ହୋଇପାରେନା। ଏହି ବିବାହ ହେବା ପୂର୍ବରୁ ବୃନ୍ଦାବନ ମୃତ୍ୟୁବରଣ କରେ। ତତ୍ପରେ ଚନ୍ଦ୍ରଶେଖର, ଦିବାକର ମିଶ୍ର ନାମକ ଜଣେ ଜମିଦାର ଠାରୁ ଟଙ୍କାନେଇ ସୀତାକୁ ତା'ସହ ବିବାହ ପାଇଁ ବାଧ୍ୟ କରିଛି। ସୀତା ନୀରବ ନିଭୃତରେ ପ୍ରାଣ, ମନ, ହୃଦୟ ସବୁକିଛି ରଘୁନାଥକୁ ସମର୍ପଣ କରିଥିଲେ ମଧ୍ୟ ନିଜ ଇଚ୍ଛା ବିରୁଦ୍ଧରେ ଭଗ୍ନ ହୃଦୟ ନେଇ ଦିବାକରକୁ ବିବାହ କରିଛି। ସୀତା ହୋଇଛି ତା'ର ତୃତୀୟ ସ୍ତ୍ରୀ। ତା'ର ପ୍ରଥମ ସ୍ତ୍ରୀ ସ୍ୱାମୀ ଦ୍ୱାରା ଲାଞ୍ଛିତା ହୋଇ ଦୁଇଟି ସନ୍ତାନ ଛାଡ଼ି ଆତ୍ମହତ୍ୟା କରିଛି। ତା'ର ଦ୍ୱିତୀୟ ସ୍ତ୍ରୀ ଶଙ୍କରୀ ବିଭିନ୍ନ ରୋଗରେ ଆକ୍ରାନ୍ତ ଓ ମୃତକଳ୍ପ ସଦୃଶ ଜୀବନ ଅତିବାହିତ କରି କେବଳ ବଞ୍ଚିରହିଛି। କଟକ ଓ କଲିକତାରେ ଦିବାକରର ରକ୍ଷିତା ସଂଖ୍ୟା କିଛି କମ୍ ନୁହେଁ। ସୀତା ଦୁର୍ଦ୍ଦଶାଗ୍ରସ୍ତ ଜୀବନ ବଞ୍ଚି ଖୁବ୍ ଶୀଘ୍ର ବିଧବା ହୁଏ। ବାଲ୍ୟକାଳରୁ ଅନାଥ ରଘୁକୁ ଜଗନ୍ନାଥ କବିରାଜ ଏବଂ ସରସ୍ୱତୀ ପାଳନ୍ତି ଏବଂ ତାକୁ ନିଜର ପୁଅପରି ଦେଖୁଥିଲେ। ରଘୁନାଥ ମାୟାକୁ ବିବାହ କରେ ଓ ଖୁବ୍‌ଶୀଘ୍ର ମୃତଦାର ହୁଏ। ଅଦୃଷ୍ଟର ଆଶ୍ଚର୍ଯ୍ୟ ପରିବର୍ତ୍ତନରେ ରଘୁନାଥ ଜଣେ ଧନୀ ବ୍ୟକ୍ତିରେ ପରିଣତ ହୁଏ ଏବଂ ସୀତାକୁ ବିବାହ ପ୍ରସ୍ତାବ ଦିଏ। ସୀତା ଏପରି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରେ ଏବଂ ଜଣେ ବିବାହିତା ମହିଳାକୁ ବିବାହ ପ୍ରସ୍ତାବ ଦେଇ ପାପ କରିଥିବାରୁ ତାକୁ ଭର୍ତ୍ସନା କରେ। ରଘୁନାଥ ନିଜକୁ ଦେଶସେବାରେ ଉତ୍ସର୍ଗ କରିଦିଏ। ଏହି କଥାବସ୍ତୁ ସହିତ ରଘୁ ଚରିତ୍ରର ମହତ୍ତ୍ୱ ପ୍ରତିପାଦନ କରିବା ନିମନ୍ତେ ଲେଖିକା ସାରସ୍ୱତ ବ୍ରାହ୍ମଣ ସନ୍ତାନ ପୁସ୍ତକ ବ୍ୟବସାୟୀ ଚେମନଲାଲ ଓ ତାଙ୍କ ପରିବାରକୁ ସଂଯୋଜିତ କରିଅଛନ୍ତି। ଚେମନଲାଲର ପୁତ୍ର ଲଛମନକୁ ଦେଶସେବା କର୍ମରେ ବ୍ରତୀ କରାଇ ତାଙ୍କ ପୁତ୍ର ଓ ବିଧବା କନ୍ୟା ତୁକା ଚରିତ୍ର ମଧ୍ୟରେ ଦେଶଭକ୍ତ ହେବାର ବୀଜବପନ କରିଅଛନ୍ତି। ଏପରି ଘଟଣାର ବିନ୍ୟାସ କରି କୁନ୍ତଳା କୁମାରୀ ଦେଶକୁ ସ୍ୱାଧୀନ କରିବା ନିମନ୍ତେ ଦୃଢ଼ ପଦକ୍ଷେପ ନେଇଥିବାର ଭାବନା ପ୍ରକାଶ ପାଇଅଛି। ଉପନ୍ୟାସ 'ରଘୁ ଅରକ୍ଷିତ'ର କଥାବସ୍ତୁରେ ସାମଗ୍ରିକ ଭାବେ ସମସ୍ତ ଔପନ୍ୟାସିକ ପ୍ଲଟର ବିଭବ ପରିଲକ୍ଷିତ ହୋଇଥିବାର ଦେଖାଯାଏ।

ଲେଖିକାଙ୍କ ଅନ୍ୟତମ ଉପନ୍ୟାସ 'ପରଶମଣି'ରେ ବିଂଶ ଶତାବ୍ଦୀର ଆଦ୍ୟ ଭାଗରେ ପୁରୁଷ ପ୍ରଧାନ ସମାଜରେ ନାରୀର ଦୁଃଖଦୁର୍ଦ୍ଦଶା କିପରି ଥିଲା ତାହା ଚିତ୍ରିତ କରିବାକୁ ଯାଇ ଅନ୍ଧବିଶ୍ୱାସ, ଅଜ୍ଞତା ତଥା ଶୋଷଣ କବଳରୁ ସେମାନଙ୍କୁ ମୁକ୍ତିଦେବା ନିମନ୍ତେ ପ୍ରୟାସ କରିଅଛନ୍ତି।

ନବବିବାହିତା ବିମ୍ବାଧର ପତ୍ନୀ ଲଳିତା ଶାଶୁଘରର ସମସ୍ତଙ୍କୁ ସୁଖୀ କରିବାକୁ ଶତଚେଷ୍ଟା କରି ମଧ୍ୟ ସେମାନଙ୍କ ଦ୍ୱାରା ଲାଞ୍ଛିତ ହୋଇଛି। ତା'ର ସ୍ୱାମୀ ବିମ୍ବାଧର ଛୁଟିରେ ଗାଁକୁ ଯାଇ କଷ୍ଟ ଓ ଲାଜରେ ମାଆକୁ ନୂତନ ବିବାହିତା ସ୍ତ୍ରୀକୁ ସହର ଆଣିବା କଥା ପଚାରେ; ହେଲେ ତାକୁ ନିରାଶ ହେବାକୁ ପଡ଼େ। କିଛିଦିନ ପରେ ଦଶହରା ଛୁଟିରେ ଖର୍ଚ୍ଚକମ୍ ନିମନ୍ତେ ଘରକୁ ଆସିପାରିବ ନାହିଁ ବୋଲି ବିମ୍ବାଧର ଚିଠିଦେଇ ରହିଯାଏ କଟକରେ। ଲଳିତା ନୀରବରେ ତା'ର ଶାଶୁଙ୍କର ଗଂଜଣା ସହି ସ୍ୱାମୀଙ୍କ ଘରବାହୁଡ଼ାକୁ ଅପେକ୍ଷା କରେ। ଲାଞ୍ଛନା ଅମାନବୀୟ ତଥା ଅସହ୍ୟ ହେବାରୁ ଲଳିତା ଆତ୍ମହତ୍ୟା କରିବାକୁ ଚେଷ୍ଟାକରେ ଏବଂ ଏପରି ପରିସ୍ଥିତିର ତା' ସ୍ୱାମୀର ତେରବର୍ଷର ସାନଭାଇ ବୃନ୍ଦାବନ ତାକୁ ଉଦ୍ଧାର କରି ଚକ୍ରାନ୍ତ ପୂର୍ବକ ଭାଉଜକୁ ତାଙ୍କ ବାପଘରକୁ ଯିବାର ସୁଯୋଗ ସୃଷ୍ଟି କରି ଦିନେ ଲଳିତାକୁ ନେଇ ଭାଇ ପାଖରେ ଛାଡିଦିଏ। କଟକରେ ନିଃସଙ୍ଗ ଜୀବନଯାପନ କରିନପାରି ବିମ୍ବାଧରର ଜୀବନ ଦୁର୍ବିସହ ହୋଇପଡେ। ସେ କୁସଂଗରେ ପଡି ମଦପିଏ ଏବଂ ବେଶ୍ୟାଳୟ ଯିବାକୁ ଉଚିତ ମଣେ। ଏପରି କର୍ମରେ ପଡିଲେ ଅନେକ ଧାରକରଜ କରି ଋଣଗ୍ରସ୍ତ ତଥା ରୁଗ୍‌ଣ ହୋଇପଡ଼େ। ସ୍ୱାମୀକୁ ଏପରି ଅବସ୍ଥାରେ ଦେଖି ଲଳିତା ନିଜର ଗହଣା ବିକ୍ରିକରି ସ୍ୱାମୀର ଋଣ ଶୁଝିବାରେ ସାହାଯ୍ୟ କରେ ଓ ସେବାଯତ୍ନ ବଳରେ ବିମ୍ବାଧରକୁ ରୋଗମୁକ୍ତ କରାଏ। କିଛିଦିନ ପାଇଁ ବିମ୍ବାଧର ସବୁ ଖରାପ ଅଭ୍ୟାସ ଛାଡ଼ିଦେଇ ପୂର୍ବ ଅବସ୍ଥାକୁ ଫେରିଆସେ ସତ, ମାତ୍ର ତା'ର ଚାରୋଟି ସନ୍ତାନ ପିତାର ଅର୍ଜିତ ପାପରୁ ମୁକ୍ତି ପାଇ ନପାରି ମୃତ୍ୟୁବରଣ କରନ୍ତି। ଲଳିତା ଏପରି ଦୁଃଖ ଓ ଚିନ୍ତାରେ ମ୍ରିୟମାଣ ହୋଇ ରୋଗରେ ଆକ୍ରାନ୍ତ ହୁଏ। ବୃନ୍ଦାବନର ଟିଉସନ ପଇସାରେ ଘର ଚଳାଇବା ସମ୍ଭବପର ହୁଏନା। ସେ ନିଜେ ବିବାହ ନକରି ପରିବାରକୁ ଚଳାଇବାର ଆପ୍ରାଣ ଚେଷ୍ଟାକରେ। ଶେଷରେ ବିମ୍ବାଧର କଠିନ ରୋଗରେ ପଡ଼ି ମୃତ୍ୟୁବରଣ କରିବା ପରେ ଲଳିତା ତା'ର ସାଂସାରିକ ଜୀବନ ପରିତ୍ୟାଗ କରି ସନ୍ନ୍ୟାସିନୀ ଭାବେ ଜୀବନ କଟାଏ। ଶାଶୁ ନିଜର ଦୋଷ ସ୍ୱୀକାର କଲାବେଳକୁ ସବୁକଥାର ପରିସମାପ୍ତି ହୋଇସାରିଥାଏ। କଥାବସ୍ତୁର ଏତାଦୃଶ ପରିସମାପ୍ତି ମଧ୍ୟରେ ଲେଖିକା ଏକ ସୁଖର ପରିବାର କିପରି ଧ୍ୱଂସମୁଖରେ ପତିତ ହୋଇଛି ତା'ର ରୂପ ପ୍ରକାଶ କରିଅଛନ୍ତି। ଏହି ଉପନ୍ୟାସର ଗଳ୍ପବିନ୍ୟାସ କରି କୁନ୍ତଳା କୁମାରୀ ଓଡ଼ିଆ ପରିବାରର ଏକ ନିଖୁଣ ଚିତ୍ର ଅଙ୍କନ କରିବା ସହିତ ନିଷ୍ଠୁର ଶାଶୁ ଓ ନଣନ୍ଦ ଚରିତ୍ରର ବିଭତ୍ସ ରୂପକୁ ପ୍ରକଟନ କରିଅଛନ୍ତି। ରଚନାର ଶୈଳ୍ପିକ ମୂଲ୍ୟ ମଧ୍ୟରେ ଲେଖିକା ଉପନ୍ୟାସର ପ୍ଲଟଗତ ସମସ୍ତ ମୂଲ୍ୟବୋଧକୁ ପ୍ରକାଶିତ କରି ଏହି 'ପରଶମଣି'କୁ ଉପନ୍ୟାସର ମର୍ଯ୍ୟାଦା ପ୍ରଦାନ କରିଅଛନ୍ତି।

***ପାଦୀ: କୁନ୍ତଳା କୁମାରୀଙ୍କ ଉପନ୍ୟାସର କାହାଣୀ ବିଭବ***

ଲେଖିକାଙ୍କ କଥାଗ୍ରନ୍ଥ 'ଚିତ୍ରପଟ'ର କଥାବସ୍ତୁ ଜଗନ୍ନାଥ ପାଟରା ଓରଫ ଯୋନାଥନ ପାତ୍ରର ଜୀବନ କାହାଣୀ ଉପରେ ଆଧାରିତ ନଅଗୋଟି ପରିଚ୍ଛେଦରେ ରଚିତ ଏକ ଅସଂପୂର୍ଣ୍ଣ ଉପନ୍ୟାସ। ଏହି ନଅଗୋଟି ପରିଚ୍ଛେଦ ପାଠକଲେ ଜଣାଯାଏ ଯେ, ଉପନ୍ୟାସଟିର କଥାବିନ୍ୟାସ ମଧ୍ୟରେ ଅସଂପୂର୍ଣ୍ଣତାର ସ୍ଥିତି ଥିଲେ ମଧ୍ୟ ଲେଖିକାଙ୍କ ଗଳ୍ପ ବିନ୍ୟାସର ତଥ୍ୟ ସଂପୂର୍ଣ୍ଣ ଭାବରେ ସ୍ପଷ୍ଟ ହୋଇଯାଏ। ଏଥିପାଇଁ ଓଡ଼ିଆ ଉପନ୍ୟାସ ସାହିତ୍ୟର ଇତିହାସ ପ୍ରଣେତା ଡକ୍ଟର ସୁରେନ୍ଦ୍ରନାଥ ପାଣିଗ୍ରାହୀ କହନ୍ତି- "ଏହା ପୂର୍ଣ୍ଣାଙ୍ଗ ହୋଇଥିଲେ ଓଡ଼ିଆ ଉପନ୍ୟାସ ଭଣ୍ଡାର ଅଧିକ ସମୃଦ୍ଧ ହୋଇଥାନ୍ତା।"[୬] ଏପରି ମତପ୍ରଦାନ ଅନ୍ତରାଳରେ ଲେଖକଙ୍କ 'ଚିତ୍ରପଟ' ଉପନ୍ୟାସର କଥାବସ୍ତୁ, ପୃଷ୍ଠଭୂମି, ଗତିଶୀଳତା ଓ ଲେଖିକାଙ୍କ ଅପୂର୍ଣ୍ଣ ରହିଥିବା ବିଷୟକୁ ନିଜ ଦୃଷ୍ଟିରେ ପରିକଳ୍ପନାକୁ ଆଧାର କରି ପ୍ରଦାନ କରାଯାଇଛି ବୋଲି ସ୍ପଷ୍ଟ ଧାରଣା ହୁଏ। କଥାବସ୍ତୁ ବା କାହାଣୀ ବିନ୍ୟାସର ପରିପ୍ରକାଶରୁ ଜଣାଯାଏ ଯେ ଦନା ଓ ଗେହ୍ଲେଇର ବଡ଼ପୁଅ ଜଗନ୍ନାଥ ଓରଫ୍ ନାଥିଆ ଗାଁ ଚାଟଶାଳୀରୁ ପଢ଼ା ଶେଷ କରି କଟକ ମିଶନାରୀ ସ୍କୁଲରେ ପଢ଼ିବାବେଳେ ମାଆ ତା'ର ପୁଅ ଖ୍ରୀଷ୍ଟିୟାନ ହୋଇଯିବାର ଚିନ୍ତାରେ ବ୍ୟତିବ୍ୟସ୍ତ। ମୃତ ମହିଳା ଶବସତ୍କାର କରିବା, ସମାଜର ଲୋକଙ୍କ ସେବା କରିବା, ଅନାଥ କନ୍ୟା ଶଶୀ ଓ ସୁବାସୀକୁ ଆଶ୍ରାଦେବା ଆଦି କର୍ମରେ ଲିପ୍ତହେବା ନାଥିଆ ଶ୍ରେଣୀବିହୀନ ସମାଜ ଗଠନରେ ବିଭୋର। ହିନ୍ଦୁଧର୍ମର ମୂର୍ତ୍ତିପୂଜା, ଜାତିଭେଦ ପ୍ରଥା ତା'ଆଖିରେ ନିମ୍ନ ମାନସିକତାର ବିଭତ୍ସ ରୂପ ବ୍ୟତୀତ ଅନ୍ୟ କିଛି ନୁହେଁ। ଏଣୁ ଖ୍ରୀଷ୍ଟଧର୍ମ ପ୍ରତି ସ୍ୱତଃ ଶ୍ରଦ୍ଧାଭାବ ତା'ମନରେ ଜାଗିଉଠିଛି। ଖ୍ରୀଷ୍ଟଧର୍ମ ଗ୍ରହଣ କରି ଶଶୀ ନାମକ ଜଣେ ସୁନ୍ଦରୀ, ଶିକ୍ଷିତା ଖ୍ରୀଷ୍ଟିୟାନ ରମଣୀକୁ ବିବାହ କରି କଲିକତାରେ ଚାକିରି କରି ତିନୋଟି କନ୍ୟା ସନ୍ତାନର ଜନକ ହୋଇ କିଛିଦିନ ସୁଖଶାନ୍ତିରେ କାଳ କଟାଇଛି। ଅକାଳରେ ପତ୍ନୀ ଶଶୀର ମୃତ୍ୟୁ ଜଗନ୍ନାଥ ଓରଫ୍ ଯୋନାଥନର ସୁଖର ସଂସାରକୁ ଧୂଳିସାତ୍ କରିଦେଇଛି। ଏପରି ମୁଖ୍ୟ କଥାବସ୍ତୁକୁ ନେଇ 'ଚିତ୍ରପଟ'ର ଚିତ୍ର ଚିତ୍ରିତ ହୋଇଛି। ଗୌଣ କଥାବସ୍ତୁ ଭାବରେ ବୀରବାବୁଙ୍କ ପରିବାରର ବର୍ଣ୍ଣନା ମୁଖ୍ୟ କଥାବସ୍ତୁକୁ ପରିପ୍ରକାଶ କରିବାରେ ସହାୟତା କରିଛି। ଏହି ପରିବାରକୁ ଲେଖିକା ଏକ ଆଦର୍ଶ ଖ୍ରୀଷ୍ଟିୟାନ ପରିବାର ଭାବରେ ଚିତ୍ରଣ କରିଅଛନ୍ତି। ଏପରି ପରିବାରର ପରିଚୟ ଦେବାକୁ ଯାଇ କୁନ୍ତଳା କୁମାରୀ ସେମାନଙ୍କ ସେବା, ପରୋପକାରର ମହତ୍ତ୍ୱକୁ ପ୍ରଦର୍ଶନ କରିଅଛନ୍ତି। ନୀରବାବୁ ବା ବୀର ବିକ୍ରମ ଜେନାଙ୍କ ସଂପର୍କରେ କୁନ୍ତଳା କୁମାରୀ ଲେଖିଛନ୍ତି- "ସେ ବଡ଼ ସତ୍ୟନିଷ୍ଠ। ପରୋପକାରୀ। କୌଣସି ମାଦକଦ୍ରବ୍ୟ ସ୍ପର୍ଶ କରନ୍ତି ନାହିଁ। ××× ଭୋଜନ ପାନରେ

ସଂଯମୀ, ବିଳାସହୀନ ଓ ସଦା ପରିଶ୍ରମକୁଶଳ ସୁଚରିତ୍ର ସଂପନ୍ନ ବୀରବିକ୍ରମ ପ୍ରକୃତରେ ବୀର ବିକ୍ରମ ଥିଲେ।"[୭]

ପ୍ରକୃତ ପ୍ରେମ କେବେ ବ୍ୟର୍ଥ ହୁଏ ନାହିଁ। ସ୍ୱାମୀ ସ୍ତ୍ରୀର ସଂପର୍କ ଧର୍ମ ବା ଧନ ସଂପଦ ଉପରେ ନିର୍ଭର କରେ ନାହିଁ କିମ୍ବା ପ୍ରାଚୁର୍ଯ୍ୟ ଏହି ସଂପର୍କକୁ ସାର୍ଥକ କରିପାରେ ନାହିଁ। ପରସ୍ପରର ମନର ମିଳନରେ ହିଁ ଏହି ବନ୍ଧନ ଦୃଢ଼ ହୁଏ, ସାର୍ଥକ ହୁଏ। ଲେଖିକା ଯୋନାଥନ ଓ ଶଶୀର ଜୀବନ ଚିତ୍ରରେ ଦର୍ଶାଇଛନ୍ତି।

କାହାଣୀ ବିନ୍ୟାସ ବା ପ୍ଲଟକି ଶଶୀର ମୃତ୍ୟୁ ଓ ବଡ଼ଝିଅ ଲଳିତା ବିନୋଦର ପରସ୍ପର ପ୍ରତି ଆକର୍ଷଣ ପ୍ରଦର୍ଶିତ ହୋଇ କୁନ୍ତଳାଙ୍କ ଲେଖନୀ ସ୍ଥଗିତ ହୋଇଛି। ଏହି ଅସଂପୂର୍ଣ୍ଣ ଲେଖାଟିକୁ ସଂପୂର୍ଣ୍ଣ କରିବାକୁ ହେଲେ ପୁଣି ଲଳିତ ଓ ବିନୋଦର ପ୍ରେମ କାହାଣୀକୁ ଆରମ୍ଭ କରି ସେମାନଙ୍କ ସଂପର୍କର ପୂର୍ବରାଗ, ମିଳନ କିମ୍ବା ବିଚ୍ଛେଦର ଚିତ୍ର ଅଙ୍କନ କରି କାହାଣୀଟିକୁ ଶେଷ କରିବାକୁ ପଡିଥାନ୍ତା। ଫଳରେ ଗତାନୁଗତିକତା ବ୍ୟତୀତ ଅନ୍ୟ କିଛି ନୂତନତ୍ୱ ଲେଖାଟିରେ ସୃଷ୍ଟି ହୋଇନଥାନ୍ତା। ମାତ୍ର କୁନ୍ତଳା କୁମାରୀ ଯେଉଁ ମାନସିକତାର ସ୍ରଷ୍ଟା; ସେ ନିଶ୍ଚିତ ଭାବରେ ଏକ ସୁଖକର ପରିଣତିକୁ ପ୍ରାଧାନ୍ୟ ଦେଇ ସେ ଦୁହିଁଙ୍କର ମିଳନରେ ଗଳ୍ପାଂଶର ପରିଣତି ଯେ ଘଟାଇ ଥାଆନ୍ତେ-ଏଥିରେ ସନ୍ଦେହର ଅବକାଶ ନାହିଁ। ତେଣୁ ଅସମାପ୍ତ ବା ଅସଂପୂର୍ଣ୍ଣ ଉପନ୍ୟାସ 'ଚିତ୍ରପଟ' ଶଶୀର ମୃତ୍ୟୁରେ ପରିଣତ ହୋଇଥିଲେ ମଧ୍ୟ; ତାହାହିଁ କଥାଗୁଚ୍ଛଟିର ସଂପୂର୍ଣ୍ଣତା ବୋଲି କହିଲେ ଭୁଲ ହେବନାହିଁ ବୋଲି ଗ୍ରହଣ କରିନିଆଯାଇ ପାରେ। ଅତଏବ ଅସଂପୂର୍ଣ୍ଣ 'ଚିତ୍ରପଟ' ଉପନ୍ୟାସ ଲେଖିକାଙ୍କ ପୂର୍ଣ୍ଣତାର ଏକ ସଫଳ ପ୍ଲଟ ବା କଥାବସ୍ତୁ। ଉପଲବ୍ଧ କାହାଣୀ ପ୍ରେକ୍ଷାପଟରେ ଏହା ଔପନ୍ୟାସିକ ମୂଲ୍ୟବୋଧକୁ ଅସ୍ୱୀକାର କରାଯାଇ ନପାରେ।

'ମା ଓ ପୁଅ' କୁନ୍ତଳା କୁମାରୀଙ୍କ ଅନ୍ୟତମ ଅସଂପୂର୍ଣ୍ଣ ଉପନ୍ୟାସ। ଉପନ୍ୟାସଟିର ପ୍ରଥମ, ଦ୍ୱିତୀୟ, ୩ୟ, ୪ର୍ଥ, ୫ମ, ଷଷ୍ଠ ଓ ସପ୍ତମ ପରିଚ୍ଛେଦ ସଂପର୍କରେ ସ୍ୱକୀୟ ମତ ତଥା ଅପୂର୍ଣ୍ଣ ରୂପ ବିଷୟରେ ଆଲୋଚିକା ବିଦୁଷୀ ସାହୁ କହନ୍ତି- "ଦିଲ୍ଲୀ ରହଣି ସମୟରେ ତାଙ୍କ କର୍ମବହୁଳ ବ୍ୟସ୍ତ ଜୀବନ ଓ ବ୍ୟକ୍ତିଗତ ତଥା ପାରିବାରିକ ଜୀବନ ଝଡ଼ଝଞ୍ଜା, ଅସୁସ୍ଥତା ଜନିତ ଅକାଳ ମୃତ୍ୟୁ ହେତୁ ସେ ଏହି ସୃଷ୍ଟିକୁ ପୂର୍ଣ୍ଣାଙ୍ଗ କରିପାରି ନାହାନ୍ତି। ମାତ୍ର ତାଙ୍କ ଲେଖାର ଧାରାରୁ ଏପରି ଅସଂପୂର୍ଣ୍ଣ ରୂପର ପୂର୍ଣ୍ଣତା ବିଷୟରେ ବିଚାରକଲେ ସ୍ପଷ୍ଟ 'ମା ଓ ପୁଅ' ଉପନ୍ୟାସର ଆଖ୍ୟାନ ଭାଗକୁ ବେଶ୍ ବାରି ହୋଇପଡ଼େ।"[୮] 'ମା ଓ ପୁଅ'ର କାହାଣୀକୁ ନେଇ ଉପନ୍ୟାସଟି ଲିଖିତ ହୋଇଛି। ମା' ହେମବତୀ ଅନ୍ତଃସତ୍ତ୍ୱା ଥିବା ଅବସ୍ଥାରେ କଲିକତା ଚାକିରି କରିବାକୁ ଯାଇଥିବା ସ୍ୱାମୀ କଳାଜ୍ୱରର ଶିକାର ହୋଇ ମୃତ୍ୟୁବରଣ କରିଛି। ଆତ୍ମୀୟଙ୍କ ଚକ୍ରାନ୍ତରେ ସର୍ବସ୍ୱ ହରାଇ ହେମବତୀ ପୁଅକୁ ମଣିଷ କରିବା ପାଇଁ ବିଡିବଳା କାମ କରି ପୁଅ ବିଜୟକୁ ପାଠ ପଢାଇଛି। ସାରଦାବାବୁ ଓ ପ୍ରଭାକର ବାବୁ ଏ ଦିଗରେ ବହୁତ ସାହାଯ୍ୟ କରିଛନ୍ତି। ଶିକ୍ଷକ ବ୍ରଜବାବୁ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜୟ ମଣିଷ ପରି ମଣିଷ ହୋଇଛି। ରମାନାନୀ ସହିତ ସାଥୀହୋଇ ହେମବତୀ ଦେଶର ଉନ୍ନତି କଥା ତଥା କଟକ ସହରର ରାଜନୀତିବାଲାଙ୍କ ଦୌରାତ୍ମ୍ୟ ବିଷୟ ବିଶେଷଭାବେ ଚିନ୍ତାପ୍ରକଟ କରିଛନ୍ତି। ବଦାନ୍ୟ ଜମିଦାର ହରେନ୍ଦ୍ରବାବୁଙ୍କ ନୀତିନିଷ୍ଠ ଜୀବନଯାପନ କଥା ଓ ଲୋକଙ୍କୁ ବିପଦରେ ସାହାଯ୍ୟ କରିବା ପ୍ରସଙ୍ଗ ବର୍ଣ୍ଣିତ ହୋଇଛି। ଜମିଦାରଙ୍କ ସାନଭାଇ ବଡ଼ଭାଇଙ୍କ ଆଦର୍ଶରେ ଅନୁପ୍ରାଣିତ ହେଲେ ମଧ୍ୟ ତାଙ୍କ ସ୍ତ୍ରୀ ସୁରୁଚିଦେବୀ କିପରି ବିଳାସପୂର୍ଣ୍ଣ ଜୀବନଯାପନ କରନ୍ତି ତାହା ଉପନ୍ୟାସ ପରବର୍ତ୍ତୀ ପରିଚ୍ଛେଦରେ ବର୍ଣ୍ଣିତ ହୋଇଛି। ବାଲ୍ୟବିବାହ, କୁଟୀର ଶିକ୍ଷାଶ୍ରମ ସ୍ଥାପନ ପ୍ରସଙ୍ଗ ଓ ତନ୍ତୀ ସାହିରେ ଅଗ୍ନିନିର୍ବାପନ ତଥା ସାହାଯ୍ୟ ପ୍ରଦାନ ପ୍ରସଙ୍ଗ ପରବର୍ତ୍ତୀ ଷଷ୍ଠ ପରିଚ୍ଛେଦରେ ବର୍ଣ୍ଣିତ ହୋଇଛି। ଏଥିରୁ ଜମିଦାରଙ୍କ ମହତ ପଣିଆର ରୂପ ପ୍ରକାଶିତ ହୁଏ। ବଂଗୀୟ ନାରୀର ଉତ୍କଳବାସୀଙ୍କ ପ୍ରତି ବିରୋଧ ମନୋଭାବ ସୁରୁଚି ଚରିତ୍ରରେ ପ୍ରକାଶ ପାଇବା ସହିତ ବିରେନ୍ଦ୍ରକୁ ଛାଡ଼ି ଚାଲିଯିବାର ସିଦ୍ଧାନ୍ତ ନିଜ ମାଆଙ୍କ ପ୍ରରୋଚନାରେ ଓଡ଼ିଶା ତ୍ୟାଗ କରିଛି ବଂଗୀୟ ଯୁବତୀ ସୁରୁଚି। ସୁରୁଚି ଦ୍ୱାରା ଉତ୍କଳ ପ୍ରତି ପ୍ରଦାନ କରାଯାଇଛି କଟୂକ୍ତି ଓ ସୁରୁଚିର ଓଡ଼ିଶା ଛାଡ଼ିବା ପରେପରେ ଉପନ୍ୟାସର ପରବର୍ତ୍ତୀ ଅଂଶ ହଜିଯାଇଥିବାର ଜଣାଯାଏ। ଲେଖିକା ଗୋଟିଏ ଦିଗରେ ଓଡ଼ିଶାର ସଂସ୍କୃତିଯୁକ୍ତ ଜୀବନର ଚିତ୍ର ଅନ୍ୟ ଦିଗରେ ବଂଗୀୟ ନାରୀମାନଙ୍କ ବିଳାସପୂର୍ଣ୍ଣ ଜୀବନଯାପନ କଥା ପ୍ରକାଶ କରି ଦୁଇ ସଂସ୍କୃତି ମଧ୍ୟରେ ଥିବା ତଫାତ୍ ଭାବନାର ରୂପକୁ ପ୍ରାପ୍ତ ଉପନ୍ୟାସର ଅସଂପୂର୍ଣ୍ଣ ଅଂଶକୁ ଲିପିବଦ୍ଧ କରିଅଛନ୍ତି। ଅସଂପୂର୍ଣ୍ଣ ହୋଇଥିଲେ ମଧ୍ୟ ଲେଖିକାଙ୍କ କଥାବିନ୍ୟାସରୁ 'ମା ଓ ପୁଅ' ଉପନ୍ୟାସରୁ ସ୍ୱଦେଶୀ ଚିନ୍ତା, ଉତ୍କଳୀୟ ପ୍ରାଣତାର ପରିଚୟ ମିଳେ। ଅସଂପୂର୍ଣ୍ଣ ହୋଇଥିଲେ ମଧ୍ୟ 'ମା ଓ ପୁଅ'ରୁ ଲେଖିକାଙ୍କ ସୃଜନ ଆଭିମୁଖ୍ୟ ସ୍ପଷ୍ଟ ଅନୁଭୂତ ହୁଏ। ମାନବୀୟ ପ୍ରେମର ପରାକାଷ୍ଠା, ଶିକ୍ଷିତ ଯୁବକର ସମାଜ ଗଠନରେ ସଂପୃକ୍ତି, ଧର୍ମାନ୍ଧତା ମଧ୍ୟରୁ ମୁକ୍ତିପ୍ରୟାସ, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ସଂକଳ୍ପ, ଜାତୀୟ ଜୀବନର ଉତ୍କର୍ଷ ଭାବର ଚିନ୍ତାଚେତନା ଏହି 'ମା ଓ ପୁଅ' ଉପନ୍ୟାସର ଆଖ୍ୟାନ ଭାଗକୁ ବେଶ୍ ବଳିଷ୍ଠ କରି ଗଢିତୋଳିଛି। ଏଣୁ ମୁକ୍ତକଣ୍ଠରେ ସ୍ୱୀକାର କରି କୁହାଯାଇପାରେ ଯେ କୁନ୍ତଳାଙ୍କ ସଂପୂର୍ଣ୍ଣ ରୂପରେ

ପ୍ରକାଶିତ ଉପନ୍ୟାସ ଓ ଅସଂପୂର୍ଣ୍ଣ ଉପନ୍ୟାସ ଦ୍ୱୟ ଆଖ୍ୟାନ ଭାଗ ଦୃଷ୍ଟିକୋଣରୁ ଏକ ଏକ ସାର୍ଥକ ଉପନ୍ୟାସ ଭାବରେ ଗ୍ରହଣଯୋଗ୍ୟ।

**ସହାୟକ ଗ୍ରନ୍ଥସୂଚୀ :**


୧. All about Fiction- By Thakery- Ist Edition, New York, Page-7.

୨. Theory of Novel- W. H. Hudson- 3 Edition Adenburg, page- 22.

୩. କଥା ସାହିତ୍ୟ- ଡକ୍ଟର କୃଷ୍ଣଚରଣ ବେହେରା, ଭଦ୍ରକ (୧୯୬୦), ପୃ-୩୫।

୪. ଉପନ୍ୟାସ ସାହିତ୍ୟ ସଂପର୍କରେ- ଡ. ଲାବଣ୍ୟ ନାୟକ, ଓଡ଼ିଶା ରାଜ୍ୟ ପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା- ଭୁବନେଶ୍ୱର, ପୃ-୩।

୫. କୁନ୍ତଳା କୁମାରୀ ଜୀବନ ଚରିତ- ଶ୍ରୀ ଚକ୍ରଧର ମହାପାତ୍ର, ଗନ୍ଥମନ୍ଦିର, ପ୍ରଥମ ପ୍ରକାଶ, ବାଲୁବଜାର, କଟକ-୨, ପୃ-୩୧୦।

୬. ଓଡ଼ିଆ ଉପନ୍ୟାସ ସାହିତ୍ୟର ଇତିହାସ- ଡ. ସୁରେନ୍ଦ୍ରନାଥ ପାଣିଗ୍ରାହୀ, ସତ୍ୟନାରାୟଣ ବୁକ୍‌ଷ୍ଟୋର, ବିନୋଦ ବିହାରୀ, କଟକ, ପ୍ରଥମ ସଂସ୍କରଣ, ପୃ-୨୦୩।

୭. କୁନ୍ତଳା କୁମାରୀ ଗ୍ରନ୍ଥାବଳୀ- ସଂପାଦନା- ସାବିତ୍ରୀ ଦାଶ ଓ ଗୌରାଙ୍ଗ ଚରଣ ଦାଶ, ନବଦିଗନ୍ତ, ବିନୋଦ ବିହାରୀ, କଟକ, ପୃଷ୍ଠା-୩୭୪।

୮. ଉତ୍କଳ ଭାରତୀ କୁନ୍ତଳା କୁମାରୀ- ସାରଳା ସାହିତ୍ୟ ସଂସଦ, କଟକ, ଗବେଷକ- ଓଡ଼ିଶା ବୁକ୍‌ଷ୍ଟୋର, ବିନୋଦ ବିହାରୀ, କଟକରୁ ପ୍ରକାଶିତ ପ୍ରବନ୍ଧ, ପୃ-୧୭୭ ରୁ ସଂଗୃହୀତ।


❖ ❖ ❖

DOI : https://doi.org/10.5281/zenodo.16919016

ମୂଳ ପ୍ରବନ୍ଧ

# ବାଥୁଡି ଜନଜାତିର ଦୋଳି ପରମ୍ପରା

**କବିତା ନାଏକ**

**ସଂକ୍ଷିପ୍ତସାର :**

ଓଡିଶାର ଲୋକକଳା ଅଧିକ ପ୍ରିୟ ହେବାର କାରଣ ହେଉଛି ସେଥି ମଧ୍ୟରେ ଥିବା ଭିନ୍ନତା । ବିଭିନ୍ନ ଜନଜାତିର ଲୋକକଳା ଓ ସଂସ୍କୃତି ଅନ୍ୟଠାରୁ ଭିନ୍ନ । ସେ ଦୃଷ୍ଟିରୁ ଆମେ ଯେତେବେଳେ କୌଣସି ସ୍ୱତନ୍ତ୍ର ଜାତି ବା ଜନଜାତିକୁ ବିଚାର କରୁ ଯେତେବେଳେ ସେଥିରେ ଯେଉଁ ନୂତନତ୍ୱ ଭେଟୁ ତାହା ହିଁ ଆମକୁ ଅଧିକ ଆନନ୍ଦପ୍ରଦ ଲାଗେ । ବାଥୁଡି ଜନଜାତିରେ ଯେଉଁ ରଜଦୋଳି ରହିଛି ତାହାର ଇତିହାସ ଏବଂ ସାହିତ୍ୟିକ ମୂଲ୍ୟାଙ୍କନ ଆମର ଏହି ପ୍ରବନ୍ଧରେ ସ୍ଥାନ ପାଇଛି । ବାଥୁଡି ଜନଜାତି ଯେଉଁ ଯେଉଁ ସ୍ୱାତନ୍ତ୍ର୍ୟ ବହନ କରି ଅନ୍ୟ ଜନଜାତିରୁ ଭିନ୍ନ ବୋଲି ମନେ ହୋଇଛି ତାହା ମଧ୍ୟ ଆମ ଆଲୋଚନାର ପରିସରଭୁକ୍ତ ହୋଇଛି ।

**ପ୍ରମୁଖ ଶବ୍ଦାବଳୀ :**

ରଜଦୋଳି, ବାଥୁଡି ଜନଜାତି, ରାମଦୋଳି, ଇତିହାସ, କିମ୍ବଦନ୍ତୀ:

ଓଡିଶା ହେଉଛି ବିଭିନ୍ନ ଜାତି ଆଧାରିତ ସଂସ୍କୃତି ସମ୍ପନ୍ନ ଏକ ପବିତ୍ର ଭୂଖଣ୍ଡ । ବାର ମାସରେ ତେର ପର୍ବର ଯେଉଁ ଆୟୋଜନ ଏହି ଭୂମିରେ ଚାଲିଥାଏ ତାହା ଜାତି ଭେଦରେ ହିଁ ଯାହା ଅଲଗା ହୋଇଥାଏ । ପ୍ରତିଟି ଜାତିର ରହିଥାଏ କିମ୍ବଦନ୍ତୀ ଆଧାରିତ ପ୍ରାଚୀନ ସଂସ୍କୃତି, ଇତିହାସ ଥାଏ, ଲୋକକଥା ଥାଏ ତଥା କିମ୍ବଦନ୍ତୀକୁ ନେଇ ଗତି କରୁଥାଏ ତମାମ ସଂପ୍ରଦାୟଟି । ଓଡିଆ ବୋଲି ଓଡିଶା ଭୂଖଣ୍ଡରେ ଯେଉଁ ଏକତ୍ୱ ଆମେ ଲକ୍ଷ କରୁ ତାହା ହିଁ ଆମ ଓଡିଶା ମାଟିକୁ କରିପାରିଛି ଯେତିକି ସମୃଦ୍ଧଶାଳୀ ସେତିକି ବୈଚିତ୍ର୍ୟ ମଣ୍ଡିତ ।

ଆମ ଭୂଖଣ୍ଡର ଆଦିମ ଜାତି ଭାବେ ଆମେ ଯେଉଁ ଜନଜାତି ଦ୍ୱାରା ଆଦିବାସୀ ମାନଙ୍କୁ ଦେଖୁ ସେଇମାନେ କେତେ ସଂସ୍କୃତି ସମ୍ପନ୍ନ ଏବଂ ସେମାନଙ୍କ ମଧ୍ୟରେ ସୃଷ୍ଟି ପରମ୍ପରା କିପରି ଗତିଶୀଳ ତାହା ବିଭିନ୍ନ ସମୟରେ ଆଲୋଚନା ପରିସରଭୁକ୍ତ ହୋଇଛି ଗବେଷକ ତଥା ସମାଲୋଚକଙ୍କ ଦ୍ୱାରା ।

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

**Available online at :** https://pracheenews.com/

**DOI:** https://doi.org/10.5281/zenodo.16919016

Article No - BPPP00321

ଉତ୍ତର ଓଡିଶାରେ ଆମେ ଯେଉଁ ବାଥୁଡି ଜନଜାତିକୁ ଭେଟୁ ତାହାର ରହିଛି,ଯେଉଁ ସ୍ୱାତନ୍ତ୍ର୍ୟ ତାହା ଯେ ସଂସ୍କୃତି ଆଧାରିତ ଏହା କହିବା ନିଷ୍ପ୍ରୟୋଜନ । ବାଥୁଡି ଜନଜାତିର ଯେଉଁ ଯେଉଁ ପାରମ୍ପରିକ ରୀତିନୀତି ଅନ୍ୟ ଜନଜାତି ମାନଙ୍କଠାରୁ ଭିନ୍ନ ବୋଲି ମନେହୁଏ ତାହାରି ମଧ୍ୟରେ ରହିଛି ରଜପର୍ବ । ପତ୍ୟେକେ ଜାଣନ୍ତି ରଜପର୍ବ ହେଉଛି ସମଗ୍ର ଓଡିଶାର ଏକ ଗଣପର୍ବ । ଯିଏ ଯେଉଁଠି ଥିଲେ ବି ରଜ ପର୍ବର ବିଶେଷତ୍ୱକୁ ଅନୁଭବ କରି ଓଡିଆତ୍ୱର ମହିମାରେ ପୁଲକିତ ହେଉଥାନ୍ତି ।

**ଯୋଗାଯୋଗ : କବିତା ନାୟକ,**
ଗବେଷିକା, ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗ
ଫକୀରମୋହନ ବିଶ୍ୱବିଦ୍ୟାଳୟ,ବାଲେଶ୍ୱର
**E mail :** kabitanaik420@gmail.com
**Orcid Id :** https://.org/0009-0007-6660-9061

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୬.୦୪.୨୦୨୫ | ୧୧.୦୫.୨୦୨୫ | ୨୪.୦୬.୨୦୨୫ | ୧.୦୭.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ନାୟକ, କବିତା; ୨୦୨୫। ବାଥୁଡି ଜନଜାତିର ଦୋଳି ପରମ୍ପରା। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା : ଘ, ପୃଷ୍ଠା :୬୦-୬୪।

ଏହି ରଜପର୍ବ ମଧ୍ୟ ବିଭିନ୍ନ ପ୍ରକାରରେ ଆମ ଓଡିଶା ଭୂଖଣ୍ଡରେ ପାଳନ ହେଉଥିବା ଆମେ ଲକ୍ଷ୍ୟକରୁ । ସାଧାରଣତଃ ଉତ୍ତର ଓଡିଶାରେ ମୟୂରଭଞ୍ଜ, କେନ୍ଦୁଝର ଏବଂ ବାଲେଶ୍ୱର ଅଞ୍ଚଳରେ ଦେଖାଯାଉଥିବା ବାଥୁଡି ଜନଜାତିଙ୍କ ଭିତରେ ରଜପର୍ବ ନୂତନତା ଆଧାରିତ ଯେତିକି ଜନଜାତି ଆମେ ଓଡିଶାର ବିଭିନ୍ନ ଅଞ୍ଚଳରେ ରହିଛନ୍ତି ପ୍ରତ୍ୟେକଙ୍କର ରଜପର୍ବକୁ ନେଇ ରହିଛି ସ୍ୱତନ୍ତ୍ର ରୀତିନୀତି । ବାଥୁଡି ଜାତିର ଏହି ରଜପର୍ବ ଆଧାରରେ ଯେଉଁ ଦୋଳିଗୀତ ଗଠନ ଏବଂ ଦୋଳିଗୀତର ସ୍ୱାତନ୍ତ୍ର୍ୟ ଆମେ ଦେଖିବାକୁ ପାଉ ତାହା ଅନ୍ୟ ଜନଜାତି ତୁଳନାରେ ଯଥେଷ୍ଟ ଭିନ୍ନ ଏବଂ ବୈଚିତ୍ର୍ୟପୂର୍ଣ୍ଣ । ନିମ୍ନରେ ଆମେ ଏ ସଂମ୍ପର୍କରେ ଆଲୋଚନା କରିପାରିବା ।

## ବାଥୁଡି ଜନଜାତିରେ ରଜଦୋଳି ରୂପରେଖ :

ବାଥୁଡି ଜନଜାତି ସଂସ୍କୃତି ସମ୍ପନ୍ନ ଓଡିଶା ଗଠନରେ ନିଜସ୍ୱ ପରମ୍ପରା ମାଧ୍ୟମରେ ଯେପରି ଋଦ୍ଧିମନ୍ତ କରିଛନ୍ତି ତାହା ଅନ୍ୟ ଜନଜାତି ତୁଳନାରେ ଯଥେଷ୍ଟ ଭିନ୍ନ ।ଆମେ ଦେଖୁଥିବା ରଜପର୍ବ ତଥା ରଜପର୍ବରେ ଅନୁଷ୍ଠିତ ପ୍ରିୟ ଖେଳ ରଜଦୋଳି ଏବଂ ସେଥିରେ ଗାନ କରାଯାଉଥିବା ଦୋଳିଗୀତର ମଧୁରତା କେତେ ତାହା ସେହି ଜନଜାତି ସହ ସମ୍ପୃକ୍ତ ମଣିଷ ହିଁ ଅନୁଭବ କରିପାନ୍ତି । ଏହି ଦୋଳି ଗୀତ ପାଇଁ ଆମେ ବିଭିନ୍ନ ସମୟରେ ବାଥୁଡି ଜନଜାତିକୁ ଆଧାର କରି ରଚିତ ପ୍ରବନ୍ଧ ବା ଗବେଷଣାରୁ କେତୋଟି ମାତ୍ର ଦୃଷ୍ଟାନ୍ତ ଦେଖୁ । ଏହି ଦୋଳି ସମ୍ପର୍କରେ ବାଥୁଡି ଜନଜାତିର ରହିଛି ଏକ କିମ୍ବଦନ୍ତି ଯାହା ଆଧାର ରେ ଅନ୍ୟ ଜନଜାତି ତୁଳନାରେ ଏମାନଙ୍କର ରଜଦୋଳି ଭିନ୍ନତା ସ୍ୱୀକାର କରେ ।

ପ୍ରଥମେ ଦୋଳିର ସୃଷ୍ଟି ହୋଇଛି ଏବଂ ତାପରେ ଦୋଳିଗୀତର ସୃଷ୍ଟି ହୋଇଛି ବୋଲି କହିବା ଭୁଲ ହେବ ନାହିଁ । ବିଭିନ୍ନ ପ୍ରକାରର ଦୋଳି ଯଥା – ରାମ ଦୋଳି, ଖାଇ ଦୋଳି, ପଟା ଦୋଳି, ଦୁଇ ବାହାଲିଆ ଦୋଳି,ତିନି ବାହାଲିଆ ଦୋଳି ଏହି ଭଳି ବିଭିନ୍ନ ପ୍ରକାର ଦୋଳି ଦେଖିବାକୁ ମିଳିଥାଏ । ବିଭିନ୍ନ ଦୋଳି ରୁପରେଖ ମଧ୍ୟ ଭିନ୍ନ ଭିନ୍ନ ହୋଇଥାଏ । ରାମ ଦୋଳିକୁ ନେଇ ରହିଥିବା ଜଗତର ସୃଷ୍ଟି ସଂମ୍ପର୍କିତ ରହସ୍ୟ ଯେଉଁଥିରେ ଚାରି ଯୁଗ, ଚାରି ବେଦ ସମେତ ବାଥୁଡି ଜନଜାତିର ଆରାଧ୍ୟ ଦେବାଦେବୀ ବଡାମ ବଡାମଣୀ ଏବଂ ବାସୁକି ବସୁମାତାଙ୍କ ଅବସ୍ଥିତି ଦର୍ଶାଯାଇଛି । ଏହି ଦୋଳି ତିଆରି ନିମନ୍ତେ ଦୁଇଟି ବଡ ବଡ ଖୁଣ୍ଟର ଆବଶ୍ୟକ ହୋଇଥାଏ । ସେହି ଖୁଣ୍ଟ ଦ୍ୱୟକୁ ଭୂମିରେ ପୋତା ଯାଇଥାଏ । ସେହି ଖୁଣ୍ଟ ଦ୍ୱୟରୁ ଗୋଟିଏ ହେଉଛି ଅଣ୍ଡିରା ଖୁଣ୍ଟ ଯାହାକୁ ବଡାମ ବୋଲି କୁହାଯାଏ ଏବଂ ଅନ୍ୟ ଟି ହେଉଛି ମାଇ ଖୁଣ୍ଟ ଯାହାକୁ ବଡାମଣୀ ବୋଲି କୁହାଯାଏ । ଅଣ୍ଡିରା ଖୁଣ୍ଟରେ ଦୁଇଟି କେନା ଥିବାବେଳେ ମାଇ ଖୁଣ୍ଟରେ କେବଳ ଗୋଟିଏ କଣା ଥାଏ । (ସେହି କଣା କୁ ବାଥୁଡିମାନେ 'ଫୁଳ' କହିଥାନ୍ତି)। ସେହି ଦୁଇ ଖୁଣ୍ଟକୁ ସଂଯୋଗ କରୁଥିବା କାଠକୁ ମେରୁ ଦଣ୍ଡି କୁହାଯାଏ ଯାହାକୁ ମେରୁପର୍ବତ ବା ବେଦ ବୋଲି କୁହାଯାଏ, ଯେଉଁଥିରେ ମଝିରେ ମଝିରେ ଚାରିଗୋଟି କଣା ଥାଏ । ସେହି ଚାରୋଟି କଣାରେ ଚାରୋଟି ବାହୁଲ ଲାଗି ଥାଏ ଅର୍ଥାତ ଚାରୋଟି ବେଦ ବୋଲି ସେଗୁଡିକ କୁହାଯାଇଥାଏ, ଯଥା-ଋକ୍ ବେଦ, ସାମ୍ ବେଦ ଯର୍ଜୁ ବେଦ, ଅଥର୍ବ ବେଦ । ପୁନଶ୍ଚ ସେହି ବାହୁଲ ରେ ଚାରୋଟି ପଞ୍ଜୁରୀ ଲାଗି ଥାଏ, ଯାହକୁ ଚାରୋଟି ଯୁଗ ବୋଲି ମନେ କରା ଯାଏ ଯଥା –ସତ୍ୟ ଯୁଗ, ତ୍ରେତୟା ଯୁଗ, ଦ୍ୱାପର ଯୁଗ, କଳିଯୁଗ । ଏହି ଚାରଟି ପଞ୍ଜୁରୀକୁ ହାତରେ ତଳ ଉପର କରାଯାଇ ଦୋଳି ଖେଳ ହୋଇଥାଏ ।

## ରାମଦୋଳି ସହ ସଂମ୍ପୃକ୍ତ ପୌରାଣିକ ପ୍ରସଙ୍ଗ :

ସଂସ୍କୃତି ସମ୍ପନ୍ନ ଓଡିଶା ମାଟିରେ ଇତିହାସ କିମ୍ବଦନ୍ତୀ ଯେଭଳି ଭାବରେ ପ୍ରାଚୀନ କାଳରୁ ରହି ଆସିଅଛି ତାହା ଗୋଟିଏ ସୁସ୍ଥ ସମାଜ ଗଠନ କରିବାରେ ନେଇଛି ପ୍ରମୁଖ ଭୂମିକା । ପୁରାଣ ବା ମହାପୁରାଣ ପ୍ରଭୃତି ଧର୍ମଗ୍ରନ୍ଥ ଆମ ସମାଜକୁ ସୁସ୍ଥ କରି ଗଠନ କରିବା ସକାଶେ ଯେଉଁ ଭଳି କାର୍ଯ୍ୟ ନିର୍ବାହ କରେ ତାହା ଇତିହାସ କିମ୍ବା କିମ୍ବଦନ୍ତୀରେ ଦେଖିବାକୁ ମିଳେନାହିଁ । ପୁନଶ୍ଚ ପୁରାଣ ମଧ୍ୟରେ ଏହି କିମ୍ବଦନ୍ତୀ ଅଥବା ଲୋକକଥା ସବୁ ଏପରି ଭାବରେ ସଂଯୋଜିତ ହୋଇ ରହିଥାଏ ତାହା ପ୍ରତ୍ୟେକଙ୍କୁ ସତ୍ୟ ବୋଲି ମନେହୁଏ । ଆଜିବି ସାବିତ୍ରୀ ସତ୍ୟବାନ, ହରିଶ୍ଚନ୍ଦ୍ର, ନୃସିଂହ ପ୍ରହ୍ଲାଦ ପ୍ରଭୃତି ପୌରାଣିକ ଆଖ୍ୟାନମୂଳକ କଥାକୁ ଆମେ ବାସ୍ତବ ବୋଲି ମନେକରି ସାରିଛେ । କାରଣ ଏହି ଘଟଣା ସବୁ ପୁରାଣଗତ ହୋଇ ଆମ ମନଭିତରେ ଆସନଟିଏ ଅକ୍ତିଆର କରିନେଇଛି ।

ଆମର ଆଲୋଚ୍ୟ ବାଥୁଡି ଜନଜାତିରେ ଦୋଳି ପରମ୍ପରା ମଧ୍ୟ ସେହିପରି ପୁରାଣ ଆଶ୍ରିତ । ବିଭିନ୍ନ ସମୟରେ ବାଥୁଡି ଜନଜାତିର ପୁରାତନ ଲୋକମାନେ ନିଜସ୍ୱ ମାନବିକତା ଅବଲମ୍ବନରେ ଅନେକ ପୁରାଣ ଆଶ୍ରିତ କଥା କହିଥାନ୍ତି । କିନ୍ତୁ ଏହି ଜନଜାତି ସମ୍ପର୍କରେ ଗବେଷଣା କରୁଥିବା ଗବେଷକମାନେ ହିଁ ବିଜ୍ଞାନ ଦୃଷ୍ଟି କୋଣରୁ ତଥ୍ୟ ଉପସ୍ଥାପନା କରନ୍ତି । ତଥାପି ବାଥୁଡି ଜନଜାତି ମଧ୍ୟସ୍ଥ ଏହି ଦୋଳି ପରମ୍ପରା ସମ୍ବନ୍ଧୀୟ ପୁରାଣ ଆଶ୍ରିତ କଥାଟି ଅଧିକ ରୋଚକ ଏବଂ ଆକର୍ଷଣକାରୀ ମନେହୁଏ ।

ଏହି 'ରାମଦୋଳି' କୁ 'ବଡ ଦୋଳି' ମଧ୍ୟ କୁହାଯାଏ । ପୌରାଣିକ ମତ ଅନୁଯାୟୀ ବାଲ୍ମୀକି ଋଷିଙ୍କ ଦ୍ୱାରା ରାମାୟଣ ରଚିତ ହୋଇଥିଲା, ଯାହାଥିଲା ଚଉପଦୀ ଛନ୍ଦ ବିଶିଷ୍ଟ । ସେହି ଚଉପଦୀ ଛନ୍ଦର ଅନୁସରଣ କରିଦୋଳି ଗୀତମାନ ପ୍ରଥମେ ସୃଷ୍ଟି ହୋଇଥିଲା ।

ଏହି ଦୋଳିଗୀତଗୁଡିକ ରାମାୟଣ ରଚନା ପରବର୍ତ୍ତୀ ତେଣୁ ସେଥିରେ ସେହି ଚଉପଦୀ ଛନ୍ଦର ଅନୁସରଣ କରାଯାଇଛି ବୋଲି ମନେ କରିବା ଭୁଲ ହେବନାହିଁ । ପ୍ରଭୁ ଶ୍ରୀ ରାମଚନ୍ଦ୍ରଙ୍କ କଥାଗାନ ଏହି ଦୋଳିରେ ବସି କରାଯାଉଥିଲା ତେଣୁ ଏହି ଦୋଳିର ନାମ ରାମଦୋଳି ବୋଲି ଦିଆଯାଇଥିଲା । ଏହା ବ୍ୟତୀତ ଅନ୍ୟ ଏକ ପୌରାଣିକ ପ୍ରସଙ୍ଗ ରହିଛି ଯେ ଯେତେବେଳେ ପ୍ରଭୁ ଶ୍ରୀରାମଚନ୍ଦ୍ର, ମାତା ସୀତା ଏବଂ ଭ୍ରାତା ଲକ୍ଷ୍ମଣଙ୍କ ସହିତ ବନବାସ କରୁଥିଲେ ସେତେବେଳେ ବନରେ ବସବାସ କରୁଥିବା ଅଧିବାସୀମାନଙ୍କୁ ଗଛଡାଳରେ ଝୁଲି ମନୋରଞ୍ଜନ କରୁଥିବାର ଦେଖିଥିଲେ । ତାହା ଦେଖି ଶ୍ରୀରାମ ଚନ୍ଦ୍ର ନିଜେ ଦୋଳି ଖେଳିବାକୁ ଆକୃଷ୍ଟ ହୋଇଥିଲେ । ଶିଆଳି ଦଉଳା (ଦଉଡି) ବା ଦୋଳା ଯାହା ପରବର୍ତ୍ତୀ ନାମ ଦୋଳିରେ ପରିବର୍ତ୍ତିତ ହୋଇଥିବାର ଅନୁମାନ କରାଯାଏ । ଏହି ଶିଆଳି ଦଉଡି ସାହାର୍ଯ୍ୟରେ ଦୋଳି ତିଆରିକରି ଶ୍ରୀରାମଚନ୍ଦ୍ର ଏବଂ ମାତା ସୀତା ଝୁଲୁଥିଲେ । ତେଣୁ ଶ୍ରୀରାମଚନ୍ଦ୍ରଙ୍କ ସମୟ ଅର୍ଥାତ୍ ତ୍ରେତୟା ଯୁଗରୁ ଦୋଳି ସୃଷ୍ଟି ହୋଇଥିବାର ଅନୁମାନ କରାଯାଏ ।

## ବାଥୁଡି ଜନଜାତିର ଦୋଳିଗୀତ:

ଗୋଟିଏ ଜାତିକୁ ଆଗକୁ ବଢ଼ିବା ପାଇଁ ସଂସ୍କୃତି ଓ ପରମ୍ପରାର ଯେଉଁ ଭୂମିକା ରହିଛି, ସାହିତ୍ୟର ମଧ୍ୟ ସେହିପରି ଭୂମିକାକୁ ଅସ୍ୱୀକାର କରାଯାଇ ନପାରେ । ସାହିତ୍ୟଟି ଗୋଟିଏ ଜାତିର ଇତିହାସକୁ ସ୍ଥାୟୀକରି ବଜାୟ ରଖେ । ପରବର୍ତ୍ତି ପିଢ଼ି ସେଥିରୁ ସଂଗ୍ରହ କରନ୍ତି ନିଜ ଅତୀତ ତଥା ନିଜ ପୂର୍ବ ପିଢ଼ିର ଅସ୍ତିତ୍ୱକୁ । ସାହିତ୍ୟ ଜୀବନ ଗଢ଼େ । ସାହିତ୍ୟ ବାଟ ଦେଖାଏ । ସାହିତ୍ୟ ତତ୍କାଳୀନ ଜୀବନକୁ ଯେତିକି ସମୃଦ୍ଧ କରେ, ସେତିକି ଅନନ୍ଦ ପ୍ରଦାନ କରେ ।

ଆମେ ସମସ୍ତେ ଜାଣୁ ସାହିତ୍ୟର ଆରମ୍ଭ ହେଉଛି ଲୋକଗୀତରୁ । ଜଣେ ଯେତେବେଳେ ନିଜର କଷ୍ଟ ବା ଦୁଃଖର ଲାଘବ କରିବା ପାଇଁ ଚେଷ୍ଟାକରି ବସେ ସେତେବେଳେ ତା ସାମ୍ନାକୁ ଚାଲିଆସେ ସାହିତ୍ୟ ମାଧ୍ୟମରେ ଏଣୁ ତେଣୁ ପ୍ରସଙ୍ଗ । ସେହି ଦୁଃଖରୁ ସୃଷ୍ଟି ସାହିତ୍ୟ ଦିନେ ଆନନ୍ଦର ମାଧ୍ୟମ ପାଲଟେ ପରବର୍ତ୍ତୀ ପିଢ଼ିପାଇଁ । ପ୍ରତ୍ୟେକ ଜାଣନ୍ତି ଆମର ମହାକାବ୍ୟର ଆରମ୍ଭ ସେହି ଦୁଃଖରୁ ହିଁ ହୋଇଛି । ଯେତେବେଳେ ମୌଥୁନରତ କ୍ରୌପକ୍ଷୀ ଦେହତ୍ୟାଗ କଲେ ସେହି ସମୟରୁ ହିଁ ସୃଷ୍ଟି ହେଲା ଆମ ସାହିତ୍ୟ । ତେଣୁ ଲୋକଗୀତ ପରମ୍ପରା ଯେ ଦୁଃଖରୁ ଆରମ୍ଭ ହୋଇଥିବା ଆମେ ଅସ୍ୱୀକାର କରିପାରିବା ନାହିଁ । ପରବର୍ତ୍ତୀ ସମୟରେ ତାହା ଅବସର ବିନୋଦନ ସକାଶେ ବିଭିନ୍ନ ମାଧ୍ୟମ ନେଲା । ଏ ସଂପର୍କରେ ଲୋକସାହିତ୍ୟ ଗବେଷକମାନେ ବିଭିନ୍ନ ସମୟରେ ଆଲୋଚନା କରିଛନ୍ତି ।

ବାଥୁଡି ଜନଜାତିରେ ଲୋକଗୀତର ପରମ୍ପରା ମଧ୍ୟ ବେଶ୍ ପ୍ରାଚୀନ । ଦୋଳିଗୀତ ସେହିପରି ବେଶ୍ ପୁରୁଣା ମନେହେଲେ ବି ବିଭିନ୍ନ ସମୟରେ ଲୋକମୁଖରେ ଯେପରି ପରିବର୍ତ୍ତିତ ହୋଇଚାଲିଛି ତାହାର ସ୍ୱାଦ ଆମକୁ ଆଧୁନିକ ପରି ମନେହେବା ସ୍ୱାଭାବିକ । ତେଣୁ ଏହି ଦୋଳିଗୀତ ଯେ କାଳଜୟୀ ତାହା ମୁକ୍ତ କଣ୍ଠରେ କୁହାଯାଇପାରେ ।

## ଦେବଦେବୀ ବନ୍ଦନାଗୀତ:

ଦୋଳି ଖେଳିବା ପୂର୍ବରୁ ଗ୍ରାମର ସମସ୍ତ ଝିଅ ମିଳିତ ହୋଇ ଦୋଳି ବନ୍ଦାପନା କରିଥାନ୍ତି । ଏହି ବନ୍ଦାପନା ସମୟରେ ବିଭିନ୍ନ ଦେବାଦେବୀଙ୍କୁ ସ୍ମରଣକରି ଗୀତ ବୋଲିଥାନ୍ତି ।

"ଆମ୍ବ ପତର ଠାକୁ ଠାକୁ<br>
ପ୍ରଥମେ ବନ୍ଦିଲି ଦୁଳିପଟାକୁ<br>
ଦୁଳି ଗୀତ ଗାଇବାକୁ<br>
କାଟିଲି ନଙ୍ଗଳମୁଣ୍ଡା

ତାପରେ ବନ୍ଦିଲି ବଡାମ ବୁଢ଼ା<br>
ଦୋଳିଗୀତ ନଯିବ ଉଡା ।"

## ପ୍ରଶ୍ନୋତ୍ତର ମୂଳକଗୀତ :

ଦୋଳି ଖେଳିବା ସମୟରେ ପ୍ରଶ୍ନୋତ୍ତର ମାଧ୍ୟମରେ ଦୋଳି ଜନ୍ମ ସଂକ୍ରାନ୍ତୀୟ ଆଲୋଚନା ହେବାର ମଧ୍ୟ ଦେଖାଯାଇଥାଏ ।

ପ୍ରଶ୍ନ – "ଉଇଁ ଆସେ ନୂଆ ଜହ୍ନ<br>
କେଉଁଠାରେ ହେଲା ଦୁଳି ଜନମ<br>
କହି ଦିଅ ତାର ନାମ ?"

ଉତ୍ତର – "ଉଇଁ ଆସେ ନୂଆ ଜହ୍ନ<br>
ତ୍ରିବେଣୀ ବନରେ ଦୋଳି ଜନମ<br>
କହିଦେନୁଁ ତାର ନାମ ।"

ପ୍ରଶ୍ନ – "ଧାନଗଛ ସାନମାନ<br>
ଲଙ୍ଗଳ ଧାରରେ କିଏ ଜନମ<br>
କହି ଦିଅ ତାର ନାମ ?"

ଉତ୍ତର – "ଧାନ ଗଛ ସାନମାନ<br>
ଲଙ୍ଗଳ ଧାରରେ ସୀତା ଜନମ<br>
କହିଦେନୁଁ ତାଙ୍କ ନାମ ।"

## ଆକ୍ଷେପମୂଳକ ଗୀତ :

ଦୋଳି ଖେଳିବା ସମୟରେ ବିଭିନ୍ନ ଥଟ୍ଟା ପରିହାସ କରି ଗୀତମାନ ଗାଇ ଆନନ୍ଦିତ ହେବାର ମଧ୍ୟ ଦେଖାଯାଏ ।

"ଚାରି ବାହାରର କାଦ
ଦିନ ପଡିନାଇଁ ପତଳା ପାଦ
ଖାଲିଟାରେ ଅପବାଦ ।"

**ଦୋଳିଜନ୍ମ ସମ୍ବନ୍ଧୀୟ ଗୀତ :**

ଦୋଳିର ଜନ୍ମକୁ ନେଇ ବିଭିନ୍ନ ମତ ରହିଛି । ତ୍ରେତୟା ଯୁଗରୁ ଦୋଳି ଜନ୍ମ ହୋଇଥିବାର କିଛି ମତ ରହୁଥିବା ବେଳେ ଦ୍ୱାପର ଯୁଗରେ ଦୋଳିର ଜନ୍ମକୁ ନେଇ କିଛି ମତ ବାଢ଼ିଥାନ୍ତି ।

"ଆସି ହେ ଖେଳିବା ମିତ
ଦୁଳି ଦହଲାଇ ଗାଇବା ଗୀତ
ଦୁଳି ହେଲା କାହୁଁ ଜାତ
ବିଷ୍ଣୁଙ୍କର ଆଜ୍ଞାବଳେ
ଦୁଳି ଜାତ ହେଲା କଦମ୍ବମୂଳେ
ଦ୍ୱାପର ଯୁଗ ଥିଲାବେଳେ
ଖେଳକୁଦ ମୋର ଖୁଷ୍ଟ
ଦୋଳି ଖେଳୁଛନ୍ତି ନନ୍ଦର ଛାଟ
ଖେଳନ୍ତି ରାଧିକାପାଟ ।"

ଏତଦ୍‌ବ୍ୟତୀତ ଦୋଳି ଖେଳିବା ସମୟରେ ବିଭିନ୍ନ ପ୍ରକାରର ଭାବକୁ ନେଇ ଗୀତ ବୋଲଯାଇଥାଏ । ସେଥି ମଧ୍ୟରେ ପ୍ରକୃତିଚିତ୍ର, ସୌନ୍ଦର୍ଯ୍ୟ, ପ୍ରେମ ନିବେଦନ ଏହିଭଳି ବିଭିନ୍ନ ପ୍ରକାରର ଭାବକୁ ଗୀତ ମାଧ୍ୟମରେ ପ୍ରକାଶ କରି ମନୋରଞ୍ଜନ କରିଥାନ୍ତି ।

**ଦୋଳିଗୀତରେ ସାହିତ୍ୟିକମୂଲ୍ୟ :**

ବାଥୁଡି ଜନଜାତି ଦୋଳିଗୀତରେ ସାହିତ୍ୟିକ ବିଭବ ରହିଛି । ଯେଉଁ ଚମତ୍କାରିତା ତାହା ଶ୍ରୋତାର ହୃଦୟକୁ ଯେତିକି ପୁଲକିତ କରେ ତାର ସାହିତ୍ୟ ପ୍ରାଣକୁ ମଧ୍ୟ ସେତିକି ଜୀବନ ପ୍ରଦାନ କରେ । ଏହି ଜନଜାତି ଦୋଳିଗୀତରେ ଆମେ ଗାୟକର ହୃଦୟର ଭାବକୁ ପ୍ରତ୍ୟକ୍ଷ କରୁ । କେତେବେଳେ ତାହା କରୁଣ କେତେବେଳେ ତାହା ବ୍ୟଙ୍ଗାତ୍ମକ ହୋଇପାରେ । ପୁନଶ୍ଚ ଆମେ ଲକ୍ଷ୍ୟକରୁ ଅନେକ ଦୋଳିଗୀତ ଅଛି ଯେଉଁଥିରେ ଗୋଟିଏ ଜାତିର ଇତିହାସକୁ ମଧ୍ୟ ମନେ ପକାଯାଇପାରେ । ଦୋଳି ଜନ୍ମ ସମ୍ବନ୍ଧୀୟ ଗୀତରେ ତାହା ସ୍ପଷ୍ଟ ବାରିହୁଏ । ସବୁଠାରୁ ଆନନ୍ଦପ୍ରଦ ବିଷୟ ହେଉଛି ଦୋଳିଗୀତରେ ରହିଥିବା ବ୍ୟଙ୍ଗାତ୍ମକ ଅଭିବ୍ୟକ୍ତି । ଜଣେ ଜଣକୁ କିଛି ବିଷୟରେ ବିଦ୍ରୂପାତ୍ମକ ଭାବରେ କହି ଉଠିବାରେ କଳା ସାହିତ୍ୟକୁ ଅଧିକ ପ୍ରାଣବନ୍ତ କରେ । ଜଣେ ଯେତେବେଳେ କୌଣସି ପ୍ରସଙ୍ଗକୁ ସିଧାସଳଖ ନକରି ଅନ୍ୟପ୍ରକାରେ କୁହେ ତାହାରି ମଧ୍ୟରେ ସାହିତ୍ୟର ଉପାଦାନରେ ଜୀବନ୍ତ ହୋଇଉଠେ । ସାହିତ୍ୟର ଏହା ମଧ୍ୟ ଏକ ପ୍ରମୁଖ ବୈଶିଷ୍ଟ୍ୟ । ବ୍ୟଙ୍ଗ, ବିଦ୍ରୂପ ତଥା ପ୍ରତୀକାତ୍ମକ ଉପସ୍ଥାପନା ଓଡ଼ିଆ ସାହିତ୍ୟକୁ ଯେପରି ସୁନ୍ଦର କରି ପ୍ରତିଷ୍ଠା କରଯାଇଛି ତାହା ପାଠକର ଅଧିକ ନିକଟବର୍ତ୍ତୀ ହୋଇପାରିଛି ।

ଉକ୍ତି ପ୍ରତ୍ୟୁକ୍ତି ଦୋଳିଗୀତର ଆଉ ଏକ ସାହିତ୍ୟିକ ମୂଲ୍ୟକୁ ବିଚାରକରେ । ଜଣେ ଯେତେବେଳେ କୌଣସି ପ୍ରସଙ୍ଗକୁ ପ୍ରଶ୍ନୋତ୍ତର ମାଧ୍ୟମରେ ପ୍ରକାଶ କରେ ତାହାର ସାହିତ୍ୟିକ ମୂଲ୍ୟ ପ୍ରକାଶ ପାଏ । ସାଧାରଣତଃ ବାଥୁଡି ଜନଜାତି ରଜଦୋଳି ଗୀତରେ ଗୋଟିଏ ପକ୍ଷର ଗାୟକମାନେ ଉଚ୍ଚାରଣ କରୁଥିବା ପ୍ରସଙ୍ଗଟିରେ ଯେଉଁ ପ୍ରଶ୍ନଟିଏ ଥାଏ ତାହାର ଉତ୍ତର ଅନ୍ୟ ଏକ ପକ୍ଷ ପ୍ରଦାନ କରନ୍ତି ।

ବାଥୁଡି ଜନଜାତି ରଜ ଦୋଳିରେ ଏହି ଲୋକଗୀତ ପରମ୍ପରା ପ୍ରାଚୀନ ହେଲେ ବି କିପରି ଆଧୁନିକ ଜନଜୀବନକୁ ପ୍ରଭାବିତ କରିବାରେ କ୍ଷମତା ରଖେ ତାହା କେବଳ ସାହିତ୍ୟିକ ଉପସ୍ଥାପନା ହିଁ ସୂଚାଇ ଦିଏ । ଯେଉଁ ଲୋକଗୀତରେ ସାହିତ୍ୟର ଭାବ ଅଧିକ ଥାଏ ତାହାର କାଳଖଣ୍ଡ ଅଧିକ ହୋଇଥାଏ । ଏହି ଦୃଷ୍ଟିରୁ ବାଥୁଡି ଜନଜାତିର ଲୋକଗୀତ ଆଲୋଚନା ବେଳେ ରଜଦୋଳି ଗୀତର ମୂଲ୍ୟାଙ୍କନ ଯଥାରୀତି କରାଯାଇପାରେ ।

**ଉପସଂହାର :**

ଓଡିଶାରେ ବାଥୁଡି ଜନଜାତିର ସ୍ୱଳ୍ପ ଅଧିବାସୀ ଥାଇ ମଧ୍ୟ ଯେଉଁ କଳା ସଂସ୍କୃତିର ସେମାନେ ପୂଜାରୀ ସାଜିଛନ୍ତି ତାହାର କୌଣସି ବିକଳ୍ପ ନାହିଁ । ପ୍ରତିଟି ଜାତି ଜନଜାତିର ରହିଛି ନିଜସ୍ୱ ଲୋକ ପରମ୍ପରା ସେଥିରେ ଯେଉଁ ରଜଦୋଳି ପ୍ରସଙ୍ଗଟି ରହିଛି ତାହା ଅଧିକ ଲୋକାଦୃତ । ବାଥୁଡି ଜନଜାତିର ଏହି ରଜଦୋଳି ଆମ ଓଡିଶାର ସଂସ୍କୃତିକୁ ଆଉ ପାଦେ ଆଗେଇନେବାରେ ହୋଇଛି ସହାୟକ । ପୁନଶ୍ଚ ଉଭୟ ସାହିତ୍ୟ ଓ ପରମ୍ପରାରେ ଓଡିଶାକୁ ବଳିଷ୍ଠ କରିବା ପାଇଁ ବାଥୁଡି ଜନଜାତିର ରଜଦୋଳି ଗୀତଟି ଏକ ବିଶେଷ ଆଦୃତ ଲୋକଗୀତର ମୂଲ୍ୟବହନ କରେ ଏହା କହିବା ନିଷ୍ପ୍ରୟୋଜନ ।

**ସହାୟକ ଗ୍ରନ୍ଥସୂଚୀ :**


୧. ନାଏକ ଶ୍ରୀ ରବିନ୍ଦ୍ର ନାଥ, ବାଥୁଡି ଭାଷା ସାହିତ୍ୟ ସଂକଳନ, ବାଥୁଡି ସାଂସ୍କୃତିକ ସମାଜ କଟକ ଶାଖା, ୨୦୧୮ ।

୨. ନାୟକ ରାଜକିଶୋର, ଡ.ନାଏକ ରବୀନ୍ଦ୍ର ନାଥ, ଡ. ନାଏକ ଶରତ ଚନ୍ଦ୍ର, ବାଥୁଡି ଜନଜାତିର ଅଜ୍ଞାତ ଅଧ୍ୟାୟ, ତୃପ୍ତି ପ୍ରିଂଟର୍ସ, କେନ୍ଦୁଝର, ୨୦୧୭ ।

୩. ଅଠର ଦେଉଳ, ବାଥୁଡି ସାଂସ୍କୃତିକ ସମାଜ, କଟକ, ମା' ତାରିଣୀ ପ୍ରିଣ୍ଟର୍ସ, ଚାନ୍ଦିନୀଚୌକ, ୨୦୧୬-୧୭ ।

୪. ଅଠର ଦେଉଳ, ବାଥୁଡି ସାଂସ୍କୃତିକ ସମାଜ, କଟକ, ୧୯୯୪-୯୫ ।

୫. ନାଏକ ରଞ୍ଜନ କୁମାର, ଆଲ, ଜୟ ବଡାମ ଯୁବ ଜାଗରଣ ସଂଘ, ଅଠର ଦେଉଳ, ଶିମିଳିପାଳ ।

୬. ନାଏକ ଗୌରହରି, ଓଁ ଶ୍ରୀ ଶ୍ରୀ ବଡାମ ପୁରାଣ, ବାଥୁଡି ସାଂସ୍କୃତିକ ସମାଜ, କଟକ ଶାଖା ୨୦୦୭ ।

୭. ପ୍ରଧାନ କୃଷ୍ଣ ଚନ୍ଦ୍ର, ଓଡିଆ ଲୋକସାହିତ୍ୟ ଓ ଲୋକ ସଂସ୍କୃତି, ବିଦ୍ୟାପୁରୀ, କଟକ, ସପ୍ତମ ମୁଦ୍ରଣ -୨୦୧୭ ।

୮. ମହାପାତ୍ର ଶ୍ୟାମସୁନ୍ଦର, ଓଡିଆ ଲୋକସାହିତ୍ୟ, ଗ୍ରନ୍ଥ ମନ୍ଦିର, କଟକ, ପ୍ରଥମ ସଂସ୍କରଣ ଡିସେମ୍ବର ୧୯୮୨ ।

୯. ପଟ୍ଟନାୟକ ଡକ୍ଟର ବିଭୂତି, ଜନଶିକ୍ଷାରେ ଲୋକ ସାହିତ୍ୟର ଭୂମିକା, ନିଶ୍ୱାସ, ଭୁବନେଶ୍ୱର-୧୬, ୧୯୯୬ ।


❖ ❖ ❖

VOICE FOR VOICELESS SOCIETY, INDIA
Regd. No. : 23717/65

# VOICE FOR VOICELESS

## INDIVIDUAL PARTICIPATION IN SOCIAL SERVICE

Niladri Vihar, Naya Bazar, Cuttack-753004 (Odisha)
E-mail : voiceforvoiceless2013@gmail.com
Visit us : www.voiceforvoiceless.in

+91 88957 07011

# ସମସ୍ତଙ୍କର ପେଟ ପୁରୁଛି,
# କ'ଣ ଗୋଟିଏ ପେଟ ଭୋକିଲା ରହିଯିବ ?



**ମାନସିକ ରୋଗୀଟିକୁ ଖାଦ୍ୟ ଦିଅନ୍ତୁ * FEED THE MENTALLY SICK**

## ଖୁସିର ସହିତ ଜଣାଉଛୁ ଯେ,
## ପ୍ରାଚୀ ସାହିତ୍ୟ ସମାଜ ପ୍ରକାଶନ ତରଫରୁ
## ଦୁଇଟି ପୁସ୍ତକ ପ୍ରକାଶ ପାଇଛି ।







# PRACHEE SAHITYA SAMAJ PUBLICATION

At-Niladri Vihar. Po-Naya Bazar, Dist.-Cuttack-753004 (Odisha)
Mob. : 88957 07011

# VOICE FOR VOICELESS

**INDIVIDUAL PARTICIPATION IN SOCIAL SERVICE**

Niladri Vihar, Naya Bazar, Cuttack-753004 (Odisha)
E-mail : voiceforvoiceless2013@gmail.com
Visit us : www.voiceforvoiceless.in
+91 88957 07011

## ଆପଣ ଟିକିଏ ହାତ ବଢ଼ାନ୍ତୁ ବହୁତ ବାଟ ଚାଲିଯିବି



**ଦିବ୍ୟାଙ୍ଗଟିକୁ ସାହାଯ୍ୟ କରନ୍ତୁ * HELP A DIBYANGA**

# VOICE FOR VOICELESS

**INDIVIDUAL PARTICIPATION IN SOCIAL SERVICE**

Niladri Vihar, Naya Bazar, Cuttack-753004 (Odisha)
E-mail : voiceforvoiceless2013@gmail.com
Visit us : www.voiceforvoiceless.in

+91 88957 07011

## ଗଛ ଲଗାନ୍ତୁ
## ଜୀବନ ବଞ୍ଚାନ୍ତୁ



**ଗଛ ଲଗାନ୍ତୁ ❋ PLANT TREE**

# PRACHEE PATRIKA

ISSN: 2583-147X (P)
ISSN: 3048-8958 (O)

**Back Cover (Colour)**
**Rs. 2,000/-**

**2nd Inner Cover (Colour)**
**Rs. 1,000/-**

**3rd Inner Cover (Colour)**
**Rs. 1,000/-**

**Ordinary Colour Page**
**Rs. 500/-**

**Black & White**
**(News Print)**
**Full Page : Rs. 2,000/-**
**Half Page : Rs. 1000/-**
**Quarter page:Rs. 500/-**

**For Space booking please contact :**
**The Advertising Manager**
**Niladri Vihar, Naya Bazar, Cuttack - 753004**
**Whatsapp : 8895707011**

## THE RULES AND REGULATION

The fact presented and views expressed in 'Prachee Patrika' are author's and not those of the editor, the editorial board and the institution **'Prachee Centre for Cultural Relations (PCCR)'**. The authors are solely responsible for the presentation of data and their opinion. Authors shall submit on undertaking in writing with the article to the effect that their respective submitted article has not been published earlier anywhere and if found so, not the publishers of Prachee Patrika but they themselves shall be held responsible.

The manuscript should follow the following criteria;

**i)** Font size should be 12

**ii)** Font type should be Ori Sarala 99 Akruti

**iii)** Line gap should be 1.5

**iv)** American Psychological Association (APA) style of writing of manuscript in which the in-text and end-text citation should be strictly followed. Manuscript not written in APA style will be rejected.

**v)** Author(s) Name, Correspondence Address, Designation, WhatsApp No, ORCID ID and e-mail should be provided in the manuscript.

vi) Research article should include Titel, Abstract, Key Word, Introduction, Background, Materials & Methods, Result, Discussion. Conclusion. Acknowledgements. Authors' Contributions. Funding. Availability of Data and Materials, Ethical Statement, Ethical Approval, Informed Consent, Financial Support and Sponsorship, Conflicts of Interest and References.

**vi)** Two copies of the manuscript including the abstract along with the soft copy (CD/Floppy) must be submitted.

All rights reserved. No part of this publication may be reproduced or transmitted in any form or by any means, electronic or mechanical, without permission in writing from the **Prachee Centre for Cultural Relations (PCCR).**

Editorial correspondence, contribution of Articles, Book Reviews, Advertisements and Subscriptions should be addressed to Dr Bibhudatta Khandayatray, Editor, **Prachee Patrika**, Niladri Vihar, Naya Bazar, Cuttack-4.

**E-Mail:** pracheepatrika@rediffmail.com

**Web Site: https://pracheenews.com/**

All communications should be addressed to the Editor.

## RATES OF SUBSCRIPTION

The prachee patrika is the official journal of the, **Prachee Centre for Cultural Relations (PCCR)** is published monthly. All the members of the association are entitled to receive a free copy of the journal. The subscription rates for others are as follows**:**

| | India (INR) | | Overseas (USD $) | |
|---|---|---|---|---|
| | Individual | Institute | Individual | Institute |
| Print | 5000 | 10000 | 150 | 300 |
| Online | N/A | N/A | N/A | N/A |
| Print+Online | N/A | N/A | N/A | N/A |
| Single Issue | 500 | 1000 | 45 | 94 |

If you want to annual subscriber please Xerox this coupon and send us!!!

Name.............................................................................................................................

Address....................................................................................Pin code .........................

Mobile No.........................................E-Mail.......................................................................

I am sending, Rs......................,(Bank Draft) Postal extra

Check Number..................................................................Date..........................................

Bank........................................................Place.......................................................................

Date...............................................Signature...........................................................................

RNI No. : ODIODI/2015/64435 • P.R. No. : CK(C)/96/2025-2027 • www.pracheenews.com

## ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

# ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖିଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଆ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡଃ. ବିଭୁଦତ୍ତ ଖଣ୍ଡାୟତରାୟ